
ଅଶୋକ ସିଦ୍ଧାର୍ଥଙ୍କୁ ବିଏସ୍‌ପିରୁ ବହିଷ୍କାର
ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 133 ଭାଗ ୩୪ | ସଂଖ୍ୟା ୧୩୩ | Monday 3 August 2026 | Page 8 Rs. 5.00 | ● ଭୁବନେଶ୍ୱର ସୋମବାର, ୩ ଅଗଷ୍ଟ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ନିଶାମୁକ୍ତ ଯୁବ-ବିକଶିତ ଭାରତ ସଂକଳ୍ପ ଅଭିଯାନର ଶୁଭାରମ୍ଭ

# ସମ୍ପୂର୍ଣ୍ଣ ନିଶାମୁକ୍ତ ହେବ ଓଡ଼ିଶା



**ଭୁବନେଶ୍ୱର,୨।୮(ସଂଚାର ବ୍ୟୁରୋ):** 'ନିଶାମୁକ୍ତ ଯୁବ-ବିକଶିତ ଭାରତ ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ ଅବସରରେ ଓଡ଼ିଶାକୁ ଏକ ସମ୍ପୂର୍ଣ୍ଣ ନିଶାମୁକ୍ତ ରାଜ୍ୟ ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ଦୃଢ଼ ସଂକଳ୍ପ ଗ୍ରହଣ କରିଛନ୍ତି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ଠାରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ 'ମାଇଁ ଭାରତ' ଦ୍ୱାରା ପରିଚାଳିତ, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସମ୍ବୋଧିତ ଏହି ଜାତୀୟ କାର୍ଯ୍ୟକ୍ରମକୁ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଆଭାସୀରେ ଦେଖିଥିଲେ। ରାଜ୍ୟପାଳ ଡଃ କମ୍ଭମପାଟି ଉପସ୍ଥିତ ସମସ୍ତଙ୍କୁ ନିଶାମୁକ୍ତ ଯୁବ - ବିକଶିତ ଭାରତ ସଂକଳ୍ପ ଅଭିଯାନ'ର ଶପଥପାଠ କରାଇଥିଲେ। ରାଜ୍ୟପାଳ ଡ. କମ୍ଭମପାଟି ଯୁବପିଢ଼ିକୁ ରାଷ୍ଟ୍ର ନିର୍ମାଣର ପ୍ରମୁଖ କର୍ଣ୍ଣଧାର ଭାବେ ଅଭିହିତ କରି ନିଶାମୁକ୍ତ ସମାଜ ଗଠନ ପାଇଁ କଳିଙ୍ଗ ଷ୍ଟାଡିୟମରୁ ଏକ ଓଜସ୍ୱୀ ଆହ୍ୱାନ ଦେଇଛନ୍ତି। ରାଜ୍ୟପାଳ କ୍ରୀଡ଼ା, ଫିଟନେସ୍, ଯୋଗ, ସଂସ୍କାର ଓ ସମାଜସେବାକୁ ନିଶାସକ୍ତର ଶ୍ରେଷ୍ଠ ବିକଳ୍ପ ଭାବେ ବାଛିନେବାକୁ ଯୁବବର୍ଗଙ୍କୁ ପରାମର୍ଶ ଦେଇଛନ୍ତି। ଓଡ଼ିଶା ଆଜି ଦେଶର ଏକ ପ୍ରମୁଖ କ୍ରୀଡ଼ା ଆବୋଡ୍ ଭାବେ ଉଭା ହୋଇଥିବା ବେଳେ ଯୁବପିଢ଼ି ନିଶା ପରିବର୍ତ୍ତେ ଖେଳପଡ଼ିଆ ଓ କ୍ଲାସରୁମ୍‌କୁ ଆପଣେଇ ନିଜର ପ୍ରତିଭା ପ୍ରଦର୍ଶନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। କେବଳ ସରକାରଙ୍କ ଉଦ୍ୟମ ଦ୍ୱାରା ନିଶାମୁକ୍ତ ସମାଜ ସମ୍ଭବ ନୁହେଁ; ପିତାମାତା, ଶିକ୍ଷକ, ସାମାଜିକ ଅନୁଷ୍ଠାନ ଓ ବିଶେଷକରି ଯୁବପିଢ଼ି ନିଜେ ଏହି ଆନ୍ଦୋଳନର ବାର୍ତ୍ତାବହ ହୋଇ ବାହାରିଲେ ହିଁ ଏହା ଏକ ଯୁଗାନ୍ତକାରୀ 'ଜନ-ଆନ୍ଦୋଳନ'ରେ ପରିଣତ ହୋଇପାରିବ ବୋଲି ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି।

- ନିଶା ଛାଡ଼ି ଖେଳପଡ଼ିଆ ଓ କ୍ଲାସରୁମ୍‌କୁ ଆପଣାନ୍ତୁ ଯୁବପିଢ଼ି: ରାଜ୍ୟପାଳ
- କୋଟିଏରୁ ଊର୍ଦ୍ଧ୍ୱଙ୍କୁ ନିଶାମୁକ୍ତି ସଂକଳ୍ପ, ପ୍ରଧାନମନ୍ତ୍ରୀ ସାମିଲ
- ନିଶା କ୍ଷେତ୍ରରେ 'ଜିରୋ ଟୋଲେରାନ୍ସ' ନୀତି, ମାଫିଆଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚେତାବନୀ



ଯୁବବର୍ଗଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି ଯେ ଏହି ଅଭିଯାନ କୌଣସି ଗୋଟିଏ ଦିନର କାର୍ଯ୍ୟକ୍ରମ ନୁହେଁ, ବରଂ ଆଗାମୀ ୧୦୦ ସପ୍ତାହ ଅର୍ଥାତ ଦୁଇ ବର୍ଷ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଚାଲିବାକୁ ଥିବା ଏକ ବ୍ୟାପକ ସାମାଜିକ ଜନଆନ୍ଦୋଳନ। ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଭାସୀ ଉପସ୍ଥିତିରେ ଦେଶର ୧୦ ହଜାରରୁ ଅଧିକ ସ୍ଥାନରେ ୧ କୋଟିରୁ ଊର୍ଦ୍ଧ୍ୱ ଯୁବକଯୁବତୀ ଏକତ୍ରିତ ହୋଇ ଏକ ସୁସ୍ଥ, ଶୃଙ୍ଖଳିତ, ସଂସ୍କାରପୂର୍ଣ୍ଣ ଓ ନିଶାମୁକ୍ତ ଭାରତ ଗଠନ ପାଇଁ ଦୃଢ଼ ସଂକଳ୍ପ ଗ୍ରହଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ପ୍ରଶଂସା କରି କହିଥିଲେ ଯେ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ 'ଜେନ୍ ଜି' ପିଢ଼ି ଓ ଯୁବଶକ୍ତି ହିଁ ପ୍ରମୁଖ ବିଶ୍ୱକର୍ମା। ନିଶା ଆଜି କେବଳ ସ୍ୱାସ୍ଥ୍ୟଗତ ସମସ୍ୟା ହୋଇ ରହିନାହିଁ,

➪ ପୃଷ୍ଠା-୬

# ଆଜି ଆସୁଛନ୍ତି ରାଷ୍ଟ୍ରପତି



- ରୁଟ୍‌ରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା
- ଏୟାରପୋର୍ଟରୁ କାରକେଡ୍ ରିହର୍ସାଲ୍

**ଭୁବନେଶ୍ୱର,୨।୮(ସଂଚାର ବ୍ୟୁରୋ):** ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଆସନ୍ତା ୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଗସ୍ତରେ ରାଷ୍ଟ୍ରପତି ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିସକାଶେ କମିଶନରେଟ୍ ପୁଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହାତକୁ ନିଆଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ ରୁଟ୍‌ରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଆପଣାଯାଇଛି। ଆଜି ଏୟାରପୋର୍ଟରୁ କାରକେଡ୍ ରିହର୍ସାଲ୍ ଅନୁଷ୍ଠିତ ହୋଇଛି।

ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ପାଇଁ ଆକ୍ସନ୍ ମୋଡ୍‌ରେ କମିଶନରେଟ୍ ପୁଲିସ। ଏୟାରପୋର୍ଟଠାରୁ ଆରମ୍ଭ ହୋଇଛି କାରକେଡ୍ ରିହର୍ସାଲ୍। ଅଗଷ୍ଟ ୩ରୁ ୫ ତାରିଖ ଯାଏଁ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତକୁ ନେଇ ଭୁବନେଶ୍ୱର ଓ କଟକରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏୟାରପୋର୍ଟରୁ ରେଳ ଷ୍ଟେସନ ଏବଂ ରାଷ୍ଟ୍ରପତିଙ୍କ ଗସ୍ତ ରୁଟ୍‌ରେ ରହିବ ତ୍ରିସ୍ତରୀୟ ସୁରକ୍ଷା। ସୁରକ୍ଷା ଦାୟିତ୍ୱରେ ପ୍ରାୟ ୪୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହେବେ। ଡିସିପି ର୍‍ୟାଙ୍କର ଅଧିକାରୀଙ୍କ ସହ ଏସ୍‌ପି ଓ ଏସିପି ର୍‍ୟାଙ୍କର ଅଧିକାରୀମାନେ ରୁଟ୍ ଓ ସୁରକ୍ଷା ବ୍ୟବସ୍ଥା ତଦାରଖ କରିବେ। ରାଷ୍ଟ୍ରପତିଙ୍କ କାରକେଡ୍‌ର ମୁଭମେଣ୍ଟ, ରୁଟ୍ କ୍ଲିୟରାନ୍ସ, ଟ୍ରାଫିକ୍ ମ୍ୟାନେଜମେଣ୍ଟ ଓ ଆପାତକାଳୀନ ପରିସ୍ଥିତିରେ ପୁଲିସର ପ୍ରତିକ୍ରିୟା ସବୁ ଦିଗକୁ ନେଇ ରିହର୍ସାଲ୍ କରାଯାଉଛି। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସୁରକ୍ଷାରେ ଯେପରି କୌଣସି ତ୍ରୁଟି ନ ରହେ, ସେଥିପାଇଁ ଫୁଲ୍ ପ୍ରୁଫ୍ ପ୍ରସ୍ତୁତି କରିଛି କମିଶନରେଟ୍ ପୁଲିସ।

### ଇତିହାସ ରଚିଲେ ତନଭୀ

# ୧୮ ବର୍ଷ ପରେ ଭାରତକୁ ଟାଇପେଇ ଓପନ୍ ଟାଇଟଲ୍



**ଚାଇନିଜ୍ ତାଇପେଇ,୨।୮:** ଭାରତୀୟ ବ୍ୟାଡମିଣ୍ଟନକୁ ମିଳିଛି ନୂଆ ତାରକା। ମାତ୍ର ୧୭ ବର୍ଷ ବୟସରେ ତାଇପେଇ ଓପନ୍ ସୁପର୍-୩୦୦ ଟାଇଟଲ୍ ଜିତି ଐତିହାସିକ ସଫଳତା ହାସଲ କରିଛନ୍ତି ତନଭୀ ଶର୍ମା। ଏଥିସହ ୧୮ ବର୍ଷ ପରେ ଏହି ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ସ ଟ୍ରଫି ପୁଣିଥରେ ଭାରତ ହାତକୁ ଆସିଛି। ଆଜି ଅନୁଷ୍ଠିତ ଫାଇନାଲରେ ସେ ଭିଏତନାମର ଥୁୟ ଲିନ୍ ନୁଏନଙ୍କୁ ୨୧-୧୬, ୨୧-୧୬ ସିଧାସଳଖ ଗେମ୍‌ରେ ପରାସ୍ତ କରି ନିଜ କ୍ୟାରିୟରର ପ୍ରଥମ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ସୁପର୍-୩୦୦ ଟାଇଟଲ୍ ମଧ ହାସଲ କରିଛନ୍ତି। ଗତ ୨୦୦୮ରେ ସାଇନା ନେହୱାଲ ଶେଷ ଥର ପାଇଁ ଏହି ଟାଇଟଲ୍ ଜିତିଥିଲେ। ଏହାପରଠାରୁ କୌଣସି ଭାରତୀୟ ଖେଳାଳିଙ୍କ ହାତକୁ ଏହି ଟାଇଟଲ୍ ଆସି ନ ଥିଲା। କିନ୍ତୁ ଆଜି ସେହି ଅପେକ୍ଷାର ଅନ୍ତ ଘଟାଇଛନ୍ତି ପଞ୍ଜାବର ୧୭ ବର୍ଷୀୟା ଶଟଲର୍ ତନ୍‌ଭୀ। ମାତ୍ର ୩୬ ମିନିଟ୍‌ରେ ଶେଷ ହୋଇଥିବା ଫାଇନାଲରେ ତନଭୀ ପ୍ରାରମ୍ଭରୁ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ। ନେଟ୍ ପାଖରେ ଚତୁର ଶଟ୍ ଓ ଜୋରଦାର ସ୍ମାଶ୍ ଜରିଆରେ ସେ ପ୍ରତିଦ୍ୱନ୍ଦ୍ୱୀ ନୁଏନ୍‌ଙ୍କୁ ଚାପରେ ରଖିବାରେ ସକ୍ଷମ ହୋଇଥିଲେ। ଦ୍ୱିତୀୟ ଗେମରେ ନୁଏନ୍ ଆରମ୍ଭରେ ଆଗୁଆ ଥିଲେ ମଧ ତନଭି ଧୈର୍ଯ୍ୟର ସହ ମ୍ୟାଚକୁ ନିଜ ନିୟନ୍ତ୍ରଣକୁ ଫେରାଇ ଆଣି ବିଜୟ ସୁନିଶ୍ଚିତ କରିଥିଲେ। ପୂର୍ବତନ ଜୁନିୟର ବିଶ୍ୱ ନମ୍ବର-୧ ତନଭି ଶର୍ମାଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି ପାର୍କ ତେ-ସାଙ୍ଗ, ଯିଏ ପୂର୍ବରୁ ପି.ଭି. ସିନ୍ଧୁଙ୍କ କୋଚ୍ ଥିଲେ। ପଦକ ବିତରଣ ପରେ ତନଭି ନିଜ ସ୍ୱର୍ଣ୍ଣ ପଦକକୁ କୋଚ୍ ପାର୍କଙ୍କ ବେକରେ ପିନ୍ଧାଇ କୃତଜ୍ଞତା ଜଣାଇଥିବା ଦୃଶ୍ୟ ସମସ୍ତଙ୍କ ମନ ଜିତିଥିଲା। ଏହି ସଫଳତା କେବଳ ତନଭିଙ୍କ କ୍ୟାରିୟରର ସବୁଠୁ ବଡ଼ ଉପଲବ୍ଧି ନୁହେଁ, ବରଂ ଭାରତୀୟ ବ୍ୟାଡମିଣ୍ଟନର ଭବିଷ୍ୟତ ପାଇଁ ମଧ୍ୟ ଏକ ନୂଆ ଆଶାର ବାର୍ତ୍ତା।

# ପୁଲିସ୍‌କୁ ନିର୍ଘୂମ ମାଡ଼, ୨ ଅଟକ

- ଗିରଫ ପାଇଁ ଯାଇଥିବା ବେଳେ ସ୍ଥାନୀୟ ଲୋକଙ୍କ ଆକ୍ରମଣ
- ପୁଲିସ୍ ଭ୍ୟାନ୍‌କୁ ବି ପୋଡ଼ିଦେଲେ

**କଣ୍ଟାବାଞ୍ଜି,୨।୮(ସଂଚାର ବ୍ୟୁରୋ):** ପୁଲିସ୍‌କୁ ନିର୍ଘୂମ୍ ମାଡ଼। ଜନୈକ ଅଭିଯୁକ୍ତକୁ ଗିରଫ କରିବାକୁ ଯାଇଥିବା ସମୟରେ ସ୍ଥାନୀୟ ଲୋକଙ୍କ ଆକ୍ରମଣରେ ଜଣେ ପୁଲିସ୍ କର୍ମଚାରୀ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ଏଥିସହ ପୁଲିସ୍ ଗାଡ଼ିକୁ ମଧ ଉତ୍ତ୍ୟକ୍ତ ଲୋକେ ଜାଳିଦେଇଛନ୍ତି। ତେବେ ଏହି ଆକ୍ରମଣ ମାମଲାରେ ପୁଲିସ୍ ୨ ଜଣଙ୍କୁ ଅଟକ ରଖିଛି। ମିଳିଥିବା ସୂଚନାନୁସାରେ, କଣ୍ଟାବାଞ୍ଜି ଥାନାଞ୍ଚଳର ଗୋରୁ ବଜାରପଡ଼ା ଅଞ୍ଚଳରେ ଜନୈକ ଅଭିଯୁକ୍ତକୁ ଗିରଫ କରିବା ସକାଶେ କଣ୍ଟାବାଞ୍ଜି ପୁଲିସ୍ ପହଞ୍ଚିଥିଲା। ଏହି ସମୟରେ ସେଠାରେ ପୁଲିସ୍‌କୁ ସ୍ଥାନୀୟ ଲୋକେ ବେଢ଼ିଯାଇ ଗିରଫଦାରୀକୁ ରୋକିବାକୁ ଉଦ୍ୟମ କରିଥିଲେ। ପୁଲିସ୍ ସେମାନଙ୍କୁ ଏଥିରେ ବାଧା ଦେବାରୁ ଲୋକେ ଉତ୍ତ୍ୟକ୍ତ ହୋଇ ମାଡ଼ ମାରିବା ସହ ପୁଲିସ୍ ଭ୍ୟାନ୍‌ରେ ମଧ ନିଆଁ ଲଗାଇଦେଇଥିଲେ। ଏହି ଆକ୍ରମଣରେ ଜଣେ ପୁଲିସ୍ କର୍ମଚାରୀ ଆହତ ହୋଇଥିବା ବେଳେ ତାଙ୍କୁ କଣ୍ଟାବାଞ୍ଜି ସିଏଚ୍‌ସିକୁ ନିଆଯାଇଥିଲା। ସେଠାରେ ପୁଲିସ୍ କର୍ମଚାରୀ ଜଣଙ୍କ ଚିକିତ୍ସାଧୀନ ଥିବା ବେଳେ ତାଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ପରେ ପୁଲିସ୍ ସରକାରୀ ସମ୍ପତ୍ତି ନଷ୍ଟ କରିବା ଅଭିଯୋଗରେ ଦୁଇ ଜଣଙ୍କୁ ଅଟକ ରଖିଛି। ସେମାନେ ହେଲେ ଗୋବିନ୍ଦ ସୁନା ଓ ରୋଶନ୍ କୁଙ୍କ।

# ମହାନଦୀରେ ଟଳିଲା ବନ୍ୟା ଆଶଙ୍କା

### ସ୍ପଷ୍ଟ କଲେ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ



**ଭୁବନେଶ୍ୱର,୨।୮(ସଂଚାର ବ୍ୟୁରୋ):** ଆଉ ବନ୍ୟା ଆଶଙ୍କା ନାହିଁ। ମହାନଦୀ ସହ ଅନ୍ୟ ନଦୀମାନଙ୍କରେ ବନ୍ୟା ଆଶଙ୍କା ଟଳିଯାଇଛି। ସ୍ଥିତିର ସମୀକ୍ଷା କରି ଏପରି କିଛି କହିଛନ୍ତି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ। ଏଥିସହ କେଉଁ କାରଣ ପାଇଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା, ସେନେଇ ମଧ ଶ୍ରୀ ରାଉତ ସ୍ପଷ୍ଟ କରିଛନ୍ତି। ବନ୍ୟା ସ୍ଥିତି ନେଇ ସେ କହିଛନ୍ତି ଯେ ଗତ ଜୁନରେ ରାଜ୍ୟରେ ୪୭ ପ୍ରତିଶତ କମ୍ ବର୍ଷା ହୋଇଥିଲା। କିନ୍ତୁ ଗତ ଜୁଲାଇ ମାସରେ ସ୍ୱାଭାବିକଠାରୁ ୩୮ ପ୍ରତିଶତ ଅଧିକ ବର୍ଷା ହୋଇଛି। ଏପରିକି କେତେକ ସ୍ଥାନରେ କମ୍ ସମୟ ମଧ୍ୟରେ ୨ ଶହ ମିମି ବର୍ଷା ହୋଇଛି। ଏହା ହିଁ ବନ୍ୟାର ମୁଖ୍ୟ କାରଣ ବୋଲି ଶ୍ରୀ ରାଉତ। ମହାନଦୀରେ ବନ୍ୟା ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା ରହିଛି। କିନ୍ତୁ ବୈତରଣୀରେ ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ନାହିଁ ବୋଲି ମଧ ଶ୍ରୀ ରାଉତ କହିଛନ୍ତି। ବନ୍ୟା ସ୍ଥିତିକୁ ନେଇ ସେ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟ ସରକାରଙ୍କର ଅଧିକ ଫୋକସ ମହାନଦୀ ଓ ହୀରାକୁଦ ଉପରେ ରହିଛି। ତମ୍ଭମୁଣ୍ଡ ବ୍ୟାରେଜ ନିଷ୍ପାସନ ହେବା ପରେ ଯେଉଁ ବନ୍ୟାଜଳ ଆସିଥିଲା, ତେଲ୍ ଓ ହୀରାକୁଦ ଏବଂ ମୁଣ୍ଡଳୀ ଭିତରେ ଯେଉଁ ବର୍ଷା ହୋଇଥିଲା, ତାହା କମିବା ପରେ ହୀରାକୁଦରୁ ପାଣି ଛାଡ଼ିବା ଆରମ୍ଭ ହୋଇଥିଲା। ହୀରାକୁଦ ନଦୀବନ୍ଧର ୨୨ଟି ଗେଟ୍ ଖୋଲାଯାଇଥିଲା। ତେବେ ଆଜି ୧୨ଟା ସୁଦ୍ଧା ହୀରାକୁଦରେ ଜଳସ୍ତର ହ୍ରାସ

➪ ପୃଷ୍ଠା-୬

### ଥେରୁବାଲିରେ ଗୌତମ ଆଦାନୀ

# ରାଡାର୍‌ରେ ୧.୦୮ ଲକ୍ଷ କୋଟିର ଆଲୁମିନିୟମ୍ ପ୍ରକଳ୍ପ



**ଭୁବନେଶ୍ୱର,୨।୮(ସଂଚାର ବ୍ୟୁରୋ):** ବିଜେପି ସରକାର କ୍ଷମତାକୁ ଆସିବା ପରେ ଦେଶ ବିଦେଶରୁ ଓଡ଼ିଶାକୁ ପୁଞ୍ଜି ନିବେଶର ସୁଅ ଛୁଟିଛି। ଅନେକ ପୁଞ୍ଜିପତି ଓଡ଼ିଶାରେ ନିବେଶ କରିବା ସକାଶେ ସକାରାତ୍ମକ ବାତାବରଣ ପାଇଛନ୍ତି। ଏହି କ୍ରମରେ ବିଶ୍ୱର ଅନ୍ୟତମ ବିତ୍ତଶାଳୀ ଓ ଦେଶର ପ୍ରମୁଖ ଉଦ୍ୟୋଗପତି ଆଦାନୀ ଗ୍ରୁପ୍‌ର ଅଧକ୍ଷ ଗୌତମ ଆଦାନୀ ଗତକାଲି ଓଡ଼ିଶାର ଥେରୁବାଲିରେ ପହଞ୍ଚିଥିଲେ। ସେଠାରେ ସେ ଓ ତାଙ୍କ ପୁଅ କରନ୍ ଆଦାନୀ ରାୟଗଡ଼ାର ଥେରୁବାଲିସ୍ଥିତ ଇମ୍ପ କମ୍ପାନୀର ପ୍ଲାଣ୍ଟରେ ଲେଭିକପୁରରେ ପଞ୍ଚି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଯଦିଓ ଆଲୋଚନା ନେଇ ବିଶେଷ କିଛି ଜଣାପଡ଼ିନାହିଁ, କିନ୍ତୁ ଏହି କମ୍ପାନୀ ରାଜ୍ୟର ଦକ୍ଷିଣ ଭାଗରେ ପୁଞ୍ଜି ନିବେଶ ପାଇଁ ଆଗ୍ରହୀ ଥିବା

➪ ପୃଷ୍ଠା-୬

### ନିଟ୍-ପିଜି ପରୀକ୍ଷାରେ ସଂସ୍କାର ପାଇଁ ଉଦ୍ୟମ

# ବଢ଼ିବ ସମୟ ସୀମା; ଘର ପାଖାପାଖି ମିଳିବ ସେଣ୍ଟର୍



**ନୂଆଦିଲ୍ଲୀ,୨।୮:** ଚଳିତ ମାସରେ କେନ୍ଦ୍ରକୁ ନିଟ୍-ପିଜି ପରୀକ୍ଷାରେ କେତେକ ସଂସ୍କାରମୂଳକ ପଦକ୍ଷେପ ନେଇଛନ୍ତି କେନ୍ଦ୍ର ସରକାର। ପରୀକ୍ଷାର୍ଥୀଙ୍କୁ ସେମାନଙ୍କ ପସନ୍ଦର ପରୀକ୍ଷା କେନ୍ଦ୍ର ଚୟନକୁ ବ୍ୟାପକ କରିବା, ଯାତ୍ରା ଯୋଜନା ନିମନ୍ତେ ଅଧିକ ସମୟ ଦେବା ଓ ପ୍ରତି ପ୍ରଶ୍ନ ପାଇଁ ଉପଲବ୍ଧ ସମୟ ସୀମା ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଆଜି ପରୀକ୍ଷା ପାଇଁ ହୋଇଥିବା ପ୍ରସ୍ତୁତିର ସମୀକ୍ଷା କରିବା ସହ ଏକ ସ୍ୱଚ୍ଛନ୍ଦ, ନିରାପଦ, ସ୍ୱଚ୍ଛ ତଥା ପ୍ରଯୁକ୍ତି-ସକ୍ଷମ ପ୍ରକ୍ରିୟା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ନାତକୋତ୍ତର ପାଇଁ ଜାତୀୟ ଯୋଗ୍ୟତା ସହ ପ୍ରବେଶିକା ପରୀକ୍ଷା (ନିଟ୍-ପିଜି) ପ୍ରକ୍ରିୟାକୁ ଅଧିକ ସୁବିଧାଜନକ ଓ ସୁରକ୍ଷିତ କରିବାକୁ ସଂସ୍କାରଗୁଡ଼ିକର ଲକ୍ଷ୍ୟ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ, ପ୍ରାର୍ଥୀମାନଙ୍କୁ ସେମାନଙ୍କର ପରୀକ୍ଷା କେନ୍ଦ୍ର ପାଇଁ ଚାରି ରାଜ୍ୟର ପସନ୍ଦ ପ୍ରଦାନ କରିବାକୁ ପଡ଼ିବ। ଏହି ରାଜ୍ୟଗୁଡ଼ିକ ମଧ୍ୟରୁ ସେମାନେ

➪ ପୃଷ୍ଠା-୬

# ପପ୍ପୁ ଯାଦବଙ୍କୁ ଜୋତାମାଡ଼



**ନୂଆଦିଲ୍ଲୀ,୨।୮:** ଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀ ଅବସରରେ ବିହାର ପୂର୍ଣ୍ଣିଆର ସ୍ୱାଧୀନ ସାଂସଦ ପପ୍ପୁ ଯାଦବଙ୍କୁ ଜଣେ ଯୁବକ ଜୋତାରେ ଆକ୍ରମଣ କରିଛନ୍ତି। ରାମମନ୍ଦିର ଦାନ ଚୋରି ମାମଲାରେ ପପ୍ପୁଙ୍କ ମନ୍ତବ୍ୟରେ କ୍ଷୁବ୍ଧ ହୋଇ ଯୁବକ ତାଙ୍କ ଉପରକୁ ଜୋତା ଫିଙ୍ଗିଥିବା ପ୍ରାଥମିକ ତଦନ୍ତ ପରେ ପୁଲିସ ପ୍ରକାଶ କରିଛି। ସୁମିତ ନାମକ ଯୁବକ ଜୋତାମାଡ଼ କରିବା ପରେ ଘଟଣାସ୍ଥଳରେ ଠେଲାପେଲା ଆରମ୍ଭ ହୋଇଥିଲା। ନିଜେ ପପ୍ପୁ ସୁମିତକୁ ଧରି ପୁଲିସକୁ ହସ୍ତାନ୍ତର କରିଛନ୍ତି। ଯୁବକ ତାଙ୍କୁ ମାରିବା ଛୁରୀ ନେଇ ଆସିଥିବା ପପ୍ପୁ ଯାଦବ ଅଭିଯୋଗ କରିଛନ୍ତି। ରାମ ମନ୍ଦିର ଦାନ ଚୋରି ମାମଲାରେ ପପ୍ପୁ ସରକାରଙ୍କୁ ଅପମାନିତ କରିଥିବାରୁ ସେ ତାଙ୍କ ଉପରେ ଆକ୍ରମଣ କରିଥିବା ଉତ୍ତରପ୍ରଦେଶ ବୁଲନ୍ଦସହରୁ ଆସିଥିବା ଗିରଫ ସୁମିତ୍ ପୁଲିସ ନିକଟରେ ପ୍ରକାଶ କରିଛି।

### ଦୁଇ ଦିନ ପାଇଁ ଓଡ଼ିଶା ଉପକୂଳରେ ନୋଟମ୍ ଜାରି




**ନୂଆଦିଲ୍ଲୀ,୨।୮:** ଆସନ୍ତା ୬ ଓ ୭ ତାରିଖରେ ଓଡ଼ିଶା ଉପକୂଳରୁ ଭାରତ ବଡ଼ଧରଣର କ୍ଷେପଣାସ୍ତ୍ର ପରୀକ୍ଷା କରିବାକୁ ଯାଉଛି। ଏଥିପାଇଁ ନୋଟମ (ନୋଟିସ ଟୁ ଏୟାରମେନ) ଜାରି କରାଯାଇଛି। ବଙ୍ଗୋପ ସାଗରଠାରୁ ଆରମ୍ଭକରି ଭାରତ ମହାସାଗର ପର୍ଯ୍ୟନ୍ତ ୨,୫୩୦ କିମି ଅଞ୍ଚଳ ଲାଗି ସର୍ତ୍ତକ ସୂଚନା ଦିଆଯାଇଛି। ଏହି ସମୟ ସୀମା ଭିତରେ କୌଣସି ବିମାନ କିମ୍ବା ଜାହାଜ ପ୍ରବେଶ ଓ ଚଳାଚଳ ଉପରେ କଟକଣା ରହିବ। ମିସାଇଲ ପରୀକ୍ଷା ସମୟରେ କୌଣସି ବିମାନ ଆକାଶ ମାର୍ଗରେ ଏହାର ଟାର୍ଗେଟକୁ ଚାଲିଆସିବା କିମ୍ବା ମିସାଇଲର ଟୁକୁଡ଼ା ସମୁଦ୍ରରେ କୌଣସି ଜାହାଜ ଉପରେ ପଡ଼ିବାର ଆଶଙ୍କା ଦୃଷ୍ଟିରୁ ଏହି ସୂଚନା ଜାରି କରାଯାଇଛି। ସାଧାରଣତଃ ବଙ୍ଗୋପସାଗର କିମ୍ବା ଆରବ ସାଗର ପାଇଁ ଏଭଳି ସୂଚନା ଜାରି କରାଯାଇଥାଏ। ବିଶେଷକରି ଓଡ଼ିଶା ଉପକୂଳ ଚାନ୍ଦିପୁରସ୍ଥିତ ଡକ୍ଟର ଏପିଜେ ଅବଦୁଲ କଲାମ ଦ୍ୱୀପରୁ କୌଣସି ମିସାଇଲ ପରୀକ୍ଷା ପୂର୍ବରୁ ଡିଆରଡିଓ (ଭାରତର ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଙ୍ଗଠନ) ଓ ଏସ୍‌ଏଫସି (ଷ୍ଟ୍ରାଟେଜିକ ଫୋର୍ସେସ କମାଣ୍ଡ) ପକ୍ଷରୁ ସୂଚନା ଜାରି କରିଥାନ୍ତି। ଏହାପୂର୍ବରୁ ଭାରତ ମହାସାଗର ପାଇଁ ଏଭଳି ସୂଚନା ଦିଆଯାଇଛି।



### କାନ ଡେରିଥା

ଚୋର ମାନୁନାହିଁ ଆଇନ କାନୁନ
ଓଲଟା ପ୍ରହାର କରୁଛି
ଚାରି ଚକିଆରେ ପୋଲିସ ଗୋଡ଼ାଇ
ଡରାଇବ ବୋଲି ଭାବୁଛି
ପୁଲିସ ବି ମାଡ଼ ଖାଉଛି...
ଦଣ୍ଡ ବିଧାନଟା କଠୋର ନହେଲେ
କ୍ରାଇମ ବି ବଢ଼ି ଯାଉଛି ।
■ ଦେବାଶିଷ

# ନବୀନଙ୍କ ରାସ୍ତାରେ ବହୁ ବିଜେଡି ନେତା

- ଭୋଟରଙ୍କ ଦୁଆରକୁ ପଡୁନି ପାଦ
- ଲୋକଙ୍କୁ ବୁହାଉଛନ୍ତି ରାଜଧାନୀ



**ଭୁବନେଶ୍ୱର,୨।୮(ସଂଚାର ବ୍ୟୁରୋ):** ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ରାସ୍ତାରେ ଏବେ ଅଧିକାଂଶ ବିଜେଡି ନେତା। ନବୀନ ଯେଭଳି ନିଜ ନିର୍ବାଚନମଣ୍ଡଳୀ ହିଞ୍ଜିଳିକୁ ନ ଯାଇ ସେଠାକାର ଲୋକମାନଙ୍କୁ ରାଜଧାନୀରେ ଭେଟୁଛନ୍ତି, ଦଳର ଅଧିକାଂଶ ନେତା ଏହା ସମାନ ଫର୍ମୁଲା ଆପଣେଇଛନ୍ତି। ବିଭିନ୍ନ ବାହାନା କରି ନିଜ ଅଞ୍ଚଳର ଲୋକଙ୍କୁ ରାଜଧାନୀ ଆଣି ଦଳ ସଭାପତିଙ୍କ ନିକଟରେ ହାଜର କରି ଫଟୋ ଉଠାଇ ଛାଡୁଛନ୍ତି।

ସାଧାରଣ ନିର୍ବାଚନକୁ ଦୁଇ ବର୍ଷ ପୂରିଯାଇଥିଲେ ବି ନବୀନ ହିଞ୍ଜିଳିରେ ପାଦ ପକାଇନାହାନ୍ତି। ଏହାର ସୁଯୋଗ ନେଇ ହିଞ୍ଜିଳି ଦଖଲ ପାଇଁ ବିଜେପି ଏବେ ଅଭିଯାନ ଆରମ୍ଭ କରିଛି। ଦଳର ଦୁଇ ବରିଷ୍ଠ ନେତା ସାଂସଦ ପ୍ରଦୀପ ପାଣିଗ୍ରାହୀ ଓ ମନ୍ତ୍ରୀ ବିଭୂତି ଭୂଷଣ ଜେନା ହିଞ୍ଜିଳିରେ ସାଂଗଠନିକ ସଂଗଠନ ଆରମ୍ଭ କରିଦେଇଛନ୍ତି। ଏପଟୁ ବିଜେଡିକୁ ମୂଳପୋଛ କରିବା ଲାଗି ଏହି ଦୁଇ ନେତା ଲାଗି ପଡ଼ିଥିବା ବେଳେ ସ୍ଥିତି ବିଗୁଡୁଥିବା ଦେଖି ହିଞ୍ଜିଳି ଭୋଟର୍ ଏବେ ରାଜଧାନୀକୁ ବୁହାହୋଇ ଆସୁଛନ୍ତି। ବିଜେଡିର ଏହି ଫର୍ମୁଲା ଭେଟେଦ୍ରର ଗଡ଼ଚକ୍ରରେ ସହାୟକ ହେବ, ତା'ର ହିସାବ କିତାବ ଚାଲିଛି।

କେବଳ ନବୀନ ନୁହନ୍ତି, ଦଳର ଆଉ କିଛି ନେତା ମଧ୍ୟ ସମାନ ରାସ୍ତାରେ ଅଛନ୍ତି। ନିଜ ନିଜ ଭୋଟରଙ୍କ ନିକଟକୁ ଯିବା ବଦଳରେ ରାଜଧାନୀରେ ରହି ଗୋଟି ଚଳାଉଛନ୍ତି। ମନ୍ଦିରେ ମନ୍ଦିରେ ନିଜ ନିଜ ସମର୍ଥକଙ୍କୁ ରାଜଧାନୀ ଆଣି ଦଳ ସଭାପତିଙ୍କ ଆଗରେ ହାଜର କରୁଛନ୍ତି। ଚାଳିଶ ପଚାଶ ଲୋକଙ୍କ ଗହଳି ଦେଖି ସଭାପତି ଖୁସି ହେଉଥିବା ବେଳେ ନେତାମାନେ ବି ଏଥିକୁ ନିଜ ବିଜୟ ବୋଲି ଧରିନେଉଛନ୍ତି। ରାଜଧାନୀ ଆସୁଥିବା ସମର୍ଥକମାନେ ବି ବୁଲାବୁଲି ଖିଆପିଆ କରି ଖୁସି ହେଉଛନ୍ତି। ଯେଉଁମାନେ ଆସିପାରୁନାହାନ୍ତି ସେମାନେ ଉତ୍କଳାରେ ଦୋଟାଇବା ସହ ସମୟ ଓ ସୁଯୋଗକୁ ଅପେକ୍ଷା କରି ରହୁଛନ୍ତି।

ହେଲେ ତଳ ସ୍ତରରେ ଗଡ଼ ଖାଲି ହେବାରେ ଲାଗିଛି। ଶାସକ ବିଜେପି ଓ ବିରୋଧୀ କଂଗ୍ରେସର ଆଗଧାଡ଼ିର ନେତାମାନେ ଘନ ଘନ ଜିଲ୍ଲା ଗସ୍ତ କରିବାରେ ଲାଗିଛନ୍ତି। କେଉଁଠି ଅନ୍ୟ ଦଳର ନେତା ଓ କର୍ମୀଙ୍କୁ ଆଣି ନିଜ ଦଳରେ ମିଶାଉଛନ୍ତି ତ ଆଉ କେଉଁଠି ଅସନ୍ତୁଷ୍ଟ କର୍ମୀଙ୍କୁ ସେମାନେ ବୁଝାଇବାରେ ଲାଗିଛନ୍ତି। ପଞ୍ଚାୟତ ନିର୍ବାଚନରେ କିଭଳି ଭଲ ପ୍ରଦର୍ଶନ ହେବ, ସେଥିପାଇଁ ଗୁରୁମନ୍ତ୍ର ଦେବା ସହ କର୍ମୀଙ୍କ ହାନି ଲାଭରେ ବି ସେମାନେ ଛିଡ଼ା ହେଉଛନ୍ତି। ଯଦିଓ ବିଜେଡିର କିଛି ନେତା

➪ ପୃଷ୍ଠା-୬

# ପରିବର୍ତ୍ତନ



ସତ୍ୟନାରାୟଣ ପ୍ରଧାନ



କେତେ ଠାକୁର ପୂଜା ଦିଅଁ ଦେବତାଙ୍କୁ ମାନସିକ କରି ଶେଷରେ ପୁଅଟିଏ ପାଇଥିଲା ବୋଲି ତାର ନାମ ଅମର ରଖିଥିଲା। ବୃଦ୍ଧ ସମୟରେ ବାପା ମାଆ ମୁହଁରେ ମଲା ବେଳକୁ ଟିକେ ନିଆଁ ଦେବ ବୋଲି। ଗୋଟେ ବୋଲି ପୁଅ ହୋଇ ଥିବାରୁ ଯେତେ କଷ୍ଟ ଆସିଲେ ବି ତାର କେଉଁଥିରେ ଅଭାବ ରଖି ନ ଥିଲେ। ପୁଅ ଶିକ୍ଷା ଶେଷ କରି ଚାକିରୀ ପଛରେ ନ ଗୋଡ଼ାଇ ଅବାଟରେ ପାଦ ଦେଇଥିଲା। ଯେଉଁ ବୟସରେ ଭବିଷ୍ୟତ ଗଢ଼ିବା କଥା ସେ ଭଲ ପାଇବା ପଛରେ ସମୟ ଗୁଡାକ ସାରି ଦେଇଥିଲା। ଗାଁ ଗଣ୍ଡାରେ ତାର ଭଲ ପାଇବାକୁ ନେଇ ଭାରି ଚର୍ଚ୍ଚା। ବାପା ମାଆ ଏ କଥା ଜାଣିବା ପରେ ପୁଅକୁ ଯେତେ ବୁଝାଇଲେ ବି ତାର ଏକା ଜିଦ ସେ ଯଦି ବିବାହ କରିବ ସେଇ ଝିଅ ଛଡା ଅନ୍ୟ କାହାରିକୁ ନୁହଁ। ବାପା ମାଆ ଲୋକ ଲଜ୍ୟା ସହି ନ ପାରି ତାକୁ ଶେଷରେ ବିବାହ କରାଇବା ଛଡା ଅନ୍ୟ କିଛି ଉପାୟ ନ ଥିଲା। ଲୋକ କହିଲେ ବାପା ମାଆ ଆଉ ସେ ତାର ସ୍ୱାମୀକୁ ନେଇ ସଂସାର। ଦୁଇ ଝିଅ ଅନେକ ବର୍ଷ ଆଗରୁ ବାହା ହୋଇ ସାରିଥଲେ। ଘରର ବଡ଼ ବୋହୂ ବୋଲି ବାପାଙ୍କ ନିଜର ସାନଭାଇ ଓ ପିଲା ଛୁଆ ମାନେ ଭାରି ଭଲ ପାଉଥିଲେ। ସେ କିନ୍ତୁ ଭଲ ପାଇବା ସ୍ନେହ ଶ୍ରଦ୍ଧାରେ ସମସ୍ତଙ୍କୁ ବାନ୍ଧି ରଖିବା ବଦଳରେ ପର ବୋଲି ଭାବି ନେଇଥିଲେ। ନୂଆ କରି ଆସିଥିବାରୁ କାହାକୁ କିପରି ସମ୍ମାନ କରନ୍ତି ବୁଝାଇ କହିଲେ କଥାବାର୍ତ୍ତା ବନ୍ଦ କରି ଦେଉଥିଲେ। ଘରର କାମ ଦାମ ଆସ୍ତେ ଆସ୍ତେ କରିବା ବଦଳରେ ଖଟ ଉପରେ ବସି ଭୋକ ଲାଗିବେ ଡାକି ବିରକ୍ତ କରି ଦେଉଥିଲା। ସୁନାର ସଂସାରରେ ଯେପରି କାଳ ନାଗୁଣୀ ଆସି ପହଞ୍ଚି ଗଲା ପରିବାର ଲୋକ ମୁହଁ ଖୋଲି କହି ନ ପାରିଲେ ବି ମନ ଭିତରେ କଥା ହେଉଥିଲେ।

କିଛି ମାସ ବିତିଗଲା ପରେ ପରିବାରକୁ ଗୁରୁଜନ ହେଉ କି ବନ୍ଧୁ ବାନ୍ଧବ ଲୋକ ଆସିଲେ ନମସ୍କାର କରିବା ଦୂରର କଥା ଦେଖା କରି ଦୁଇପଦ କଥା ହେବାକୁ ବିବେକ ତାର କହୁ ନ ଥିଲା। ଟିକେ କଥାରେ ପଦେ କହିଲେ ଶାଶୂ ସହିତ କଳି ଲଗାଇ ଖରାପ ଭାଷାରେ ଗାଳି ଗୁଲଜ କରିବାକୁ ସେ ଧାଇଁ ଆସୁଥିଲା। ବନ୍ଧୁ ଲୋକ ଆସିଲେ ତା ସହିତ କଥା ନ ହୋଇ ଯେତେ ଶୀଘ୍ର ହେବ ଖିଆ ପିଆ ସାରି ଚାଲି ଯାଉଥିଲେ। ତାକୁ ସମସ୍ତେ ତାର ବ୍ୟବହାର ପାଇଁ ଦୁରେଇ ଯାଉଥିଲେ। ସେ କିନ୍ତୁ ଓଲଟା ଭାବି ହେଉଥିଲା ତା ସହିତ କେହି ଭଲରେ ନ ମିଶି ପଛରେ କେତେ କଥା କୁହା କୁହି ହେଉଛନ୍ତି। ଆଗରୁ ଭାଇ ଭଉଣୀ ମାନଙ୍କ ଭିତରେ ଥିବା ସ୍ନେହ ଆଉ ଭଲ ପାଇବାରେ ବାଟ ଓଗାଳି ଠିଆ ହୋଇଥିଲା। କାଳେ ତାଙ୍କ ସ୍ୱାମୀ ଭଲ ମନ୍ଦ ଜିନିଷ ତାଙ୍କୁ ନ ଜଣାଇ କିଏ କହିଦେଲେ ତାକୁ ଆଣି ଦେଇଦେବେ। ଗୋଟେ ବୋହୂ ହେଲା ପରେ ଯାହା ତାଙ୍କୁ ଶୋଭା ନୁହଁ ତାକୁ ସେ ତାକୁ ଅତି ଆନନ୍ଦର ସହିତ ପାଳନ କରୁଥିଲେ। ନିଜ ବାପଘରର କଥା କହି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାରେ ବାହାଦୁରି ଅଛି ବୋଲି ନିଶ୍ଚିନ୍ତ ହୋଇ ଯାଇଥିଲେ । କିଛି ଦିନ ବିତି ଗଲା ପରେ ସେ ଆଉ ତାର ସ୍ୱାମୀ ଛାଡି ଦେଲେ ପରିବାର ଲୋକ କେହି ଦରକାର ପଡିଲେ ଯାଇ ତା ସହିତ କଥା ହେଉଥିଲେ।

ସେ ଏକା ହୋଇ ଯିବାରୁ ଯାହା ଇଚ୍ଛା ହୁଏ ତାହା କରି ଭାରି ଖୁସି ହୁଏ। ପରିବାର ଭିତରେ ସେ ଜଣେ ବିଜ୍ଞ ଲୋକ ବୋଲି ନିଜକୁ ଭାବି ନେଇଥିଲା। ସ୍ୱାମୀ ତାର ଦିନରେ ଅଫିସ ଗଲେ ରାତିକୁ ଯାଇ ଘରକୁ ଫେରୁଥିଲେ। ସେ ପରିବାରରେ ଏତେ ସବୁ ଘଟି ଯାଉଛି ବୋଲି ଭଲ ଭାବରେ ଅନୁମାନ କରି ପାରୁ ନ ଥିଲେ। ଜନ୍ମ ହୋଇଥିବା କୁନି ଝିଅଟିର ସେ ବାପା ହୋଇ ନିଜକୁ ଭାଗ୍ୟବାନ ମନେ କରୁଥିଲେ। ଦୁଇ ଚାରି ଦିନରେ ଥରେ ସେଇ କୁନି ଝିଅଟିର ଦେହ ଖରାପ ଲାଗି ରହୁଥିଲା। ଆଜି ଝାଡା ହେଲେ ଆର ଓଳିକୁ ଥଣ୍ଡା ପୁଣି ତା ସାଙ୍ଗକୁ କାଶ । ସେମାନେ ଡାକ୍ତର ଦେଖାଇ ପୁରା ହତାସ ହୋଇ ପଡିଥିଲେ। ଏପରି ହେଲେ କେମିତି ଯେ ଘର ଚଳିବ କୁନି ଝିଅଟିର ଦେହ ବାରମ୍ବାର ଖରାପ ଏତେ ଟଙ୍କା ରୋଜଗାର କରି କି ଲାଭ ଚିନ୍ତା କରୁଥିଲା। ଗାଁ ଗଣ୍ଡାକୁ ଭିକ୍ଷା ବୃତ୍ତି କରିବାକୁ ଥରେ ଜଣେ ସାଧୁ ଆସୁଥିଲେ। ସେ ସମସ୍ତଙ୍କ ଘର ଭଳି ତା ଘରକୁ ଆସିଲେ। ସେଇ ବୋହୂ ଭିକ ମୁଠେ ଦେଲାବେଳେ ନିଜ ଝିଅ କଥା କହି କାନ୍ଦି ପକାଇଲା। ସେ ସାଧୁ ଜଣଙ୍କ ନମ୍ର ସ୍ୱରରେ କହିଲେ ମାଆ , ତୁମେ ବୋଧେ ତୁମ କର୍ତ୍ତବ୍ୟରେ ହେଳା କରୁଥିବ କିଛି ନା କିଛି ଘଟୁଛି ତୁମେ ଜାଣିବା ହେଉ କି ଅଜାଣତରେ କରି ବସୁଛ। ସେ ସବୁକୁ ନିଜ ଠାରୁ ଦୂର କର ଦେଖିବ ଆପେ ସବୁ ଠିକ୍ ହୋଇଯିବ। ସାଧୁଙ୍କ ଠାରୁ ଏପରି ଉପଦେଶ ଶୁଣି କ୍ଷମା ମାଗି ପୁଣି ବଦଳି ଯିବା ଭୟରେ ସେ ଅନ୍ତରରୁ କ୍ଷମା ପ୍ରାର୍ଥନା ସମସ୍ତଙ୍କୁ କରି ନିଜର ସବୁ ଖରାପ ବ୍ୟବହାରକୁ ବନ୍ଦ କରି ଦେଲା। ସମସ୍ତେ ତା ପରିବର୍ତ୍ତନ ଦେଖି ମନ ଭିତରୁ କ୍ଷମା କରି ଦେଇଥିଲେ । ଟିକିଏ ବଦଳିବା ପାଇଁ ପରିବାର ପୁଣି ହସ ଖୁସିରେ ଭରି ଯାଇଥିଲା। କୁନି ଝିଅଟିର ସ୍ୱାସ୍ଥ୍ୟରେ ସୁଧାର ଆସିବା ଆରମ୍ଭ ହୋଇ ଯାଇଥିଲା ।।

ଅଣ୍ଟିଆ, ଯାଜପୁର, ମୋବାଇଲ୍: ୯୧୭୮୩୧୩୬୪୪

## ଆସ ହୋ ଭକତ ଦେଖିବ ଆସ କାଳିଆ କରୁଛି ଗୁଣ୍ଡିଚା ଯାତ

ଶୋଭାମୟୀ ପାତ୍ରୀ



ଆସ ହୋ ଭକତ ଦେଖିବ ଆସ
କାଳିଆ ରଜାର ଗୁଣ୍ଡିକା ଯାତ
ମାନବୀୟ ଲୀଳା କରୁଛି ସେତ
ଦର୍ଶନରେ କର ନେତ୍ର ପବିତ୍ର ॥

ମୋହ ଛାଡି ତା ରତ୍ନସିଂହାସନ
ଟଳି ଟଳି ଆସେ କଳା ବମନ
କି ସୁନ୍ଦର ତାର ନବ ଯୌବନ
ଦିବ୍ୟ ଦରଶନେ ମୁକ୍ତିର ଶ୍ୱେନ ॥

ଜନ୍ମବେଦୀ ପ୍ରେମ ବାହାନା ନେଇ
ନନ୍ଦିଘୋଷ ରଥେ ସବାର ହୋଇ
ପ୍ରଜାଙ୍କ ଗୁହାରୀ ଶୁଣିବା ପାଇଁ
ନଗ୍ରେ ବିଜେଛନ୍ତି କଳାଗୋସାଇଁ ॥

ରାଜଭୋଗ ତାକୁ ଲାଗିଲା ପିତା
ଠେଲା ପେଲାଖା'ନ୍ତି ଜଗତପିତା
ଆରତ ତାରଣେ ସାଜନ୍ତି ଶ୍ରୋତା
ନବଦିବସକୁ ତା ଦାଣ୍ଡଯାତ୍ରା ॥

ଆସ ହୋ ଭକତ ଦେଖିବ ଆସ
କାଳିଆ କରୁଛି ଗୁଣ୍ଡିକା ଯାତ
ଦେଇଥିବା କଥା ରଖିବ ସେତ
ମାଆ ହାତ ରାନ୍ଧଣା ତାକୁ ଅମୃତ ॥
ରାଧା ସଙ୍ଗେ ରାସେ ମନ ତାହାର
ଲକ୍ଷ୍ମୀଙ୍କୁ ଲୁଚାଇ ଆବେଗ ତାର
ଆଷାଢ଼ ଶୁକ୍ଳ (ଦ୍ୱିତୀୟା)ରୁ ହୋଇ ବାହାର
ଖରେତରେ ଧାଏଁ ମାଉସୀ ଘର ॥
ଅର୍ଦ୍ଧାସନି ମାଆ ଥିବ ଅନେଇ
ପୋଡିପିଠା ଥାଳି ହାତରେ ନେଇ
ଭାବ ଓ ମୋହରେ ଦେବ ଖୁଏଇ
ପଣତେ ଝାଡ଼ିବ ତାର ଦନେଇ ॥

କେନ୍ଦ୍ରାପଡ଼ା



## ଟିକି ବଗିଚା

ଡ଼, ଧୀରେନ୍ଦ୍ର କୁମାର ମଲ୍ଲିକ

ଆମ ଟିକିଘର ପଛପଟେ ଏକ
ଛୋଟିଆ ବଗିଚା ଅଛି,
ଜେଜେ ସବୁଦିନ ନାନା ଜାତି ଫୁଲ'
ଗଛ ତ ଲଗାନ୍ତି ବାଛି।
ଦେଖିବାକୁ ସିନା ଛୋଟିଆ ବଗିଚା
ସୁନ୍ଦର ତା ପରିବେଶ,
ଘଡ଼ିଏ ଆସିଲେ ବୁଲି ସେହିଠାରୁ
ଦୁଃଖ ଶୋକ ହୁଏ ନାଶ।
କେତେ ପରକାର ଫୁଲ ଫୁଟି ନିତି
ମଧୁର ବାସନା ଦିଏ,
ଦେଖୁଥିବା ଲୋକ ମନଟାକୁ ବଡ଼
ସରାଗରେ ମୋହି ନିଏ।
ମାଟିର କୁଣ୍ଡରେ ଗଛ ଲାଗିଅଛି
ଟିକିଏ ଛାଡିକି ଛାଡି,
ମହୁ ମାଛି ଆଉ ପରାଜାପତି ଏ
ଆସନ୍ତି ସେଠାକୁ ଉଡ଼ି।
ସୁଲୁ ସୁଲୁ ବହେ ଶୀତଳ ପବନ
ଲାଗଇ ବହୁତ ଭଲ,
ଇଚ୍ଛା ହେଉଥାଏ ଫୁଲଟିଏ ହେବି
କରିବେ ସଭିଏଁ ଗେଲ।
ବାଟେ ଗଲା ଲୋକ ଦେଖିଲେ ଏହାକୁ
ଅପଲକେ ଥା'ନ୍ତି ଚାହିଁ,
କୁହନ୍ତି ଏମିତି ମନୋରମ ଶୋଭା
କେଉଁଠି ଅଛି ବା କାହିଁ ?
ଏହି କଥା ଶୁଣି ଜେଜେ ମୋ କୁହନ୍ତି
ବୁଝିଲୁ ନାତିଆ ମୋର,
ପରିବେଶ ପ୍ରେମୀ ହୋଇଲେ ମୋ ଭଳି
ନାଆଁ ବି ପଡ଼ିବ ତୋର।

ସମ୍ପାଦକ:ଝୁମୁରୀ ପାରା ଶିଶୁ ସାହିତ୍ୟ ସଂସଦ ଓ ଆଦର୍ଶ ପାଠାଗାର
ନୀଳକଣ୍ଠପୁର,ମଙ୍ଗଳପୁର, ଯାଜପୁର
ମୋବାଇଲ୍:୭୯୦୪୩୯୨୬୮୬



## ପାଦ ଚିହ୍ନ

ଭାରତୀ ବାସନ୍ତୀ ଲତା ଜେନା



ଭୁଲ୍ ପଥେ ଯଦି ପାଦ ବଢାଇବ
ସ୍ୱାର୍ଥର ଲାଳସା ରଖି
ଧରା ପଡି ଗଲେ ଦାଗ କି ଲୁଚିବ
ପାଦ ଚିହ୍ନ ରହେ ସାକ୍ଷୀ ।
କଳଙ୍କର ଟୀକା ମସ୍ତକେ ଲାଗିବ
କେବେ ଧୋଇ ହେବ ନାହିଁ
ଅନୁତପ୍ତ ପ୍ରାଣ ଦଗ୍ଧି ଭୂତ ହେବ
ତ୍ରାହି କର ଭାବ ଗ୍ରାହୀ ।
ଭୁଲ୍ ପଥ ଛାଡି ସତ୍ୟ ପଥେ ଗଲେ
ସାହା ହୁ'ନ୍ତି ନାରାୟଣ
ଧଇର୍ଯ୍ୟ ସାହସ ଯୋଗାଇ ଦିଅନ୍ତି
ନିଃସ୍ୱାର୍ଥର ଯୋଗ ଦାନ ।
ପରୋପକାରିତା ଦୁଃଖୀ ରଙ୍କି ଦାନ
ସ୍ୱଚ୍ଛତାର ପାଦ ଚିହ୍ନ
ସହୃଦୟ ବ୍ୟକ୍ତି ତାକୁ ହିଁ କହନ୍ତି
ଅମ୍ଳାନ ତାଙ୍କ ଜୀବନ ।

ଗାନ୍ଧୀନଗର, ନବରଙ୍ଗପୁର
ମୋବାଇଲ୍:୮୬୫୮୬୫୫୯୭୯





## କହିବି ନାହିଁ ମୁଁ ମନର କଥା

ନିବେଦିତା ପଣ୍ଡା

ମନକଥା ମନେ ରହେ ନାହିଁ ସବୁ
ପ୍ରକାଶ୍ୟର ବାଟ ଖୋଜେ,
ହେଲେ ମନକଥା ବୁଝିବା ଲୋକର
ଆବଶ୍ୟକତା ବି ହଜେ।

ଆଜିକାଲି ଲୋକ ସବୁ ବସ୍ତୁବାଦୀ
ଶୁଣିବାକୁ ନାହିଁ ବେଳ,
କାହିଁ କୁ କହିବ କେମିତି କହିବ
ମିଳେ ନାହିଁ ଥଳକୂଳ।

ଗୋହତ୍ୟା ପାପଠୁ ବ୍ରହ୍ମହତ୍ୟା ବଳେ
ଯାହା ବି କରିଲେ ଦୋଷ,
ଧର୍ମଶଙ୍କଟରେ ପଡିଗଲେ କେବେ
ହୋଇଥାଏ ସର୍ବନାଶ ।

ଆଧୁନିକ ହେଲେ ସଂସ୍କାର ହଜୁଛି
ସଂସ୍କାର ଛାଡିଲେ କ୍ଷତି,
ଅପୂରଣୀୟ ସେ କ୍ଷତି ଜୀବନରେ
ମନେ ଆଣିଦିଏ ଭିତି।

ସମୟ ସହିତ ଚାଲିବାକୁ ଯାଇ
ହଜୁଛି ମାନବିକତା,
ଯା'ର ବ୍ୟତିରେକେ ବିତସ୍ପୃହ ଲାଗେ
ସବୁଠି ଅରାଜକତା।

ଦେଖି ହୁଏ ନାହିଁ ଦେଖାଇ ହୁଏନି
ସହିବା କହିବା କଷ୍ଟ ,
ପରିସ୍ଥିତି ଆଜି ବିଗିଡି ଗଲାଣି
ଅସମ୍ଭାଳ ଓ ଅତିଷ୍ଟ।

ଏଣୁ ତ ମାଇଲେ ବ୍ରହ୍ମହତ୍ୟା ହେବ
ତେଣୁ ମାଇଲେ ଗୋହତ୍ୟା,
କି ବିଷମ ସ୍ଥିତି ମଣିଷ ପାଇଁ କି
ବୁଝିବ କେବେ ଜନତା।

କହିଲେ ଦୋଷ ନ କହିଲେ କଷ୍ଟ
ମଣିଷ ଯେ ଛଟପଟ,
କହିବି ନାହିଁ ମୁଁ ମୋର ମନ କଥା
ହେଲେ ହେଉ ଯେତେ କଷ୍ଟ।

ରାଉରକେଲା






# ମଞ୍ଚ ଜଗତରେ ଅଦୃଶ୍ୟ ସୂତ୍ରଧର

ଡକ୍ଟର ଲକ୍ଷ୍ମଣ ସାହୁ



ଜଣେ ବ୍ୟକ୍ତିର ଜୀବନରେ ସଫଳତା ଯେତିକି ଜରୁରୀ, ସେହି ସଫଳତା ସହିତ ନମ୍ର ରହିବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଇତିହାସ ଆମକୁ ଶିଖାଇଛି ଯେ ପ୍ରତିଭା, କଠିନ ପରିଶ୍ରମ ଓ ସାହସ ଜଣେ ବ୍ୟକ୍ତିକୁ ଉଚ୍ଚତାରେ ପହଞ୍ଚାଇପାରେ। କିନ୍ତୁ ନମ୍ରତା ବିନା ସେହି ଉଚ୍ଚତାଗୁଡ଼ିକ ପତନର କାରଣ ହୋଇପାରେ। ଜଗତର ଅଧିକାଂଶ ଦ୍ୱନ୍ଦ୍ୱ, ବିବାଦ ଓ ଅହଂକାରର ମୂଳ କାରଣ ହେଉଛି ପ୍ରତ୍ୟେକ ବ୍ୟକ୍ତି ନିଜକୁ ପରିସ୍ଥିତିର ନିୟନ୍ତ୍ରକ, ଘଟଣାଗୁଡ଼ିକର ସ୍ରଷ୍ଟା ଓ ଅନ୍ୟମାନଙ୍କ ଜୀବନର ସ୍ଥପତି ବୋଲି ଭାବନ୍ତି। ଯେଉଁଠାରେ ଏହି ବିଶାଳ ବ୍ରହ୍ମାଣ୍ଡ କୌଣସି ଗୋଟିଏ ବ୍ୟକ୍ତିଙ୍କ ଇଚ୍ଛା ଦ୍ୱାରା ନୁହେଁ, ବରଂ କର୍ମ, ସମୟ ଓ ପ୍ରକୃତିର ନିୟମ ଦ୍ୱାରା ପରିଚାଳିତ। ଇତିହାସରେ ଅଗଣିତ ଉଦାହରଣ ଅଛି ଯେଉଁଠାରେ ଅପାର ଶକ୍ତିଶାଳୀ ଶାସକମାନଙ୍କୁ ମଧ୍ୟ ସମୟର କ୍ରୋଧ ଆଗରେ ମୁଣ୍ଡ ନୁଆଁଇବାକୁ ପଡ଼ିଥିଲା। ନେପୋଲିଅନ ବୋନାପାର୍ଟ, ତାଙ୍କ ଅସାଧାରଣ ସାମରିକ ପ୍ରତିଭା ମାଧ୍ୟମରେ, ୟୁରୋପର ଏକ ବଡ଼ ଅଂଶ ଜିତିଥିଲେ। ତାଙ୍କ ନିଷ୍ପତ୍ତି ଦେଶଗୁଡ଼ିକର ସୀମା ବଦଳାଇ ଦେଇଥିଲା। ତାଙ୍କ ସେନାର ପାଦଚିହ୍ନ ସାମ୍ରାଜ୍ୟଗୁଡ଼ିକୁ ଥରାଇ ଦେଇଥିଲା। ଧୀରେ ଧୀରେ, ସେ ବିଶ୍ୱାସ କରିବାକୁ ଲାଗିଲେ ଯେ ଇତିହାସ ତାଙ୍କ ଇଚ୍ଛା ଅନୁସାରେ ଲେଖାଯିବ। କିନ୍ତୁ ଇତିହାସ କେବେବି ଗୋଟିଏ ବ୍ୟକ୍ତିଙ୍କର ନୁହେଁ। କୁହାଯାଏ ଦିନେ, ଜଣେ ବୃଦ୍ଧ ସୈନିକ ନେପୋଲିଅନଙ୍କୁ ପଚାରିଲେ, "ମହାରାଜ, ଆପଣ କ'ଣ ସମଗ୍ର ବିଶ୍ୱକୁ ଜିତିଛନ୍ତି ?" ନେପୋଲିଅନ ଗର୍ବର ସହିତ ଉତ୍ତର ଦେଲେ, "ପ୍ରାୟ।" ସୈନିକ ଜଣକ ପଚାରିଲେ, "ତେବେ, ସମୟ ମଧ୍ୟ ଆପଣଙ୍କ ଆଦେଶରେ ଗତି କରେ ? ମୃତ୍ୟୁ କ'ଣ ଆପଣଙ୍କ ଅନୁମତିରେ ଆସେ ? କାଲିର ସୂର୍ଯ୍ୟ କ'ଣ ଆପଣଙ୍କ ନିର୍ଦ୍ଦେଶରେ ଉଦିତ ହେବ ?" ନେପୋଲିଅନଙ୍କ ପାଖରେ ଏହି ପ୍ରଶ୍ନର କୌଣସି ଉତ୍ତର ନଥିଲା। ସେ ସ୍ୱୀକାର କରିଥିଲେ ଯେ ଏହା କୌଣସି ମଣିଷର ନିୟନ୍ତ୍ରଣ ବାହାରେ। ସୈନିକ ଜଣକ କେବଳ କହିଥିଲେ, "ଯେଉଁ ବ୍ୟକ୍ତି ସମୟକୁ ଜିତି ପାରିବ ନାହିଁ ସେ କିପରି ବିଶ୍ୱର ଶାସକ ହୋଇପାରିବ ?" କିଛି ବର୍ଷ ପରେ, ୱାଟରଲୁ ଯୁଦ୍ଧ ତାଙ୍କର ଅଜେୟ ପ୍ରତିଛବିକୁ ଭାଙ୍ଗି ଦେଇଥିଲା। ବିଶ୍ୱବିଜେତା ଭାବରେ ଜଣାଶୁଣା ସମ୍ରାଟ ପରାସ୍ତ ହେଲେ, କ୍ଷମତା ଛଡ଼ାଇ ନିଆଗଲା ଓ ସେଣ୍ଟ ହେଲେନାର ଛୋଟ ଦ୍ୱୀପକୁ ନିର୍ବାସିତ କରାଗଲା। ବିଜୟର ଉଲ୍ଲାସ ମରିଯାଇଥିଲା। ଏବେ ତାଙ୍କ ପାଖରେ କେବଳ ଚିନ୍ତନ ପାଇଁ ସମୟ ଥିଲା।

ସବୁଠାରୁ ବଡ଼ ବିଜୟ ଅନ୍ୟ କୌଣସି ବ୍ୟକ୍ତି, ରାଜ୍ୟ କିମ୍ବା ପ୍ରତିଯୋଗିତା ଉପରେ ନୁହେଁ। ସବୁଠାରୁ କଷ୍ଟକର ଓ ମୂଲ୍ୟବାନ ବିଜୟ ହେଉଛି ଭିତରେ ଲୁଚି ରହିଥିବା ଅହଂକାର, ଲୋଭ ଓ କ୍ରୋଧ ଉପରେ। ଯିଏ ନିଜକୁ ଜୟ କରିଛି ତାକୁ ଆଉ ବାହ୍ୟ ବିଜୟର ଆବଶ୍ୟକତା ନାହିଁ। ଏପରି ବ୍ୟକ୍ତି ଉଚ୍ଚ ପଦବୀ ଦିଆଗଲେ ମଧ୍ୟ ନମ୍ର ରହିଥାଏ, ଓ ଏହାକୁ ଛଡ଼ାଇ ନିଆଗଲେ ମଧ୍ୟ ଶାନ୍ତ ରହିଥାଏ। ସେମାନେ ତାଙ୍କ ସିଂହାସନ ଦ୍ୱାରା ନୁହେଁ, ବରଂ ତାଙ୍କ ଚରିତ୍ର ଦ୍ୱାରା ଚିହ୍ନିତ ହୁଅନ୍ତି। ଆମେ ସଫଳତାକୁ ସ୍ୱାଗତ କରିବା ଉଚିତ୍, କିନ୍ତୁ ଏହାକୁ ଆମ ମୁଣ୍ଡକୁ ଯିବାକୁ ଦେବା ଉଚିତ୍ ନୁହେଁ। କହିବାର ଉଦ୍ଦେଶ୍ୟ ଯଦି କେହି ଅଧିକାର ପାଆନ୍ତି, ତେବେ ଏହାକୁ ସେବା ପାଇଁ ବ୍ୟବହାର କରନ୍ତୁ। ଯଦି ଆମେ ଶକ୍ତି ପାଆନ୍ତି, ତେବେ ଏହାକୁ ସୁରକ୍ଷା ପାଇଁ ବ୍ୟବହାର କରନ୍ତୁ, କାରଣ ସମୟର ଚକ କାହା ପାଇଁ ଅଟକିଯାଏ ନାହିଁ। ଯେଉଁମାନେ ଆଜି ଶୀର୍ଷରେ ଅଛନ୍ତି ସେମାନେ କାଲି ଇତିହାସର ଏକ ଅଧ୍ୟାୟ ହୋଇପାରନ୍ତି। ଭାବିବା ଆବଶ୍ୟକ ଆମେ ମାଲିକ ହେବାକୁ ନୁହେଁ, ବରଂ ଶ୍ରେଷ୍ଠ ହେବାକୁ ଆକାଂକ୍ଷା କରିବା ଉଚିତ୍। ଆମେ ସଚ୍ଚୋଟତା, କଠିନ ପରିଶ୍ରମ, କରୁଣା ଓ ନମ୍ରତା ସହିତ ଆମର ଭୂମିକା ପୂରଣ କରିବା ଉଚିତ୍। ସିଂହାସନ ଅସ୍ଥାୟୀ, କିନ୍ତୁ ଚରିତ୍ର ଅନନ୍ତ। ଶକ୍ତି ପରିବର୍ତ୍ତନ ହୁଏ ସମୟ ଚାଲିଯାଏ, କିନ୍ତୁ ନମ୍ରତା ସହିତ ବଞ୍ଚିଥିବା ଜୀବନ କେବେ ପରାସ୍ତ ହୁଏ ନାହିଁ। ତେଣୁ, ଜୀବନର ଉଦ୍ଦେଶ୍ୟ ବିଶ୍ୱର ପ୍ରତ୍ୟେକ ଧାରାକୁ ନିଜ ହାତରେ ନେବା ନୁହେଁ, ବରଂ ସଚ୍ଚୋଟତା, ସାଧୁତା ଓ ନମ୍ରତାର ସହିତ ନିଜ ଅଂଶକୁ ପରିଚାଳନା କରିବା ଉଚିତ୍। ଇତିହାସର ସବୁଠାରୁ ବଡ଼ ଶିକ୍ଷା ହେଉଛି ଯେ ଶକ୍ତି, ଧନ ଓ ଖ୍ୟାତି କ୍ଷଣସ୍ଥାୟୀ, କିନ୍ତୁ ନମ୍ରତା, ଅଧ୍ୟବସାୟ ଓ ଚରିତ୍ର ଅମର। ତେଣୁ, ନିଜକୁ ଜୟ କରିବା ଉଚିତ, ଅନ୍ୟମାନଙ୍କୁ ନୁହେଁ। କାରଣ ଅନେକ ଲୋକ ବିଶ୍ୱକୁ ଜୟ କରିଛନ୍ତି, କିନ୍ତୁ ଯେଉଁମାନେ ନିଜକୁ ଜୟ କରିଛନ୍ତି ସେମାନେ ହିଁ ପ୍ରକୃତରେ ମହାନ।

ମାନବ ବ୍ୟକ୍ତିତ୍ୱ ଏକ ସ୍ଥିର ସତ୍ତା ନୁହେଁ, ବରଂ ଏକ ନଦୀ ପରି, ନିରନ୍ତର ପ୍ରବାହିତ ହୁଏ। ଏହାର ରୂପ ପରିବର୍ତ୍ତନ କରେ। ଯଦି ନଦୀର ପାଣି ପ୍ରବାହିତ ହେବା ବନ୍ଦ କରିଦିଏ, ତେବେ ଏହା ସ୍ଥିର ହୋଇଯାଏ ଓ ପଚିବାକୁ ଆରମ୍ଭ କରେ। ସେହିପରି, ଯେତେବେଳେ ଆମେ ଆମର ପୁରୁଣା ପରିଚୟ, ପୁରୁଣା କ୍ଷତ ଓ କଠୋର ବିଶ୍ୱାସକୁ ଆବଦ୍ଧ ରଖୁ, ସେତେବେଳେ ଆମ ଭିତରେ ଏକ ସ୍ଥିରତା ବିକଶିତ ହୁଏ। ଯାହା ଶେଷରେ ରୋଗ ଓ ଅବସାଦ ଭାବରେ ପ୍ରକାଶିତ ହୁଏ। ଏହି ସ୍ଥିରତାରୁ ମୁକ୍ତ ହୋଇ ଜୀବନ ଯାତ୍ରାରେ ଆଗକୁ ବଢ଼ିବା ଦ୍ୱାରା ହିଁ ଜଣେ ବ୍ୟକ୍ତି ନିଜର ପ୍ରକୃତ ସ୍ୱାର୍ଥ ହାସଲ କରିପାରିବ। ଯାତ୍ରାର ପ୍ରତ୍ୟେକ ଚିନ୍ତାଧାରା, ଶବ୍ଦ ଓ ଭାବନା ପଛରେ ଏକ ମୌଳିକ ଉଦ୍ଦେଶ୍ୟ ରହିଛି। ଉଦ୍ଦେଶ୍ୟ ଆମର କାର୍ଯ୍ୟର ପ୍ରକୃତ ଫଳାଫଳ ନିର୍ଣ୍ଣୟ କରେ। ଦୁଇଜଣ ବ୍ୟକ୍ତି ସମାନ କାର୍ଯ୍ୟ କରିପାରନ୍ତି, କିନ୍ତୁ ଯଦି ଜଣେ ଭୟ ଦ୍ୱାରା ପ୍ରେରିତ ହୁଅନ୍ତି। ଅନ୍ୟ ଜଣେ ବିଶ୍ୱାସ ଦ୍ୱାରା, ତେବେ କାର୍ଯ୍ୟଗୁଡ଼ିକ ବାହାରୁ ସମାନ ଦେଖାଯାଉଥିଲେ ମଧ୍ୟ ଫଳାଫଳ ଭିନ୍ନ ହେବ। ତେଣୁ, ନିଜ ଜୀବନକୁ ପରିବର୍ତ୍ତନ କରିବା ପାଇଁ, ବାହ୍ୟ କାର୍ଯ୍ୟ ପୂର୍ବରୁ ଆନ୍ତରିକ ଉଦ୍ଦେଶ୍ୟକୁ ପରିବର୍ତ୍ତନ କରିବା ଆବଶ୍ୟକ। ଏହି ପରିବର୍ତ୍ତନ ପ୍ରକ୍ରିୟାରେ ଦୁଃଖ ଏକ ଶତ୍ରୁ ନୁହେଁ, ବରଂ ଚେତନା ଆଡ଼କୁ ଏକ ପଥ। ଯେହେତୁ ଅହଂକାର ସ୍ୱେଚ୍ଛାକୃତ ଭାବରେ କ୍ଷୟ ହୁଏ ନାହିଁ, ତେଣୁ ଯନ୍ତ୍ରଣା ମାଧ୍ୟମରେ ଏହାର ଭାଙ୍ଗିବା ପାଇଁ ଚେତନା ଜାଗ୍ରତ କରିବା ଅତ୍ୟାବଶ୍ୟକ ହୋଇପଡ଼େ, ଯାହା ଭିତରେ ଲୁଚି ରହିଥିବା ପ୍ରକୃତ ଆତ୍ମାକୁ ପ୍ରକାଶିତ କରିଥାଏ। ଯେଉଁମାନେ ସେମାନଙ୍କର ଦୁଃଖରୁ ଦୌଡ଼ିବା ପରିବର୍ତ୍ତେ ଖୋଳତାଡ଼ କରନ୍ତି ଓ ଏହାର ଅର୍ଥ ଖୋଜନ୍ତି, ସେମାନେ କେବଳ ଜୀବନର ଅଗମ୍ୟ ଗଭୀରତାରେ ପହଞ୍ଚି ପାରିବା ସହିତ ସ୍ଥାୟୀ ଶାନ୍ତି ଅନୁଭବ କରିପାରିବେ। ଯେତେବେଳେ ଆପଣ ଅନୁଭବ କରିବେ ଯେ ଆପଣ କେବଳ ଗୋଟିଏ ସମୟର ତରଙ୍ଗ ନୁହଁନ୍ତି, ବରଂ ସମଗ୍ର ସମୁଦ୍ରର ତରଙ୍ଗ। ଆପଣ କେବଳ ଏକ ବୀଜ ନୁହଁନ୍ତି, ବରଂ ଏହା ଯେଉଁ ମାଟିରେ ବଢ଼େ, ସେତେବେଳେ ଆପଣ ଭାଗ୍ୟର ଶିକାର ହେବା ବନ୍ଦ କରନ୍ତି ଓ ଆପଣଙ୍କ ନିଜ ଆତ୍ମାର ସାଥୀ ସୂତ୍ରଧର ହୋଇଯାଆନ୍ତି। ମଣିଷର ସମସ୍ତ ପ୍ରଶ୍ନର ମୂଳ ଦୁନିଆ କେବେ ନୁହେଁ, ବରଂ ତା'ର ନିଜର ଅଜ୍ଞତା। ଯେଉଁଦିନ ତମେ ସଚ୍ଚୋଟ ଭାବରେ ନିଜ ଭିତରେ ଦେଖିବ ଓ ପଚାରିବ, "ମୁଁ କିଏ ?", ସେହି ଦିନ ତମର ପ୍ରକୃତ ଆଧ୍ୟାତ୍ମିକ ଯାତ୍ରା ଆରମ୍ଭ ହୋଇ ଯିବ। ନିଜକୁ ଜାଣିବା ପରେ, ଅନେକ ପ୍ରଶ୍ନ ସ୍ୱୟଂଚାଳିତ ଭାବରେ ସମାଧାନ ହୋଇଯାଏ, କାରଣ ସେତେବେଳେ ସନ୍ଧାନ ବାହାରେ ନୁହେଁ, ଭିତରେ ସମ୍ପୂର୍ଣ୍ଣ ହୁଏ। ଅତଏବ ଜୀବନର ଅର୍ଥ ଖୋଜ। ଯେପର୍ଯ୍ୟନ୍ତ ତୁମ ଭିତରେ ପ୍ରବାହିତ ସେହି ଅଦୃଶ୍ୟ ସୂତ୍ରଧରଙ୍କୁ ଚିହ୍ନିବାର ସାହସ ନାହିଁ, କେଉଁ ଭାଗ୍ୟ ନେଇ ଖୋଜିବା ବୃଥା। ଯେପର୍ଯ୍ୟନ୍ତ ତୁମେ ଏହାକୁ ଖାରଜ କରିନାହଁ, ସେପର୍ଯ୍ୟନ୍ତ ସେହି ଅଜଣା ଶକ୍ତି ତୁମ ଜୀବନର ଦିଗକୁ ନିର୍ଦ୍ଦେଶ ଦେଇ ଚାଲିବ। ତେଣୁ, ସ୍ଥିରତାକୁ ପରିତ୍ୟାଗ କର ଓ ନଦୀ ପରି ପ୍ରବାହିତ ହେଉ। ନିଜ ଭିତରେ ଦେଖ। ତୁମର ଦୁଃଖରୁ ଦୌଡ଼ିବା ପରିବର୍ତ୍ତେ, ଏଥିରେ ବୁଡ଼ି ଯାଅ ଓ ଏହାର ଅର୍ଥ ଖୋଜ..!!!

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋବାଇଲ୍: ୯୦୪୦ ୧୫୧୪ ୭୫

## ବାଘକୁ ମାରି ଜୀବନ ବଞ୍ଚାଇଲେ ପଡ଼ୋଶୀ



ଉମରକୋଟ,୨।୮(ସଂଚାର ବ୍ୟୁରୋ): ବାଘ- ମଣିଷ ଲଢ଼େଇରେ ଆଖିବୁଜିଲା କଲରାପତରିଆ। ଏଭଳି ଚାଞ୍ଚଲ୍ୟକର ଘଟଣା ଛତିଶଗଡ଼ ଧମତରୀ ଜିଲ୍ଲାରେ ଘଟିଛି। ବିଳମ୍ବିତ ରାତିରେ ଘରେ କଲରାପତରିଆ ବାଘ ପଶି ଆକ୍ରମଣ କରିଥିଲା। ଘର ଭିତରେ ବାଘ ସହ ମଣିଷର ଜୋରଦାର ଲଢ଼େଇ ହୋଇଥିଲା। ଶେଷରେ ଲଢ଼େଇରେ କଲରାପତରିଆ ବାଘର ମୃତ୍ୟୁ ଘଟିଛି। ବାଘ ଆକ୍ରମଣ ରେ ୨ ଜଣ ଗ୍ରାମବାସୀ ଆହତ ହୋଇଛନ୍ତି। ଆହତମାନଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ବନ ବିଭାଗ ଟିମ୍ ପହଞ୍ଚି କଲରାପତରିଆର ମୃତଦେହ ଉଦ୍ଧାର କରିଛି। ମୃତଦେହ ଜବତ ପରେ ବନ ବିଭାଗ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଧମତରୀ ଜିଲ୍ଲାର ନଗରୀ ଅଞ୍ଚଳ କର୍ଗାଘାଟି ଗାଁରେ ଗତକାଲି ରାତି ପ୍ରାୟ ଗୋଟାଏ ବେଳେ ଅଞ୍ଜୋର ସିଂହଙ୍କ ଘରେ ହଠାତ୍ ଏକ କଲରାପତରିଆ ପଶିଯାଇଥିଲା। ଘରେ ବାଘକୁ ଦେଖି ପରିବାର ଲୋକେ ଭୟଭୀତ ହୋଇ ବାହାରକୁ ଦୌଡ଼ିଥିଲେ। ଏହି ସମୟରେ କଲରାପତରିଆ ବାଘଟି ଆକ୍ରମଣ କରିବାରୁ ଘର ଭିତରେ ଆତଙ୍କ ଖେଳିଯାଇଥିଲା। ପରିବାର ଲୋକଙ୍କ ଚିତ୍କାର ଶୁଣି ପଡ଼ୋଶୀ ଦୁଇ ଜଣ ସହାୟତା ପାଇଁ ପହଞ୍ଚିଥିଲେ। ସେମାନେ କଲରାପତରିଆ ବାହାରିଯାଇଥିବା ଭାବି ଘର ଭିତରକୁ ପଶିଥିଲେ। କିନ୍ତୁ କଲରାପତରିଆ ସେଠାରେ ହିଁ ଲୁଚି ରହିଥିଲା। ହଠାତ୍ ସେ ଉଭୟଙ୍କୁ ଆକ୍ରମଣ କରିଥିଲା। ଦୀର୍ଘ ସମୟ ଧରି ମଣିଷ ଓ ବାଘ ମଧ୍ୟରେ ଚାଲିଥିଲା ସଂଘର୍ଷ। ଏଥିରେ ଦୁଇ ଜଣ ଗ୍ରାମବାସୀ ଆହତ ହୋଇଥିଲେ। କିନ୍ତୁ ସଂଘର୍ଷରେ ବାଘର ମୃତ୍ୟୁ ଘଟିଥିଲା। ଆହତ ଦୁଇ ଜଣଙ୍କୁ ତୁରନ୍ତ ନଗରୀ ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କର ଚିକିତ୍ସା ଚାଲିଛି। ରବିବାର ସକାଳେ ବନ ବିଭାଗର ଟିମ୍ ପହଞ୍ଚି କଲରାପତରିଆକୁ ମୃତାବସ୍ଥାରେ ଉଦ୍ଧାର କରିଥିଲେ। ପ୍ରାଥମିକ ତଦନ୍ତରୁ ମଣିଷ ଓ କଲରାପତରିଆ ମଧ୍ୟରେ ହୋଇଥିବା ସଂଘର୍ଷରେ ବାଘର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି।

ଆହତମାନଙ୍କୁ ବନ ବିଭାଗ ପକ୍ଷରୁ ନିୟମ ଅନୁଯାୟୀ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କଲରାପତରିଆ ବାଘ ମୃତ୍ୟୁର ପ୍ରକୃତ କାରଣ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ।

# ନିୟମ ଉଲ୍ଲଙ୍ଘନକାରୀଙ୍କୁ ଧରିବ ଏଆଇ କ୍ୟାମେରା

ଭୁବନେଶ୍ୱର,୩।୧୭ (ସଂଚାର ବ୍ୟୁରୋ) : ଜାତୀୟ ଓ ରାଜ୍ୟ ରାଜପଥରେ ଯାତାୟାତ ବ୍ୟବସ୍ଥାକୁ ଅଧିକ ସୁରକ୍ଷିତ ଏବଂ ସ୍ୱଚ୍ଛ କରିବା ପାଇଁ ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି) ଆଧାରିତ ଇ-ଚାଲାଣ ସିଷ୍ଟମ ଓଡ଼ିଶାର କାର୍ଯ୍ୟକ୍ଷମ କରାଯାଉଛି। ଏହି ଆଧୁନିକ ବ୍ୟବସ୍ଥା ମାଧ୍ୟମରେ ଟ୍ରାଫିକ୍ ନିୟମ ଉଲ୍ଲଂଘନକୁ ସ୍ୱୟଂଚାଳିତ ଭାବେ ଚିହ୍ନଟ କରି ତୁରନ୍ତ ଇ-ଚାଲାଣ ଜାରି କରାଯିବ।

ରାଜପଥରେ ସ୍ଥାପିତ ହାଇ-ରେଜୋଲ୍ୟୁସନ୍ ଏଆଇ କ୍ୟାମେରା ଗାଡ଼ିର ନମ୍ବର ପ୍ଲେଟ୍କୁ ସ୍ୱୟଂଚାଳିତ ଭାବେ ପଢ଼ିପାରିବ। ସେହିପରି ଗାଡ଼ିର ଗତିସୀମା, ଲେନ୍ ବ୍ୟବହାର ଓ ଅନ୍ୟାନ୍ୟ ଟ୍ରାଫିକ୍ ନିୟମ ପାଳନ ଉପରେ ମଧ୍ୟ ନଜର ରଖିବ।




ନିୟମ ଉଲ୍ଲଂଘନ ହେଲେ ସମ୍ପୂର୍ଣ୍ଣ ତଥ୍ୟ ସ୍ୱୟଂଚାଳିତ ଭାବେ କେନ୍ଦ୍ରୀୟ ସର୍ଭରକୁ ପଠାଯିବ ଏବଂ ସେହି ଆଧାରରେ ଇ-ଚାଲାଣ ପ୍ରସ୍ତୁତ ହେବ।

ଏହି ସିଷ୍ଟମ ମାଧ୍ୟମରେ ଅତ୍ୟଧିକ ବେଗରେ ଗାଡ଼ି ଚଳାଇବା, ହେଲମେଟ୍ ବିନା ବାଇକ୍ ଚଳାଇବା, ସିଟ୍ ବେଲ୍ଟ ନ ପିନ୍ଧିବା, ମୋବାଇଲ୍ ଫୋନ୍ ବ୍ୟବହାର କରି ଡ୍ରାଇଭିଂ କରିବା, ରେଡ୍ ସିଗ୍ନାଲ୍ ଉଲ୍ଲଂଘନ ଏବଂ ଭୁଲ୍ ଲେନ୍ରେ ଯାତାୟାତ ଭଳି ବିଭିନ୍ନ ଟ୍ରାଫିକ୍ ନିୟମ ଅବମାନନାକୁ ସହଜରେ ଚିହ୍ନଟ କରାଯିବ। ନିୟମ ଭଙ୍ଗ କରିଥିବା ଗାଡ଼ିର ମାଲିକଙ୍କ ନାମରେ ଇ-ଚାଲାଣ ଜାରି ହେବ ଏବଂ ଏସ୍ଏମ୍ଏସ୍ କିମ୍ବା ଅନଲାଇନ୍ ପୋର୍ଟାଲ୍ ମାଧ୍ୟମରେ ଏହାର ସୂଚନା ମିଳିବ।

### ଘରେ ପହଞ୍ଚିବ ଚାଲାଣ

ଏଆଇ ଆଧାରିତ ଏହି ବ୍ୟବସ୍ଥାର ସବୁଠାରୁ ବଡ଼ ସୁବିଧା ହେଉଛି ଏହା ୨୪ ଘଣ୍ଟା ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିପାରିବ। ଏଥିରେ ମାନବୀୟ ତ୍ରୁଟି ଓ ହସ୍ତକ୍ଷେପ କମିବା ସହ ପ୍ରମାଣ ଆଧାରିତ ଚାଲାଣ ବ୍ୟବସ୍ଥା ଅଧିକ ସ୍ୱଚ୍ଛ ହେବ। ଏହା ଟ୍ରାଫିକ୍ ପରିଚାଳନାକୁ ମଧ୍ୟ ଅଧିକ ଦକ୍ଷ ଏବଂ ପ୍ରଭାବଶାଳୀ କରିବ।

ସଡ଼କ ଦୁର୍ଘଟଣା ହ୍ରାସ କରିବା, ବେପରୁଆ ଡ୍ରାଇଭିଂକୁ ରୋକିବା ଏବଂ ଲୋକଙ୍କ ମଧ୍ୟରେ ଟ୍ରାଫିକ୍ ନିୟମ ପ୍ରତି ସଚେତନତା ବଢ଼ାଇବା ଏହି ନୂଆ ବ୍ୟବସ୍ଥାର ମୂଳ ଲକ୍ଷ୍ୟ। ଗାଡ଼ି ଚାଳକମାନେ ହେଲମେଟ୍, ସିଟ୍ ବେଲ୍ଟ ଓ ଅନ୍ୟାନ୍ୟ ସୁରକ୍ଷା ନିୟମକୁ ପାଳନ କରିବା ସହ ନିର୍ଦ୍ଧାରିତ ଗତିସୀମା ମଧ୍ୟରେ ଗାଡ଼ି ଚଳାଇଲେ କେବଳ ଇ-ଚାଲାଣରୁ ନୁହେଁ, ବରଂ ସଡ଼କ ଦୁର୍ଘଟଣାରୁ ମଧ୍ୟ ସୁରକ୍ଷିତ ରହିପାରିବେ।

ଏଆଇ ଆଧାରିତ ଇ-ଚାଲାଣ ସିଷ୍ଟମ ଓଡ଼ିଶାର ସ୍ମାର୍ଟ ଟ୍ରାଫିକ୍ ପରିଚାଳନା ଦିଗରେ ଏକ ବଡ଼ ପଦକ୍ଷେପ। ଏହା କେବଳ ଜରିମାନା ଆଦାୟ ପାଇଁ ନୁହେଁ, ବରଂ ଶୃଙ୍ଖଳିତ, ସୁରକ୍ଷିତ ଏବଂ ଦୁର୍ଘଟଣାମୁକ୍ତ ସଡ଼କ ବ୍ୟବସ୍ଥା ଗଠନ କରିବାରେ ଏକ ସହାୟକ ପଦକ୍ଷେପ ଅଟେ।

## ବନ୍ଧୁତ୍ୱ ଦିବସରେ ଚାରା ରୋପଣ



ଭୁବନେଶ୍ୱର,୨।୮(ସଂଚାର ବ୍ୟୁରୋ): ବନ୍ଧୁତ୍ୱ ଦିବସ ଉପଲକ୍ଷେ 'ଗଛ ହିଁ ବନ୍ଧୁ' ବାର୍ତ୍ତା ଦେଇ ଆଜି ନୂଆପଲ୍ଲୀ ୱାର୍ଡ ନଂ.୩୮ରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ସ୍ଥାନୀୟ ୱାର୍ଡ ୩୮ କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନା, ସାମାଜିକ କର୍ମକର୍ତ୍ତା ସମରେନ୍ଦ୍ର କୁମାର ଜେନା, ନୂଆପଲ୍ଲୀ ଗ୍ରାମ୍ୟ କମିଟି ସମ୍ପାଦକ ନଟବର ସାମନ୍ତରାୟ, ମହେନ୍ଦ୍ର ବଳବନ୍ତରାୟ, ବ୍ରିଟ୍ କଲୋନୀ ସମ୍ପାଦକ ସତ୍ୟ ସାହୁ, ପ୍ରଣତି ମିଶ୍ର, ପୂର୍ଣ୍ଣିମା ରଥ, ସୁଶିଳା ସାହୁ, ପୀତବାସ ରାୟଗୁରୁ ଉପସ୍ଥିତ ଥିଲେ। ଗଛ ହିଁ ପ୍ରକୃତ ବନ୍ଧୁ। ଗଛ ବିନା ଜୀବନ ଦୁର୍ବିସହ। ଏହି କଥାଟି ସମସ୍ତେ ଜାଣନ୍ତି, ସେହି ନାରାରେ ସମସ୍ତ ଜନସାଧାରଣଙ୍କୁ ବାର୍ତ୍ତା ଦେବା ସହ ସଚେତନ କରିବା ପାଇଁ ଏପରି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ନିଆରା ଢଙ୍ଗରେ ବନ୍ଧୁତ୍ୱ ଦିବସ ପାଳିତ



ଭୁବନେଶ୍ୱର,୨।୮(ସଂଚାର ବ୍ୟୁରୋ): ଆଜି ବିଶ୍ୱ ବନ୍ଧୁତ୍ୱ ଦିବସ ପାଳନ ଅବସରରେ ରୋଟାରାକ୍ଟ ଜିଲ୍ଲା ୩୨୬୨ର ଜୋନ-୪ର ସମସ୍ତ ସଦସ୍ୟଙ୍କ ତତ୍ତ୍ୱାବଧାନରେ ଏକ ଅନନ୍ୟ ଢଙ୍ଗରେ ପାଳିତ ହୋଇଛି। ସମସ୍ତ ସଦସ୍ୟ ଏହି ବନ୍ଧୁତ୍ୱ ପର୍ବକୁ ସଫେଇ କର୍ମକର୍ତ୍ତାଙ୍କୁ ଉତ୍ସର୍ଗୀକୃତ କରିବା ହୋଇ ସେମାନଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ସେମାନଙ୍କୁ କିଛି ଶୁଖିଲା ଖାଦ୍ୟ ଓ ରେନ୍କୋଟ୍ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହ ଅନ୍ୟାନ୍ୟ ନାଗରିକମାନଙ୍କୁ ଚାରା ଅର୍ପଣ କରି ଚାରା ରୋପଣ ବିଷୟରେ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତାମାନେ ଶେଷରେ ନିଜ ନିଜ ମନ୍ଧରେ ଫ୍ରେଣ୍ଡସିପ ବ୍ୟାଣ୍ଡ ବାନ୍ଧି ଓ କେକ କାଟି ଏହି ବନ୍ଧୁତା ଦିବସକୁ ସୁଚାରୁ ରୂପେ ପାଳନ କରିଥିଲେ। ଏହି କାର୍ଯ୍ୟକୁ ରୋଟାରାକ୍ଟ ଜିଲ୍ଲା ପ୍ରାନ୍ତପାଳକ ମୁକେଶ ସାମଲ, ଜୋନ-୪ ମୁଖ୍ୟ ବିଶ୍ୱଜିତ୍ ସ୍ୱାଇଁ, ଜିଲ୍ଲା ସମ୍ପାଦକ ସୌରଭ ସାହୁ, କାର୍ଯ୍ୟକ୍ରମ ମୁଖ୍ୟ ଆଶିଷ ସୌଭଲିଆଙ୍କ ସହ ଅନ୍ୟ କାର୍ଯ୍ୟକର୍ତ୍ତା ଶାଶ୍ୱତ ସାହୁ, ଜଗଦୀଶ ସିଥା, ସଚିନ ମେର୍ଲି, ଅନସୂୟା, ତେଜଲ୍, ଭାଗ୍ୟଶ୍ରୀ, ସୋନି, ଅମିତ୍, ଅମିତ୍ ମହାପାତ୍ର, ଅନୁଜ ଦାସ ଓ ତିଲୋତ୍ତମା ଯୋଗଦାନ ଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଲୁଗା ବ୍ୟବସାୟୀଙ୍କ ଘରୁ ଲୁଟ୍ ଘଟଣା: ଆଇଆଇସିଙ୍କ ତଦନ୍ତ

ଦାରିଙ୍ଗବାଡ଼ି,୨।୮(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି ଥାନା ଦାରିଙ୍ଗବାଡ଼ି ବଜାରର ଲୁଗା ବ୍ୟବସାୟୀ ଅଶୋକ କୁମାର ସାହୁଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟ୍ ଘଟଣାରେ ଦାରିଙ୍ଗବାଡ଼ି ପୁଲିସ ତଦନ୍ତକୁ ତ୍ୱରାନ୍ୱିତ କରିଛି। ଲୁଟ୍ ଖବର ପାଇବା ପରେ ଆଇଆଇସି ସଂଗ୍ରାମ କେଶରୀ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ଆଇ ଅର୍ଜୁନ ଶବର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ବଡ଼ ଧରଣର ଲୁଟ୍ ହୋଇଥିବା ବେଳେ ପୁଲିସ ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ତଦନ୍ତକୁ ତ୍ୱରାନ୍ୱିତ କରିଛି। ଆଜି ମଧ୍ୟାହ୍ନରେ ଦାରିଙ୍ଗବାଡ଼ି ଆଇଆଇସି ସଂଗ୍ରାମ କେଶରୀ ଜେନା, ସବ୍ଇନ୍ସପେକ୍ଟର ଲକ୍ଷ୍ମୀ ମାଝୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତନ୍ନତନ୍ନ କରି ଯାଞ୍ଚ କରିଛନ୍ତି। ବ୍ୟବସାୟୀ ଶ୍ରୀ ସାହୁଙ୍କୁ ଚୋରି ସମ୍ପର୍କରେ ବିଶଦ ପଚରାଉଚରା କରିଛନ୍ତି। ସମସ୍ତ ରୁମ୍ ଓ ଦୁର୍ବୃତ୍ତ ଭାଙ୍ଗିଥିବା ଆଲମିରା ଓ କବାଟ ଆଦିକୁ ଯାଞ୍ଚ କରାଯାଇଛି। କିଭଳି ଓ କେଉଁ ସମୟରେ ଏହି ଲୁଟ୍ ହୋଇଛି, ଏଥିରେ କେଉଁ ଦୁର୍ବୃତ୍ତମାନେ ସମ୍ପୃକ୍ତ ଅଛନ୍ତି, ସେ ସମ୍ପର୍କରେ ଜାଣିବା ସକାଶେ ପୁଲିସ ବିଭିନ୍ନ ସ୍ଥାନରୁ ତଥ୍ୟ ସଂଗ୍ରହ କରୁଛି।

■ ମନମୁଣ୍ଡା ପୁଲିସକୁ ସଫଳତା

## ୯ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ

ବୌଦ୍ଧ,୨।୮(ସଂଚାର ବ୍ୟୁରୋ): ବୌଦ୍ଧ ମନମୁଣ୍ଡା ପୁଲିସକୁ ମିଳିଛି ବଡ଼ ସଫଳତା। ଚଢ଼ାଉ କରି ବିପୁଳ ପରିମାଣ ଗଞ୍ଜେଇ ଜବତ କରିଛି ମନମୁଣ୍ଡା ପୁଲିସ। ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅନ୍ତର୍ଗତ ସିଗାଡ଼ି ଜଙ୍ଗଲରେ ୧୮ଟି ବସ୍ତାରୁ ପ୍ରାୟ ୯ କ୍ୱିଣ୍ଟାଲ ଓଜନର ଗଞ୍ଜେଇ ଜବତ ହୋଇଛି। ତେବେ ଏହି ମାମଲାରେ ସମ୍ପୃକ୍ତ ଥିବା ମାଫିଆ ଫେରାର ହୋଇଯାଇଛନ୍ତି। ତେବେ କିଏ କେଉଁଠୁ ଏତେ ପରିମାଣ ଗଞ୍ଜେଇ ଆଣି ଲୁଚାଇ ରଖିଥିଲା? ଗଞ୍ଜେଇକୁ କେଉଁ ଜାଗାକୁ ଚାଲାଣ କରାଯାଇଥାନ୍ତା, ତାହା ଜାଣିବା ସକାଶେ ପୁଲିସ ଛାନ୍ଭିନ୍ ଆରମ୍ଭ କରିଛି। ମିଳିଥିବା ସୂଚନାନୁଯାୟୀ, ଗତକାଲି ଏସଆଇ ନରସିଂହ ମହାପାତ୍ର ଓ ଷ୍ଟାଫ୍ ପାଟ୍ରୋଲିଂ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଲେ ଯେ ସିଗାଡି ଗ୍ରାମ ଜଙ୍ଗଲ ନିକଟରେ ଗୋଟିଏ ବୁଦାମୂଳରେ କିଛି ଅଜଣା ଲୋକ ଗଞ୍ଜେଇ ବିକ୍ରି କରିବା ନିମନ୍ତେ ଗଚ୍ଛିତ କରି ରଖିଛନ୍ତି। ଏହି ଖବରକୁ ଭିତ୍ତି କରି ସେମାନେ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। କିନ୍ତୁ ସେତେବେଳକୁ ସେଠାରେ କେହି ବି ନଥିଲେ। କିନ୍ତୁ ବୁଦାମୂଳରେ କିଛି ଜରି ବସ୍ତା ଗଚ୍ଛିତ କରି ରଖିଥିଲେ। ସେଠାରେ ଖୋଜାଖୋଜି କରିବାରୁ ୧୮ଟି ଜରି ବସ୍ତା ମିଳିଥିଲା। ସେଥିରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ବେଳେ ତାହାକୁ ମାଜିଷ୍ଟ୍ରେଟ ଓ ସାକ୍ଷୀଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା। ଗଞ୍ଜେଇ ବସ୍ତାର ଓଜନ ପ୍ରାୟ ୯ କୁଇଣ୍ଟାଲ ୪ କିଗ୍ରା ୧୪୦ ଗ୍ରାମ ହୋଇଥିଲା। ଏନେଇ ମନମୁଣ୍ଡା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୋସିଆଲ ମିଡିଆରେ ମୁଖ୍ୟମନ୍ତ୍ରୀଙ୍କୁ ଅଶାଳୀନ ମନ୍ତବ୍ୟ

## ବନ୍ଧାହେଲେ ଯୁବକ, ମୋବାଇଲ୍ ଜବତ

ହାଟଡିହି,୨।୮(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ସୋସିଆଲ ମିଡିଆରେ ଅଶାଳୀନ ମନ୍ତବ୍ୟ ଦେଇଥିବା ଯୁବକଙ୍କୁ କେନ୍ଦୁଝର ଜିଲ୍ଲା ନନ୍ଦୀପଦା ଥାନାଧିକାରୀ ତଥା ତଦନ୍ତକାରୀ ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି ୪୮ ଘଣ୍ଟା ନ ପୂରୁଣୁ ଆଜି ଗିରଫ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ନିଜ ଗ୍ରାମରେ ଲୁଚିଥିବା ବେଳେ ଯାନ୍ତ୍ରିକ ପଦ୍ଧତି ସହାୟତାରେ ତାଙ୍କୁ ଗିରଫ କରାଯାଇଛି। ଏଥିସହ ଅଭିଯୁକ୍ତଠାରୁ ଗୋଟିଏ ମୋବାଇଲ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ଜଣଙ୍କ କଳିଙ୍ଗା ପଞ୍ଚାୟତ ଇଚ୍ଛାପୁର ଗ୍ରାମର ସୁବାସ ଦାସଙ୍କ ପୁଅ ସୁଶାନ୍ତ (୨୮) ବୋଲି ଜଣାପଡ଼ିଛି।



ମିଳିଥିବା ସୂଚନାନୁସାରେ, ସୁଶାନ୍ତ ନିଜ ଫେସ୍ବୁକ୍ ଆଇଡି 'ଦାସ କୁମାର ଦାସ ସୁଶାନ୍ତ'ରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ପ୍ରତି ସାଙ୍ଘାତିକ ଅଶାଳୀନ ମନ୍ତବ୍ୟ ଲେଖି ଭିଡିଓ ପୋଷ୍ଟ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ନିଜ ଜିଲ୍ଲାରେ ଚକ୍ରାନ୍ତ କରି ବଦନାମ ଉଦ୍ୟମ କରାଯାଉଥିବାରୁ ଆନନ୍ଦପୁର ବିଧାନସଭା କ୍ଷେତ୍ରର ବିଜେପି କର୍ମୀ ଓ ନେତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସୋସିଆଲ ମିଡିଆରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟକୁ ନେଇ କଳିଙ୍ଗା ଗ୍ରାମର କହ୍ନେଇ ଚରଣ ଦାସ ନନ୍ଦୀପଦା ଥାନାରେ ଗତ ୩୧ ତାରିଖରେ ଏକ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପୁଲିସ ୩୧୪/୨୦୨୬ ନମ୍ବରରେ ମାମଲା ରୁଜୁ କରିଥିଲା। ଏଥିସହ ଅଭିଯୋଗକାରୀ କହ୍ନେଇ ଫେସ୍ବୁକ୍ରେ ପୋଷ୍ଟ ହୋଇଥିବା ଭିଡିଓର ରେକର୍ଡ ଥାନାଧିକାରୀଙ୍କୁ ପ୍ରଦାନ କରିଥିଲେ। ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି ଯେ ଅଭିଯୁକ୍ତ ସୁଶାନ୍ତଙ୍କୁ ରବିବାର ଗିରଫ କରାଯାଇଛି।

● ବନ୍ୟାଞ୍ଚଳରେ ରିଲିଫ ତଦାରଖ ପାଇଁ ମନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରସଙ୍ଗ

## ବିଳମ୍ବରେ ବନ୍ୟାସ୍ଥିତି ଅନୁଭବ କଲେ ସରକାର: ବିଜେଡି

ଭୁବନେଶ୍ୱର,୨।୮(ସଂଚାର ବ୍ୟୁରୋ): ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ରିଲିଫ ପ୍ରଦାନ କାମକୁ ତଦାରଖ କରିବା ଲାଗି ରାଜ୍ୟ ସରକାର ମନ୍ତ୍ରୀମାନଙ୍କୁ ଦାୟିତ୍ୱ ଦେଇଛନ୍ତି। ବନ୍ୟା ପରିସ୍ଥିତି

### ପ୍ରଶାସନିକ ତତ୍ପରତା ଥିଲେ ୭ ମୃତ୍ୟୁ ଘଟି ନ ଥାନ୍ତା

ଗୁରୁତର ହୋଇଛି ରାଜ୍ୟ ସରକାର ବିଳମ୍ବରେ ଅନୁଭବ କରିଛନ୍ତି ବୋଲି ବିଜେଡି କହିଛି। ବନ୍ୟା ପରିସ୍ଥିତି ସଙ୍ଗୀନ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଜେପିର ବରିଷ୍ଠ ନେତାମାନେ ଦିଲ୍ଲୀରେ ରହିଥିଲେ। ଯାହା ଫଳରେ ବନ୍ୟା ପ୍ରଭାବିତ ଲୋକଙ୍କୁ ସହଯୋଗ କରିବା ପାଇଁ ପ୍ରଶାସନିକ ତତ୍ପରତା ଦେଖାଯାଇ ନ ଥିଲା।



ଦଳ ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତ୍ତିରେ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଲଗାଣ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସଙ୍ଗୀନ ହୋଇଥିବା ନେଇ ବିଜେଡି ପକ୍ଷରୁ ବାରମ୍ବାର କୁହାଯାଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ତତ୍ପରତା ଦେଖିବାକୁ ମିଳି ନ ଥିଲା। ଏହି କାରଣରୁ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବନ୍ୟାର ପ୍ରକୋପରେ ୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୩୮୦ ଗୃହପାଳିତ ପଶୁ ମୃତ୍ୟୁବରଣ କରିଥିଲେ ଓ ହଜାର ହଜାର ଏକର ଚାଷ ଜମି ଜଳମଗ୍ନ ହୋଇଥିଲା। ବନ୍ୟାରେ ରାଜ୍ୟର ବିଭିନ୍ନ ଅଞ୍ଚଳ ଉବୁଟୁବୁ ହେଉଥିବା ବେଳେ ମୁଖ୍ୟମନ୍ତ୍ରୀ ଓ ବିଜେପିର ବରିଷ୍ଠ ନେତାମାନେ ଦିଲ୍ଲୀରେ ଥିଲେ। ମୁଖ୍ୟମନ୍ତ୍ରୀ ଦିଲ୍ଲୀରୁ ଫେରିବା ପରେ ବନ୍ୟା ସ୍ଥିତି ସଙ୍ଗୀନ ଥିବା ଅନୁଭବ କରି ସେ କିଛି ମନ୍ତ୍ରୀମାନଙ୍କୁ ବନ୍ୟାଞ୍ଚଳଗୁଡ଼ିକରେ ତଦାରଖ ପାଇଁ ଦାୟିତ୍ୱ ଦେଇଛନ୍ତି। ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଯେ ପୂର୍ବରୁ ପ୍ରଶାସନିକ ତତ୍ପରତା ଦେଖାଇଥିଲେ, ବନ୍ୟାରେ ୭ ଜଣ ଲୋକ ମୃତ୍ୟୁ ବରଣ କରି ନ ଥାନ୍ତେ। ବନ୍ୟା ପରିସ୍ଥିତିରେ ଲୋକଙ୍କ ସହ ଛିଡ଼ା ନ ହୋଇ ଦିଲ୍ଲୀରେ ରହିବା କେତେଦୂର ଯୁକ୍ତିଯୁକ୍ତ ବୋଲି ଡ. ମହାନ୍ତି ପ୍ରଶ୍ନ କରିଛନ୍ତି।

## ସ୍ୱାଧୀନତା ଦିବସ ଉପଲକ୍ଷେ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା




କେନ୍ଦୁଝର,୨।୮(ସଂଚାର ବ୍ୟୁରୋ): ଆଗାମୀ ସ୍ୱାଧୀନତା ଦିବସ ଅବସରରେ ଆଞ୍ଚଳିକ ବିଦ୍ୟାଳୟଗୁଡ଼ିକର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ପ୍ରତି ଆଗ୍ରହ ସୃଷ୍ଟି କରିବା ଓ ଆଗାମୀ ଦିନର ବଡ଼ ବଡ଼ ପରୀକ୍ଷାର ଢାଞ୍ଚା ସହ ସେମାନଙ୍କୁ ପରିଚିତ କରାଇବା ଉଦ୍ଦେଶ୍ୟରେ ବିଭିନ୍ନ ପ୍ରତିଯୋଗିତା ସ୍ଥାନୀୟ ବ୍ରହ୍ମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, କୁଣ୍ଢେଇଠାରେ ଅନୁଷ୍ଠିତ ହେବ। ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ ଜୁଙ୍ଗା ଗ୍ରାମ ପଞ୍ଚାୟତର ନିତ୍ୟାନନ୍ଦପୁର ଗାଁସ୍ଥିତ ଶାସ୍ତ୍ରୀ ସ୍ମୃତି ପାଠାଗାର ଆନୁକୂଲ୍ୟରେ ଏ୦ଗ୍ର ପ୍ରତିଯୋଗିତାର ଆୟୋଜନ କରାଯାଉଛି। ପ୍ରତି ବର୍ଷ ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ ଅବସରରେ ଏପରି ପ୍ରତିଯୋଗିତା କରାଯାଇଥାଏ। ଆଖପାଖ ଗାଁର କେତେକ ଶିକ୍ଷିତ ଓ ସଚେତନ ନାଗରିକଙ୍କ ଆର୍ଥିକ, ଶାରୀରିକ ଓ ମାନସିକ ସହଯୋଗରେ ଏହା କରାଯାଇଥାଏ। କୃତୀ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପାଠ୍ୟ ଉପକରଣ ପୁରସ୍କାର ଆକାରରେ ଦିଆଯାଇଥାଏ। ଆଗାମୀ ସ୍ୱାଧୀନତା ଦିବସ ଅବସରରେ ପିଲାଙ୍କ ମଧ୍ୟରେ କୁଇଜ୍, ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା କରାଯିବ। କୃତୀ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରକାରର ପାଠ୍ୟ ଉପକରଣ ଓ କପ୍ ପୁରସ୍କାର ଆକାରରେ ଦିଆଯିବ।

■ ପାଟ୍ରୋଲିଂରେ ଯାଉଥିବାବେଳେ ଦୁର୍ଘଟଣା

## ଚାଲିଗଲା କର୍ତ୍ତବ୍ୟରତ କନଷ୍ଟେବଲଙ୍କ ଜୀବନ



ଲାଞ୍ଜିଗଡ଼,୨।୮(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ବିଶ୍ୱନାଥପୁର ଥାନାରେ କାର୍ଯ୍ୟରତ ଜନୈକ କନଷ୍ଟେବଲଙ୍କର ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତ କନଷ୍ଟେବଲ ଜଣଙ୍କ ହେଲେ କେଗାଁ ଥାନା ଅନ୍ତର୍ଗତ ଫଟାମୁଣ୍ଡା ଗ୍ରାମର ଭବାନୀ ଶଙ୍କର ସା (୩୪)।

ମିଳିଥିବା ସୂଚନାନୁସାରେ, ବିଶ୍ୱନାଥପୁର ଥାନାରେ କାର୍ଯ୍ୟରତ କନଷ୍ଟେବଲ ଶ୍ରୀ ସା ଗତକାଲି ରାତିରେ ବାଇକ୍ ଯୋଗେ ପାଟ୍ରୋଲିଂ ପାଇଁ ଯାଉଥିବା ସମୟରେ ବକଟପୁର ନିକଟରେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। କିନ୍ତୁ ଡାକ୍ତରଖାନାରେ ଚିକିତ୍ସା ପରେ ଡାକ୍ତର ଭବାନୀଙ୍କୁ ମୃତ ଘୋଷଣା କରିଥିଲେ ଓ ଏନେଇ ବିଶ୍ୱନାଥପୁର ଥାନା ପୁଲିସକୁ ଖବର ମଧ୍ୟ ଦେଇଥିଲେ। ଖବର ପାଇ ବିଶ୍ୱନାଥପୁର ଥାନାଧିକାରୀ କଳ୍ପନା ବେହେରା ଡାକ୍ତରଖାନାରେ ପହଞ୍ଚି ମୃତଦେହ ଦେଖିବା ପରେ ମୃତଦେହଟି ବିଶ୍ୱନାଥପୁର ଥାନାର କନଷ୍ଟେବଲ ଶ୍ରୀ ସା'ଙ୍କର ବୋଲି ସ୍ପଷ୍ଟ କରିଥିଲେ। ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶ୍ରୀ ସା'ଙ୍କ ସମ୍ପର୍କରେ ଥାନାଧିକାରୀ ଶ୍ରୀମତୀ ବେହେରା କହିଛନ୍ତି ଯେ ସେ ପୁରୀରୁ ରଥଯାତ୍ରା ଡ୍ୟୁଟି ସାରି ଫେରିଥିଲେ। ଗତକାଲି ରାତିରେ ବାଇକ୍ ପାଟ୍ରୋଲିଂ ପାଇଁ ଯିବା ବେଳେ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏନେଇ ବିଶ୍ୱନାଥପୁର ଥାନାରେ ୬୨/୨୬ ନମ୍ବରରେ ଏକ ମାମଲା ରୁଜୁ କରିଛି।

● ସିଇଓ କନକ୍ଲେଭ୍ ଏକ୍ସଲେନ୍ସ ଆୱାର୍ଡ ୨୦୨୬

## ଆକ୍ୱାପଲ୍ସର ଅଭିଷେକ ଦ୍ୱିବେଦୀ 'ବର୍ଷର ଶ୍ରେଷ୍ଠ ସିଇଓ'

ଭୁବନେଶ୍ୱର,୨।୮(ସଂଚାର ବ୍ୟୁରୋ): ଓଡ଼ିଶା-ଭିତ୍ତିକ ସମନ୍ୱିତ ଜଳକୃଷି ଓ ସାମୁଦ୍ରିକ ଖାଦ୍ୟ ରପ୍ତାନୀ କମ୍ପାନୀ ଆକ୍ୱାପଲ୍ସର ସହପ୍ରତିଷ୍ଠାତା, ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଅଭିଷେକ ଦ୍ୱିବେଦୀ 'ସିଇଓ କନକ୍ଲେଭ୍ ଏକ୍ସିଲେନ୍ସ ଆୱାର୍ଡ ୨୦୨୬'ରେ 'ବର୍ଷର ଶ୍ରେଷ୍ଠ ସିଇଓ' ଭାବେ ସମ୍ମାନିତ ହୋଇଛନ୍ତି। ଏହି ପୁରସ୍କାର ସ୍ଥାନୀୟ ସ୍ୱସ୍ତି ପ୍ରିମିୟମ୍ ହୋଟେଲରେ ଦ୍ୱିତୀୟ ଜାତୀୟ ସିଇଓ କନକ୍ଲେଭ୍ରେ ପ୍ରଦାନ କରାଯାଇଛି, ଯାହା 'ଇନସ୍ପାୟାରିଂ ଦି ନେସନ୍' ପ୍ରସଙ୍ଗରେ ଆୟୋଜିତ ହୋଇଥିଲା। ଦ୍ୱିବେଦୀଙ୍କ ନେତୃତ୍ୱରେ ଆକ୍ୱାପଲ୍ସ ଏକ 'ପୋଖରୀରୁ ବନ୍ଦର' ମଡେଲର ପଥ ପ୍ରଦର୍ଶନ କରିଛି। ଏକ ସମନ୍ୱିତ ବ୍ୟବସ୍ଥା ଯାହା ଉପକୂଳ ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗର କ୍ଷୁଦ୍ର ଚିଙ୍ଗୁଡ଼ି ଚାଷୀମାନଙ୍କୁ ବିଶ୍ୱ ସାମୁଦ୍ରିକ ଖାଦ୍ୟ ବଜାର ସହ ଯୋଡ଼ିଛି ଓ ଏହା ଏକ ସ୍ୱତନ୍ତ୍ର ପ୍ରଯୁକ୍ତି ଓ ପଥ-ନିର୍ଣ୍ଣୟ (ଟ୍ରେସେବିଲିଟି) ବ୍ୟବସ୍ଥା ଉପରେ ଆଧାରିତ। ପ୍ରଯୁକ୍ତିଚାଳିତ, ଚାଷୀ-କୈନ୍ଦ୍ରିକ ଉଦ୍ୟୋଗ ପାଇଁ



ତାଙ୍କ ଦୂରଦୃଷ୍ଟି ଏହି ଅଞ୍ଚଳକୁ ଜାତୀୟ ନୀଳ ଅର୍ଥନୀତି ମାନଚିତ୍ରରେ ସ୍ଥାନିତ କରିଛି ଓ ତାଙ୍କୁ ଦେଶର ଉଦୀୟମାନ ବ୍ୟବସାୟୀ ନେତାଙ୍କ ମଧ୍ୟରେ ସ୍ୱୀକୃତି ଦେଇଛି।

ଏହି ସ୍ୱୀକୃତି ଆମ ଚାଷୀ ଓ ଆମ ଦଳର ଏକ ବ୍ରାଣ୍ଡ ବୋର୍ଡରୁମ୍ରେ ତିଆରି ହୁଏ ନାହିଁ, ଏହା ଭୋର ୫ଟାରେ ପୋଖରୀ କୂଳରେ ତିଆରି ହୁଏ, ଯେଉଁଠାରେ ଜଣେ ଚାଷୀଙ୍କ ଅନୁଶାସନ ଫସଲର ଭାଗ୍ୟ ନିର୍ଣ୍ଣୟ କରେ। ଓଡ଼ିଶାର ଜଳକୃଷି କାହାଣୀକୁ ଜାତୀୟ ମଞ୍ଚକୁ ନେଇଯିବାରେ ଆମେ ଗର୍ବିତ ବୋଲି ଶ୍ରୀ ଦ୍ୱିବେଦୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଆକ୍ୱାପଲ୍ସର ମଡେଲ ଦାୟିତ୍ୱପୂର୍ଣ୍ଣ ଚାଷ ସହ ଏକ ଡିଜିଟାଲ୍ ସ୍ତରକୁ ମିଶାଏ, ଯାହା ସମ୍ପୂର୍ଣ୍ଣ ମୂଲ୍ୟ-ଶୃଙ୍ଖଳାରେ ବ୍ୟାପିଥାଏ। ପୋଖରୀରେ ଏଆଇସହାୟତାପ୍ରାପ୍ତ ଜଳ-ଗୁଣବତ୍ତା ମନିଟରିଂ ଓ ସ୍ମାର୍ଟ ଖାଦ୍ୟ ପ୍ରଦାନଠାରୁ ଆରମ୍ଭ କରି ରୋଗର ପୂର୍ବ-ସତର୍କତା, ଗୁଣବତ୍ତା ପରୀକ୍ଷଣ ଓ ରପ୍ତାନୀ ସମୟରେ 'ଫାର୍ମ-ଟୁ-ମାର୍କେଟ୍' ପଥ-ନିର୍ଣ୍ଣୟ ପର୍ଯ୍ୟନ୍ତ କମ୍ପାନୀର ଏମ୍ପିଇଡିଏ ରପ୍ତାନୀ ଅନୁମୋଦନ ରହିଛି। ଏହା ଏକ ଇଆଇଏ-ପଞ୍ଜୀକୃତ ପ୍ରକ୍ରିୟାକରଣ କାରଖାନା ପରିଚାଳନା କରେ ଓ ଭାରତ ସରକାରଙ୍କ ଷ୍ଟାର୍ଟଅପ ଇଣ୍ଡିଆ ଓ ଡିପିଆଇଆଇଟି କାର୍ଯ୍ୟକ୍ରମ ମଧ୍ୟରେ ସ୍ୱୀକୃତିପ୍ରାପ୍ତ। 'ସିଇଓ କନକ୍ଲେଭ୍ ଏକ୍ସଲେନ୍ସ ଆୱାର୍ଡ' ବିଭିନ୍ନ କ୍ଷେତ୍ରରେ ନବସୃଜନ ଓ ପ୍ରେରଣା ଆଣୁଥିବା ନେତାମାନଙ୍କୁ ସମ୍ମାନିତ କରେ। ଦ୍ୱିବେଦୀଙ୍କ ଏହି ସ୍ୱୀକୃତି ଭାରତର ନୀଳ ଅର୍ଥନୀତିରେ ପ୍ରଯୁକ୍ତି-ଚାଳିତ, ଉଦ୍ଦେଶ୍ୟ-ପ୍ରେରିତ ନେତୃତ୍ୱର ବଢ଼ୁଥିବା ଭୂମିକାକୁ ଦର୍ଶାଏ।

# ଫ୍ଲେକ୍ସ ବ୍ୟାନର୍ କଟକଣା, କାର୍ଯ୍ୟକାରୀ ହେଉନି

ଭୁବନେଶ୍ୱର,୨।୮: ପରିବେଶ ପ୍ରଦୂଷଣ ରୋକିବା ପାଇଁ ଫ୍ଲେକ୍ସ ବ୍ୟାନର୍ ଓ ବିଜ୍ଞାପନ ସାମଗ୍ରୀ ଉପରେ କଟକଣା ଜାରି କରି ନଗର ଉନ୍ନୟନ ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପୌର ସଂସ୍ଥା ଓ ଜିଲ୍ଲା ପ୍ରଶାସନଗୁଡ଼ିକୁ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ତାହାର ଖୋଲା ଉଲ୍ଲଂଘନ ହେଉଥିବା ଘେନି ବହୁ ପରିବେଶ ପ୍ରେମୀ ଅଭିଯୋଗ କରୁଛନ୍ତି।

ଗଣମାଧ୍ୟମରେ ପ୍ରକାଶିତ ତଥ୍ୟ ମୁତାବକ ସରକାରୀ କାର୍ଯ୍ୟକ୍ରମ, ଉତ୍ସବ ଓ ପର୍ବପର୍ବାଣୀ ଆଦିରେ ଫ୍ଲେକ୍ସ ବ୍ୟାନର୍ ବ୍ୟବହାରକୁ ନଗର ଉନ୍ନୟନ ବିଭାଗ ବାରଣ କରିବା ସହିତ ଏ ସଂକ୍ରାନ୍ତରେ ରାଜ୍ୟର ସମସ୍ତ ପୌରପାଳିକା, ମହାନଗର ନିଗମ ଓ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏ ସଂକ୍ରାନ୍ତୀୟ ଖବର ଗତ ଜୁଲାଇ ମାସ ଶେଷ ସପ୍ତାହରେ ସରକାରଙ୍କ ପକ୍ଷରୁ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ କରାଯାଇଛି। ତେବେ ରାଜଧାନୀ




ଭୁବନେଶ୍ୱର ସମେତ କଟକ ଓ ଗଞ୍ଜାମ ଜିଲ୍ଲାରେ ଏବେ ଖୋଲାଖୋଲି ଭାବେ ରାସ୍ତାକଡ଼ରେ ମାଳମାଳ ଫ୍ଲେକ୍ସ ବ୍ୟାନର୍ ଲାଗିଛି।

ଏଠାରେ ଉଲ୍ଲେଖନୀୟ ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଓଡ଼ିଶା ଗସ୍ତ ସମୟରେ ରାଜଧାନୀ ଭୁବନେଶ୍ୱରରୁ ସଡ଼କ ପଥରେ କଟକ ଜିଲ୍ଲାର ବାଆଁରା ଏବଂ ଅନ୍ୟ ଏକ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ଗସ୍ତ କରିବାର ରହିଛି। ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ରାଜଧାନୀ ସାରା ବଡ଼ ବଡ଼ ଫ୍ଲେକ୍ସ ଓ ହୋର୍ଡିଂମାନ ଲାଗିଛି। ଯେଉଁଥିରେ ରାଷ୍ଟ୍ରପତି, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ରଙ୍ଗିନ ଫଟୋମାନ ସ୍ଥାନ ପାଇଛି। ତେବେ ଏହି ଫ୍ଲେକ୍ସ ବ୍ୟାନର୍ଗୁଡ଼ିକ ରାଜ୍ୟ ସରକାର ଲଗାଇ ନାହାନ୍ତି, ତାହା ଏକ ବେସରକାରୀ ସଂସ୍ଥା ଲଗାଇଛନ୍ତି ବୋଲି କୁହାଯାଉଛି। ସେହିପରି ରାଷ୍ଟ୍ରପତିଙ୍କ ଗଞ୍ଜାମ ଜିଲ୍ଲା ଗସ୍ତକୁ ଆଖି ଆଗରେ ରଖି ମଧ୍ୟ ବ୍ୟାପକ ସଂଖ୍ୟକ ଫ୍ଲେକ୍ସ ଲାଗିଥିବା ଦେଖାଯାଉଛି।

ଏଠାରେ ଉଲ୍ଲେଖନୀୟ ଯେ ଫ୍ଲେକ୍ସ ବ୍ୟାନର୍ ଉପରେ ନଗର ଉନ୍ନୟନ ବିଭାଗ ଯେଉଁ କଟକଣା ଜାରି କରିଛନ୍ତି ତାହା ରାଜ୍ୟର ସମସ୍ତ ମହାନଗର ନିଗମ ଓ ପୌର ସଂସ୍ଥା ପାଇଁ ପ୍ରଯୁଜ୍ୟ। ଅନେକ ସ୍ଥଳରେ ବେପରୁଆ ଭାବେ ଫ୍ଲେକ୍ସ ବ୍ୟାନର୍ ଓ ହୋର୍ଡିଂ ଆଦି ଲଗାଯାଉଥିବାରୁ ତାହା ଯାନବାହନ ଚଳାଚଳ ପାଇଁ ବିପଦ ସୃଷ୍ଟି କରୁଛି। ତେବେ ତଳିଆ କ୍ଷେତ୍ର ଅଧିକାରୀମାନେ ଏହି ଫ୍ଲେକ୍ସ ଓ ହୋର୍ଡିଂ ଆଦିକୁ ହଟାଇବା ପାଇଁ ସାହସ ଜୁଟାଇ ପାରୁନାହାନ୍ତି।

ଫ୍ଲେକ୍ସ ହୋର୍ଡିଂ ଆଦି ଏବେ ଯେଉଁସବୁ ପ୍ଲାଷ୍ଟିକଯୁକ୍ତ ପଦାର୍ଥରେ ତିଆରି ହେଉଛି ତାହା ମାଟିରେ ମିଳାଇଯାଏ ନାହିଁ। ଅନେକ କ୍ଷେତ୍ରରେ ଫ୍ଲେକ୍ସ ବ୍ୟାନର, ହୋର୍ଡିଂ ଆଦି ମାରିବା ପୂର୍ବରୁ ସମ୍ପୃକ୍ତ ପୌର ସଂସ୍ଥା ଓ ଅନ୍ୟ ସରକାରୀ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନିଆଯାଉ ନାହିଁ। ଏମିତିକି କାର୍ଯ୍ୟକ୍ରମ ସରିବା ପରେପରେ ସମ୍ପୃକ୍ତ ସଂସ୍ଥା ମଧ୍ୟ ଫ୍ଲେକ୍ସ ବ୍ୟାନର୍ ଆଦି ବିଜ୍ଞାନସମ୍ମତ ପଦ୍ଧତିରେ ନଷ୍ଟ କରୁନାହାନ୍ତି। ଫଳରେ ସଂଖ୍ୟାଧିକ କ୍ଷେତ୍ରରେ ପୌର ସଂସ୍ଥା ଗୁଡ଼ିକ ନିଜ ଖର୍ଚ୍ଚରେ ଫ୍ଲେକ୍ସ ବ୍ୟାନର୍, ହୋର୍ଡିଂ ଆଦିକୁ ଖୋଲୁଥିଲେ ମଧ୍ୟ ସଂଖ୍ୟାଧିକ କ୍ଷେତ୍ରରେ ବିଜ୍ଞାନ ସମ୍ମତ ପଦ୍ଧତିରେ ଏଗୁଡ଼ିକ ନଷ୍ଟ କରାଯାଉନାହିଁ।

ଫ୍ଲେକ୍ସ ବ୍ୟାନର୍ ଆଦିରେ ପ୍ଲାଷ୍ଟିକ ଓ ଅନ୍ୟ ଅଣଜୈବ ବିଘଟନକାରୀ ସାମଗ୍ରୀ ରହୁଥିବାରୁ ତାହା ମାଟିରେ ମିଳାଉନାହିଁ। କିଛି ମାସ ଧରି ଏଗୁଡ଼ିକ ଖରା-ବର୍ଷାରେ ପଡ଼ିରହିଲେ ଏହି ଫ୍ଲେକ୍ସ ବ୍ୟାନର୍ ଆଦି ଗୁଣ୍ଡ ହୋଇ ମାଟି, ପାଣି ଓ ପବନରେ ମିଶେ। ଏହି ପ୍ଲାଷ୍ଟିକ୍ କଣିକା ମଣିଷ ଓ ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହେବା ସହିତ ଜଳ, ବାୟୁ ଓ ମୃତ୍ତିକା ପ୍ରଦୂଷଣ କରି ସାଙ୍ଘାତିକ ରୋଗବ୍ୟାଧିମାନ ସୃଷ୍ଟି କରେ। ଏହି ଗୁରୁତର ସମସ୍ୟାକୁ ଆଖି ଆଗରେ ରଖି ନଗର ଉନ୍ନୟନ ବିଭାଗ ପକ୍ଷରୁ ଫ୍ଲେକ୍ସ ବ୍ୟାନର୍ ଉପରେ କଟକଣା ଜାରି କରାଯାଇଥିବାବେଳେ ତାହାକୁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଖୋଲା ଉଲ୍ଲଂଘନ କରାଯାଉଥିବା ଘେନି ଅଭିଯୋଗମାନ ଆସୁଛି। (ତଥ୍ୟ)

ଓଡ଼ିଶା ପୁଲିସର ସଫଳତା

## ଜାନୁଆରୀରୁ ଜୁନ ମଧ୍ୟରେ ୧୭,୫୯୦ ମହିଳା ଓ ଶିଶୁ ଉଦ୍ଧାର

ଭୁବନେଶ୍ୱର,୨।୮(ସଂଚାର ବ୍ୟୁରୋ): ପରିବାରଠାରୁ ବିଚ୍ଛିନ୍ନ ହୋଇଯାଇଥିବା ନିଖୋଜ ମହିଳା ଓ ଶିଶୁମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ଓଡ଼ିଶା ପୁଲିସ ସଫଳତା ହାସଲ କରିଛି। ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ପ୍ରତ୍ୟକ୍ଷ ଦିଗଦର୍ଶନ ଏବଂ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା (ସିଏଡବ୍ଲ୍ୟୁ ଓ ସିଡବ୍ଲ୍ୟୁ)ର ତଦନ୍ତ, ଆନ୍ତଃରାଜ୍ୟ ସମନ୍ୱୟ ଯୋଗୁଁ ଏହି ଗୁରୁତ୍ୱପୂର୍ଣ୍ଣ ସଫଳତା ମିଳିଛି। ଚଳିତ ବର୍ଷ ଜାନୁଆରୀରୁ ଜୁନ୍ ମଧ୍ୟରେ ରାଜ୍ୟରେ ମୋଟ ୪,୮୭୩ ଜଣ ଶିଶୁ (୫୩୮ ନାବାଳକ, ୪,୩୩୪ ନାବାଳିକା ଓ ଜଣେ ଟ୍ରାନ୍ସଜେଣ୍ଡର) ନିଖୋଜ ହୋଇଥିବା ବେଳେ ଓଡ଼ିଶା ପୁଲିସ ତତ୍ପରତା ପ୍ରକାଶ କରି ଏହି ସମୟ ମଧ୍ୟରେ ମୋଟ ୫,୪୧୩ ଜଣ ଶିଶୁଙ୍କୁ ଉଦ୍ଧାର କରିଛି। ଶିଶୁ ଉଦ୍ଧାର କ୍ଷେତ୍ରରେ ପୁରୀ ଜିଲ୍ଲା (୧୧୬୧), ଯୁପିଡି ଭୁବନେଶ୍ୱର (୩୯୯) ଓ ମୟୂରଭଞ୍ଜ (୨୭୮) ଜିଲ୍ଲା ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ସେହିପରି ଗତ ଜାନୁଆରୀରୁ ଜୁନ୍ ମଧ୍ୟରେ ରାଜ୍ୟରେ ୧୦,୬୦୫ ଜଣ ମହିଳା ନିଖୋଜ ହୋଇଥିବା ବେଳେ ଓଡ଼ିଶା ପୁଲିସ ଦକ୍ଷତାର ସହ ୧୨,୧୭୭ ଜଣ ନିଖୋଜ ମହିଳାଙ୍କୁ ଉଦ୍ଧାର କରିଛି। ମହିଳା ଉଦ୍ଧାର କ୍ଷେତ୍ରରେ ପୁରୀ (୩୭୧୩), ଯାଜପୁର (୮୨୦) ଓ ଗଞ୍ଜାମ (୫୮୧) ଜିଲ୍ଲା ସର୍ବାଧିକ ସଫଳତା ପାଇଛନ୍ତି। ସମୁଦାୟ ୧୧୬୧ ଜଣ ଶିଶୁ ଓ ୩୭୧୩ ଜଣ ମହିଳାଙ୍କୁ ଉଦ୍ଧାର କରି ପୁରୀ ଜିଲ୍ଲା ରାଜ୍ୟରେ ସର୍ବଶ୍ରେଷ୍ଠ ଜିଲ୍ଲା ହୋଇଛି। ନିଖୋଜ ମହିଳା ଓ ଶିଶୁଙ୍କୁ ଖୋଜି ବାହାର କରିବା ମହିଳା ଓ ଶିଶୁ ସୁରକ୍ଷା ଶାଖା ପକ୍ଷରୁ ନିୟମିତ ଭାବେ 'ଅପରେସନ୍ ଅନ୍ୱେଷଣ' ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ଚଳିତ ବର୍ଷ ଅଦ୍ୟାବଧି ୨ଟି ସ୍ୱତନ୍ତ୍ର ଅଭିଯାନ କରାଯାଇଥିବା ବେଳେ ଗତ ୧୮ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ଅପରେସନରେ ୩୨୧ ଜଣ ନିଖୋଜ ଶିଶୁ (୩୫ ନାବାଳକ, ୨୮୬ ନାବାଳିକା) ଏବଂ ୨,୪୩୪ ଜଣ ନିଖୋଜ ମହିଳାଙ୍କୁ ପୁଲିସ ଉଦ୍ଧାର କରିଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ସୋମବାର ୩ ଅଗଷ୍ଟ ୨୦୨୬, ଭୁବନେଶ୍ୱର

Monday 3 August 2026, Bhubaneswar

# ପ୍ରଶ୍ନ, ସନ୍ଦେହ ଓ ସ୍ୱଚ୍ଛତାର ଦାବି

ଭାରତୀୟ ଯୁବସମାଜର ଅସନ୍ତୋଷ ଏବଂ ଶିକ୍ଷା ବ୍ୟବସ୍ଥାର ବିଫଳତାକୁ ନେଇ ଜନ୍ମ ହୋଇଥିବା କକ୍ରୋଚ୍ ଜନତା ପାର୍ଟି (ସିଜେପି) ଆଜି ଏକ ବଡ଼ ରାଜନୈତିକ ଚର୍ଚ୍ଚାର ବିଷୟ ହୋଇଛି। ୨୦୨୬ ମଇ ୧୬ ରେ ଅଭିଜିତ ଦିପକେଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ସାଟାୟାରିକାଲ୍ ଆନ୍ଦୋଳନ ଶୀଘ୍ର ଏକ ବ୍ୟାପକ ଯୁବ ପ୍ରତିବାଦର ରୂପ ନେଇଛି। ଜନ୍ତର ମନ୍ତର ସମେତ ବିଭିନ୍ନ ସ୍ଥାନରେ ହୋଇଥିବା ପ୍ରତିବାଦ, ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ଏବଂ ଯୁବ ବେକାରୀ ସମ୍ପର୍କିତ ସମସ୍ୟାକୁ ନେଇ ଏହା ଧ୍ୟାନ ଆକର୍ଷଣ କରିଛି। କିନ୍ତୁ ଏହି ଆନ୍ଦୋଳନର ଗତିଶୀଳତା ସହିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠିଛି - କିଏ ଏହି କକ୍ରୋଚ୍ ଜନତା ପାର୍ଟିକୁ ଆର୍ଥିକ ସହାୟତା କରୁଛି ? ଅଭିଜିତ ଦିପକେଙ୍କ ଆର୍ଥିକ ସମର୍ଥନ ଉପରେ କ'ଣ ସନ୍ଦେହ ରହିଛି ?



ଅଭିଜିତ ଦିପକେ ମହାରାଷ୍ଟ୍ରର ଔରଙ୍ଗାବାଦରୁ ଆସିଥିବା ଏକ ଦଳିତ ପରିବାରର ସନ୍ତାନ। ସେ ବୋଷ୍ଟନ ୟୁନିଭର୍ସିଟିରେ ପବ୍ଲିକ୍ ରିଲେସନ୍ସ ପଢ଼ୁଥିଲେ ଏବଂ ପୂର୍ବରୁ ଆମ ଆଦମୀ ପାର୍ଟିର ସୋସିଆଲ୍ ମିଡ଼ିଆ ଟିମ୍‌ରେ କାମ କରିଥିଲେ। ସୁପ୍ରିମକୋର୍ଟର ଏକ ମନ୍ତବ୍ୟକୁ ନେଇ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଶୀଘ୍ର ଲକ୍ଷ ଲକ୍ଷ ଯୁବକଙ୍କ ସମର୍ଥନ ପାଇଥିଲା। କିନ୍ତୁ ଏପରି ବ୍ୟାପକ ପ୍ରତିବାଦ, ସାଇଟ୍, ସୋସିଆଲ୍ ମିଡ଼ିଆ କ୍ୟାମ୍ପେଇନ୍ ଏବଂ ସଙ୍ଗଠିତ କାର୍ଯ୍ୟକଳାପ ପାଇଁ ଆର୍ଥିକ ସମ୍ବଳ କେଉଁଠାରୁ ଆସୁଛି ତାହା ଏକ ବୈଧ ପ୍ରଶ୍ନ।

ଦିପକେ ନିଜେ କହିଛନ୍ତି ଯେ ଏହା କୌଣସି ରାଜନୈତିକ ଦଳ ଦ୍ୱାରା ପୋଷିତ ନୁହେଁ। ସେ ଆମ ଆଦମୀ ପାର୍ଟି ସହିତ କୌଣସି ସମ୍ପର୍କ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ତାଙ୍କ ଅନୁସାରେ ପ୍ରତିବାଦକାରୀମାନଙ୍କୁ ଖାଦ୍ୟ, ପାଣି ଓ ଆବଶ୍ୟକ ସାମଗ୍ରୀ ସାଧାରଣ ଲୋକ, ପ୍ରଫେସର ଓ ଡାକ୍ତରମାନେ ଯୋଗାଇ ଦେଉଛନ୍ତି। ସେ ନଗଦ ଟଙ୍କା ଗ୍ରହଣ କରିନାହାନ୍ତି ବୋଲି ଦାବି କରିଛନ୍ତି। ବିଦେଶୀ ଅର୍ଥ ସହାୟତା ସମ୍ପର୍କିତ ଅଭିଯୋଗକୁ ମଧ୍ୟ ସେ ଖଣ୍ଡନ କରିଛନ୍ତି ଏବଂ କହିଛନ୍ତି ଯେ ଯଦି ଏପରି କିଛି ଥାଏ ତେବେ ତାହା ଦେଶର ସୁରକ୍ଷା ବ୍ୟବସ୍ଥାର ବିଫଳତା। ବିଦେଶ ମନ୍ତ୍ରାଳୟ ମଧ୍ୟ ବିଦେଶୀ ଫଣ୍ଡିଂ ସମ୍ପର୍କିତ ଅଭିଯୋଗ ଉପରେ କୌଣସି ସୂଚନା ନାହିଁ ବୋଲି କହିଛି।

ତଥାପି ସନ୍ଦେହ ରହିଛି। ଏକ ସାଟାୟାରିକାଲ୍ ପୋଷ୍ଟରୁ ଆରମ୍ଭ ହୋଇ ଏତେ ବଡ଼ ସଙ୍ଗଠିତ ଆନ୍ଦୋଳନ କିପରି ସମ୍ଭବ ହେଲା ? ବୋଷ୍ଟନରେ ପଢ଼ୁଥିବା ଛାତ୍ର କିପରି ଏତେ ଶୀଘ୍ର ଏକ ଜାତୀୟ ଚରିତ୍ର ହେଲେ ? ପରିବାରର ଆର୍ଥିକ ସ୍ଥିତି, ବିଦେଶୀ ଶିକ୍ଷାର ଖର୍ଚ୍ଚ ଏବଂ ଆନ୍ଦୋଳନର ବ୍ୟୟ ଉପରେ ସ୍ୱଚ୍ଛତା ଦାବି ଉଠିଛି। କେତେକ ଆର୍ଟିଆଇ କର୍ମୀ ଏବଂ ରାଜନୈତିକ ମହଲରୁ ଏହି ପ୍ରଶ୍ନ ଉଠାଯାଇଛି। କୌଣସି ବଡ଼ ଦାନକର୍ତ୍ତା କିମ୍ବା ରାଜନୈତିକ ଶକ୍ତି ପଛରେ ରହିଛି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ରାଜନୈତିକ ଦଳମାନେ ନିଜ ସମ୍ପର୍କ ଅସ୍ୱୀକାର କରିଛନ୍ତି, କିନ୍ତୁ ଏହା ସନ୍ଦେହକୁ ପୂର୍ଣ୍ଣ ଭାବେ ଦୂର କରିପାରିନାହିଁ।

ଯେକୌଣସି ଜନଆନ୍ଦୋଳନ ପାଇଁ ସ୍ୱଚ୍ଛତା ଅତ୍ୟାବଶ୍ୟକ। ଯଦି ଆନ୍ଦୋଳନ ସାଧାରଣ ଲୋକଙ୍କ ସମର୍ଥନରେ ଚାଲୁଛି ତେବେ ଆର୍ଥିକ ବିବରଣୀ ପ୍ରକାଶ କରିବା ଉଚିତ। ନଚେତ୍ ଏହା ରାଜନୈତିକ ଲାଭ କିମ୍ବା ବାହ୍ୟ ପ୍ରଭାବର ଆଶଙ୍କା ସୃଷ୍ଟି କରେ। ଅଭିଜିତ ଦିପକେଙ୍କୁ ଏବଂ ତାଙ୍କ ସଙ୍ଗଠନକୁ ନିଜର ଆର୍ଥିକ ଉତ୍ସ ସ୍ପଷ୍ଟ କରିବାକୁ ପଡ଼ିବ। ସରକାର ମଧ୍ୟ ଯଦି କୌଣସି ତଦନ୍ତ କରୁଛନ୍ତି ତେବେ ତାହା ନ୍ୟାୟସଙ୍ଗତ ଓ ପାରଦର୍ଶୀ ହେବା ଉଚିତ।

ଯୁବସମାଜର କ୍ରୋଧ ବାସ୍ତବ। କାଗଜ ଲିକ୍, ବେକାରୀ ଓ ଅନ୍ୟାୟ ବିରୋଧରେ ସେମାନଙ୍କ ସ୍ୱର ଶୁଣିବା ଦରକାର। କିନ୍ତୁ ଏହି ସ୍ୱରକୁ ବ୍ୟବହାର କରି କେହି ରାଜନୈତିକ ଲାଭ ଉଠାଉଛନ୍ତି କି ନାହିଁ ତାହା ମଧ୍ୟ ପ୍ରଶ୍ନ କରିବା ଆମର କର୍ତ୍ତବ୍ୟ। ସତ୍ୟ ଓ ସ୍ୱଚ୍ଛତା ହିଁ ଗଣତନ୍ତ୍ରର ମୂଳଦୁଆ। କକ୍ରୋଚ୍ ଜନତା ପାର୍ଟି ଯଦି ପ୍ରକୃତରେ ଲୋକଙ୍କ ଆନ୍ଦୋଳନ ତେବେ ଏହାକୁ ପ୍ରମାଣ କରିବାକୁ ପଡ଼ିବ। ନଚେତ୍ ସନ୍ଦେହର ମେଘ ସରିବ ନାହିଁ।

# ସଂଗ୍ରାମୀ ବିମ୍ବାଧର ମୁଦୁଲିଙ୍କ ସ୍ମରଣେ

**ଅମର ପ୍ରସାଦ ଶତପଥୀ**



ଭାରତୀୟ ମୁକ୍ତି ଆନ୍ଦୋଳନ ସମୟରେ ଜୀବନର ସମସ୍ତ ଭୋଗ ବିଳାସକୁ ପଛରେ ପକାଇ ସର୍ବସ୍ୱ ସମର୍ପଣ କରିଥିବା ସଂଗ୍ରାମୀ ମାନଙ୍କ ସଂଖ୍ୟା ସିମୀତ ହେଉଥିବା ବେଳେ ସ୍ୱାଧୀନତା ସଂଗ୍ରାମୀ ଓଡିଶା ଶାଖାର ସଭାପତି ବିମ୍ବାଧର ମୁଦୁଲି ଙ୍କ ପରିଣତ ବୟସରେ ଦେହାନ୍ତ ହେବା ଏକ ସ୍ୱାଭାବିକ ପ୍ରକ୍ରିୟା। କିନ୍ତୁ ତାଙ୍କ ଦେହାବସନ ସ୍ୱାଧୀନ ଚେତା ଦେଶ ପ୍ରେମୀ ବ୍ୟକ୍ତି ବିଶେଷଙ୍କୁ ବ୍ୟଥିତ କରିଅଛି। ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ସତ୍ୟ, ଶାନ୍ତି ଅହିଂସା କୁ ପାଥେୟ କରି ଆଦ୍ୟଯୌବନରୁ କଠିନ ସଂଗ୍ରାମର ପଥ ବାଛି ନେଇଥିବା ସଂଗ୍ରାମୀ ମାନଙ୍କ ସଂଘର୍ଷ କାହାଣୀ ବେଶ ରୋମାଞ୍ଚକର। କେନ୍ଦ୍ରାପଡ଼ା, ନୀଳିକଣା ମାଟିରେ ଜନ୍ମ ନେଇଥିବା ବିମ୍ବାଧର ମୁଦୁଲି ସେମାନଙ୍କ ମଧ୍ୟରୁ ଅନ୍ୟତମ। ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପୂର୍ବତନ ବିଧାୟକ ପୁରୁଷୋତ୍ତମ ନାୟକଙ୍କ ଏକାନ୍ତ ଅନୁଗାମୀ ଓ ସହଯୋଗୀ ଭାବରେ ସେ କାର୍ଯ୍ୟକରୁଥିଲେ। ବଡ଼ଚଣା ଗାନ୍ଧୀ ସ୍ୱର୍ଗତ ବୃନ୍ଦାବନ ତ୍ରିପାଠୀ ଙ୍କ ଦ୍ୱାରା ବାଲିପଡ଼ିଆ ଠକରବାବା ଆଶ୍ରମର ଏକାଧିକ କାର୍ଯ୍ୟକ୍ରମ ରେ ଯୋଗଦେବା ବେଳେ ମୁଁ ସ୍ୱର୍ଗତ ମୁଦୁଲିଙ୍କ ସମ୍ପର୍କ ରେ ଆସିଲି। ଏହି ସମ୍ପର୍କ କିଛି ଦିନ ପରେ ବେଶ ଘନିଷ୍ଠ ହେଲା। କୃଷ୍ଣମୋହନ -ବୃନ୍ଦାବନ -ଜଗନ୍ନାଥ ମାନଧାତାଙ୍କ ସ୍ମାରକୀ ପାଳନ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଅବସରରେ ସ୍ୱର୍ଗତ ମୁଦୁଲି ଉପସ୍ଥିତ ରହୁଥିଲେ। ବାଲିପଡ଼ିଆ ଗ୍ରାମ ତଥା ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ଭାବେ ମହା ମହିମ ରାଷ୍ଟ୍ରପତି ଙ୍କ ଦ୍ୱାରା ଏକାଧିକ ବାର ସମ୍ମାନିତ ହେଇଥିବା ନୀଳମଣି ସାମଲଙ୍କ ଅବର୍ତ୍ତମାନରେ ସ୍ୱାଧୀନତା ସଂଗ୍ରାମୀ ଓଡିଶା ଶାଖା ସଂଗଠନ ଦାୟିତ୍ୱ ବିମ୍ବାଧର ମୁଦୁଲିଙ୍କ କାନ୍ଧ ଉପରକୁ ଆସିଥିଲା।ଗତ କ୍ରାନ୍ତି ଦିବସ ଅଗଷ୍ଟ ୯ ଓ ଗତ ଜାନୁଆରୀ ଭୁବନେଶ୍ୱର ରେ ଆୟୋଜିତ ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ସମ୍ମିଳନୀ ରେ ତାଙ୍କ ସହ ମୋର ଶେଷ ସାକ୍ଷାତ ହେଇଥିଲା। କ୍ରମାଗତ ଭାବେ ସେ ବନ୍ଦରେସ୍ୱର, ବାଲିପଡ଼ିଆ, ପଲାଇ ଠାରେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ କାର୍ଯ୍ୟକ୍ରମକୁ ଆସୁଥିବାରୁ ସେ ବଡ଼ଚଣା ମାଟିର ବୋଲି ପରିଚିତ ହେଇଥିଲେ। ତାଙ୍କ ସଂଗ୍ରାମୀ ଜୀବନରେ ବିଦେଶୀ ଶାସନ ବିରୋଧରେ ସଂଗ୍ରାମ କରିଥିବା ବିମ୍ବାଧର ସ୍ୱାଧୀନ ଭାରବର୍ଷରେ ଅନ୍ୟାୟ, ଅତ୍ୟଚାରକୁ ମଧ୍ୟ ପ୍ରତିବାଦ କରିବାକୁ ପଛାଇ ନାହାନ୍ତି। ସମାଜରୁ ଅଶିକ୍ଷା, କୁ ସଂସ୍କାର, ଅସମନତାଙ୍କ ର ବିଲୋପ ପାଇଁ ସେ କାର୍ଯ୍ୟ କରିଅଛନ୍ତି। ସଂଗ୍ରାମୀ ବିମ୍ବାଧର ମୁଦୁଲି ଙ୍କ ବିୟୋଗ ରେ ତାଙ୍କ ଜୀବନ ଯାତ୍ରାରେ ପୂର୍ଣ୍ଣଚ୍ଛେଦ ପଡ଼ିଲା। ଜନ୍ମ ମାଟିର ଜୁଇରେ ତାଙ୍କ ପାର୍ଥିବ ଶରୀର ବିଲୀନ ହେଲା। ଜଳୁଥିବା ଅଗ୍ନି ନିର୍ବାପିତ ହେଲେ ହିଁ ସଂଗ୍ରାମ ର ବହ୍ନିକୁ ଅଧିକ ପ୍ରଜ୍ୱଳିତ କରିବା ପାଇଁ ତାଙ୍କ ବିଚାର, ଜୀବନାଦର୍ଶ ଅନ୍ୟ ମାନଙ୍କ ପାଇଁ ପ୍ରେରଣାର କୀର୍ତ୍ତି ସ୍ତମ୍ଭ ହେଇ ରହିବ।

ପୂର୍ବତନ ମନ୍ତ୍ରୀ, ଓଡ଼ିଶା

# ବର୍ଷା ଋତୁ, ଲିଭର ଓ ଲେପ୍ଟୋସ୍ପାଇରୋସିସ୍ ସଂକ୍ରମଣ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**



ଚଳିତ ମୌସୁମୀ ବର୍ଷାର ଅସ୍ୱାସ୍ଥ୍ୟକର ଚିତ୍ର ମୁମ୍ବାଇ ଓ ଭାରତର କିଛି ମହାନଗରୀରରେ ଏକ ଜଟିଳ ସ୍ୱାସ୍ଥ୍ୟ ସଂକ୍ରମଣକୁ ସୃଷ୍ଟି କରିଛି। ଗଣମାଧ୍ୟମର ଖବର ଅନୁଯାୟୀ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଏହି ସଂକ୍ରମଣରେ ଲେପ୍ଟୋସ୍ପାଇରୋସିସର ପ୍ରଭାବୀ ଭୂମିକା ସମ୍ପର୍କରେ ତଥ୍ୟ ରଖିଛନ୍ତି। ସାଧାରଣତଃ ଲେପ୍ଟୋସ୍ପାଇରୋସିସ୍ ସଂକ୍ରମଣ ହେଉଛି ଏକ ବ୍ୟାକ୍ଟରିଆ ଜନିତ ରୋଗ ଯାହାକି ପ୍ରାୟତଃ ବର୍ଷା ଦିନରେ ହିଁ ଏହାର ଭୟଙ୍କର ରୂପ ଦେଖାଇଥାଏ। ଯେତେବେଳେ ଜଣେ ମୂଷାର ପରିସ୍ରା ଦ୍ୱାରା ଦୂଷିତ ପାଣି କିମ୍ବା ମାଟି ସଂସ୍ପର୍ଶରେ ଆସିଥାଏ ସେତେବେଳେ ଏହି ରୋଗକୁ ସାମ୍ନା କରିଥାଏ। ପୃଥିବୀ ବିଖ୍ୟାତ ଗବେଷଣାଭିତ୍ତିକ ସ୍ୱାସ୍ଥ୍ୟ ପତ୍ରିକା 'ଲାନସେଟ୍' ଏହାର ଚଳିତ ଜୁଲାଇ ସଂଖ୍ୟାରେ ଏହି ରୋଗ ସମ୍ପର୍କରେ ବିଶେଷ ଭାବରେ ଉଲ୍ଲେଖ କରିଛି। ବିଶ୍ୱର ସବୁଠାରୁ ଘାତକ ଓ ସଂକ୍ରମଣ ଜୁନୋଟିକ୍ ରୋଗ ଭିତରୁ ଏହା ଅନ୍ୟତମ। ଏହି ରୋଗର ଭୟାବହତା ବିଶେଷକରି ପ୍ରବଳ ବର୍ଷା ଓ ବନ୍ୟା ସମୟରେ ଜନସ୍ୱାସ୍ଥ୍ୟ କ୍ଷେତ୍ରର ବଡ଼ ସମସ୍ୟା ଭାବରେ ସାମ୍ନାକୁ ଆସିଥାଏ। ଉଦବେଗଜନକ ତଥ୍ୟ ହେଉଛି ପ୍ରାରମ୍ଭିକ ସମୟରେ ଅନେକ ଏହାକୁ ଚିହ୍ନଟ କରିପାରିନଥାନ୍ତି। ଯାହାକି ପରବର୍ତ୍ତୀ ସମୟରେ ଏକ ସାଂଘାତିକ ରୂପ ଦେଖାଇଥାଏ।

ଲେପ୍ଟୋସ୍ପାଇରା ପ୍ରଜାତିର ବ୍ୟାକ୍ଟେରିଆ ଲେପ୍ଟୋସ୍ପାଇରୋସିସ୍ ଏଥିପାଇଁ ଦାୟୀ। ସେହିପରି ଆମେରିକାର ସେଣ୍ଟର ଫର ଡିଜଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନସନ ଅନୁଯାୟୀ ଦୂଷିତ କାଦୁଅ କିମ୍ବା ଜଳ ସଂସ୍ପର୍ଶରେ ଆସିଲେ ଏହି ବ୍ୟାକ୍ଟେରିଆ ଚର୍ମ, ପାଟି, ଆଖି ଓ ନାକ ଦେଇ ଜଣଙ୍କ ଶରୀରକୁ ପ୍ରବେଶ କରି ସଂକ୍ରମିତ କରିଥାଏ। କେବଳ ମୂଷା ମାନଙ୍କ ସହିତ ନୁହେଁ ଏହି ଘାତକ ଜୀବାଣୁମାନେ କୁକୁର, ଗୋରୁଗାଈ, ଘୁଷୁରୀ ଓ ଚଢ଼େଇ ମାନଙ୍କ ଦ୍ୱାରା ବ୍ୟାପିଥାଏ। ପ୍ରବଳ ବର୍ଷା ହେଉଥିବା ସମୟରେ ଯେଉଁମାନେ ସୁରକ୍ଷିତ ଜୋତା ନପିନ୍ଧି ବନ୍ୟା ପାଣିରେ ଚାଲନ୍ତି ଏପରିକି ସଫେଇ କର୍ମଚାରୀ, ଉଦ୍ଧାରକାରୀ ଦଳ ଓ ଚାଷୀମାନେ ସହଜରେ ଏଭଳି ସଂକ୍ରମଣର ଶିକାର ହୋଇଥାନ୍ତି। ତେବେ ଏହାର ଉଦବେଗଜନକ ଚିତ୍ରଟି ହେଉଛି ଆମେ ଆଲୋଚନା କରୁଥିବା ଲୋପ୍ଟୋସ୍ପାଇରୋସିସର ପ୍ରାରମ୍ଭିକ ଲକ୍ଷଣ ଗୁଡ଼ିକ ପ୍ରାୟତଃ ଇନଫ୍ଲୁଏଞ୍ଜା କିମ୍ବା ଅନ୍ୟ ସାଧାରଣ ଋତୁକାଳୀନ ରୋଗ ଭଳି ଜଣକୁ ଲାଗିଥାଏ। ସାଧାରଣତଃ କେହି ସଂକ୍ରମଣର ପ୍ରାରମ୍ଭିକ ଲକ୍ଷଣ ହେଉଛି ଜଣଙ୍କ ଦେହରେ ଜ୍ୱର ସହିତ ମୁଣ୍ଡବିନ୍ଧା ହୋଇଥାଏ, ମାଂସପେଷୀରେ ଲଗାତର ଯନ୍ତ୍ରଣା ଦେଖାଯାଏ, ଅତ୍ୟଧିକ କ୍ଲାନ୍ତି ଓ ସମଗ୍ର ଦେହ ଘୋଳା ବିନ୍ଧା ଅନୁଭବ ହୁଏ, ଜଣକୁ ଅସ୍ୱାଭାବିକ ଭାବରେ ଶୀତ ଲାଗିଥାଏ ଏବଂ ବେଳେ ବେଳେ କମ୍ପ ଆସିବା ପରି ଅନୁଭବ ହୁଏ, ଖାଦ୍ୟ ଅରୁଚିକର ଲାଗେ, ବାନ୍ତି ଲଗାତର ଭାବେ ଦେଖାଯାଏ ଏବଂ ଝାଡ଼ା ପରିସ୍ରାରେ ସମସ୍ୟା ଦେଖାଯାଏ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ଏହି ଲେପ୍ଟୋସ୍ପାଇରୋସିସର ସଂକ୍ରମଣର ବର୍ଷା ଋତୁରେ ଜଟିଳତା ହେଉଛି ଏହା ଖାଦ୍ୟ ପରିପାକ ସମସ୍ୟା ଓ ଲିଭରକୁ ଗୁରୁତର ଭାବେ ପ୍ରଭାବିତ କରିଥାଏ। ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଲିଭର, କିଡ଼ନୀ, ଫୁସଫୁସ୍ ଓ ମସ୍ତିଷ୍କକୁ ଏହା ପ୍ରଭାବିତ କରିଥାଏ। ଲିଭର ଏହାର ସହଜ ଶିକାର ହୋଇ ଅନବରତ ଭାବେ ପେଟ ଟାଣିବା ପରି ଅନୁଭବ ହୁଏ ଏବଂ ଝାଡ଼ା ଲାଗିଥାଏ କିନ୍ତୁ ଶୌଚାଳୟକୁ ଯିବା ପରେ ଝାଡ଼ା ହୋଇନଥାଏ। ପେଟ ଫାମ୍ପିଲା ପରି ଅନୁଭବ ହୁଏ ଓ କେତେକ କ୍ଷେତ୍ରରେ ଭୋକ ଲାଗିଥାଏ କିନ୍ତୁ ଜଣେ ଖାଦ୍ୟ ଖାଇବା ଆରମ୍ଭ କରିବା ମାତ୍ରେ ତାଙ୍କୁ ବିରକ୍ତିକର ଲାଗେ ଓ ଖାଦ୍ୟ ଅରୁଚିକର ହୋଇଥାଏ। କେତେକ କ୍ଷେତ୍ରରେ ଏହା ପେଟକୁ ଏପରି ସଂକ୍ରମିତ କରିଥାଏ ଯେ ଜଣେ ଖାଦ୍ୟ ନଖାଇବା ଦ୍ୱାରା ତାଙ୍କ ଶରୀରରେ ଜଳୀୟ ଶୁଷ୍କତା ଦେଖାଯାଏ। ଏହାର ଗୁରୁତ୍ୱପୂର୍ଣ୍ଣ ପାର୍ଶ୍ୱପ୍ରତିକ୍ରିୟା ସ୍ୱରୂପ ଅନେକ କ୍ଷେତ୍ରରେ ଅଭ୍ୟନ୍ତରୀଣ ରକ୍ତସ୍ରାବ, କିଡ଼ନୀ ଫେଲ ଓ ମେନିଞ୍ଜାଇଟିସ୍ ଭଳି ସ୍ଥିତି ଦେଖାଇଥାଏ। ତେଣୁ ଏହିପରି ସମସ୍ୟା ସାମ୍ନା କଲାବେଳେ ଜଣେ ଯଦି ଦୂଷିତ ଜଳ, ମାଟି ଓ ପରିବେଶ ସଂସ୍ପର୍ଶରେ ଆସିଥାଏ ତୁରନ୍ତ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ।




ଘାତକ ଲେପ୍ଟୋସ୍ପାଇରୋସିସ୍ ସଂକ୍ରମଣ ବର୍ଷା ଋତୁରେ ଏହାର ଭୟାନକ ରୂପ ଦେଖାଇଥାଏ। ଯେକୌଣସି ବ୍ୟକ୍ତିଙ୍କୁ ଏହା ହୋଇପାରେ କିନ୍ତୁ ଯେଉଁମାନେ ବାରମ୍ବାର ବନ୍ୟାଜଳ ଓ ଦୂଷିତ ପାଣିରେ ସଂସ୍ପର୍ଶରେ ଆସିଥାନ୍ତି ସେମାନଙ୍କ ପାଇଁ ଏହା ବିପଦ ସାବ୍ୟସ୍ତ ହୋଇଥାଏ। ଏହା ବ୍ୟତୀତ ଯେଉଁମାନଙ୍କ ଚର୍ମରେ କଟା ଚିହ୍ନ କିମ୍ବା ଦୁର୍ବଳ ପ୍ରତିରୋଧକ ଶକ୍ତି ଥାଏ ସେମାନେ ମଧ୍ୟ ଏହାର ସହଜରେ ସଂକ୍ରମିତ ହୋଇଥାନ୍ତି। ପୂର୍ବରୁ କୌଣସି ଲିଭର ସମସ୍ୟା ଥିଲେ ଲେପ୍ଟୋସ୍ପାଇରୋସିସର ସଂକ୍ରମଣ ହେଲେ ଏହା ଜଣଙ୍କ ଶରୀରକୁ ଅତ୍ୟନ୍ତ ଘାତକ ପେଟ ସମସ୍ୟା ପାଇଁ ବଡ଼ ବିପଦ ସୃଷ୍ଟି କରିଥାଏ। ବର୍ଷା ଦିନରେ ପ୍ରାୟତଃ ପରିପାକ ସମସ୍ୟା ଅନେକଙ୍କର ସ୍ୱାଭାବିକ ନଥାଏ। ସେହିପରି ବର୍ଷା ଦିନରେ ବାହାର ଖାଦ୍ୟ ପ୍ରଦୂଷିତ ହେବାର ଅନେକ ସମ୍ଭାବନା ରହିଥାଏ। ତେଣୁ ଏହି ଋତୁରେ ସୁଷମ ଖାଦ୍ୟ ଓ ଭଲ ଭାବରେ ସିଝା ହୋଇଥିବା ଘରୋଇ ପ୍ରସ୍ତୁତ ଖାଦ୍ୟ ଗ୍ରହଣ କରନ୍ତୁ। ବିଶୋଧିତ ପାଣି, ଫୁଟା ପାଣି ସବୁଠାରୁ ଭଲ। ଆମିଷ ଖାଦ୍ୟ, ବଜାରର ଫାଷ୍ଟଫୁଡ, ଫ୍ରିଜରେ ରହୁଥିବା ଖାଦ୍ୟ ଏସବୁ ଠାରୁ ଦୂରେଇ ରହିବା ସବୁଠାରୁ ଭଲ। ଫଳ ଏହି ଋତୁରେ ପରିପାକ ପାଇଁ ଅନେକଙ୍କ ଠାରେ ସ୍ୱାଭାବିକ ହୋଇନଥାଏ। ତେଣୁ ଏହି ସମୟରେ କମ ଫଳ ଖାଇବା ଭଲ। କୌଣସି ପରିସ୍ଥିତିରେ ନିଶାଦ୍ରବ୍ୟ ଗ୍ରହଣ କରନ୍ତୁ ନାହିଁ। ବର୍ଷାକୁ ସାମ୍ନା କରୁଥିଲେ, ଚାଷୀ ମାନଙ୍କ କ୍ଷେତ୍ର ଏବଂ ଦୂଷିତ ବନ୍ୟାଜଳ ସଂସ୍ପର୍ଶରେ ଆସୁଥିବା ଲୋକମାନେ ୱାଟର ପ୍ରୁଭ୍ ବୁଟ ଓ ଗ୍ଲୋଭସ୍ ବ୍ୟବହାର କରିବା ଜରୁରୀ। ହାତକୁ ଭଲ ଭାବରେ ପରିଷ୍କାର ରଖନ୍ତୁ, କୌଣସି ଛୋଟିଆ ମୋଟିଆ କ୍ଷତ ହୋଇଥିଲେ ତୁରନ୍ତ ୱାଟପ୍ରୁପ୍ ବ୍ୟାଣ୍ଡେଜ ଲଗାନ୍ତୁ, ଶୀଘ୍ର ଓଦା ପୋଷାକକୁ ବଦଳାନ୍ତୁ ଏବଂ ଘରର ପରିବେଶକୁ ଯଥା ସମ୍ଭବ ମୁକ୍ତ ବାୟୁ, ସନ୍ତସନ୍ତିଆ ପରିବେଶ ଠାରୁ ଦୂରେଇ ରଖନ୍ତୁ। ବର୍ଷା ଦିନରେ ପ୍ରାୟତଃ ଲିଭର ସମସ୍ୟା ଏହି ଦୂଷିତ ଖାଦ୍ୟ ଓ ପାନୀୟ ପାଇଁ ଦେଖାଦେଇଥାଏ। ତେଣୁ ବର୍ଷା ଋତୁରେ ନଖ ଉଷୁମ ପାଣି ପିଇବା ସବୁଠାରୁ ଭଲ। କୌଣସି ପ୍ରକାର ପେଟ ସମସ୍ୟା ଦେଖାଦେଲ ମନଇଛା ଯନ୍ତ୍ରଣା ଉପଷମକାରୀ ଟାବଲଟେ ଗ୍ରହଣ କରନ୍ତୁ ନାହିଁ। ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଆପଣଙ୍କ ସାଧାରଣ ପେଟ ସମସ୍ୟା, ବାନ୍ତି ସମସ୍ୟା ଏବଂ ଅସ୍ୱାଭାବିକ ଦେହ ହାତ ଘୋଳାବିନ୍ଧା ସମସ୍ୟା କୌଣସି ସଂକ୍ରଣର ପରିପାର୍ଶ୍ୱିକ କାରଣ ମଧ୍ୟ ହୋଇପାରେ। ତେଣୁ ବର୍ଷା ଋତୁରେ ପ୍ରାୟତଃ ଲେପ୍ଟୋସ୍ପାଇରୋସିସ ସଂକ୍ରମଣ ଠାରୁ ଦୂରେଇ ରହିବାକୁ ହେଲେ ଉପରୋକ୍ତ ପରାମର୍ଶ ଅତ୍ୟନ୍ତ ସ୍ୱାସ୍ଥ୍ୟକର, ଏହାକୁ ବିଚାର କରି ଏହି ଋତୁଟି ଯେପରି ଆନନ୍ଦମୟ ହେବ ଗୁରୁତ୍ୱ ଦିଅନ୍ତୁ।

ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋବାଇଲ୍:୯୪୩୭୦୫୧୯୫୭

# ବ୍ୟାସ ପୂର୍ଣ୍ଣିମା ବା ଗୁରୁ ପୂର୍ଣ୍ଣିମା

**ସନ୍ତୋଷ କୁମାର ଦାଶ**



ସାରା ଦେଶ ରେ ସେପ୍ଟେମ୍ବର ୫ ତାରିଖ ଦିନ ଗୁରୁ ଦିବସ ପାଳନ ହେଉଥିବା ବେଳେ ଗୁରୁ ପୂର୍ଣ୍ଣିମା ବା ବ୍ୟାସ ପୂର୍ଣ୍ଣିମା ଆଷାଢ଼ ମାସ ପୂର୍ଣ୍ଣିମାରେ ପାଳିତ ହୋଇଥାଏ। ମୁଖ୍ୟତଃ ହିନ୍ଦୁ, ବୌଦ୍ଧ ଓ ଜୈନ ଧର୍ମାବଲମ୍ବୀ ମାନେ ଏହି ଦିନଟିକୁ ମହା ଆଡ଼ମ୍ବରରେ ପାଳନ କରିଥାନ୍ତି। ଉତ୍ତରପ୍ରଦେଶ ର ବୌଦ୍ଧ ଧର୍ମାବଲମ୍ବୀ ମାନେ ଏହି ଦିନ ଟିକୁ ସେମାନଙ୍କର ଗୋଟିଏ ମୁଖ୍ୟ ପର୍ବ ଭାବେ ପାଳନ କରିଥାନ୍ତି।କେବଳ ଭାରତ ନୁହେଁ ନେପାଳରେ ମଧ୍ୟ ଏହି ପର୍ବଟିକୁ ବୌଦ୍ଧଧର୍ମାବଲମ୍ବୀ ମାନେ ନିଷ୍ଠା ଓ ଭକ୍ତି ର ସହିତ ପାଳନ କରିଥାନ୍ତି । ଯୋଗୀ ସମ୍ପ୍ରଦାୟ ପକ୍ଷରୁ ମଧ୍ୟ ଏହି ଦିନ ଟିକୁ ଗୁରୁ ପୂର୍ଣ୍ଣିମା ଭାବେ ପାଳନ କରାଯାଏ।ଯୋଗୀ ପରମ୍ପରା ରେ ଭଗବାନ ଆଶୁତୋଷ ଶିବ ହେଉଛନ୍ତି ପ୍ରଥମ ଗୁରୁ । ତେଣୁ ଯୋଗୀମାନେ ତାଙ୍କୁ ଆଦିଗୁରୁ ଭାବେ ମାନ୍ୟତା ଦେଇ ପୂଜା କରିଥାନ୍ତି। ଅପରପକ୍ଷରେ ହିନ୍ଦୁ ଧର୍ମାବଲମ୍ବୀ ଋଷି, ସାଧୁ, ସନ୍ଥ ମାନେ ମହାନ ପୌରାଣିକ ଗ୍ରନ୍ଥ ମହାଭାରତ ର ରଚୟିତା ବ୍ୟାସଦେବଙ୍କୁ ଗୁରୁ ଭାବରେ ବିବେଚନା କରି ତାଙ୍କ ପୂଜା କରିଥାନ୍ତି। ହିନ୍ଦୁ ଶାସ୍ତ୍ର ମତରେ ବ୍ୟାସଦେବ ଙ୍କ ଔଜୋଲ୍ୟ ରୁ ସପ୍ତଋଷିଗଣ ସୃଷ୍ଟି ହୋଇଥିଲେ। ଏଣୁ ହିନ୍ଦୁ ଧର୍ମ ରେ ବ୍ୟାସଦେବଙ୍କୁ ଗୁରୁ ଙ୍କ ମାନ୍ୟତା ଦିଆ ଯାଇଛି। ଯେହେତୁ ବ୍ୟାସଦେବ ଋଷି ପରାଶର ଏବଂ ଧୀବର କନ୍ୟା ସତ୍ୟବତୀଙ୍କ ଗର୍ଭରୁ ଆଷାଢ଼ ପୂର୍ଣ୍ଣିମା ତିଥିରେ ଜନ୍ମ ଗ୍ରହଣ କରିଥିଲେ ତେଣୁ ଏହି ଦିନଟିକୁ ବ୍ୟାସ ପୂର୍ଣ୍ଣିମା ବା ଗୁରୁ ପୂର୍ଣ୍ଣିମା ଭାବେ ମୁନି ଋଷି ସାଧୁ ସନ୍ଥ ମାନେ ପାଳନ କରି ଆସୁଛନ୍ତି। ବ୍ୟାସଦେବ ମାନବ ସମାଜର ମଙ୍ଗଳ ପାଇଁ ଋକ୍, ସାମ୍,ଯଦୁଃ ଓ ଅଥର୍ବ ବେଦ ରଚନା କରିଥିଲେ ବୋଲି ବିଶ୍ୱାସ ରହିଛି। ଏଣୁ ତାଙ୍କୁ ହିନ୍ଦୁ ଧର୍ମ ର ଗୁରୁ ଭାବେ ମାନ୍ୟ କରାଯାଇ ତାଙ୍କ ଜନ୍ମ ଜୟନ୍ତୀ ଆଷାଢ଼ ମାସ ପୂର୍ଣ୍ଣିମା କୁ ବ୍ୟାସ ପୂର୍ଣ୍ଣିମା ବା ଗୁରୁ ପୂର୍ଣ୍ଣିମା ଭାବେ ପାଳନ କରାଯାଇ ଆସୁଛି।

ତୁଳସୀପୁର, ପୁରୀ
ମୋବାଇଲ୍:୯୪୩୯୩୬୧୮୮

# କାଉଡି ଯାତ୍ରା:ମାନସିକରୁ ମନୋରଞ୍ଜନ

**ଡ. ମନୋଜ କୁମାର ମହାନ୍ତି**



ପ୍ରତିବର୍ଷ ଶ୍ରାବଣ ମାସରେ ପ୍ରତ୍ୟେକ ସୋମବାର ଦେବଦେବ ମହାଦେବଙ୍କୁ ଭକ୍ତମାନେ ଜଳାଭିଷେକ କରାନ୍ତି। ଏଥିରେ ସାମିଲ ହୁଅନ୍ତି ଯୁବ-ବୃଦ୍ଧ-ବନିତା।ପ୍ରତି ସୋମବାର ସାଧାରଣ ଜନତା ମହାଦେବଙ୍କ ପୂଜାଅର୍ଚ୍ଚନାପାଇଁ ଭାରତ ବର୍ଷରେ ଥିବା ଶିବ ମନ୍ଦିରରେ ଭିଡ ଲଗାନ୍ତି। କାରଣ ସଂହାରକର୍ତ୍ତା ମହାଦେବଙ୍କର କୃପାଦୃଷ୍ଟିରେ ମଣିଷର ମନୋସ୍କାମନା ପୂରଣ ହୋଇଥାଏ। ପୁରାଣ ବର୍ଣ୍ଣନା ଅନୁସାରେ ଦାନବମାନେ ବଳଶାଳୀ ହେବାପଛରେ ଶିବଙ୍କର ବରଦାନ ରହିଆସିଛି। ଦାନବମାନେ ସେମାନଙ୍କର ତନମନକୁ ସମ୍ପୂର୍ଣ୍ଣ ନିୟୋଜିତପୂର୍ବକ କଠୋର ତପସ୍ୟାରେ ମଗ୍ନରହି ମହାଦେବଙ୍କୁ ସନ୍ତୁଷ୍ଟ କରି ବରପ୍ରାପ୍ତି ହୁଅନ୍ତି। ମହାଦେବଙ୍କ ଆଶ୍ରିବାଦ ଓ ବରପ୍ରାପ୍ତିପରେ ସ୍ୱର୍ଗ-ମର୍ତ୍ତ୍ୟ-ପାତାଳ ତିନିପୁରରେ ସେମାନଙ୍କର କାୟାବିସ୍ତାର ସହ ଉପଦ୍ରବ ଘଟଣା ଶିବ ପୁରାଣ ତଥା ଅନ୍ୟ ପୁରାଣମାନଙ୍କରେ ବର୍ଣ୍ଣିତ। ବିଭିନ୍ନ ଗୀତିନାଟ୍ୟ ଏବଂ ଟେଲିଭିଜନ ଧାରାବାହିକ ମାଧ୍ୟମରେ ତାହା ପ୍ରସାରିତ ହୋଇଥାଏ।

ସୃଷ୍ଟିର ଆରମ୍ଭରୁ ଭାରତର ନରନାରୀ ସୁଖସ୍ୱଚ୍ଛନ୍ଦରେ କାଳାତିପାତ କରିବାପାଇଁ ମନ୍ଦିର, ମଠ, ଦେବାଦେବୀଙ୍କୁ ଆସ୍ଥା ଓ ବିଶ୍ୱାସର ପ୍ରତୀକଭାବେ ସେମାନଙ୍କଠାରେ ଶରଣ ପଶିଥାନ୍ତି। ପ୍ରଭୁଙ୍କବିନା ଶରଣରେ ମୁକ୍ତିବା କାହିଁ? ମହାଦେବଙ୍କର ମୁଖ୍ୟତଃ ମହାଶିବରାତ୍ରି(ଜାଗର), ଶିବ ବିବାହ ଏବଂ ଶ୍ରାବଣରେ ଜଳାଭିଷେକକୁ ଖୁବ୍ ଆନନ୍ଦ ଓ ଉତ୍ସାହରେ ସାଧାରଣ ଜନତା ପାଳନ କରିଥାନ୍ତି। ବ୍ୟକ୍ତିଗତ ତଥା ପାରିବାରିକ ଜୀବନରେ ସମସ୍ତଙ୍କ ମଙ୍ଗଳ ଉଦେଶ୍ୟରେଶିବଙ୍କଆଶିଷପାଇଁବିଭିନ୍ନବ୍ରତପାଳନଓଜାଗଯଜ୍ଞରଅୟୋଜନ ଏକ ପ୍ରାଚୀନ ପରମ୍ପରା। ସର୍ବାରିଷ୍ଟ ଖଣ୍ଡନପାଇଁ ମହାରୁଦ୍ରାଭିଷେକ ଏବଂ ମହା ମୃତ୍ୟୁଞ୍ଜୟ ମନ୍ତ୍ର, ଶିବ ସାଧନାର ଶ୍ରେଷ୍ଠ ଉପାସନା ଭାବେ ଗ୍ରହଣ କରାଯାଇଛି।



ଶ୍ରାବଣ ମାସରେ ଜଳାଭିଶେକ ଓ ସମର୍ପଣ ଭକ୍ତିର ଆଉ ଏକ ସୁନ୍ଦର ପରିକଳ୍ପନା ପଛରେ ଅନେକ ପୌରାଣିକ ଆଖ୍ୟାନ ରହିଛି। ସେଥିମଧ୍ୟରୁ ସମୁଦ୍ର ମନ୍ଥନ ଘଟଣା ଅନ୍ୟତମ। ସୃଷ୍ଟିର ବିନାଶକୁ ରୋକିବାପାଇଁ ମହାଦେବଙ୍କ ହଳାହଳ ଜହରକୁ ପାନ ଏବଂ ପରବର୍ତ୍ତୀ ସମୟରେ ବିଷ ଜ୍ୱାଳାରୁ ମହାଦେବଙ୍କୁ ସୁରକ୍ଷିତ ରଖିବାପାଇଁ ଗଙ୍ଗାଜଳକୁ ତାଙ୍କ ଶରୀରରେ ଢାଳିବା ପଛରେ ଉପଯୁକ୍ତ ଯୁକ୍ତି ଗ୍ରହଣୀୟ। କିନ୍ତୁ ଶୈବାଳୟରେ ମହାଦେବଙ୍କର ପ୍ରତିମୂର୍ତ୍ତି ନୁହେଁ ବରଂ ଜ୍ୟୋତିର୍ଲିଙ୍ଗ ପୂଜା ପାଇଥାଏ। ଶିବଲିଙ୍ଗ ନିର୍ଗୁଣ ବ୍ରହ୍ମ ସ୍ୱରୂପ। ଏହା ଶକ୍ତି, ସୃଷ୍ଟି ଏବଂ ସମ୍ଭାବନାର ପ୍ରତୀକରୂପେ ଏକ ଅତିନ୍ଦ୍ରୀୟ ପରମ ବାସ୍ତବତା ଭାବରେ ଦେବାଳୟରେ ଆବିର୍ଭୂତ।

କାଉଡ଼ି ଯାତ୍ରାର ଇତିହାସ ଖୋଜିବା କଷ୍ଟକର। କିଏ କେବେ କେଉଁଥିପାଇଁ ଆରମ୍ଭ କରିଥିଲେ କାଉଡ଼ି ଯାତ୍ରା ତାର ସଠିକ୍ ତଥ୍ୟ ନାହିଁ। ମୋ ହେତୁ ହେଲା ଦିନରୁ ବିଗତ ତିରିଶ ବର୍ଷରୁ ଅଧିକ ସମୟ ହେବ କାଉଡି ଯାତ୍ରା ମୁଁ ଦେଖି ଆସୁଛି। କଥାରେ ଅଛି ଦଇବ ଦଉଡ଼ି ମଣିଷ ଗାଈ..। ଗାଈକୁ ଦଉଡ଼ି ହିଁ ନିୟନ୍ତ୍ରଣ କରେ, ଆଉ ମଣିଷମାନଙ୍କୁ ଦଇବ ସାହା ଭରଷା ଏକଥା ଏ ମାନବ ଜାତି ଭଲଭାବେ ଜାଣନ୍ତି। ଯଦି ଦଇବ ଉପରେ ସେତିକ ଭରଷା ନଥାନ୍ତା, ତେବେ ସେ କଣ ଜଣାଣ- ଭଜନ-କୀର୍ତ୍ତନ ଆଦି ପରିବେଷଣ କରନ୍ତାକି? ଭକ୍ତିବିନା ମଣିଷର ଅସ୍ତିତ୍ୱବା କାହିଁ? ଯାହା ମୁଁ କରଇ, ଯାହା ମୁଁ ଚିନ୍ତଇ, ତାର ପ୍ରତିକ୍ଷଣର ମୂକସାକ୍ଷୀରୂପେ ସେ ବିରାଜମାନ। ଯେପର୍ଯ୍ୟନ୍ତ ମନୁଷ୍ୟ ଏ ଜଗତରେ ଅବସ୍ଥାପିତ ସେପର୍ଯ୍ୟନ୍ତ ସେ ମନ୍ଦିର, ମସଜିଦ, ଗୁରୁଦ୍ୱାର, ଗୀର୍ଜା ଆଦି ନିର୍ମାଣ କରି ସର୍ବ ଶକ୍ତିମାନ ଈଶ୍ୱରଙ୍କ ନିକଟରେ ଶରଣାପର୍ଣ୍ଣ ହେଉଥିବା ସନାତନୀ ତଥା ଶୈବ ଉପାସକ ଲିଙ୍ଗ ଉପାସନାରେ ନିଜକୁ ସାମିଲ୍ କରାଇବା ଏକ ଶ୍ରଦ୍ଧାପୂର୍ଣ୍ଣ ସମର୍ପଣର ପରିପ୍ରକାଶ।

ଶ୍ରାବଣରେ ଜଳାଭିଷେକ ଯାହା କାଉଡ଼ି ଯାତ୍ରାରୂପେ ଜଣାଶୁଣା। ଏକ ବିଶେଷ ଭକ୍ତି ଏବଂ ଶ୍ରଦ୍ଧା। ନିଜ ମାନସିକତା ପରିପୂରଣ କରିବା ଉଦ୍ଦେଶ୍ୟରେ ଜଳ ଅର୍ପଣପାଇଁ ସାଧାରଣ ଜନତାଙ୍କ ଖାଲିପାଦରେ ପାଣିଭାର ବୋହି ଖାଲଢିପ, ରାତି ସକାଳ, ଅନ୍ଧାର ଆଲୁଅକୁ ଖାତିର ନକରି ଭାରତର ଅବସ୍ଥିତ ଶୈବାଳୟରେ ସୋମବାର ଦିନ ନାହିଁନଥିବା ଭିଡ଼ ଲାଗିବା ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଏକ ସୁନ୍ଦର ଯୋଗସୂତ୍ର। ବାସ୍ତବରେ ଭକ୍ତ ଓ ଭଗବାନଙ୍କ ସମ୍ପର୍କ ଯୁଗେଯୁଗେ। ଯେଉଁଠି ମଣିଷ ସେଇଠି ଭକ୍ତି। ଅବଶ୍ୟ ଭକ୍ତି ଓ ଭକ୍ତ ମଧ୍ୟରେ ପୂର୍ବ ଅପେକ୍ଷା ଗୁଣାତ୍ମକ ମାନ ହ୍ରାସ ପରିଲକ୍ଷିତ ହେଉଛି। ଆଜିକାଲି ଭକ୍ତିର ରସ ଧିରେଧିରେ କମିବାରେ ଲାଗିଛି। ହେବା ସ୍ୱାଭାବିକ କଥା।ଯେଉଁଠି ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ, ଭେଷଜ ତଥା ଚିକିତ୍ସା ବିଜ୍ଞାନ ମାଧ୍ୟମରେ ଶରୀର ସୁରକ୍ଷା ସମ୍ଭବ ହୋଇପାରୁଛି, ସେ କ୍ଷେତ୍ରରେ ମଣିଷର ଐଶରିକ ସତ୍ତା ପ୍ରତି ମୋହ କମିବା ଏକ ଯୁକ୍ତିଯୁକ୍ତ। ତଥାପି ପ୍ରତିବର୍ଷ ଭାରତରେ ନୂତନ ଶୈବପୀଠ ନିର୍ମିତ ହେବାସହ ଯାକ ଜମକରେ ପୂଜାର୍ଚ୍ଚନା ମଧ୍ୟ ଚାଲିଛି। ଦିନକୁଦିନ ମନ୍ଦିର ପରିସରରେ ଲୋକଗହଳି ପର୍ବପର୍ବାଣୀକୁ ବେଶ୍ ଆନନ୍ଦ ମୁଖର କରୁଛି। ସବୁ ଗୋଷ୍ଠୀର ଜନତା ନିଜକୁ ସାମିଲ୍ କରି ଭକ୍ତିର ପରିଚୟ ପ୍ରଦାନ କରୁଛନ୍ତି।

ପ୍ରତ୍ୟେକ ଭକ୍ତି ପଛରେ କାମନାରୂପକ ମାନସିକତା ବସାବାନ୍ଧି ହୋଇରହିଛି। ଯେଉଁଠି ମାନସିକତା, ସେଇଠି ମନୋରଞ୍ଜନ ନିଶ୍ଚିତ ଭାବରେ ଜଡ଼ିତ। ଭକ୍ତି ଏବେ ଉଗ୍ର ଆଧୁନିକତା ବଳୟରେ ମନୋରଞ୍ଜନର ପୃଷ୍ଠଭୂମି ସାଜିଛି। ବେଶଭୂଷାରୁ ଆରମ୍ଭ କରି ଶୋଭାଯାତ୍ରା ଏକ ରକମର ଇନ୍ଦ୍ରିୟ ସୁଖ ସହ ସଂଶ୍ଲିଷ୍ଟ। ବାହ୍ୟ ଚାକଚକ୍ୟରୁ ଭକ୍ତିର ସୃଷ୍ଟି କି ଅନ୍ତକରଣ ଶୁଦ୍ଧି ସହ ଜଡ଼ିତ ସେକଥା ଭକ୍ତମାନେ କହିବେ। ଡିଜେ ବଜାଇ ନୃତ୍ୟ ପରିବେଷଣ ସହ ରାସ୍ତାକୁ ଅବରୋଧ କରି ଶିବଲିଙ୍ଗରେ ଜଳାଭିଷେକ କେଉଁ ଭକ୍ତିର ରସ? ମଦ, ଗଞ୍ଜେଇ ଏବଂ ଭାଙ୍ଗ ଭଳି ମାଦକ ଦ୍ରବ୍ୟର ସେବନପୂର୍ବକ ଯାତ୍ରା ସମୟରେ ଅଶ୍ଳୀଳ ଭାଷାରେ ଭାବରେ ଆଦାନ ପ୍ରଦାନ କଣ ଭକ୍ତଭାବର ମାଧ୍ୟମ କି? କାଉଡ଼ି ଯାତ୍ରା ସମୟରେ ଗଣ ଦୁଷ୍କର୍ମ ଏବଂ ହତ୍ୟା ଭଳି ଗୁରୁତର ଅପରାଧ ସହ ସଂପୃକ୍ତ କାଉଡିଆ ଗୋଷ୍ଠୀ ଏକ କୁତ୍ସିତ ମାନସିକତାର ପରିଚୟ ଦିଅନ୍ତି। ଏବେ ଘରେଘରେ କାଉଡ଼ିଆ ଯାତ୍ରାପାଇଁ ସବୁ ଆଗ୍ରହୀ। ବିଦ୍ୟାଳୟ ଛାତ୍ର ତଥା ଯୁବଗୋଷ୍ଠୀକଙ୍କୁ କାଉଡ଼ି ଯାତ୍ରା ବହୁ ମାତ୍ରାରେ ଆକୃଷ୍ଟ କରିଚାଲିଛି। ପାଠପଢ଼ା ଯାହା ହେଉନା କାହିଁକି, ବୋଲବମ୍ ଯିବାପାଇଁ ଉଭୟ ବାଳକବାଳିକା ବ୍ୟସ୍ତ। ଶିବଙ୍କ ମୁଣ୍ଡରେ ପାଣି ଢାଳିଲେ ପରୀକ୍ଷାରେ ସଫଳ ହେବା, ଚାକିରୀ ପାଇବା ଏକରମର ପକା। ପାରିବାରିକ ସୁଖଶାନ୍ତି ତଥା ଅଭିବୃଦ୍ଧି ଲକ୍ଷ୍ୟରେ ଗୋଟେ ପରିବାରରୁ ବାପ-ମା, ପୁଅ-ଝିଅ, ଦାଦା-ଖୁଡ଼ି ସଭିଁଏ ମିଶି କାଉଡି ଯାତ୍ରାର ମନୋରଞ୍ଜନରେ ଏବେ ସାମିଲ। ଏକା ପ୍ରକାର ପୋଷାକ ପିନ୍ଧି, ପାଣିଭାର କାନ୍ଧିରେ ଧରି ଏକ ସାଥିରେ ମହାଦେବଙ୍କ ନାମ ଉଚ୍ଚାରଣ କରି ଖାଲଢିପ ରାସ୍ତାରେ ଓଦା ସନ୍ତସନ୍ତ ହୋଇ ଯିବାର ଆନନ୍ଦ ସତରେ ସେମାନଙ୍କୁ ପ୍ରତିବର୍ଷ କାଉଡି ଯାତ୍ରାରେ ସାମିଲି କରିବାକୁ ଖୋରାକ ଯୋଗାଇଛି। କୋଟିକୋଟି ଶ୍ରଦ୍ଧାଳୁଙ୍କ ଆଶାବିଶ୍ୱାସର ପ୍ରତୀକ ସାଜିଥିବା ମହାଦେବଙ୍କ ଦିବ୍ୟଦୃଷ୍ଟି ପଡ଼ୁ। ଭକ୍ତ ମନୋସ୍କାମନା ପୂର୍ଣ୍ଣ ନିମନ୍ତେ କେବଳ କାଉଡି ଯାତ୍ରାକୁ ମାଧ୍ୟମ ନକରୁ। ଇନ୍ଦ୍ରିୟ ସୁଖ ପାଇଁ କରୁଥିବା ଯାତ୍ରାରେ ମନ୍ତ୍ର-ଜପ-ତପ-ଭକ୍ତି ରହୁ। ଶିବକୃପା ପାଇଁ ତାମସିକ ପ୍ରବୃତ୍ତି ଶ୍ରେଷ୍ଠ ମାଧ୍ୟମ ନୁହେଁ ବରଂ ଇନ୍ଦ୍ରିୟ ସଂଯମତା ସହ ଶୁଦ୍ଧ ଅନ୍ତକରଣର ଆବଶ୍ୟକତା ରହିଛି।

ଅଧ୍ୟାପକ, ଦର୍ଶନ ବିଭାଗ
ବି.ଏନ୍.ଏମ୍.ଏ ମହାବିଦ୍ୟାଳୟ, ଭଦ୍ରକ
ମୋବାଇଲ୍:୮୮୯୫୩୪୧୦୩୩

## ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ ସଂକଳ୍ପ ଅଭିଯାନ

# 'ସାମାଜିକ ପରିବର୍ତ୍ତନର ଦୂତ ହେବେ ଯୁବପିଢ଼ି'



ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ ସଂକଳ୍ପ ଅଭିଯାନ

ନୂଆଦିଲ୍ଲୀ, ୨।୮: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ପୂର୍ବାହ୍ନ ୧୧ଟାରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ 'ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ ସଂକଳ୍ପ ଅଭିଯାନ' ଆରମ୍ଭ କରିଛନ୍ତି। ଏହି ଅଭିଯାନର ଲକ୍ଷ୍ୟ ହେଉଛି ଦେଶର ଯୁବପିଢ଼ିଙ୍କୁ ନିଶାଠାରୁ ଦୂରରେ ରଖିବା ଏବଂ ଏକ ବିକଶିତ ଭାରତ ନିର୍ମାଣ ସହିତ ଯୋଡ଼ିବା। ଏହି କାର୍ଯ୍ୟକ୍ରମ ପାଇଁ ସାରା ଦେଶରେ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ୨୮,୦୦୦ ରୁ ଅଧିକ ସ୍ଥାନରେ ଅଭିଯାନ-ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ଓ ୧ କୋଟିରୁ ଅଧିକ ଯୁବପିଢ଼ିଙ୍କୁ ଯୋଡ଼ିବା ଲକ୍ଷ୍ୟ ରଖାଯାଇଛି।ଏହି ଅଭିଯାନର ଅନନ୍ୟ ବୈଶିଷ୍ଟ୍ୟ ହେଉଛି ଏହାର ଦେଶବ୍ୟାପୀ ପ୍ରକୃତି। ପ୍ରଧାନମନ୍ତ୍ରୀ ମୋଦି ଯୁବପିଢ଼ିଙ୍କୁ ନିଜ ନିଜ କ୍ଷେତ୍ରରେ ସକାରାତ୍ମକ ସାମାଜିକ ପରିବର୍ତ୍ତନର ଦୂତ ହେବାକୁ ଆହ୍ୱାନ କରିଛନ୍ତି। ନିଶା ଯୁବବର୍ଗଙ୍କ ସ୍ୱପ୍ନକୁ ଭାଙ୍ଗିଦେଉଥାଏ। ବନ୍ଧୁ ପରିବାର ଉଜୁଡ଼ି ଯାଇଥାଏ। ନିଶାଠାରୁ ଦୂରେଇ ରହିବାକୁ ପ୍ରଧାନମନ୍ତ୍ରୀ ଅପିଲ୍ କରିଛନ୍ତି। ଏହି ଅଭିଯାନର ନେତୃତ୍ୱ 'ମାଇଁ ଭାରତ'ର ଯୁବ ସ୍ୱେଚ୍ଛାସେବକମାନେ ନେବେ। ସରକାରଙ୍କ ଲକ୍ଷ୍ୟ ନିଶା ସେବନର କୁପ୍ରଭାବ ବିଷୟରେ ସଚେତନତା ପ୍ରସାର କରି ଯୁବପିଢ଼ିଙ୍କୁ ସାମାଜିକ ପରିବର୍ତ୍ତନର ଦାୟିତ୍ୱ ସହିତ ଯୋଡ଼ିବା। ଏହି ଅଭିଯାନରେ ଆଧ୍ୟାତ୍ମିକ ଅନୁଷ୍ଠାନ, ସ୍କୁଲ, କଲେଜ, ସାମାଜିକ ସଂଗଠନ ଏବଂ ଶିଳ୍ପକୁ ସାମିଲ କରାଯାଉଛି। ୧୨୫ରୁ ଅଧିକ ସଂଗଠନ ସହଯୋଗ କରୁଛନ୍ତି। ବ୍ରହ୍ମା କୁମାରୀ, ଇସ୍କନ, ଚିନ୍ମୟ ମିଶନ ଓ ଅରୋଭିଲ ଭଳି ସଂଗଠନର ବରିଷ୍ଠ ପ୍ରତିନିଧିମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି।

ଏହି ଅଭିଯାନ ଆଗାମୀ ସେବା ସହିତ ସାରା ଦେଶରେ ଯୁବପିଢ଼ିଙ୍କୁ ନିଶା ଅପବ୍ୟବହାର ବିରୁଦ୍ଧରେ ଏକତ୍ରିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ୧ କୋଟିରୁ ଅଧିକ ଯୁବପିଢ଼ିଙ୍କୁ ଜାତୀୟ ପ୍ରତିଜ୍ଞାରେ ସାମିଲ କରିବା। ସରକାର ବିଶ୍ୱାସ କରନ୍ତି ଯେ ଯୁବପିଢ଼ିଙ୍କୁ ନିଶା ଅପବ୍ୟବହାରରୁ ଦୂରେଇ ରଖିବା ଦ୍ୱାରା କେବଳ ୨୦୪୭ମସିହା ପାଇଁ ଏକ ବିକଶିତ ଭାରତର ଲକ୍ଷ୍ୟରେ ସେମାନଙ୍କ ଅଂଶଗ୍ରହଣକୁ ସୁଦୃଢ଼ କରାଯାଇପାରିବ।

ଦେଶବ୍ୟାପୀ ଆୟୋଜିତ କାର୍ଯ୍ୟକ୍ରମରେ, ଯୁବବର୍ଗମାନେ 'ନିଶାମୁକ୍ତ ଭାରତ' ପାଇଁ ପ୍ରତିଜ୍ଞା ନେଇଥିଲେ। ଉଦ୍ଦେଶ୍ୟ ହେଉଛି ନିଶା ଅପବ୍ୟବହାର ବିରୋଧରେ ବ୍ୟକ୍ତିଗତ ସଂକଳ୍ପକୁ ସାମାଜିକ ଦାୟିତ୍ୱ ସହିତ ଯୋଡ଼ିବା। ଏହି ଅଭିଯାନ କେବଳ ଗୋଟିଏ ଦିନ ପାଇଁ ସୀମିତ ରହିବ ନାହିଁ। ୧୦୦ ସପ୍ତାହ ପର୍ଯ୍ୟନ୍ତ ପ୍ରତି ରବିବାର ସାରା ଦେଶରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ।

# ଦିଲ୍ଲୀରେ ୨.୯ ତୀବ୍ରତାର ଭୂକମ୍ପ

ନୂଆଦିଲ୍ଲୀ, ୨।୮: ରବିବାର ପ୍ରତ୍ୟୁଷରେ ଦିଲ୍ଲୀର ଉତ୍ତର ଜିଲ୍ଲାରେ ୨.୯ ତୀବ୍ରତାଯୁକ୍ତ ଏକ ଭୂମିକମ୍ପ ଅନୁଭୂତ ହୋଇଛି ବୋଲି ନ୍ୟାସନାଲ ସେଣ୍ଟର ଫର୍ ସିସମୋଲୋଜି (ଏନସିଏସ) କହିଛି। ଏହି ଭୂମିକମ୍ପ ଭୋର୍ ୪ଟାରେ ୮ କିଲୋମିଟର ଗଭୀରରେ ଅନୁଭୂତ ହୋଇଥିଲା। ଏହାର କେନ୍ଦ୍ରସ୍ଥଳ ୨୮.୭୨° ଉତ୍ତର ଅକ୍ଷାଂଶ ଓ ୭୭.୦୫° ପୂର୍ବ ଦ୍ରାଘିମାରେ ଅବସ୍ଥିତ ଥିଲା। ସୋସିଆଲ ମିଡ଼ିଆ ଏକ୍ସରେ ଏକ ପୋଷ୍ଟରେ ଏନସିଏସ ଏହି ସୂଚନା ପ୍ରଦାନ କରିଛି। ଯେତେବେଳେ ଭୂମିକମ୍ପର କେନ୍ଦ୍ରସ୍ଥଳ ଭୂମି ପୃଷ୍ଠରୁ ଅଗଭୀର ଥାଏ, ସେତେବେଳେ କମ୍ ତୀବ୍ରତା ସତ୍ତ୍ୱେ କମ୍ପନ ଅନୁଭୂତ ହୋଇପାରେ। ୨.୯ ତୀବ୍ରତାକୁ ମଧ୍ୟମ କିମ୍ବା ମୃଦୁ ବୋଲି ବିବେଚନା କରାଯାଏ, ଏବଂ ସାଧାରଣତଃ ଏହା କୌଣସି ବଡ଼ କ୍ଷତି କରିନଥାଏ। ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳଗୁଡ଼ିକ ଭୂମିକମ୍ପପ୍ରବଣ ଜୋନ୍ ୪ରେ ଅଛି। ଏହି ଅଞ୍ଚଳ ପ୍ରାୟତଃ ମୃଦୁରୁ ମଧ୍ୟମ ଭୂମିକମ୍ପ ଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ରହିଥାଏ।

## ବିମାନ ଦୁର୍ଘଟଣାଗ୍ରସ୍ତ

# ମଝି ଆକାଶରେ ୧୩ ଜୀବନ୍ତ ଦଗ୍ଧ

ଲିମା, ୨।୮: ଦକ୍ଷିଣ ଆମେରିକୀୟ ଦେଶ ପେରୁରେ ଏକ ବିମାନ ଦୁର୍ଘଟଣା ଘଟିଛି। ପର୍ଯ୍ୟଟକମାନଙ୍କୁ ବିଶ୍ୱ ପ୍ରସିଦ୍ଧ ପ୍ରାଚୀନ ନାଜକା ଲାଇନ୍ସ ଦେଖାଇବାକୁ ନେଇ ଯାଉଥିବା ଏକ ଛୋଟ ପର୍ଯ୍ୟଟନ ବିମାନ ହଠାତ୍ ମଝି ଆକାଶରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଭୟଙ୍କର ଦୁର୍ଘଟଣାରେ ବିମାନରେ ଥିବା ସମସ୍ତ ୧୩ ଜଣଙ୍କର ଘଟଣାସ୍ଥଳରେ ଦୁଃଖଦ ମୃତ୍ୟୁ ଘଟିଛି। ଦୁର୍ଘଟଣା ପଛର ପ୍ରକୃତ କାରଣ ଜାଣିବା ପାଇଁ ସ୍ଥାନୀୟ ପୁଲିସ ଓ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ବିମାନ ଉଡ଼ିବାର କିଛି ତ୍ରୁଟି ଥିଲା ଅବା ଅନ୍ୟ କୌଣସି କାରଣରୁ ଦୁର୍ଘଟଣା ଘଟିଛି ତାହାର ତଦନ୍ତ ଜାରି ରହିଛି। ପେରୁ ସରକାର ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ପ୍ରକାଶ କରିଛନ୍ତି ଓ ଜନସାଧାରଣଙ୍କୁ ଏକ ନିରପେକ୍ଷ ତଦନ୍ତ ପାଇଁ ଆଶ୍ୱାସନା ଦେଇଛନ୍ତି।

# ଅଶୋକ ସିଦ୍ଧାର୍ଥଙ୍କୁ ବିଏସପିରୁ ବହିଷ୍କାର



ଲକ୍ଷ୍ନୌ, ୨।୮: ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ବହୁଜନ ସମାଜ ପାର୍ଟି (ବିଏସପି) ସୁପ୍ରିମୋ ମାୟାବତୀ ଦଳ ଭିତରେ ଏକ ବଡ଼ ଶୃଙ୍ଖଳାଗତ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଏସପି ଜାତୀୟ ସଂଯୋଜକ ଆକାଶ ଆନନ୍ଦଙ୍କ ଶ୍ୱଶୁର ତଥା ପୂର୍ବତନ ରାଜ୍ୟସଭା ସାଂସଦ ଅଶୋକ ସିଦ୍ଧାର୍ଥଙ୍କୁ ସେ ଦଳରୁ ସ୍ଥାୟୀ ଭାବେ ବହିଷ୍କାର କରିଛନ୍ତି। ରବିବାର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ କରି ମାୟାବତୀ ସ୍ପଷ୍ଟ କରିଛନ୍ତି ଯେ, କୌଣସି ପରିସ୍ଥିତିରେ ଅଶୋକ ସିଦ୍ଧାର୍ଥଙ୍କୁ ଆଉ ବିଏସପିକୁ ଫେରାଇ ନିଆଯିବ ନାହିଁ। ଗତବର୍ଷ ମହାରାଷ୍ଟ୍ର ନିର୍ବାଚନ ସମୟରେ ଅନୁଶାସନହୀନତା ଓ ଟିକେଟ ବଣ୍ଟନ ନିୟମ ଉଲ୍ଲଂଘନ ପାଇଁ ତାଙ୍କୁ ବହିଷ୍କାର କରାଯାଇଥିଲା।

## ଶିବମୋଗାରେ ଭୂସ୍ଖଳନ

# ଗୋଟିଏ ପରିବାରର ୩ ମୃତ



ବେଙ୍ଗାଲୁରୁ, ୨।୮: କର୍ଣ୍ଣାଟକର ଶିବମୋଗା ଜିଲ୍ଲାର ଥିର୍ଥହାଲ୍ଲି ତାଲୁକରେ ଲଗାତାର ପ୍ରବଳ ବର୍ଷା ଯୋଗୁଁ ରବିବାର ପ୍ରତ୍ୟୁଷରେ ହୋଇଥିବା ଭୂସ୍ଖଳନରେ ଏକ କୁଡ଼ିଆ ମାଟି ତଳେ ଚାପି ହୋଇଯାଇଛି। ଫଳରେ ଗୋଟିଏ ପରିବାରର ତିନି ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କରେ ଜଣେ ତିନି ବର୍ଷର ଶିଶୁ ମଧ୍ୟ ଅଛନ୍ତି। ରିପୋର୍ଟ ଅନୁସାରେ, ଘଟଣା ରବିବାର ରାତି ପ୍ରାୟ ସାଢ଼େ ୨ଟା ସମୟରେ ତୀର୍ଥହଲ୍ଲୀର ଇନ୍ଦିରା ନଗରରେ ଘଟିଥିଲା। ମାଲନାଡ ଅଞ୍ଚଳରେ ନିରନ୍ତର ପ୍ରବଳ ବର୍ଷା ଯୋଗୁଁ ପାହାଡର ଏକ ଅଂଶ ଭୁଶୁଡ଼ି ପଡ଼ିଥିଲା। ବହୁ ପରିମାଣର କାଦୁଅ ଏବଂ ମାଟି ପଥର, କାମରୁ ଫେରି କୁଡ଼ିଆରେ ଶୋଇଥିବା ଶ୍ରମିକ ପରିବାରର ସଦସ୍ୟଙ୍କ ଉପରେ ପଡ଼ିଥିଲା। ଘଟଣା ପରେ ପୁଲିସ, ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା ଦଳ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। କିଛି ଘଣ୍ଟାର ପ୍ରୟାସ ପରେ,ଭଗ୍ନାବଶେଷ ତଳେ ଚାପି ହୋଇଥିବା ତିନି ଜଣଙ୍କ ମୃତଦେହ ବାହାର କରାଯାଇଥିଲା।

# ପିବିଜି ସୋଲଜରଥୋନ୍ ଶୁଭାରମ୍ଭ କଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ, ୨।୮: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପିବିଜି ସୋଲଜରଥୋନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଐତିହାସିକ ଦୌଡ଼ ରାଷ୍ଟ୍ରପତିଙ୍କ ଅଙ୍ଗରକ୍ଷୀ (ପିବିଜି)ର ୨୫୩ ବର୍ଷ ବ୍ୟାପି ଗୌରବଶାଳୀ ଐତିହ୍ୟ ଓ କାରଗିଲ୍ ଯୁଦ୍ଧର ୨୭ ବର୍ଷ ପୂର୍ତ୍ତିକୁ ସ୍ମରଣ କରିବା ପାଇଁ ଆୟୋଜିତ ହୋଇଥିଲା। ଅଭିଯାନର ଶୁଭାରମ୍ଭ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଯେ, ସୈନିକ ଓ ସଶସ୍ତ୍ର ବାହିନୀ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ସୋଲଜରଥୋନ୍ ଏକ ମହାନ ମଞ୍ଚ। ସେ କହିଛନ୍ତି, ପ୍ରକୃତ ନାୟକଙ୍କୁ ସମର୍ଥନ ଶୀର୍ଷକ ଏହି କାର୍ଯ୍ୟକ୍ରମ ସୈନିକଙ୍କ ସମର୍ପଣ ଏବଂ ବଳିଦାନକୁ ସମ୍ମାନ କରେ ଏବଂ ଲୋକମାନଙ୍କୁ ସେମାନଙ୍କ ସହିତ ଠିଆ ହେବାକୁ ପ୍ରେରଣା ଦେଇଥାଏ।

# ବାରମୂଲାରେ ଆତଙ୍କବାଦୀ ସହଯୋଗୀ ଗିରଫ



ଶ୍ରୀନଗର, ୨।୮: ଜମ୍ମୁ-କାଶ୍ମୀରରେ ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ଅଭିଯାନ ଜାରି ରହିଛି। ଏହି ସମୟରେ ସୁରକ୍ଷା ବାହିନୀ ଏକ ବଡ଼ ସଫଳତା ହାସଲ କରିଛନ୍ତି। ବାରାମୂଳା ଜିଲ୍ଲାରେ ଭାରତୀୟ ସେନା, ଜମ୍ମୁ-କାଶ୍ମୀର ପୁଲିସ, କେନ୍ଦ୍ରୀୟ ରିଜର୍ଭ ପୁଲିସ ଫୋର୍ସ (ସିଆରପିଏଫ) ଓ ସୀମା ସୁରକ୍ଷା ବଳ (ବିଏସଏଫ) ଦ୍ୱାରା ଏକ ମିଳିତ ଅଭିଯାନରେ ଜଣେ ଓଭର-ଗ୍ରାଉଣ୍ଡ ୱାର୍କର (ଓଜିଡବ୍ଲୁ)ଙ୍କୁ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ସହିତ ଗିରଫ କରାଯାଇଛି। ତାଙ୍କ ନିକଟରୁ ବେଆଇନ ଅସ୍ତ୍ରଶସ୍ତ୍ର, ଜୀବନ୍ତ ଗୁଳି ଏବଂ ଅନ୍ୟାନ୍ୟ ଜିନିଷ ଜବତ କରାଯାଇଛି। ସୁରକ୍ଷା ଏଜେନ୍ସିଗୁଡ଼ିକ ଏହାକୁ ଚାଲିଥିବା ଆତଙ୍କବାଦ ବିରୋଧୀ ଅଭିଯାନରେ ଏକ ବଡ଼ ସଫଳତା ବୋଲି ବର୍ଣ୍ଣନା କରିଛନ୍ତି। ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ପାଇଁ, ବାରାମୂଳାର ନରୱା ଅଞ୍ଚଳର ଜାଣ୍ଡଫାରାନ-ଗୋରିୱାନ କ୍ରସିଂରେ ଏକ ମିଳିତ ଚେକ୍ ପଏଣ୍ଟ ସ୍ଥାପନ କରାଯାଇଛି।

# ଅଢ଼େଇ ଲକ୍ଷ ଏକର ଜଙ୍ଗଲ ଜଳି ପାଉଁଶ

ୱାଶିଂଟନ, ୨।୮: ଆମେରିକାର ୱାସିଂଟନ ରାଜ୍ୟରେ ଭୟଙ୍କର ଅଗ୍ନିକାଣ୍ଡ ଯୋଗୁଁ ଭୟର ବାତାବରଣ ସୃଷ୍ଟି ହୋଇଛି। ରାଜ୍ୟ ସାରା ଜଙ୍ଗଲରେ ଲାଗିଥିବା ନିଆଁକୁ ଲିଭାଇବା ପାଇଁ ୪ ହଜାରରୁ ଅଧିକ ଅଗ୍ନିଶମ କର୍ମଚାରୀ ଏବଂ ନ୍ୟାସନାଲ୍ ଗାର୍ଡ ଦଳ ଦିନରାତି କାମ କରୁଛନ୍ତି। ପ୍ରବଳ ପବନ ଓ ଅତ୍ୟଧିକ ଗରମ ଯୋଗୁଁ ନିଆଁ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। ବହୁ ସଂଖ୍ୟକ ଲୋକଙ୍କୁ ସ୍ଥାନାନ୍ତର କରାଯାଉଛି। ପରିସ୍ଥିତିର ଗମ୍ଭୀରତାକୁ ଦେଖି ୱାଶିଂଟନ ରାଜ୍ୟପାଳ ବବ୍ ଫର୍ଗୁସନ୍ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ସେ ଚେତାବନୀ ଦେଇଛନ୍ତି ଯେ, ୱାଶିଂଟନ ରାଜ୍ୟ ବର୍ତ୍ତମାନ ଏକ ଅତ୍ୟନ୍ତ ଗମ୍ଭୀର ଏବଂ ବିପଜ୍ଜନକ ପରିସ୍ଥିତିର ସମ୍ମୁଖୀନ ହେଉଛି। ସାରା ରାଜ୍ୟରେ ୨ ଲକ୍ଷ ୫୦ ହଜାର ଏକରରୁ ଅଧିକ ଜମିରେ ନିଆଁ ଲାଗିବା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଚଳିତ ଗ୍ରୀଷ୍ମ ଋତୁରେ ଏପର୍ଯ୍ୟନ୍ତ ରାଜ୍ୟ ସାରା ପ୍ରାୟ ୪ ଲକ୍ଷ ୫୦ ହଜାର ଏକର ଜମି ଜଳି ଯାଇଛି। ଉଚ୍ଚ ତାପମାତ୍ରା ଏବଂ ପବନର ବେଗ ଉଦ୍ଧାର ଏବଂ ରିଲିଫ୍ ପ୍ରୟାସରେ ଯଥେଷ୍ଟ ବାଧା ସୃଷ୍ଟି କରୁଛି।

# ୧୨,୦୦୦ କ୍ୟୁସେକ୍ ପାଣି ଛାଡ଼ିଲା କର୍ଣ୍ଣାଟକ



ଚେନ୍ନାଇ, ୨।୮: କାବେରୀ ଜଳ ବିବାଦ ମଧ୍ୟରେ କର୍ଣ୍ଣାଟକ କାବିନି ଜଳଭଣ୍ଡାରରୁ ପ୍ରାୟ ୧୨,୦୦୦ କ୍ୟୁସେକ ଜଳ ଛାଡ଼ିଛି। ଜଳଭଣ୍ଡାରରୁ ଛଡାଯାଇଥିବା ପାଣି ସୋମବାର ସୁଦ୍ଧା ତାମିଲନାଡୁ ସୀମାରେ ଥିବା ବିଲିଗୁଣ୍ଡଲୁ ଗଜିଂ ଷ୍ଟେସନରେ ପହଞ୍ଚିବ ବୋଲି ଆଶା କରାଯାଉଛି। ଜଳଭଣ୍ଡାରର କ୍ୟାଚମେଣ୍ଟ ଏରିଆରେ ପ୍ରବଳ ବର୍ଷା ପରେ ଏହି ପଦକ୍ଷେପ ନିଆଯାଇଛି। ଦୁଇ ରାଜ୍ୟ ମଧ୍ୟରେ କାବେରୀ ଜଳ ବଣ୍ଟନ ବିବାଦ ଏବେ ବି ଜାରି ରହିଛି।

ଅଧିକାରୀଙ୍କ ଅନୁଯାୟୀ, ସୋମବାର ସୁଦ୍ଧା କର୍ଣ୍ଣାଟକ-ତାମିଲନାଡୁ ସୀମାରେ ଏବଂ ମଙ୍ଗଳବାର କିମ୍ବା ବୁଧବାର ସୁଦ୍ଧା ମେଟ୍ଟୁର ଜଳଭଣ୍ଡାରରେ ପାଣି ପହଞ୍ଚିବ ବୋଲି ଆଶା କରାଯାଉଛି।ଜଳ ସମ୍ପଦ ବିଭାଗର ଅଧିକାରୀମାନେ କହିଛନ୍ତି, ଛଡାଯାଇଥିବା ଜଳ ସୋମବାର ସୁଦ୍ଧା କର୍ଣ୍ଣାଟକ-ତାମିଲନାଡୁ ସୀମାରେ ଥିବା ବିଲିଗୁଣ୍ଡଲୁ ଗଜିଂ ଷ୍ଟେସନରେ ପହଞ୍ଚିବ ବୋଲି ଆଶା କରାଯାଉଛି। ପାଣି ତା'ପରେ ମେଟ୍ଟୁର ଜଳଭଣ୍ଡାର ଆଡକୁ ଗତି କରିବ। ସେଠାରେ ଏହା ମଙ୍ଗଳବାର କିମ୍ବା ବୁଧବାର ସୁଦ୍ଧା ପହଞ୍ଚିପାରେ। ଅଧିକାରୀମାନେ ସତର୍କ କରାଇ ଦେଇଛନ୍ତି ଯେ ଜଳ ଆସିବାର ସଠିକ୍ ସମୟ ନଦୀର ପରିସ୍ଥିତି ଉପରେ ନିର୍ଭର କରିବ। ଅଧିକାରୀ କହିଛନ୍ତି ଯେ, ନଦୀର ଗତିପଥରେ ବାଷ୍ପୀଭବନ ଏବଂ ଜଳ ଶୋଷଣ ଯୋଗୁ ହେଉଥିବା ଜଳ ଅପଚୟକୁ ବିଚାରକୁ ନିଆଯିବା ଆବଶ୍ୟକ, କାରଣ ଏହା ମେଟ୍ଟୁର ଜଳଭଣ୍ଡାରରେ ପାଣି ପହଞ୍ଚିବା ସମୟକୁ ପ୍ରଭାବିତ କରିବ। ତେଣୁ,ପାଣି ଜଳଭଣ୍ଡାରରେ କେବେ ପହଞ୍ଚିବ ତାହା ସଠିକ୍ ଭାବରେ ଆକଳନ କରିବା କଷ୍ଟକର ହେଉଛି।

## ନିଷ୍ପତ୍ତି ବଦଳାଇଲା ଆମେରିକା

# ସର୍ତ୍ତ ଭିତ୍ତିରେ ସ୍ଥଗିତ ରହିଲା ମଧ୍ୟପ୍ରାଚ୍ୟ ଯୁଦ୍ଧ



ୱାଶିଂଟନ, ୨।୮: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ୟୁଟର୍ଣ୍ଣ ନେଇଛନ୍ତି। ଇରାନ ଉପରେ ଆକ୍ରମଣ କରିବାର ନିଷ୍ପତ୍ତିକୁ ସ୍ଥଗିତ ରଖିଛନ୍ତି। ଆମେରିକା ଓ ଇସ୍ରାଏଲ ପକ୍ଷରୁ ଇରାନର ଶକ୍ତି ପ୍ରତିଷ୍ଠାନ ଉପରେ ଏକ ବଡ଼ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଥିବା ଖବର ପ୍ରକାଶ ପାଇଥିଲା। ଶନିବାର ଆମେରିକା ଏହାର ନାଗରିକମାନଙ୍କୁ ମଧ୍ୟପ୍ରାଚ୍ୟର ୧୦ ଦେଶ ଛାଡିବାକୁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲା। ଇରାନ ମଧ୍ୟ ସ୍ପଷ୍ଟ ଚେତାବନୀ ଦେଇଥିଲା ଯେ, ଯଦି ଆକ୍ରମଣ ହୁଏ ତେବେ ଏହାର ଜବାବ କେବଳ ଆମେରିକା ଓ ଇସ୍ରାଏଲ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ, ବରଂ ସାଉଦି ଆରବ, ୟୁଏଇ, କତାର ଓ ସମଗ୍ର ଉପସାଗରୀୟ ଅଞ୍ଚଳରେ ଥିବା ଶକ୍ତି ପ୍ରତିଷ୍ଠାନଗୁଡ଼ିକୁ ମଧ୍ୟ ଟାର୍ଗେଟ କରାଯିବ।

ଏହାକୁ ନେଇ ସାଉଦି ଆରବ ଚିନ୍ତା ପ୍ରକଟ କରିଥିଲା। କାରଣ ଇରାନ ଆକ୍ରମଣ କଲେ ସାଉଦିର ଅଧିକ କ୍ଷତି ହେବ। କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ ଏହାକୁ ନେଇ ସିଧାସଳଖ ଟ୍ରମ୍ପଙ୍କ ସହ ଫୋନ୍‌ରେ କଥା ହୋଇଥିଲେ ଓ ଉତ୍ତେଜନା ହ୍ରାସ ପାଇଁ ଆବେଦନ କରିଥିଲେ।

ଏହା ପରେ ଟ୍ରମ୍ପ ଆକ୍ରମଣକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖିବା ଘୋଷଣା କରିଛନ୍ତି। ଟ୍ରମ୍ପ ତାଙ୍କର ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି ଯେ, ଆମେରିକା ପୂର୍ଣ୍ଣ ସାମରିକ ଶକ୍ତି ସହିତ କାର୍ଯ୍ୟ କରିବାକୁ ପ୍ରସ୍ତୁତ। ଏହା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସବୁଠାରୁ ଖରାପ ଆକ୍ରମଣ ହେବାକୁ ଯାଉଥିଲା। ତେବେ ଇରାନ ଓ ପଶ୍ଚିମ ଏସିଆର ଅନ୍ୟାନ୍ୟ ଦେଶମାନେ ଆଲୋଚନାର ପଥ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ।

ଟ୍ରମ୍ପଙ୍କ ଅନୁସାରେ, ଯଦି ଶୀଘ୍ର ଏକ ଚୁକ୍ତିହୁଏ, ହର୍ମୁଜ୍ ପ୍ରଣାଳୀ ତୁରନ୍ତ ସମ୍ପୂର୍ଣ୍ଣ ଭାବରେ ଖୋଲାଯାଏ, ଓ ଇରାନର ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ସମାଧାନ ମିଳିବ, ତେବେ ଆମେରିକା ଆକ୍ରମଣ କରିବ ନାହିଁ। ଆମେ ବର୍ତ୍ତମାନ ପାଇଁ ଆକ୍ରମଣକୁ ସ୍ଥଗିତ ରଖିଛୁ। ସେ ଏହା ମଧ୍ୟ କହିଛନ୍ତି ଯେ, ଇସ୍ରାଏଲ ଏହି ନିଷ୍ପତ୍ତିକୁ ସମର୍ଥନ କରିଛି।

ଟ୍ରମ୍ପ ବର୍ତ୍ତମାନ ପାଇଁ ଆକ୍ରମଣ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ ମଧ୍ୟ ଏହାକୁ ଏକ ସ୍ଥାୟୀ ପ୍ରତିକାର ବୋଲି ବିବେଚନା କରାଯାଉନାହିଁ। କାରଣ ଟ୍ରମ୍ପ ସ୍ପଷ୍ଟ ଭାବରେ କହିଛନ୍ତି ଯେ କେବଳ ସମାଧାନର ସର୍ତ୍ତରେ ଆକ୍ରମଣକୁ ସ୍ଥଗିତ ରଖାଯାଇଛି। ଏକ୍ସିଓସର ଏକ ରିପୋର୍ଟ ଅନୁଯାୟୀ, ଆମେରିକୀୟ ଅଧିକାରୀମାନେ କହିଛନ୍ତି ଯେ ସାଉଦି ଯୁବରାଜ ମହମ୍ମଦ ବିନ୍ ସଲମାନ ଶନିବାର ଟ୍ରମ୍ପଙ୍କ ସହ ଫୋନ୍ ଯୋଗେ କଥା ହୋଇ ସମ୍ଭାବ୍ୟ ଆକ୍ରମଣ ବିଷୟରେ ଚିନ୍ତା ପ୍ରକାଶ କରିଥିଲେ ଓ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ଅନୁରୋଧ କରିଥିଲେ।

# ପ୍ରଶ୍ନପତ୍ର ସୁରକ୍ଷିତ ରଖିବାକୁ ସାଢ଼େ ୭ କୋଟିର ଟେଣ୍ଡର




ନୂଆଦିଲ୍ଲୀ, ୨।୮: ଏନଇଇଟି ୟୁଜି ପରୀକ୍ଷା ପେପର ଲିକ୍ ଘଟଣା ପରେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ)ନିଜକୁ ପରିବର୍ତ୍ତନ କରିବାକୁ ପ୍ରସ୍ତୁତ ହୋଇଛି। ଏଜେନ୍ସି ଏବେ ଏହାର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଯାଉଛି ଯାହା ଦ୍ୱାରା କୌଣସି ସ୍ତରରେ ଭୁଲ୍ କାର୍ଯ୍ୟ କିମ୍ବା ଗୋପନୀୟ ତଥ୍ୟ ଲିକ୍ ହେବାର ସୁଯୋଗ ରହିବ ନାହିଁ। ଏହି ପରିପ୍ରେକ୍ଷୀରେ ଏନଟିଏ ଦିଲ୍ଲୀର ମିଣ୍ଟୋ ରୋଡରେ ଥିବା ଏହାର ମୁଖ୍ୟାଳୟ, ଓଖଲାରେ ଥିବା ଏହାର ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ପାଇଁ ସାଢ଼େ ୭ କୋଟି ଟଙ୍କାର ସୁରକ୍ଷା ଟେଣ୍ଡର ଜାରି କରିଛି।

ଏହି ପଦକ୍ଷେପର ପ୍ରାଥମିକ ଉଦ୍ଦେଶ୍ୟ କେବଳ କାର୍ଯ୍ୟାଳୟକୁ ସୁରକ୍ଷା ଦେବା ନୁହେଁ, ବରଂ ଦେଶବ୍ୟାପୀ ପରୀକ୍ଷା ସହିତ ଜଡିତ ଗୋପନୀୟ ସାମଗ୍ରୀ, ସର୍ଭର ରୁମ୍, ଡାଟାବେସ୍ ଏବଂ ଷ୍ଟ୍ରଙ୍ଗ ରୁମ୍ ପାଇଁ ୨୪ ଘଣ୍ଟିଆ କଡ଼ା ସୁରକ୍ଷା ଯୋଗାଇବା। ସ୍ୱାସ୍ଥ୍ୟ ଏବଂ ଶିକ୍ଷା ସହିତ ଜଡିତ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାଗୁଡ଼ିକୁ ଏକ ନିରପେକ୍ଷ ଏବଂ ସୁରକ୍ଷିତ ପରିବେଶରେ ପରିଚାଳନା କରିବା ନିଶ୍ଚିତ କରିବା ପାଇଁ ଏନଟିଏ କୌଣସି ସ୍ତରରେ ସାଲିସ କରିବାକୁ ଚାହୁନାହିଁ। ଏନଟିଏ ଏକ ବୃତ୍ତିଗତ ସୁରକ୍ଷା ସଂସ୍ଥାକୁ ଠିକା ନିଯୁକ୍ତି ଦେବା ପାଇଁ ଏହି ଟେଣ୍ଡର ଜାରି କରିଛି। ଚୁକ୍ତି ପ୍ରାରମ୍ଭରେ ଦୁଇ ବର୍ଷ ପାଇଁ ହେବ,କାର୍ଯ୍ୟଦକ୍ଷତା ଉପରେ ନିର୍ଭର କରି ଚୁକ୍ତିକୁ ଆହୁରି ଦୁଇ ବର୍ଷ ବୃଦ୍ଧି କରାଯାଇପାରିବ। ନିଯୁକ୍ତ ହେବାକୁ ଥିବା ସଂସ୍ଥା ଏନଟିଏର ମିଣ୍ଟୋ ରୋଡ୍ ମୁଖ୍ୟାଳୟ ଏହାର ଓଖଲା କାର୍ଯ୍ୟାଳୟ,ଏହାର ଗୋଦାମ,ରେକର୍ଡ ରୁମ୍ ଏବଂ ଗୋପନୀୟ ପରୀକ୍ଷା ସାମଗ୍ରୀ ଥିବା ଷ୍ଟ୍ରଙ୍ଗ ରୁମ୍ ଉପରେ ୨୪ ଘଣ୍ଟା ନଜର ରଖିବା ପାଇଁ ଦାୟୀ ରହିବ ତଥା ଅନଧିକୃତ ପ୍ରବେଶକୁ ରୋକିବ।

## ସିନ୍ଧୁ ଚୁକ୍ତି ସ୍ଥଗିତ ପ୍ରସଙ୍ଗ

# ଭାରତକୁ ସମର୍ଥନ କଲା ଆମେରିକା



ୱାଶିଂଟନ୍, ୨।୮: ସିନ୍ଧୁ ନଦୀ ଜଳଚୁକ୍ତିକୁ ସ୍ଥଗିତ ରଖିବା ପାଇଁ ଭାରତ ନେଇଥିବା ନିଷ୍ପତ୍ତିକୁ ଆମେରିକାରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ବିନୟ କ୍ୱାତ୍ରା ଦୃଢ଼ ସମର୍ଥନ କରିଛନ୍ତି। ସେ କହିଛନ୍ତି ଯେ, ଏହି ଚୁକ୍ତି ସଦ୍ଭାବନା ଓ ବନ୍ଧୁତା ଉପରେ ଆଧାରିତ ଥିଲା। କିନ୍ତୁ ପାକିସ୍ତାନ ନିଜ କାର୍ଯ୍ୟକଳାପ ଦ୍ୱାରା ଦୀର୍ଘ ଦଶନ୍ଧି ଧରି ଏହାକୁ ଉଲ୍ଲଂଘନ କରିସାରିଛି। ଭାରତର ସ୍ଥଗିତାଦେଶ କେବଳ ସେହି ସତ୍ୟକୁ ଆନୁଷ୍ଠାନିକ ଭାବେ ସ୍ୱୀକାର କରିଛି। ୧୯୬୦ ଚୁକ୍ତି ଅନୁଯାୟୀ ପାକିସ୍ତାନକୁ ୮୦ ପ୍ରତିଶତ ଜଳ ମିଳୁଥିବା ବେଳେ ଭାରତ ମାତ୍ର ୨୦ ପ୍ରତିଶତ ପାଉଥିଲା। ଏହି ଅସମାନତା ସତ୍ତ୍ୱେ ଭାରତ ଚୁକ୍ତିକୁ ସମ୍ମାନ ଦେଇଆସିଥିଲା। ମାତ୍ର ପାକିସ୍ତାନ ଏହାର ନବୀକରଣ ଓ ଆଧୁନିକୀକରଣରେ କ୍ରମାଗତ ବାଧା ସୃଷ୍ଟି କରିଛି। ପାକିସ୍ତାନର ଜଳସଙ୍କଟ ପାଇଁ ଭାରତ ନୁହେଁ, ବରଂ ସେଠାକାର ଖରାପ ଆଭ୍ୟନ୍ତରୀଣ ଜଳ ପରିଚାଳନା ଦାୟୀ। ପାକିସ୍ତାନ ପାଉଥିବା ଜଳରୁ ୩୦ ପ୍ରତିଶତରୁ ଅଧିକ ଜଳ ବାଟରେ ନଷ୍ଟ ହେଉଥିବା ବେଳେ ବହୁ ପରିମାଣର ଜଳ ଅବ୍ୟବହୃତ ହୋଇ ସମୁଦ୍ରକୁ ବହିଯାଉଛି। ଦ୍ୱିପାକ୍ଷିକ ଆଲୋଚନା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରି ସେ କହିଛନ୍ତି ଯେ, ସନ୍ତ୍ରାସବାଦ ଓ ଆଲୋଚନା, ସନ୍ତ୍ରାସବାଦ ଓ ବାଣିଜ୍ୟ ଏବଂ ରକ୍ତ ଓ ପାଣି କେବେହେଲେ ଏକାଠି ବହିପାରିବ ନାହିଁ। ସୂଚନାଯୋଗ୍ୟ, ୨୦୨୫ ଏପ୍ରିଲ ୨୨ରେ ଜମ୍ମୁ-କାଶ୍ମୀରର ପହଲଗାମଠାରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ପରେ ଭାରତ ଏହି ଚୁକ୍ତିକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲା।

# ପ୍ରତିବର୍ଷ ଚୋରି ହେଉଛି ୧୮ କୋଟି ଟଙ୍କା

## ସିଦ୍ଧିବିନାୟକ ଦାନଚୋରି ମାମଲା

ମୁମ୍ବାଇ, ୨।୮: ଉତ୍ତରାଖଣ୍ଡର ପ୍ରସିଦ୍ଧ ବଦ୍ରିନାଥ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦାନକୁ ନେଇ ଅନିୟମିତତା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି, ଯାହା ଅନେକ ପ୍ରଶ୍ନ ଉଠାଇଛି। ଏହି ପ୍ରସଙ୍ଗଗୁଡ଼ିକୁ ନେଇ ଶାସକ ଦଳ ଓ ବିରୋଧୀଙ୍କ ମଧ୍ୟରେ ବାକ୍ ଯୁଦ୍ଧ ମଧ୍ୟ ତୀବ୍ର ହୋଇଛି। ଏହି ସମୟରେ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମଏନଏସ) ମୁଖ୍ୟ ରାଜ୍ ଠାକରେ ଏକ ବଡ଼ ଅଭିଯୋଗ ଆଣିଛନ୍ତି। ସେ ଦାବି କରିଛନ୍ତି ଯେ, ମୁମ୍ବାଇର ପ୍ରସିଦ୍ଧ ସିଦ୍ଧିବିନାୟକ ମନ୍ଦିରରେ ପ୍ରତିବର୍ଷ ୧୮ କୋଟି ମୂଲ୍ୟର ଦାନ ଆତ୍ମସାତ ହେଉଛି। ମୁମ୍ବାଇରେ ଏମଏନଏସର ଛାତ୍ର ଶାଖାର ୨୦ତମ ବାର୍ଷିକୀ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜ ଠାକରେ ସିଦ୍ଧିବିନାୟକ ମନ୍ଦିରର ଦାନ ବାକ୍ସରୁ ଚୋରି ହୋଇଥିବା ଅଭିଯୋଗ ପ୍ରସଙ୍ଗ ଉଠାଇଥିଲେ। ଠାକରେ କହିଥିଲେ ଯେ ଆଜିକାଲି ମନ୍ଦିର ମଧ୍ୟ ସୁରକ୍ଷିତ ନୁହେଁ। ସେ କହିଥିଲେ ଯେ ହତାଶ ଯୁବବର୍ଗମାନେ ମନ୍ଦିର ପରିଦର୍ଶନ କରନ୍ତି, କିନ୍ତୁ ମନ୍ଦିର ମଧ୍ୟ ଦୁର୍ନୀତିରୁ ସୁରକ୍ଷିତ ନୁହେଁ। ସେ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ ଅଯୋଧ୍ୟାର ରାମ ମନ୍ଦିରରୁ ୧,୪୦୦ କୋଟି ଚୋରି ହୋଇଛି। ସେ ଦାବି କରିଛନ୍ତି ଯେ ସିଦ୍ଧିବିନାୟକ ମନ୍ଦିର ଟ୍ରଷ୍ଟର ଆଠ ଜଣ ଟ୍ରଷ୍ଟି ଏହି ଘଟଣାର ତଦନ୍ତ ଦାବି କରି ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ଚିଠି ଲେଖିଛନ୍ତି। ଚିଠିଟି ପଢ଼ି ରାଜ ଠାକରେ କହିଛନ୍ତି ଯେ ସିଦ୍ଧିବିନାୟକ ମନ୍ଦିରର ଦାନ ବାକ୍ସରୁ ଟଙ୍କା

## ବଳ ଗୋଟାଉଛି ଟାଇଫୁନ୍ ଡଲଫିନ୍

# ଜାପାନ, କୋରିଆ, ଚୀନରେ ହେବ ଜଳ ତାଣ୍ଡବ



ନୂଆଦିଲ୍ଲୀ, ୨।୮: ସୁପର ଟାଇଫୁନ୍ 'ଡଲଫିନ୍'ର ଭୟଙ୍କର ରୂପ ୩ ଦେଶ ଦେଖିବେ ବୋଲି ଏକ ରିପୋର୍ଟ ପ୍ରକାଶ ପାଇଛି। ଉତ୍ତର-ପଶ୍ଚିମ ପ୍ରଶାନ୍ତ ମହାସାଗରରେ ବଳ ଗୋଟାଇ ସୁପର ଟାଇଫୁନରେ ପରିଣତ ହେଉଛି ଡଲଫିନ୍। ଏହି ଝଡ଼ ଚଳିତ ବର୍ଷର ସବୁଠାରୁ ଶକ୍ତିଶାଳୀ ଟାଇଫୁନ୍ ହେବାକୁ ଯାଉଛି ବୋଲି ଆକଳନ କରିଛନ୍ତି ବିଶ୍ୱ ପାଣିପାଗ ବିଜ୍ଞାନୀ।

ସୁପର ଟାଇଫୁନ୍ ଟୋକିଓରୁ ୨,୮୦୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ରହିଛି। ଏହା କିଛି ସମୟ ପାଇଁ କାଟାଗୋରି-୫ରେ ଥିଲା। ଏବେ ଏହା କାଟାଗୋରୀ-୪ରେ ରହିଛି। ଚୀନ୍ ପାଣିପାଗ ବିଭାଗ ଅନୁଯାୟୀ, ଏହା ଚଳିତ ବର୍ଷର ସବୁଠାରୁ ଭୟଙ୍କର ଟାଇଫୁନ୍ ହୋଇପାରେ। ଘଣ୍ଟାପ୍ରତି ୨୦ କିଲୋମିଟର ବେଗରେ ଉତ୍ତର-ପଶ୍ଚିମ ଆଡ଼କୁ ଗତି କରୁଛି। ସବୁଠୁ ବଡ଼ କଥା ହେଲା ଶୁକ୍ରବାର ସକାଳେ ଟାଇଫୁନ କିଛି ସମୟ ପାଇଁ ଦୁର୍ବଳ ହୋଇଥିଲା। ଏବେ ପୁଣି ଶକ୍ତିଶାଳୀ ହେବାରେ ଲାଗିଛି। ୱେଦର ଚାଇନାର ମୁଖ୍ୟ ପାଣିପାଗ ବିଶ୍ଲେଷକ ଜିନ୍ ଜିନ୍ କହିଛନ୍ତି ଏହା ଜାପାନ ଏବଂ ଦକ୍ଷିଣ କୋରିଆରୁ ପୂର୍ବ ଚୀନ୍ ପର୍ଯ୍ୟନ୍ତ ସମ୍ଭାବ୍ୟ ସ୍ଥଳଭାଗ ଛୁଇଁପାରେ। ପୂର୍ବ ଚୀନ୍ ଝେଜିଆଙ୍ଗ ପ୍ରଦେଶର ହାଙ୍ଗଝୌ ବେ ନିକଟରେ ସ୍ଥଳଭାଗ ଛୁଇଁବା ଅଧିକ ସମ୍ଭାବନା ରହିଛି। ଏହା ପ୍ରଭାବରେ ଆସନ୍ତା ସପ୍ତାହରେ ଚୀନରେ ପାଗ ବଦଳିବ। ପୂର୍ବ ଚୀନ୍‌ରେ ଅତ୍ୟନ୍ତ ଭାରୀ ବର୍ଷା ହୋଇପାରେ। ଚଳିତ ବର୍ଷ ଅଶାନ୍ତ ହୋଇପଡ଼ିଛି ପ୍ରଶାନ୍ତ ମହାସାଗର। ସୃଷ୍ଟି ହେଲାଣି ତିନି ତିନିଟା ସୁପର ଟାଇଫୁନ। ସିନଲାକୁ, ବାଭି ଓ ଡଲଫିନ୍। ଭାରତୀୟ ପାଣିପାଗ ବିଭାଗର ବୈଜ୍ଞାନିକ ଉମାଶଙ୍କର ଦାସ ଟ୍ୱିଟ କରି ୬୬ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ଅଗଷ୍ଟ ମାସ ପୂର୍ବରୁ ପ୍ରଶାନ୍ତ ମହାସାଗରରେ ୩୦୦ କି.ମି./ଘଣ୍ଟାରୁ ଅଧିକ ବେଗ ବିଶିଷ୍ଟ ତିନୋଟି ସୁପର ଟାଇଫୁନ୍ ସୃଷ୍ଟି ହୋଇଥିବା ସାଟେଲାଇଟ ଚିତ୍ର ସେୟାର କରିଛନ୍ତି। ଜୁଲାଇରେ ସୃଷ୍ଟି ହୋଇଥିବା ବାଭି ପ୍ରଳୟ ରଚିଥିବା ବେଳେ ଏବେ ଡଲଫିନର କୋପ କଣ ରହିବ, ଏହା ଉପରେ ବିଶ୍ୱ ପାଣିପାଗ ବିଜ୍ଞାନୀଙ୍କ ନଜର ରହିଛି।

# କ୍ରୀଡ଼ା କ୍ଷେତ୍ରରେ ମିଳିମିଶି କାମ କରିବେ ଓଡ଼ିଶା ଓ ବିହାର



**ବିହାର କ୍ରୀଡ଼ା ମନ୍ତ୍ରୀଙ୍କ ଚାରିଦିନିଆ ଓଡ଼ିଶା ଗସ୍ତ ଉଦ୍‌ଯାପିତ**

ଭୁବନେଶ୍ୱର,୨।୮(ସଂଚାର ବ୍ୟୁରୋ): ବିହାର ସରକାରଙ୍କ କ୍ରୀଡ଼ା ଓ ଉଦ୍ୟୋଗ ମନ୍ତ୍ରୀ ଶ୍ରେୟସୀ ସିଂହଙ୍କ ଚାରିଦିନିଆ ଓଡ଼ିଶା ଗସ୍ତ ଆଜି ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶେଷ ହୋଇଛି। ଗସ୍ତର ଶେଷ ଦିନରେ ସେ ଓଡ଼ିଶାର କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିଥିଲେ। ଦୁଇ ରାଜ୍ୟ ମଧ୍ୟରେ କ୍ରୀଡ଼ା କ୍ଷେତ୍ରରେ ସହଯୋଗ, ଖେଳାଳି ଆଦାନପ୍ରଦାନ, କ୍ରୀଡ଼ା ବିଜ୍ଞାନର ବ୍ୟବହାର ଓ ତୃଣମୂଳ ସ୍ତରରୁ ନୂଆ ପ୍ରତିଭା ଖୋଜିବା ଉପରେ ଏହି ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଆଲୋଚନା ସମୟରେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ଭୂପେନ୍ଦ୍ର ସିଂହ ପୁନିଆ ଉପସ୍ଥିତ ରହି ବିଭାଗୀୟ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶାର ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଓ ହାଇ-ପରଫର୍ମାନ୍ସ ସେଣ୍ଟରଗୁଡ଼ିକର ପ୍ରଶଂସା କରି ଶ୍ରେୟସୀ ସିଂହ କହିଥିଲେ ଯେ ବିହାରରେ ମଧ୍ୟ କ୍ରୀଡ଼ା ଭିତ୍ତିଭୂମିର ବ୍ୟାପକ ବିକାଶ କରାଯାଉଛି। କ୍ରୀଡ଼ା ପ୍ରାଙ୍ଗଣଗୁଡ଼ିକର ସଠିକ୍ ବ୍ୟବହାର ଓ ପରିଚାଳନା ପାଇଁ ସେ ଓଡ଼ିଶା ଓ ବିହାର ମଧ୍ୟରେ ବନ୍ଧୁତାପୂର୍ଣ୍ଣ ମ୍ୟାଚ୍ ଓ ଖେଳାଳି ବିନିମୟ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହ ବିହାରର ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଭଲିବଲ୍, ବାସ୍କେଟବଲ୍, କ୍ରିକେଟ୍ ପ୍ରାକ୍ଟିସ୍ ପିଚ୍ ଓ ଫୁଟବଲ୍ ଭଳି ୪ଟି ଖେଳ ପାଇଁ ଭିତ୍ତିଭୂମି ତିଆରି କରାଯାଉଥିବା ସେ କହିଥିଲେ।

ସେହିପରି ଓଡ଼ିଶାର କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ 'ସିଏମ୍ ଟ୍ରଫି' ଭଳି ପ୍ରତିଯୋଗିତା ମାଧ୍ୟମରେ ଓଡ଼ିଶାରେ ତୃଣମୂଳ ସ୍ତରରୁ ନୂଆ ଖେଳାଳି ସୃଷ୍ଟି କରାଯାଉଛି। କ୍ରୀଡ଼ା ସଚିବ ଶ୍ରୀ ପୁନିଆ ଓଡ଼ିଶାର କାର୍ଯ୍ୟଶୈଳୀ ସମ୍ପର୍କରେ ବୁଝାଇ କହିଥିଲେ ଯେ ଗ୍ରାମାଞ୍ଚଳର ଖେଳାଳି ସୃଷ୍ଟି କରିବା ପାଇଁ ବିଦ୍ୟାଳୟ, କ୍ରୀଡ଼ା ଅନୁଷ୍ଠାନ ଏବଂ ସରକାରୀ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ଜରୁରୀ ବୋଲି ଦୁଇ ମନ୍ତ୍ରୀ ସହମତି ପ୍ରକାଶ କରିଥିଲେ। ବୈଠକରେ କ୍ରୀଡ଼ା ବିଜ୍ଞାନର ଗୁରୁତ୍ୱ ଉପରେ ଚର୍ଚ୍ଚା କରାଯାଇଥିଲା। କୋଚିଂ ଓ ତାଲିମ କ୍ଷେତ୍ରରେ ଥିବା ଆହ୍ୱାନଗୁଡ଼ିକୁ ଦୂର କରିବା ସହ ଖେଳାଳିଙ୍କ ଭବିଷ୍ୟତ ସୁରକ୍ଷିତ କରିବା ପାଇଁ କ୍ରୀଡ଼ା ବିଜ୍ଞାନକୁ ପାଠ୍ୟକ୍ରମ ସହ ଯୋଡ଼ିବା ଉପରେ ଶ୍ରୀ ପୁନିଆ ଗୁରୁତ୍ୱ ଦେଇଥିଲେ। ସେହିପରି ଆଘାତରୁ ବଞ୍ଚିବା, ସଠିକ୍ ଆହାର ଓ ବିଶ୍ରାମ ବିଷୟରେ ଖେଳାଳିଙ୍କୁ ସଚେତନ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ଶ୍ରେୟସୀ କହିଥିଲେ। ଆଲୋଚନା ଶେଷରେ ମନ୍ତ୍ରୀ ଶ୍ରୀ ସୂରଜ ବିହାର ପ୍ରତିନିଧି ଦଳକୁ ଓଡ଼ିଶାର ସଂସ୍କୃତି ଓ ପାରମ୍ପରିକ ଖାଦ୍ୟ ସମ୍ପର୍କରେ ଧାରଣା ଦେଇଥିଲେ।

## ପୁଅକୁ ବଞ୍ଚାଇବାକୁ ଯାଇ ଚାଲିଗଲା ବାପାର ଜୀବନ

ପାରାଦ୍ୱୀପ, ୨।୮ (ସଂଚାର ବ୍ୟୁରୋ): ଅଧୁରା ରହିଲା ବାପା-ପୁଅଙ୍କ ବୋଲବମ୍ ଯାତ୍ରା। ଜଳାଭିଷେକ ପାଇଁ ମହାନଦୀରୁ ପାଣି ଉଠାଉଥିବା ବେଳେ ବୁଡ଼ିଯାଉଥିବା ପୁଅକୁ ଉଦ୍ଧାର କରିବାକୁ ଯାଇ ବାପାର ଜୀବନ ଚାଲିଯାଇଛି। ମୃତକ ଜଣକ ହେଲେ ପାରାଦ୍ୱୀପ ଲକ୍ ଥାନା ନିମିଡିହି ଗ୍ରାମର ଈଶ୍ୱର ବାରିକ। ଜଗତସିଂପୁର ଜିଲ୍ଲା ପାରାଦ୍ୱୀପ ଭୁତ୍ତୁମୁଣ୍ଡାଇ ଘାଟରୁ ଈଶ୍ୱର ଓ ତାଙ୍କ ପୁଅ ଶ୍ରାବଣ ସୋମବାର ନିମନ୍ତେ ପାଣି ଭାର ଉଠାଇବା ପାଇଁ ଯାଇଥିଲେ। ସେଠାରେ ହଠାତ୍ ନଦୀରେ ପୁଅର ଗୋଡ଼ ଖସିଯିବାରୁ ସେ ବୁଡ଼ିଯାଇଥିଲା। ଏହା ଦେଖି ପୁଅକୁ ଉଦ୍ଧାର କରିବାକୁ ଯାଇ ବାପା ମଧ୍ୟ ବୁଡ଼ିଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନଦୀରେ ଖୋଜାଖୋଜି କରିଥିଲେ। ନଦୀରୁ ବାପା ଈଶ୍ୱରର ମୃତଦେହ ଉଦ୍ଧାର କରିଥିଲେ। ସେହିପରି ପୁଅକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କୁଜଙ୍ଗ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଅପହୃତ ନାବାଳିକା ଉଦ୍ଧାର, ୩ ଗିରଫ

କୋଲକାତା,୨।୮(ସଂଚାର ବ୍ୟୁରୋ): ରବିବାର ସକାଳେ ମୟନାଗୁଡ଼ି ଥାନାର ପୁଲିସ ଏକ ବଡ଼ ସଫଳତା ହାସଲ କରିଛି। ସୂଚନା ମିଳିଛି ଯେ, ଏକ ସ୍ୱତନ୍ତ୍ର ଅଭିଯାନ ପରେ ସେମାନେ ଜଳପାଇଗୁଡ଼ିର ଧୂପଗୁଡ଼ିରୁ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି। ଏହି ଘଟଣାରେ ପୁଲିସ ଜଣେ ବ୍ୟକ୍ତିଙ୍କ ସମେତ ଦୁଇ ଜଣ ଯୁବକଙ୍କୁ ଗିରଫ କରିଛି। ପୁଲିସର ସୂଚନା ଅନୁଯାୟୀ, ଜଣେ ଯୁବକ ମୟନାଗୁଡ଼ିର ଜଣେ ନାବାଳିକା ସହିତ ଫୋନ୍‌ରେ ସମ୍ପର୍କ ସ୍ଥାପନ କରିଥିଲେ। ପରେ ସେ ତାଙ୍କୁ ପ୍ରଲୋଭନ ଦେଖାଇ ଧୂପଗୁଡ଼ିକୁ ନେଇଯାଇ ବିବାହ କରିଥିଲେ ଏବଂ ତା'ପରେ ତାଙ୍କ ଘରୁ ପଳାଇ ଯାଇଥିଲେ। ଅଭିଯୋଗ ହୋଇଛି ଯେ ଅଭିଯୁକ୍ତଙ୍କ ପରିବାର ମଧ୍ୟ ଏହି ଘଟଣାରେ ସମ୍ପୃକ୍ତ ଥିଲେ। ଏହି ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ପୁଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା। ରବିବାର ତଦନ୍ତକାରୀମାନେ ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କୁ ମୟନାଗୁଡ଼ି ଫେରାଇ ଆଣିଥିଲେ। ପୁଲିସ ଆହୁରି ଜଣାଇଛି ଯେ ନାବାଳିକାଙ୍କୁ ଅପହରଣ କରିଥିବା ଅଭିଯୁକ୍ତ ବ୍ୟକ୍ତି ବର୍ତ୍ତମାନ ଫେରାର ଅଛି ଏବଂ ତଦନ୍ତକାରୀମାନେ ତାଙ୍କୁ ସକ୍ରିୟ ଭାବରେ ଖୋଜୁଛନ୍ତି।

## କଳାବଜାରୀ ରୋକିବାକୁ ପୁଲିସ୍ ଚଢ଼ାଉ

କୋଲକାତା,୨।୮(ସଂଚାର ବ୍ୟୁରୋ): ବର୍ଷା ଋତୁ ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ପନିପରିବା ଉତ୍ପାଦନ ପ୍ରଭାବିତ ହୋଇଛି, ଯାହା ଫଳରେ ଜିନିଷ ଦର ବୃଦ୍ଧି ନେଇ ଚିନ୍ତା ବଢ଼ିଛି। ଏହି ପରିସ୍ଥିତି ମଧ୍ୟରେ କଳାବଜାରୀ ରୋକିବା ପାଇଁ ବାରୁଇପୁର ପୁଲିସ ଜିଲ୍ଲାର ଏନଫୋର୍ସମେଣ୍ଟ ବିଭାଗ ଓ ବାରୁଇପୁର ପୁଲିସ ରବିବାର ସକାଳେ ବାରୁଇପୁର କଚାରି ବଜାରରେ ଚଢ଼ାଉ କରିଥିଲେ। ସେମାନଙ୍କ ସହିତ ବିଡିଓ, ବାରୁଇପୁର ପୌରପାଳିକାର ପ୍ରତିନିଧି ଏବଂ ଅନ୍ୟାନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଜାଣିବାକୁ ମିଳିଛି ଯେ ପ୍ରବର୍ତ୍ତନ ବିଭାଗର ସଦସ୍ୟମାନେ ବାରୁଇପୁର ବଜାର ଗସ୍ତକରି ଖୁଚୁରା ଓ ପାଇକାରୀ ବ୍ୟବସାୟୀଙ୍କ ସହ କଥା ହୋଇଥିଲେ।

## ପୁଲିସକୁ ଆକ୍ରମଣ କରି ଯୁବକ ଗିରଫ

କୋଲକାତା, ୨।୮ (ସଂଚାର ବ୍ୟୁରୋ): ଶୁକ୍ରବାର ଶେକ୍ସପିଅର ସରଣୀ ଥାନା ଅଞ୍ଚଳରେ କର୍ତ୍ତବ୍ୟରତ ଜଣେ ପୁଲିସ ଅଧିକାରୀଙ୍କୁ ବାଧା ଦେବା ଓ ଆକ୍ରମଣ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ନବନୀତ ବାଗ୍ରି ନାମକ ଅଭିଯୁକ୍ତ ଜୋଡ଼ାବାଗନର ବାସିନ୍ଦା। ତାଙ୍କୁ ଶନିବାର ବ୍ୟାଙ୍କସଲ କୋର୍ଟରେ ହାଜର କରାଯାଇଥିଲା। ବିଚାରପତି ପାଏଲ ବନ୍ଦୋପାଧ୍ୟାୟ ତାଙ୍କୁ ଦୁଇ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ସରକାରୀ ଓକିଲ ଅରୂପ ଚକ୍ରବର୍ତ୍ତୀ କୋର୍ଟରେ ଯୁକ୍ତି ଦର୍ଶାଇଥିଲେ ଯେ ଅଭିଯୁକ୍ତ ଶୁକ୍ରବାର ଶେକ୍ସପିଅର ସରଣୀ ଅଞ୍ଚଳରେ ରାସ୍ତା ମଝିରେ ନିଶାସକ୍ତ ଅବସ୍ଥାରେ ଠିଆ ହୋଇ ମୋବାଇଲ ଫୋନ୍ ସହିତ ଫଟୋ ଉଠାଉଥିଲେ। ପୁଲିସ ହସ୍ତକ୍ଷେପ କରିବା ପରେ ସେ ଜଣେ ଅଧିକାରୀଙ୍କୁ ଆକ୍ରମଣ କରିଥିଲେ।

## ବସ୍ ଦୁର୍ଘଟଣାରେ କଣ୍ଡକ୍ଟର ମୃତ

କୋଲକାତା,୨।୮(ସଂଚାର ବ୍ୟୁରୋ): ରବିବାର ସକାଳେ ମନ୍ଦିରବଜାରର ଗାବେରିଆ ଅଞ୍ଚଳରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ୮୯ ନମ୍ବର ରୁଟ୍‌ରେ ଚାଲୁଥିବା ଏକ ଯାତ୍ରୀବାହୀ ବସ୍ ଓଲଟି ପଡ଼ିବାରୁ କଣ୍ଡକ୍ଟର ଖୋକନ୍ ସର୍ଦ୍ଦାର (୫୭ ବର୍ଷ ବୟସ) ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ୧୧ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ କେତେକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ପୁଲିସ ଓ ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବସ୍‌ଟି ଢୋଲାହାଟ ଜୁମାଇ ଲସ୍କରେର ହାଟରୁ ଲକ୍ଷ୍ମୀକାନ୍ତପୁର ଅଭିମୁଖେ ଯାତ୍ରା କରି ଗବେରିଆ ଅଞ୍ଚଳରେ ପହଞ୍ଚିଥିଲା। ଭାଗବତିପୁରର ଭଙ୍ଗା ରାସ୍ତାରେ ଏକ କ୍ଷୀର ବୋଝେଇ ପିକଅପ୍ ଭ୍ୟାନ୍ ପାଇଁ ରାସ୍ତା ଦେବାକୁ ଚେଷ୍ଟା କରୁଥିବା ସମୟରେ ବସ୍‌ଟି ନିୟନ୍ତ୍ରଣ ହରାଇ ଓଲଟି ପଡ଼ିଥିଲା। ଗାଡ଼ି ଭିତରୁ ଚିତ୍କାର ଶବ୍ଦ ଶୁଣି ସ୍ଥାନୀୟ ବାସିନ୍ଦା ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ଦୁର୍ଘଟଣା ଯୋଗୁଁ ରାସ୍ତାରେ ଯାତାୟାତ ବନ୍ଦ ରହିଥିଲା।

## ରାସ୍ତାରେ ବାଲି ପଥର ରଖିବାକୁ ନେଇ ଅଗ୍ନିମିତ୍ରାଙ୍କ ଚେତାବନୀ

କୋଲକାତା,୨।୮(ସଂଚାର ବ୍ୟୁରୋ): ପୌର ବ୍ୟାପାର ମନ୍ତ୍ରୀ ଅଗ୍ନିମିତ୍ରା ପାଲ ରାସ୍ତାରେ ବାଲି ଓ ପଥର ରଖିବା ନେଇ କଡ଼ା ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ଏବେଠାରୁ ରାସ୍ତାରେ ବାଲି କିମ୍ବା ପଥର ଛାଡ଼ିଲେ ଜରିମାନା ଲାଗୁ ହେବ। ଯଦି ଆପଣ ଘର ନିର୍ମାଣ କରୁଛନ୍ତି, ତେବେ ବାଲି ଓ ପଥରକୁ କୋଠା ପରିସରରେ ରଖନ୍ତୁ, ବାହାରେ ନୁହେଁ। ଯଦି ଆପଣଙ୍କର ଏକ ଜମି ଅଛି, ତେବେ ଏହାକୁ ସଫା ରଖିବାର ଦାୟିତ୍ୱ ଆପଣଙ୍କ ଉପରେ। ଆପଣ ଜମିକୁ ଅବହେଳିତ ଭାବରେ ଛାଡିପାରିବେ ନାହିଁ କି ଅଳିଆ ଗଦାରେ ପରିଣତ କରିପାରିବେ ନାହିଁ।

## ହମିମ ଓ ଅର୍ପିତାଙ୍କୁ ଜେରା

କୋଲକାତା,୨।୮(ସଂଚାର ବ୍ୟୁରୋ): ଆତଙ୍କବାଦୀଙ୍କ ସହ ସମ୍ପର୍କ ରଖିବା ଅଭିଯୋଗରେ ହମିମ ମଣ୍ଡଳ ଓ ତାଙ୍କ ପ୍ରେମିକା ଅର୍ପିତା ସରକାରଙ୍କୁ ଗିରଫ କରାଯାଇଛି। ସେମାନେ ବର୍ତ୍ତମାନ ପୁଲିସ ହେପାଜତରେ ଅଛନ୍ତି। ଦୁହିଁଙ୍କୁ ପଚରାଉଚରା କରିବା ପରେ ଏସ୍‌ଟିଏଫ୍ ସମ୍ପ୍ରତି ଅନେକ ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ ପାଇଛି। ଏସ୍‌ଟିଏଫ୍ ଜଣାଇଛି ଯେ ଗିରଫ ବ୍ୟକ୍ତିମାନଙ୍କର ଏକ ପାକିସ୍ତାନୀ ଆତଙ୍କବାଦୀ ଗୋଷ୍ଠୀ ସହିତ ସମ୍ପର୍କ ରହିଛି।

## ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ପକ୍ଷରୁ କୁଇଜ୍ ପ୍ରତିଯୋଗିତା




ବାଲେଶ୍ୱର,୨।୮ (ସଂଚାର ବ୍ୟୁରୋ): ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ପକ୍ଷରୁ ତୃତୀୟ ସେମିଷ୍ଟର ଛାତ୍ରଛାତ୍ରୀଙ୍କ ପାଇଁ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ସେମିଷ୍ଟରର ସମ୍ପୂର୍ଣ୍ଣ ପାଠ୍ୟକ୍ରମ ଏବଂ ତୃତୀୟ ସେମିଷ୍ଟରର ପ୍ରଥମ ୟୁନିଟ୍‌କୁ ଆଧାରକରି ପ୍ରଶ୍ନ ପଚରାଯାଇଥିଲା। ସହକାରୀ ପ୍ରାଧ୍ୟାପିକା ତଥା ବିଭାଗୀୟ ସଂଯୋଜିକା ଡ. ସ୍ମିତିପାଢ଼ୀ ପ୍ରଥମ ପ୍ରଶ୍ନପଚାରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାବେଳେ ସହକାରୀ ପ୍ରାଧ୍ୟାପକ ଡ. ଅଶେଷ କୁମାର ନାୟକ ପରବର୍ତ୍ତୀ ପ୍ରଶ୍ନୋତ୍ତର ପର୍ବପରିଚାଳନା କରିଥିଲେ। ସହକାରୀ ପ୍ରାଧ୍ୟାପିକା ତଥା ବିଭାଗୀୟ କାର୍ଯ୍ୟକ୍ରମ ସଂଯୋଜିକା ମୋତିପଙ୍କଜମ୍ ପଚରାଯାଉଥିବା ସମସ୍ତ ପ୍ରଶ୍ନର ଠିକ ଉତ୍ତର, ଉଭୟ ଦଳକୁ ଅବଗତ କରାଇଥିଲେ। ସହକାରୀ ପ୍ରାଧ୍ୟାପକ ଧୀରେନ୍ଦ୍ରକୁମାର ବେହେରା କାର୍ଯ୍ୟକ୍ରମରେ ଉପସ୍ଥିତରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।ଏହି ପ୍ରତିଯୋଗିତାରେ ତାପସ, ହେମନ୍ତ, ଓମକାର, ପୁଷ୍ପିତା, ଇପ୍ସିତା, ଦିବ୍ୟା, ଅଭିଷେକ, ଚନ୍ଦନ, ଜାଗୃତି, ଶୁଭଶ୍ରୀ, ଜୟସ୍ମିତା, ଅନନ୍ୟା, ସୌରଭ, ଗୋବିନ୍ଦ, ଉମାଶଙ୍କର କର ଓ ଉମାଶଙ୍କର ଦାସ ଅଂଶଗ୍ରହଣ କରିଥିଲେ। ସାମ୍ବାଦିକତା ବିଭାଗ ପକ୍ଷରୁ ଏଭଳି ନିୟମିତ ଶିକ୍ଷାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିତ୍ୱ ବିକାଶ, ସାଧାରଣଜ୍ଞାନ ଓ ଯୋଗାଯୋଗ କୌଶଳର ଉନ୍ନତି ପାଇଁ ପ୍ରୟାସଜାରି ରହିଛି।

## ରୋଟାରୀ କ୍ଲବ ଖାରବେଳ କଳିଙ୍ଗନଗରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର



ଭୁବନେଶ୍ୱର,୨।୮(ସଂଚାର ବ୍ୟୁରୋ): ରୋଟାରୀ କ୍ଲବ ଖାରବେଳ କଳିଙ୍ଗନଗର, ଭୁବନେଶ୍ୱର ପକ୍ଷରୁ କଳିଙ୍ଗନଗରସ୍ଥିତ କେଏମବି କମ୍ୟୁନିଟି ସେଣ୍ଟରଠାରେ ସଫେଇ କର୍ମଚାରୀ ଓ ଘରୋଇ କର୍ମଚାରୀଙ୍କ ପାଇଁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଛି। ଆଇଏମ୍‌ଏସ୍ ଏବଂ ସମ୍ ହସ୍ପିଟାଲ୍-୧ର ଡାକ୍ତର ଓ ପାରାମେଡିକାଲ୍ କର୍ମଚାରୀମାନଙ୍କ ସହଯୋଗରେ ଏହି ଜନହିତକର କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ରୋଟାରୀ ଇଣ୍ଟରନ୍ୟାସନାଲ୍ ଜିଲ୍ଲା ୩୨୬୨ର ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ୍ ଅନିଲ କୁମାର ସାମଲ ଓ ରୋଟାରୀ ଜିଲ୍ଲାର ପ୍ରଥମ ମହିଳା ରୋଟାରିଆନ୍ ସୁବ୍ରତା ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କ୍ଲବ ସଭାପତି ରୋଟାରିଆନ୍ ପିଏସ୍‌ଏନ୍ ପାତ୍ର ଜିଲ୍ଲା ଗଭର୍ଣ୍ଣର, ପ୍ରଥମ ମହିଳା, ଡାକ୍ତର, ପାରାମେଡିକାଲ୍ କର୍ମଚାରୀ, ରୋଟାରିଆନ୍ ସଦସ୍ୟ ଓ ହିତାଧିକାରୀଙ୍କୁ ସ୍ୱାଗତ କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କ୍ଲବ ସମ୍ପାଦକ ରୋଟାରିଆନ୍ କେକେ ରାଓ, ରୋଟାରିଆନ୍ କର୍ଣ୍ଣେଲ୍ ଏସ୍‌ଜେ ରାଓ, ରୋଟାରିଆନ୍ ଡା. କେସି ସ୍ୱାଇଁ, ରୋଟାରିଆନ୍ ଆର୍‌ସି ମହାନ୍ତି, ରୋଟାରିଆନ୍ ଦିଲ୍ଲୀପ କୁମାର ଜେନା, ରୋଟାରିଆନ୍ ପୁର ପ୍ରଧାନ, ରୋଟାରିଆନ୍ ଦେବବ୍ରତ ଦାଶ, ରୋଟାରିଆନ୍ ଆନନ୍ଦ ବ୍ରହ୍ମା ଓ ରୋଟାରିଆନ୍ ଦେବଦତ୍ତ ମହାନ୍ତି ଅଂଶଗ୍ରହଣ କରିଥିଲେ। ଜାତୀୟ ସଙ୍ଗୀତ ଗାନ ପରେ ସ୍ୱାସ୍ଥ୍ୟ ଶିବିର ଆରମ୍ଭ ହୋଇଥିଲା। ପ୍ରାୟ ୮୭ ଜଣ ସଫେଇ ଓ ଘରୋଇ କର୍ମଚାରୀ ଏହି ଶିବିରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଡାକ୍ତରୀ ପରାମର୍ଶ ନେଇଥିଲେ। ହିତାଧିକାରୀଙ୍କୁ ଆବଶ୍ୟକତା ଅନୁଯାୟୀ ନିଃଶୁଳ୍କ ଔଷଧ ମଧ୍ୟ ବଣ୍ଟାଯାଇଥିଲା। ହିତାଧିକାରୀ, ଚିକିତ୍ସକ, ପାରାମେଡିକାଲ୍ କର୍ମଚାରୀ ଓ ରୋଟାରୀ କ୍ଲବର ସଦସ୍ୟଙ୍କ ଅଂଶଗ୍ରହଣ ଓ ସମନ୍ୱୟ ଫଳରେ କାର୍ଯ୍ୟକ୍ରମଟି ସଫଳତା ପାଇଥିଲା। ଏହି ଅବସରରେ କ୍ଲବ ପକ୍ଷରୁ ଆଇଏମ୍‌ଏସ୍ ଏବଂ ସମ୍ ହସ୍ପିଟାଲ୍-୧ର ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ପୁଷ୍ପରାଜ ସାମନ୍ତସିଂହାରଙ୍କ ପ୍ରତି ଆନ୍ତରିକ କୃତଜ୍ଞତା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ରୋଟାରିଆନ୍ ଡା. କେସି ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ବିଦ୍ୟାର୍ଥୀ ବିକାଶ ମଞ୍ଚର ଉପଦେଷ୍ଟାମଣ୍ଡଳୀ ବୈଠକ



ଭଦ୍ରକ,୨।୮(ସଂଚାର ବ୍ୟୁରୋ): ଭଦ୍ରକର ପ୍ରମୁଖ ଅଣରାଜନୈତିକ ଛାତ୍ର ସଂଗଠନ ବିଦ୍ୟାର୍ଥୀ ବିକାଶ ମଞ୍ଚର ଉପଦେଷ୍ଟା ମଣ୍ଡଳୀ ବୈଠକ ଜାନୁଗଞ୍ଜସ୍ଥିତ ଦିବ୍ୟମ୍ ସଭାଗୃହରେ ଅନୁଷ୍ଠିତ ହୋଇଛି। ମଞ୍ଚର ମୁଖ୍ୟ ଉପଦେଷ୍ଟା ପ୍ରଫେସର ଡକ୍ଟର ଦେବେନ୍ଦ୍ର ନାଥ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଗଠନ ଦ୍ୱାରା ଚାଲୁଥିବା କାର୍ଯ୍ୟଗୁଡ଼ିକର ସମୀକ୍ଷା ଓ ଆଗାମୀ କାର୍ଯ୍ୟ ପନ୍ଥା ସ୍ଥିର କରାଯାଇଥିଲା। ବିଦ୍ୟାର୍ଥୀ ବିକାଶ ମଞ୍ଚ ପକ୍ଷରୁ ଚାରିଘରିଆଠାରେ ଚାଲିଥିବା ବନବାସୀ ବିଦ୍ୟାର୍ଥୀ ସଂସ୍କାର କେନ୍ଦ୍ର କାର୍ଯ୍ୟକୁ ଉପସ୍ଥିତ ଉପଦେଷ୍ଟାମାନେ ପ୍ରଶଂସା କରିଥିଲେ। ବନବାସୀ ପିଲା ଓ ତାଙ୍କ ଅଭିଭାବକଙ୍କ ମଧ୍ୟରେ ଆହୁରି ଅଧିକ ସଂସ୍କାର ଆଣିବା ଦିଗରେ ବିଶେଷ ଦୃଷ୍ଟି ଦିଆଯିବାକୁ ନିଷ୍ପତ୍ତି ହୋଇଛି। ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ଚାରା ରୋପଣ କାର୍ଯ୍ୟକ୍ରମକୁ ତୀବ୍ର କରାଯିବ। ଯେଉଁ ସ୍ଥାନମାନଙ୍କରେ ଚାରା ରୋପଣ କରାଯିବ, ତା'ର ଯତ୍ନ ନେବା ପାଇଁ ଜଣେ ଜଣେ ବିଦ୍ୟାର୍ଥୀ ବୃକ୍ଷ ମିତ୍ର ଦାୟିତ୍ୱରେ ରହିବେ। ଏଥିସହ ବିଦ୍ୟାର୍ଥୀମାନଙ୍କର ସାମଗ୍ରିକ ବିକାଶ ଲକ୍ଷ୍ୟରେ ବିଭିନ୍ନ ପ୍ରତିଯୋଗିତା ଓ ପାଠଚକ୍ର ପୂର୍ବ ପରି ଚାଲୁ ରଖିବାକୁ ଉପଦେଷ୍ଟାମାନେ ମତ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟ ଓ ଆବାସିକ ଛାତ୍ରବାସର ଯୋଗଗୁରୁ ଧରଣୀଧର କରଙ୍କ ନେତୃତ୍ୱରେ ଯୋଗ ଶିବିରମାନ କରାଯିବାକୁ ନିଷ୍ପତ୍ତି ହୋଇଛି। ମଞ୍ଚର କାର୍ଯ୍ୟଗୁଡ଼ିକର ପ୍ରଚାର ପ୍ରସାର ପାଇଁ ଏକ ୱେବ୍‌ସାଇଟ୍ ପ୍ରସ୍ତୁତ କରିବାକୁ ଉପସ୍ଥିତ ସଦସ୍ୟମାନେ ମତ ଦେଇଥିଲେ।

**ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ତୁରନ୍ତ ପ୍ରତ୍ୟାହାର ଦାବି**

# ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲା ଅଭିଭାବକ ମହାସଂଘ

ଭୁବନେଶ୍ୱର,୨।୮(ସଂଚାର ବ୍ୟୁରୋ): ଛାତ୍ରଛାତ୍ରୀଙ୍କୁ ସଠିକ ପାଠ୍ୟପୁସ୍ତକ ତୁରନ୍ତ ଯୋଗାଣ ପାଇଁ ମହାମହିମ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲା ଅଭିଭାବକ ମହାସଂଘ। ପିଲାମାନଙ୍କ ଗୁଣାତ୍ମକ ଶିକ୍ଷା ଅଧିକାରର ସମ୍ପୂର୍ଣ୍ଣ ଉଲ୍ଲଂଘନକୁ ଓଡ଼ିଶା ଅଭିଭାବକ ମହାସଂଘ ସହ ବିଶିଷ୍ଟ ବୁଦ୍ଧିଜୀବୀ, ସଚେତନ ନାଗରିକ ସମେତ ଅଭିଭାବକମାନେ ସ୍ମାରକପତ୍ର ଜରିଆରେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ଗୁରୁତର ତ୍ରୁଟି କଥା ଓଡ଼ିଶା ସରକାର ସ୍ୱୀକାର କରିଥିବା ବେଳେ ମୁଖ୍ୟମନ୍ତ୍ରୀ ତ୍ରୁଟିପୂର୍ଣ୍ଣ ପୁସ୍ତକଗୁଡ଼ିକୁ ପ୍ରତ୍ୟାହାର ସହ ବଦଳାଯିବ ବୋଲି କରିଥିବା ଘୋଷଣାକୁ ଦେଢ଼ ମାସ ବିତିଗଲାଣି। କିନ୍ତୁ ଏପର୍ଯ୍ୟନ୍ତ ତ୍ରୁଟିପୂର୍ଣ୍ଣ ପୁସ୍ତକରେ ପାଠପଢ଼ା ଜାରି ରହିଛି, ଯାହାକି ମୌଳିକ ଶିକ୍ଷା ଅଧିକାରର ସ୍ପଷ୍ଟ ଉଲ୍ଲଂଘନ। ବିଫଳତା ପାଇଁ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଦାୟୀ ହୋଇଥିବାରୁ ତାଙ୍କର ଇସ୍ତଫା ଦାବି କରାଯାଇସାରିଛି।

ଏହି ମାମଲାରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଶିକ୍ଷାବିତ ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ଶିକ୍ଷାବିତ୍ ସୁମିତ୍ରା ପଟେଲ, ପୂର୍ବତନ ଆଇଏଏସ ଅରବିନ୍ଦ ବେହେରା, ସାମାଜିକ କର୍ମୀ ଦେବୀ ପ୍ରସାଦ ପୃଷ୍ଟି, ପ୍ରଫୁଲ୍ଲ ସାମନ୍ତରାୟ, ବରିଷ୍ଠ ସାମ୍ବାଦିକ ରବି ଦାସ ପ୍ରମୁଖ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଦାବି କରିଛନ୍ତି। ସେହିପରି ଓଡ଼ିଶା ନାଗରିକ ସମାଜ ସଭାପତି ଇଂ. ଲଳିତ ମୋହନ ପଟ୍ଟନାୟକ, ମହାନଦୀ ବଞ୍ଚାଅ ଆନ୍ଦୋଳନ ଆବାହକ ସୁଦର୍ଶନ ଦାସ, ଏନଏଚଆରସି କୋର୍ ମେମ୍ବର ମନୋଜ ଜେନା, ଶିକ୍ଷକ ନେତା ଅମିୟ ମହାନ୍ତି, ବରିଷ୍ଠ ସାମ୍ବାଦିକ ସନ୍ଦୀପ ମିଶ୍ର, ଗିରିଜା ଦାଶ, ବିଶିଷ୍ଟ ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ, ଅଭିଭାବକ ସଙ୍ଘ ନେତା ପ୍ରଦୀପ୍ତ ନାୟକ, ଅଶୋକ ପାଇକରାୟ, ବିଶିଷ୍ଟ କର୍ମଚାରୀ ନେତା ପ୍ରଭାତ ମହାନ୍ତି ମଧ୍ୟ ଏହି ତାଲିକାରେ ରହିଛନ୍ତି। ଆସନ୍ତାକାଲି ରାଷ୍ଟ୍ରପତି ଓଡ଼ିଶା ଆସୁଥିବାରୁ ଏହି ପରିପ୍ରେକ୍ଷୀରେ ଉପରୋକ୍ତ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ତରଫରୁ ଏକ ପ୍ରତିନିଧିମଣ୍ଡଳୀ ସାକ୍ଷାତ ସୁଯୋଗ ଦେବା ସକାଶେ ନିବେଦନ କରିଛନ୍ତି। ଦେଶର ସର୍ବୋଚ୍ଚ ସାମ୍ବିଧାନିକ କର୍ତ୍ତା ଓ ଓଡ଼ିଶା ମାଟିର ଜଣେ ପ୍ରତିଷ୍ଠିତ ସୁଯୋଗ୍ୟା କନ୍ୟା ଭାବେ ନିର୍ଣ୍ଣାୟକ ହସ୍ତକ୍ଷେପ କରିବାକୁ ଓଡ଼ିଶା ଅଭିଭାବକ ମହାସଂଘ ସଭାପତି ବାସୁଦେବ ଭଟ୍ଟ ଆଜି ଏକ ଚିଠି ଲେଖି ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟକୁ ପଠାଇବା ସହ ସୂଚନା ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଏହାର ନକଲ ପଠାଇଛନ୍ତି।

## ତଳି ରୋଇବା ବେଳେ ବଜ୍ରପାତ, ମହିଳା ଆହତ

ଦିଗପହଣ୍ଡି,୨।୮(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବଡ଼ଗୁମୁଳା ପଞ୍ଚାୟତ କୃଷ୍ଣପୁର ଗ୍ରାମର ଜଣେ ମହିଳା ଚାଷଜମିରେ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ରବିବାର ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ବଜ୍ରପାତ ଯୋଗୁଁ ଗ୍ରାମର ସାରଥି ଦଳେଇଙ୍କ ସ୍ତ୍ରୀ ସନ୍ତୋଷୀ ଦଳେଇ ଗୁରୁତର ଆହତ ହୋଇଛନ୍ତି। ସନ୍ତୋଷୀ ଗ୍ରାମର ମହିଳାଙ୍କ ସହ ଜମିରେ ଧାନ ତଳି ରୋଇବା ପାଇଁ ଯାଇଥିଲେ। ସନ୍ତୋଷୀ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ବଜ୍ରପାତ ପ୍ରଭାବରେ ସନ୍ତୋଷୀ ଚାଷଜମିରେ ପଡ଼ିଯାଇଥିଲେ। ଆଖପାଖ ଜମିରେ କାମ କରୁଥିବା କିଛି ବ୍ୟକ୍ତି ଦୌଡ଼ି ଆସି ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

**ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ**

## ସମ୍ପୂର୍ଣ୍ଣ ନିଶାମୁକ୍ତ...

ବରଂ ଏହା ମାନସିକ ଓ ଶାରୀରିକ ସାମର୍ଥ୍ୟ ହ୍ରାସ କରିବା ସହ ପରିବାରର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଉଛି ଏବଂ ରାଜ୍ୟର ସାମାଜିକ ଓ ଆର୍ଥିକ ବିକାଶରେ ବଡ଼ ପ୍ରତିବନ୍ଧକ ସାଜୁଛି। ରାଜ୍ୟରେ ନିଶାଦ୍ରବ୍ୟର ଚୋରାକାରବାର ଓ ସିଣ୍ଡିକେଟ୍‌ଗୁଡ଼ିକୁ ସମ୍ପୂର୍ଣ୍ଣ ନଷ୍ଟ କରିବା ପାଇଁ ଓଡ଼ିଶା ସରକାର 'ଶୂନ୍ୟ ସହନଶୀଳତା' ନୀତି ଆପଣାଇଛନ୍ତି। ଓଡ଼ିଶା ପୁଲିସର କଠୋର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ତଥ୍ୟ ଦେଇ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ଯେ ଜୁଲାଇ ୨୦୨୪ରୁ ଜୁନ୍ ୨୦୨୬ ମଧ୍ୟରେ ପୁଲିସ ପ୍ରାୟ ୧,୯୧୧ କୋଟି ଟଙ୍କାର ମୂଲ୍ୟର ୬୩,୨୭୦ କେଜି ଗଞ୍ଜେଇ ଜବତ କରିଛି। ଏଥିସହ ୨,୫୭୬ ଟି ମାମଲା ରୁଜୁ କରାଯାଇ ୩,୭୬୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ୨,୧୦୫ କୋଟି ଟଙ୍କାର ୪୩୨ ଟନ୍ ଗଞ୍ଜେଇ ନଷ୍ଟ କରାଯାଇଛି। କେବଳ ଆଇନଗତ କାର୍ଯ୍ୟାନୁଷ୍ଠାନ ନୁହେଁ, ବରଂ ନିଶାପୀଡ଼ିତଙ୍କ ପୁନରୁଦ୍ଧାର ଓ ପୁନର୍ବାସ ପାଇଁ ଚିକିତ୍ସା କେନ୍ଦ୍ରଗୁଡ଼ିକୁ ମଧ୍ୟ ସୁଦୃଢ଼ କରାଯାଉଛି। କୌଣସି ବି ଅଞ୍ଚଳରେ ସନ୍ଦେହଜନକ ନିଶା କାରବାର ନଜରକୁ ଆସିଲେ ତୁରନ୍ତ ପୁଲିସକୁ ସୂଚନା ଦେବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସମ୍ପ୍ରତି ଯୁବ ସମାଜ ବ୍ରାଉନ୍ ସୁଗାର, କୋକେନ୍, ସିନ୍ଥେଟିକ୍ ଓ ଇଞ୍ଜେକ୍ଟ ଡ୍ରଗ୍ସ ଭଳି ମାରାତ୍ମକ ନିଶା ଆଡ଼କୁ ଝୁଙ୍କୁଥିବା ବା ସଙ୍ଗଦୋଷରୁ ଆକୃଷ୍ଟ ହେବା ନେଇ ମୁଖ୍ୟମନ୍ତ୍ରୀ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସରକାର ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରୁଛନ୍ତି, ଯାହାର ପରିଣାମସ୍ୱରୂପ ଭୁବନେଶ୍ୱରରୁ ସିନ୍ଥେଟିକ୍ ଡ୍ରଗ୍ସ ଜବତ କରାଯିବା ସହ ବାଲେଶ୍ୱରରେ ଡ୍ରଗ୍ସ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଡ୍ରଗ୍ସ ମାଫିଆଙ୍କୁ ସ୍ପଷ୍ଟ ଚେତାବନୀ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯୁବସମାଜକୁ ନିଶା ବିଷ ଦେବାରୁ ନିବୃତ୍ତ ନ ହେଲେ ବୁଲଡୋଜର ଆକ୍ସନ୍ ଭଳି ଅତ୍ୟନ୍ତ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ରୁହନ୍ତୁ। ଜୀବନ ଅତ୍ୟନ୍ତ ମୂଲ୍ୟବାନ ହୋଇଥିବାରୁ ସମସ୍ତ ଯୁବସାଥୀ 'ସେ ନୋ ଟୁ ଡ୍ରଗ୍ସ' ଶପଥ ନେଇ ନିଜକୁ ଏହି ନର୍କରୁ ଦୂରେଇ ରଖିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ପରିଶେଷରେ ମୁଖ୍ୟମନ୍ତ୍ରୀ ସମସ୍ତ ଶିକ୍ଷାନୁଷ୍ଠାନ, ଯୁବ ସଂଗଠନ, ଏନ୍‌ଏସ୍‌ଏସ୍, ମାଇଁ ଭାରତ ସ୍ୱେଚ୍ଛାସେବୀ, ଶିଳ୍ପାନୁଷ୍ଠାନ, ବେସରକାରୀ ସଂଗଠନ ଓ ଗଣମାଧ୍ୟମକୁ ଏକଜୁଟ ହୋଇ 'ନିଶାକୁ ନା ଏବଂ ଜୀବନ ଓ ପ୍ରଗତିକୁ ହଁ' ନାରା ସହ ଏହି ଜନଆନ୍ଦୋଳନକୁ ସଫଳ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ ନିଜ ଅଭିଭାଷଣରେ ଯୁବଶକ୍ତିର ସାମର୍ଥ୍ୟ ଓ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟର ବିଦ୍ୟାଳୟ, ମହାବିଦ୍ୟାଳୟ, ମାଇଁ ଭାରତ ଯୁବ କ୍ଲବ୍, ଏନ୍‌ଏସ୍‌ଏସ୍ ଓ କ୍ରୀଡ଼ା ହଷ୍ଟେଲଗୁଡ଼ିକର ଛାତ୍ରଛାତ୍ରୀମାନେ ହିଁ ଏହି ନିଶାମୁକ୍ତି ଆନ୍ଦୋଳନର ପ୍ରମୁଖ ନାୟକ। ଏହି ଐତିହାସିକ ଅଭିଯାନକୁ ସମଗ୍ର ଓଡ଼ିଶାରେ ଅପୂର୍ବ ପ୍ରତିକ୍ରିୟା ମିଳିଛି। ରାଜ୍ୟର ୪୫ଟି ନିର୍ଦ୍ଦିଷ୍ଟ କେନ୍ଦ୍ରରେ ଏହାର ସିଧାପ୍ରସାରଣ କରାଯାଇଥିବା ବେଳେ ୧.୬ ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକ ଓ ୟୁଟ୍ୟୁବ୍ ଏକତ୍ରିତ ହୋଇ ଏହି ମହତ୍ ଆନ୍ଦୋଳନରେ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କ୍ରୀଡ଼ା ବିଭାଗ ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ ଯେସୁଲୁ ବିଜୟ ଧନ୍ୟବାଦ ଦେଇଥିଲେ।

## ମହାନଦୀରେ ଟଳିଲା...

ପାରିଛି। ବର୍ତ୍ତମାନ ଜଳସ୍ତର ୬୨୩.୬୯ ଫୁଟ ରହିଛି। ଏହା ମଧ୍ୟ ଧୀରେ ଧୀରେ କମୁଛି। ଆକଳନ ସୂଚ୍ଚା ଆସନ୍ତା ୪ ତାରିଖ ଭିତରେ ଏହା ୬୧୫ ଫୁଟ୍‌ରେ ପହଞ୍ଚିବ। ଏବେ ହୀରାକୁଦ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨ ଲକ୍ଷ ୧୨ ହଜାର କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ପ୍ରତି ସେକେଣ୍ଡରେ ୩ ଲକ୍ଷ ୩୧ ହଜାର କ୍ୟୁସେକ୍ ଜଳ ଡ୍ୟାମରୁ ନିଷ୍କାସିତ ହେଉଛି। ଯେତିକି ଜଳ ଉପର ମୁଣ୍ଡରୁ ଆସୁଛି, ଜଳଭଣ୍ଡାରରୁ ତା'ଠାରୁ ଦେଢ଼ଗୁଣା ଜଳ ନିଷ୍କାସିତ ହେଉଛି। ସେଣୁ ହୀରାକୁଦରେ ଜଳ ସ୍ତର ଧୀରେ ଧୀରେ କମୁଛି ବୋଲି ଗାଉତ କହିଛନ୍ତି। ସେହିପରି ସେ କହିଛନ୍ତି ଯେ ମହାନଦୀ ବନ୍ୟା ଆଶଙ୍କା ଟଳିଛି। ଜଳସ୍ତର ଦ୍ରୁତ ଗତିରେ ଖସୁଛି। ଗତକାଲି ସନ୍ଧ୍ୟା ୬ଟାବେଳେ ମୁଣ୍ଡଳିରେ ୫.୫୯ ଲକ୍ଷ ଘନଫୁଟ (କ୍ୟୁସେକ) ପାଣି ଚାଲିଥିଲା। ସେହିପରି ଖଇରମାଳରେ ୫.୩୪ ଲକ୍ଷ ଘନଫୁଟ ଓ ବରମୁଲରେ ୬.୭୨ ଲକ୍ଷ ଘନଫୁଟ ପାଣି ପ୍ରବାହିତ ହେଉଥିଲା। ହୀରାକୁଦ ଆଉ ଅଧିକ ଗେଟ୍ ଖୋଲିନାହିଁ। ସେଇ ୨୨ଟି ଗେଟ ଦେଇ ପାଣି ଛଡ଼ାଯାଉଛି। ଜଳଭଣ୍ଡାରକୁ ଉପମୁଣ୍ଡରୁ ପ୍ରବେଶ କରୁଥିବା ପାଣି ପ୍ରବାହ ବି କମିଛି। ଗତକାଲି ସକାଳ ୬ଟାରେ ୪ ଲକ୍ଷ ୧୫ ଘନଫୁଟ ପାଣି ଜଳଭଣ୍ଡାରରେ ପ୍ରବେଶ କରୁଥିଲା। କ୍ରମଶଃ ଏହା କମିବାର ଲାଗିଛି। ସନ୍ଧ୍ୟା ୬ଟାରେ ପ୍ରବେଶ କରୁଥିଲା ୨ ଲକ୍ଷ ୮୪ ହଜାର ଘନଫୁଟ ପାଣି। ୨୨ଟି ଗେଟ ଦେଇ ହୀରାକୁଦରୁ ୩ ଲକ୍ଷ ୮୬ ହଜାର ୪୨୧ ଘନଫୁଟ ପାଣି ଛଡ଼ାଯାଉଛି। ଗତକାଲି ହୀରାକୁଦ ଜଳସ୍ତର ୬୨୫.୨୧ ଫୁଟ ଥିଲା ବୋଲି ସର୍ବୋଚ୍ଚ ଯନ୍ତ୍ରୀ ଶ୍ରୀ ଗାଉତ ସ୍ପଷ୍ଟ କରିଛନ୍ତି।

## ରାଡାର୍‌ରେ ୧.୦୮ ଲକ୍ଷ...

କୁହାଯାଇଛି। ବିଶେଷଜ୍ଞ କମ୍ପାନୀ ପକ୍ଷରୁ ଏଠାରେ ୧.୦୮ ଲକ୍ଷ କୋଟି ଟଙ୍କାର ଆଲୁମିନିୟମ୍ ପ୍ଲାଣ୍ଟ ପ୍ରତିଷ୍ଠା ନେଇ ପାଖାପାଖି ଏକ ଘଣ୍ଟା ଆଲୋଚନା ହୋଇଥିବା ଅନୁମାନ କରାଯାଉଛି। ଏହି ବୈଠକରେ ଗୌତମ ଆଦାନୀ ଓ କରନ୍ ଆଦାନୀଙ୍କ ସହ ଜିଲ୍ଲାର କେତେକ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସମ୍ପୃକ୍ତ ଅଞ୍ଚଳରେ ଆଦାନୀ ଗ୍ରୁପ୍‌ର କେତେକ ବରିଷ୍ଠ ବୈଷୟିକ ଅଧିକାରୀ ଜମି ଉପଲବ୍ଧତା, ପରିବହନ ଯୋଗାଯୋଗ ଓ ଭିତ୍ତିଭୂମି ପର୍ଯ୍ୟବେକ୍ଷଣ କରିଥିଲେ। ନିର୍ଦ୍ଦିଷ୍ଟ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଆଦାନୀ ଏଣ୍ଟରପ୍ରାଇଜେସ୍ ଲିମିଟେଡ୍ ଓ ୟୁଏଇ ଭିତ୍ତିକ ଇଣ୍ଟରନ୍ୟାସନାଲ୍ ରିସୋର୍ସେସ୍ ହୋଲ୍ଡିଂ (ଆଇଆର୍‌ଏଚ୍) ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି, ଯେଉଁଥିରେ ଓଡ଼ିଶାରେ ଏକ ଗ୍ରୀନ୍‌ଫିଲ୍ଡ ଇଣ୍ଟିଗ୍ରେଟେଡ୍ ଆଲୁମିନିୟମ୍ କମ୍ପ୍ଲେକ୍ସ ପ୍ରତିଷ୍ଠା ହେବ। ଏହି ପ୍ରସ୍ତାବିତ ପ୍ରକଳ୍ପରେ ୪ ମିଲିଅନ୍ ଟିପିଏ ଆଲୁମିନା ରିଫାଇନାରୀ, ୨ ଏମ୍‌ଟିପିଏ ଆଲୁମିନିୟମ୍ ସ୍ମେଲ୍ଟର, ୧ ମିଲିଅନ୍ ଟିପିଏ ଡାଉନଷ୍ଟ୍ରିମ୍ ଆଲୁମିନିୟମ୍ ପାର୍କ, ୪ ହଜାର ମେଗାୱାଟ୍ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ଓ ୪୦୦ ମେଗାୱାଟ୍‌ର ଗ୍ରୀନ୍ ଏନର୍ଜି ୟୁନିଟ୍ ଆଦି ଏହି ଚୁକ୍ତିରେ ସାମିଲ। ଏହାଛଡ଼ା ଆଦାନୀ କମ୍ପାନୀ ପକ୍ଷରୁ ଓଡ଼ିଶାରେ ଏକ ବୃହତ୍ ଥର୍ମାଲ ପାୱାର୍ ପ୍ଲାଣ୍ଟ ଓ ଡିଜିଟାଲ୍ ଡାଟା ସେଣ୍ଟର ପ୍ରତିଷ୍ଠା କରିବାର ମଧ୍ୟ ଯୋଜନା ରହିଛି। କମ୍ପାନୀ ପକ୍ଷରୁ ଉଦ୍ୟୋଗ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ସହସ୍ରାଧିକ ନିଯୁକ୍ତି ସୁଯୋଗ ମିଳିବ।

## ବଢ଼ିବ ସମୟ ସୀମା;...

ବର୍ତ୍ତମାନ ଯେଉଁ ରାଜ୍ୟରେ ରହୁଛନ୍ତି, ତାଙ୍କୁ ପ୍ରଥମ ପସନ୍ଦ କରିବା ବାଧ୍ୟତାମୂଳକ ହେବ। ଏହାଦ୍ୱାରା ସେମାନଙ୍କ ଘର ପାଖାପାଖି କେନ୍ଦ୍ରରେ ସେମାନଙ୍କୁ ପରୀକ୍ଷା ଦେବାର ସୁବିଧା ଉପଲବ୍ଧ ହୋଇପାରିବ। ଏହା ଯୋଗୁଁ 'ଫାଷ୍ଟ-କମ୍ ଫାଷ୍ଟ-ସର୍ଭ' ଆଧାରରେ ପରୀକ୍ଷାକେନ୍ଦ୍ର ଆବଣ୍ଟିତ ହେଉଥିଲା, ଯେଉଁଥିପାଇଁ ପଞ୍ଜୀକରଣ ଆରମ୍ଭ ହେବା କ୍ଷଣି ତୁରନ୍ତ ପରୀକ୍ଷାର୍ଥୀଙ୍କୁ ଆବେଦନ ଦାଖଲ କରିବାକୁ ପଡ଼ୁଥିଲା। ଯେଉଁମାନେ ଆବେଦନ ଦାଖଲ କରିବାରେ ବିଳମ୍ବ କରୁଥିଲେ ସେମାନେ ପସନ୍ଦଯୋଗ୍ୟ ପରୀକ୍ଷା କେନ୍ଦ୍ର ନ ପାଇ ପରୀକ୍ଷା ଦେବାକୁ ଅନ୍ୟ ରାଜ୍ୟକୁ ଯିବାକୁ ବାଧ୍ୟ ହେଉଥିଲେ। ଆସନ୍ତା ୩୦ ତାରିଖରେ ନିଟ୍-ପିଜି ପରୀକ୍ଷା ହେବାକୁ ଥିବା ବେଳେ ପରୀକ୍ଷାର୍ଥୀମାନଙ୍କୁ ପାଖାପାଖି ତିନି ସପ୍ତାହ ପୂର୍ବରୁ ସେମାନଙ୍କୁ ବଣ୍ଟନ କରାଯାଇଥିବା ନିର୍ଦ୍ଦିଷ୍ଟ ପରୀକ୍ଷା କେନ୍ଦ୍ର ଥିବା ସହର ସମ୍ପର୍କରେ ସୂଚନା ପ୍ରଦାନ କରାଯିବ। ଫଳରେ ସେମାନେ ଯାତ୍ରା କରିବା ଓ ରହିବା ବ୍ୟବସ୍ଥା କରିବା ପାଇଁ ଅଧିକ ସମୟ ପାଇପାରିବେ। ଅନୁରୂପ ପରଷେଦ ସୁରୂପ ଦି ନ୍ୟାସନାଲ ବୋର୍ଡ ଅଫ୍ ଏକଜାମିନେସନ୍ ଇନ୍ ମେଡିକାଲ ସାଇନ୍ସ (ଏନ୍‌ବିଇଏମ୍‌ଏସ୍) ମଧ୍ୟ ଏହାର ପରୀକ୍ଷା ପାଟର୍ଣ୍ଣରେ ସଂଶୋଧନ କରିଛି। ଏହା ପ୍ରଶ୍ନ ସଂଖ୍ୟାକୁ ୨୦୦ରୁ ୧୮୦କୁ କମାଇ ଦେଇଥିବା ବେଳେ ପୂର୍ବରୁ ପରୀକ୍ଷାର୍ଥୀଙ୍କୁ ମିଳୁଥିବା ୨୧୦ ମିନିଟ୍ ସମୟକୁ ଅପରିବର୍ତ୍ତିତ ରଖିଛି। ଏହାଦ୍ୱାରା ପରୀକ୍ଷାର୍ଥୀମାନେ ପ୍ରତ୍ୟେକ ପ୍ରଶ୍ନ ପାଇଁ କିଛି ଅଧିକ ସମୟ ପାଇପାରିବେ। କମ୍ପ୍ୟୁଟରଭିତ୍ତିକ ପରୀକ୍ଷାରେ ସୁରକ୍ଷିତ ଅଫଲାଇନ୍ ପଦ୍ଧତି, ପରୀକ୍ଷାର୍ଥୀ ଅଳ୍ପ ସମୟ ପୂର୍ବରୁ ପ୍ରଶ୍ନପତ୍ରଗୁଡ଼ିକର ସମୟସୀମିତ ଡ୍ରାଫ୍ଟାରକରଣ ଓ ପରୀକ୍ଷା ଆରମ୍ଭରେ ନିୟନ୍ତ୍ରିତ ଡିଜିଟାଲ ଡିକ୍ରିପ୍‌ସନ୍ ଜରିଆରେ ପ୍ରଶ୍ନପତ୍ର ପ୍ରସ୍ତୁତ ଓ ବିତରଣ ପ୍ରକ୍ରିୟାକୁ ସୁଦୃଢ଼ କରାଯାଇଥିବା ମନ୍ତ୍ରାଳୟ କହିଛି। ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ଲାଗି ପରୀକ୍ଷକଣ ସମୟରେ ଓ ପରୀକ୍ଷା ଦିନ ଆଧାର ବାୟୋମେଟ୍ରିକ ଯାଞ୍ଚ ବ୍ୟବସ୍ଥା ପ୍ରଚଳନ କରାଯାଇଛି। ସେହିପରି ଯେଉଁଠି ଫିଙ୍ଗରପ୍ରିଣ୍ଟ ଯାଞ୍ଚ ବ୍ୟବସ୍ଥା ଅକାମୀ ହେଉଛି, ସେଠାରେ ଆଇରିସ (ଆଖିଡୋଳା)ଭିତ୍ତିକ ଯାଞ୍ଚ ବ୍ୟବସ୍ଥା କରାଯାଇଛି।

## ନବୀନଙ୍କ ରାସ୍ତାରେ...

ନିଜ ନିଜ ନିର୍ବାଚନମଣ୍ଡଳୀରେ ଉପସ୍ଥିତ ରହି ଭୋଟରଙ୍କ ହାନିଲାଭ ବୁଝୁଛନ୍ତି, କିନ୍ତୁ ହାରିଥିବା ଅଧିକାଂଶ ନେତା ନିର୍ବାଚନ ପରେ ଜନସମ୍ପର୍କରୁ ଦୂରେଇ ରହିଥିବାରୁ ଫଳରେ ସେହିସବୁ ସ୍ଥାନରେ ବିଜେଡିର ଦୃଢ଼ ସମର୍ଥକମାନେ ବି ଦଳ ବଦଳ କରିବାକୁ ବାଧ୍ୟ ହେଉଛନ୍ତି। ବିଜେଡି ନେତାମାନଙ୍କର ଏଭଳି ଫର୍ମୁଲା ଆଗାମୀ ପଞ୍ଚାୟତ ନିର୍ବାଚନରେ କ୍ଷତି କରିବ ବୋଲି କର୍ମୀମାନେ କହିବା ଦେଖିବାକୁ ମିଳିଥିବା ବେଳେ ନିଜ ନିଜ ଆସନ ରକ୍ଷା ପାଇଁ ନେତାମାନେ କେତେବେଳେ ସେମାନଙ୍କ ନିକଟରେ ପହଞ୍ଚିବେ, ତାହାକୁ ବହୁ ସ୍ଥାନରେ ବିଜେଡି କର୍ମୀମାନେ ଚାହିଁ ବସିଛନ୍ତି।

## ସାର ଚାଲାଣ ବେଳେ ଗାଡ଼ି ଜବତ, ଚାଳକ ଅଟକ



କାଉଡ଼ୀ,୨।୮(ସଂଚାର ବ୍ୟୁରୋ): ଜଗତସିଂପୁର ଜିଲ୍ଲାର ନାଉଗାଁ ଥାନା ଅନ୍ତର୍ଗତ ନାଉଗାଁ ବଜାରରେ ଶନିବାର ସନ୍ଧ୍ୟାରେ ଏକ ସାର ବୋଝେଇ ପିକଅପ୍ ଭ୍ୟାନ୍‌କୁ ନାଉଗାଁ ପୁଲିସ୍ ଜବତ କରିଛି। ଗାଡ଼ି ଚାଳକ ସଠିକ୍ କାଗଜପତ୍ର ଦେଖାଇ ନ ପାରିବାରୁ ଥାନାରେ ଅଟକ ରଖାଯାଇଛି। ଏହି ଘଟଣାକୁ ନେଇ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ନାଉଗାଁ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି। ଆବଶ୍ୟକ ମୁତାବକ ସାର ମିଳୁ ନ ଥିବା ବେଳେ ଅସାଧୁ ବ୍ୟବସାୟୀ ବାହାର ଜିଲ୍ଲାରୁ ସାର୍ ଆଣି ଏଠାରେ କଳାବଜାରରେ ବିକ୍ରି କରୁଥିବା ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଘଟଣାର ତଦନ୍ତ ଶେଷ ହେବା ପରେ ପ୍ରକୃତ ଘଟଣା ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ଦେବାଶିଷ ପଣ୍ଡା କହିଛନ୍ତି।

## ବନ୍ୟାଞ୍ଚଳ ପରିଦର୍ଶନ କଲେ ବିଧାୟକ ପ୍ରତାପ ଦେବ



ଆଳି,୨।୮ (ସଂଚାର ବ୍ୟୁରୋ): ଆଳି ବିଧାୟକ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି । ଆଳି ବ୍ଲକ ଧୋଇଆ ୧୧ ପଞ୍ଚାୟତର ଲୋକେ ଜଳ ବନ୍ଦୀ ଥିବା ବେଳେ ପ୍ରଶାସନ ପକ୍ଷରୁ ବନ୍ୟା ବିପନ୍ନଙ୍କ ନିମନ୍ତେ କୌଣସି ଆଖି ଦୃଷ୍ଟିଆ ସହାୟତାର ବ୍ୟବସ୍ଥା କରା ଯାଉନାହିଁ ବୋଲି ବିଧାୟକ ଶ୍ରୀ ପ୍ରତାପ କେଶରୀ ଦେବ ବନ୍ୟା ଅଞ୍ଚଳ ପରିଦର୍ଶନ କରି ଅଭିଯୋଗ ଆଣିଛନ୍ତି। ଯାହାକି ସରକାରୀ ସାହାଯ୍ୟ ନରାସ୍ୟଜନକ ବୋଲି କହିଛନ୍ତି। ପ୍ରଶାସନ ପକ୍ଷରୁ ଯାହାବି ଯୋଗାଇ ଦିଆ ଯାଉଛି ତାହା ସମୁଦ୍ରକୁ ଶଙ୍ଖେ। ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ କୌଣସି ବ୍ୟବସ୍ଥା କରାଯାଇନି। ଗାଈ ଗୋରୁଙ୍କ ପାଇଁ ଗୋଖାଦ୍ୟ ବ୍ୟବସ୍ଥା ହେଇ ପାରିନାହିଁ । ସରକାରୀ ସହାୟତାର କୌଣସି ବ୍ୟବସ୍ଥା ନହେବାରୁ ସାଧାରଣ ଲୋକମାନେ ନାହିଁ ନଥିବା ଅସୁବିଧା ମଧ୍ୟରେ ଦିନ କାଟୁଥିଲେ।

ରବିବାର ଦିନ ବିଧାୟକ ଧୋଇଆଞ୍ଚଳ ସଂସିଧା ପଞ୍ଚାୟତ, ପେତପଡ଼ା, ପଦନିପାଳ, ଭୁଇଁପୂର ଡିମିରିପାଳ ପଞ୍ଚାୟତକୁ ଗସ୍ତ କରି ବନ୍ୟାଘେରରେ ଥିବା ଲୋକଙ୍କ ସମସ୍ୟା ବୁଝିଥିଲେ । ଶୁଖିଲା ଖାଦ୍ୟ ସହ ପାନୀୟ ଜଳ ବଣ୍ଟନ କରିଥିଲେ।

**କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ପରିସ୍ଥିତି**

# ପ୍ରଶାସନର ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି

କେନ୍ଦ୍ରାପଡ଼ା,୨।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାରେ ବନ୍ୟା ପରିସ୍ଥିତିକୁ ସାମ୍ନା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର, ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ଜିଲ୍ଲାର ୯ଟି ବ୍ଲକ୍- ରାଜକନିକା, ପଟ୍ଟାମୁଣ୍ଡାଇ, ଆଳି, ଗରଦପୁର, ରାଜନଗର, କେନ୍ଦ୍ରାପଡା, ମାର୍ଶାଘାଇ, ମହାକାଳପଡା ଓ ଡେରାବିଶର ୮୫ଟି ଗ୍ରାମ ପଞ୍ଚାୟତର ୧୭୦ଟି ଗ୍ରାମ ବନ୍ୟା ପ୍ରଭାବିତ ହୋଇଛି । ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୧ଟି ୱାର୍ଡ ମଧ୍ୟ ବନ୍ୟା ପ୍ରଭାବରେ ରହିଛି । ଜିଲ୍ଲାରେ ମୋଟ ୮୮,୭୬୩ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୧,୧୬୪ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଜିଲ୍ଲାରେ ୭ଟି ଆଶ୍ରୟ କେନ୍ଦ୍ର ଓ ରିଲିଫ କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି । ସମୁଦାୟ ୧,୨୪୯ ଜଣ ଉପକୃତ ହୋଇଥିବାବେଳେ ଆଜି ୧,୧୬୪ ଜଣ



ଏହି କେନ୍ଦ୍ରଗୁଡ଼ିକରେ ରହି ସମସ୍ତ ଆବଶ୍ୟକ ସୁବିଧା ପାଉଛନ୍ତି । ରିଲିଫ ବଣ୍ଟନ କାର୍ଯ୍ୟ ମଧ୍ୟ ଜୋରଦାର ଚାଲିଛି ।

ଆଜି ସୁଦ୍ଧା ୨୪୨.୩୯ କ୍ୱିଣ୍ଟାଲ ଚାଉଳ, ୨୩.୭୮ କ୍ୱିଣ୍ଟାଲ ଚୁଡ଼ା, ୧୧ କ୍ୱିଣ୍ଟାଲ ଗୁଡ଼, ୧୨୬ କାର୍ଟୁନ ବିସ୍କୁଟ, ୬.୫ କାର୍ଟୁନ ମହମବତୀ, ୬ କାର୍ଟୁନ ଦିଆସିଲି ଏବଂ ୩୫,୦୦୦ ବୋତଲ ପାନୀୟ ଜଳ ବଣ୍ଟନ କରାଯାଇଛି । କେବଳ ଆଜି ୧୬୧.୬୪ କ୍ୱିଣ୍ଟାଲ ଚାଉଳ, ୧୫.୭୫ କ୍ୱିଣ୍ଟାଲ ଚୁଡ଼ା, ୮ କାର୍ଟୁନ ବିସ୍କୁଟ, ୧.୫ କାର୍ଟୁନ ମହମବତୀ, ୧ କାର୍ଟୁନ ଦିଆସିଲି ଓ ୮,୮୦୦ ବୋତଲ ପାନୀୟ ଜଳ ବଣ୍ଟନ କରାଯାଇଛି । ବନ୍ୟା ପ୍ରଭାବିତ ଅଞ୍ଚଳ ୧୬ଟି ମେଡିକାଲ ଟିମ୍ ଏବଂ ୯ଟି ପ୍ରାଣୀ ଚିକିତ୍ସା ଦଳ ନିୟୋଜିତ ହୋଇ ଲୋକଙ୍କ ସ୍ୱାସ୍ଥ୍ୟ ସେବା ଓ ପଶୁଙ୍କ ସୁରକ୍ଷା ନିଶ୍ଚିତ କରୁଛନ୍ତି। ପ୍ରାୟ ୪୬,୬୩୧ଟି ପଶୁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିଲେ ମଧ୍ୟ କୌଣସି ପଶୁଙ୍କ ଜୀବନହାନି ଘଟିନାହିଁ । ଜିଲ୍ଲାରେ କୌଣସି ଜୀବନହାନି ଘଟିନାହିଁ। ପ୍ରାୟ ୭୪ଟି ଘୁହାଳ ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଫସଲ କ୍ଷୟକ୍ଷତିର ଆକଳନ ବନ୍ୟାଜଳ ହ୍ରାସ ପରେ କରାଯିବ ।

ବର୍ତ୍ତମାନ ୧୧୫ଟି ରାସ୍ତା ବନ୍ୟାଜଳରେ ବୁଡ଼ି ଯାତାୟାତ ବାଧାପ୍ରାପ୍ତ ହୋଇଛି । ବିଦ୍ୟୁତ ଯୋଗାଣ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିରେ କୌଣସି ବଡ଼ ଧରଣର କ୍ଷତି ହୋଇନାହିଁ । ଉଦ୍ଧାର କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବା ପାଇଁ ୩ଟି ପାୱାର ବୋଟ୍, ୮ଟି ଦେଶୀ ଡଙ୍ଗା ଓ ୧୫ଟି ଯାନ୍ତ୍ରିକ ଡଙ୍ଗା ନିୟୋଜିତ ରହିଛି । ଜିଲ୍ଲା ପ୍ରଶାସନ ସମସ୍ତ ପରିସ୍ଥିତି ଉପରେ ସତର୍କ ନଜର ରଖିଥିବାବେଳେ ପ୍ରଭାବିତ ଲୋକଙ୍କୁ ଆବଶ୍ୟକୀୟ ସମସ୍ତ ସହାୟତା ଯୋଗାଇ ଦେବାକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଜାରି ରଖିଛି ।

## ୮୦୦ ଲିଟର ପୋଚ ନଷ୍ଟ କଲା ତେନ୍ତୁଳୀଖୁଣ୍ଟି ପୁଲିସ



ନବରଙ୍ଗପୁର/ତେନ୍ତୁଳୀଖୁଣ୍ଟି,୨।୮ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲାରେ ବେଆଇନ ମଦ କାରବାର ରୋକିବା ପାଇଁ ବିଭିନ୍ନ ସ୍ଥାନରେ ମହିଳାମାନେ ସଚେତନତା ସୃଷ୍ଟି କରିବା ସହ ଆନ୍ଦୋଳନ କରୁଥିବା ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ରବିବାର ତେନ୍ତୁଳୀଖୁଣ୍ଟି ଥାନା ଭାରପ୍ରାପ୍ତ ଅଧିକାରୀ ହରିଶ ଗୁଲାରୀଙ୍କ ନେତୃତ୍ୱରେ ପୋଲିସ ଏକ ସ୍ୱତନ୍ତ୍ର ଚଢ଼ାଉ କରିଥିଲା। କୁର୍ମାକୋଟ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ହୋଇଥିବା ଏହି ଚଢ଼ାଉରେ ବେଆଇନ ଭାବେ ମଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ପ୍ରାୟ ୮୦୦ ଲିଟର ମହୁଲ ପୋଚକୁ ନଷ୍ଟ କରାଯାଇଥିବା ସୂଚନା ଥାନା ଅଧିକାରୀ ହରିଶ ଗୁଲାରୀ ଦେଇଛନ୍ତି। ଏହି ଚଢ଼ାଉରେ ଏସ୍‌ଆଇ ଭରତ ମାଝୀ, ଏସ୍‌ଆଇ ବିନିତା ତୁର୍କୀଙ୍କ ସମେତ ଅନ୍ୟାନ୍ୟ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ। ପୁଲିସ ବିଭାଗର ଏହି ପଦକ୍ଷେପକୁ ଅଞ୍ଚଳର ବୁଦ୍ଧିଜୀବୀ ଏବଂ ମହିଳାମାନେ ସ୍ୱାଗତ କରିବା ସହ ପ୍ରଶଂସା କରିଥିବା ଜଣାପଡ଼ିଛି।

# କଲଭର୍ଟ କାମ ନିମ୍ନମାନର ଅଭିଯୋଗ

**କାଠରେ ତିଆରି ହୋଇଛି ଅଧାଅଂଶ, ଖରିଫ ଧାନ ତଳି କ୍ଷତିଗ୍ରସ୍ତ, ବଢୁଛି ଅସନ୍ତୋଷ**

ମହାକାଳପଡ଼ା,୨।୮ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ପେଟଛେଲା ପଞ୍ଚାୟତ ଅନ୍ତର୍ଗତ ପେଟଛେଲା ବିବି କଲୋନୀ ସ୍ଥିତ ଲୁଣାଘେରି ବନ୍ଧ କଲଭର୍ଟ ନିର୍ମାଣ କାମରେ ବ୍ୟାପକ ଅନିୟମିତତା ଓ ନିମ୍ନମାନର କାମ ହୋଇଥିବା ନେଇ ସ୍ଥାନୀୟ ଚାଷୀମାନେ ଗୁରୁତର ଅଭିଯୋଗ ଆଣିଛନ୍ତି। କଲଭର୍ଟର କେତେକ ସ୍ଥାନରେ ରଡ୍ ବାହାରକୁ ଦୃଶ୍ୟମାନ ହେଉଥିବା ବେଳେ, କଲଭର୍ଟ ଫାଟକ ଉପର ଭାଗର ଏକ ଅଂଶ କାଠରେ ନିର୍ମାଣ କରାଯାଇଥିବା ଅଭିଯୋଗ ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି।



ଚାଷୀମାନଙ୍କ କହିବାନୁସାରେ, ନିର୍ମାଣ କାମରେ ଗୁଣାତ୍ମକ ମାନଦଣ୍ଡକୁ ଅବହେଳା କରାଯାଇଥିବା ସହ ସାଲାଇନ ବିଭାଗର ଦାୟିତ୍ୱପ୍ରାପ୍ତ ଯନ୍ତ୍ରୀଙ୍କ ତଦାରଖରେ ଘୋର ଅବହେଳା ହୋଇଛି। ଏହାର ପ୍ରଭାବରେ ଲୁଣା ପାଣି ନିୟନ୍ତ୍ରଣ ବ୍ୟବସ୍ଥା ବ୍ୟାହତ ହୋଇ ଅଞ୍ଚଳର ଶହ ଶହ ଚାଷୀଙ୍କ ଖରିଫ ଧାନ ତଳି କ୍ଷତିଗ୍ରସ୍ତ ହୋଇଥିବା ସେମାନେ ଦାବି କରିଛନ୍ତି।

ଏହି ପ୍ରସଙ୍ଗରେ ଚାଷୀମାନେ ଗତ ୨୦ ଜୁଲାଇରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ଲିଖିତ ଅଭିଯୋଗ ଦାଖଲ କରିଥିବା ଜଣାଇଛନ୍ତି। ତଥାପି ଏପର୍ଯ୍ୟନ୍ତ କୌଣସି ଦୃଶ୍ୟମାନ ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ



କୋରେଇ,୨।୮ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଓ ଓଡ଼ିଶା ଲାଇବ୍ରେରୀ କମିଟି ଅଧ୍ୟକ୍ଷ ତଥା ବିଧାୟକ ଆକାଶ ଦାସନାୟକ'ଙ୍କ ଦ୍ୱାରା ଆଜି କୋରେଇ ନିର୍ବାଚନ ମଣ୍ଡଳୀର ରସୁଲପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନଗର ପଂଚାୟତରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଉଦ୍‌ଘାଟନ ସହ ପାଖାପାଖି ୭କୋଟି ଟଙ୍କାର ୭ ଗୋଟି ଉନ୍ନତିମୂଳକ ପ୍ରକଳ୍ପ କାର୍ଯ୍ୟ ପାଇଁ ଶୁଭ ଶିଳାନ୍ୟାସର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଅଂଚଳର ଜନସାଧାରଣମାନେ ଛୋଟରାୟପୁର ଛକ ପାଖରୁ ଏକ ବିଶାଳ ବାଇକ୍ ପଟୁଆରରେ ଶୋଭାଯାତ୍ରା ରାଲିରେ ବିଧାୟକଙ୍କୁ ସ୍ୱାଗତ ଜଣାଇ ଲକ୍ଷ୍ମୀନଗର ପଂଚାୟତ ସମ୍ମୁଖରେ ଅନୁଷ୍ଠିତ ଭିତ୍ତିପ୍ରସ୍ତର ସ୍ଥାପନ ଓ ସଭା କାର୍ଯ୍ୟକ୍ରମ ସ୍ଥଳକୁ ପାଛୋଟି ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି କାର୍ଯ୍ୟକର୍ତ୍ତାଙ୍କ ସମେତ ବହୁ ସଂଖ୍ୟାର ଜନସାଧାରଣ ଉପସ୍ଥିତ ଥିଲେ ।

## ୱାର୍ଡମେମ୍ବରଙ୍କ ଦାଦାଗିରି: କାମ ଟଙ୍କା ମାଗିବାରୁ ସହଯୋଗୀଙ୍କୁ ମାଡ଼

ନୀଳଗିରି,୨।୮ (ସଂଚାର ବ୍ୟୁରୋ): ଜୈନିକ ୱାର୍ଡ ମେମ୍ବର ମାଡ଼ରେ ସହଯୋଗୀ ଗୁରୁତର ହୋଇ ନୀଳଗିରି ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଘଟଣା ସମସ୍ତଙ୍କୁ ଚକିତ କରିଛି। ସୂଚନାଯୋଗ୍ୟ ଔପଦା



ବ୍ଲକ ଅଧିନସ୍ଥ ବାଉଁଶବଣିଆ ପଂଚାୟତ ୮ନମ୍ବର ଟଣକା ୱାର୍ଡ ମେମ୍ବର କାର୍ତ୍ତିକ ନାୟକ ଓ ନୀଳଗିରି ଏନଏସି ୪ନମ୍ବର ୱାର୍ଡ ମିରିଗିଣି ଗ୍ରାମର ରାମଚନ୍ଦ୍ର ଦାସ ଦୁହେଁ ମିଶି ବାଉଁଶ ବଣିଆ ପଂଚାୟତର ବିଭିନ୍ନ ୱାର୍ଡରେ ସଟ ବିଟ ଓ କମ୍ପକ୍ଟବିଟ ପ୍ରାୟ ୧୦ଲକ୍ଷ ଟଙ୍କାର କାର୍ଯ୍ୟ କରିଥିଲେ। ଉକ୍ତ କାର୍ଯ୍ୟଟି ବିଭାଗୀୟ ଅଧିକାରୀଙ୍କ ନାମରେ କାର୍ଯ୍ୟଦେଶ ଥିଲା। ଉକ୍ତ କାର୍ଯ୍ୟରେ ସମସ୍ତ ଟଙ୍କା ଶ୍ରୀ ଦାସ ବିନିଯୋଗ କରିଥିଲେ। କାର୍ଯ୍ୟ ପ୍ରାୟ ୨ବର୍ଷ ହେଲା ସରିଲାଣି, ଏହାରି ଭିତରେ ୱାର୍ଡମେମ୍ବର କାର୍ତ୍ତିକ ନାୟକ(୪୫) ଚତୁରତାର ସହିତ ଅଧିକାରୀଙ୍କୁ ହାତ କରି ସବୁ ଅର୍ଥ ଉଠେଇ ନେଇ ଚଲୁ କରି ଦେଇଛନ୍ତି। ଶ୍ରୀ ଦାସ ଏହା ଜାଣିବା ପରେ ଆଜି ଅପରାହ୍ନ ପ୍ରାୟ ୪ଟା ବେଳେ ଶ୍ରୀ ଦାସ ଓ ତାଙ୍କ ପୁତ୍ର ଭବାନୀ ଶଙ୍କର ଦାସ ତାଙ୍କ ଘରକୁ ଯାଉଥିବା ବେଳେ ତାଙ୍କ ଗାଁ ହନୁମାନ ମନ୍ଦିର ଛକରେ ଦେଖା ହେବାରୁ ଶ୍ରୀ ଦାସ ଟଙ୍କା ମାଗିଥିଲେ। ଏଥିରେ ୱାର୍ଡମେମ୍ବର କାର୍ତ୍ତିକ ଉଦ୍‌କ୍ଷିପ୍ତ ହୋଇ ଠେଙ୍ଗାରେ ବାପ ଓ ପୁଅକୁ ମାଡ଼ ମାରିବା ସହ ରାମଚନ୍ଦ୍ରଙ୍କୁ ଏକ ଦଉଡିରେ ବାନ୍ଧି ଦେଇଥିଲେ। ଏହା ଦେଖି ପୁତ୍ର ଉମାଶାଙ୍କର ପାଟି କରିବାରୁ ସାହି ଲୋକମାନେ ବାପ ପୁଅକୁ ଉଦ୍ଧାର କରି ନୀଳଗିରି ଡାକ୍ତରଖାନାକୁ ଆଣିଥିଲେ। ଏବେ ନିଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ନ୍ୟାୟ ପାଇଁ ରାମଚନ୍ଦ୍ର ଦାସ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଘଟଣା ସମ୍ପର୍କରେ ତଦନ୍ତ କରୁଥିବା ଜଣାପଡିଛି।

## ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଲୋକଙ୍କ ଦୁଃଖ ବୁଝିଲେ ବିଜେପି ନେତା

ମହାକାଳପଡ଼ା,୨।୮ (ସଂଚାର ବ୍ୟୁରୋ): ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାର୍ଶାଘାଇ ବ୍ଲକର ବଟିରା ଓ ମଙ୍ଗରାଜପୁର ପଞ୍ଚାୟତର ବନ୍ୟା ପ୍ରଭାବିତ ଅଞ୍ଚଳକୁ ପରିଦର୍ଶନ କରିଛନ୍ତି ବିଜେପି ଦଳର ଦୁଇ ଯୁବ ନେତା ଆଇନଜୀବୀ ଚିତ୍ତରଞ୍ଜନ ଦାସ ଏବଂ ମିହିର ସାମଲ । ସେ ବନ୍ୟା ପ୍ରଭାବିତ ପରିବାରମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଦୁର୍ଦ୍ଦଶା ସମ୍ପର୍କରେ ଅବଗତ ହୋଇଥିଲେ। ପାନୀୟ ଜଳ, ଯାତାୟାତ, ଖାଦ୍ୟ ଓ ଅନ୍ୟାନ୍ୟ ମୌଳିକ ସୁବିଧାର ସମସ୍ୟା ସମ୍ପର୍କରେ ମଧ୍ୟ ସେ ତଥ୍ୟ ସଂଗ୍ରହ କରିଥିଲେ। ପ୍ରଭାବିତ ଲୋକଙ୍କୁ ଆବଶ୍ୟକ ସହାୟତା ଓ ସରକାରୀ ସହଯୋଗ ଯଥାଶୀଘ୍ର ପହଞ୍ଚାଇବା ପାଇଁ ପ୍ରଶାସନ ନିକଟରେ ଦାବି କରିବେ ବୋଲି ସେ ପ୍ରକାଶ କରିଥିଲେ। ଏହି ପରିଦର୍ଶନ ସମୟରେ ବିଜେପି ଦଳର ବହୁ କର୍ମୀ ଉପସ୍ଥିତ ରହିଥିଲେ ।



**ରାସ୍ତା ଦେଉଛି ଦୁଃଖ, ଦୁର୍ଦ୍ଦଶା ଓ ଯନ୍ତ୍ରଣା**

## କାଦୁଅରେ ଶବକୁ ମଶାଣି ନେଲେ ଲୋକେ

ମହାକାଳପଡ଼ା,୨।୮ (ସଂଚାର ବ୍ୟୁରୋ): ଭଲ ରାସ୍ତାଟିଏ ନଥିବାରୁ ମୃତ୍ୟୁ ପରେ ଶେଷଯାତ୍ରା ପାଇଁ ମଧ୍ୟ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଛି। ସେହି କାଦୁଅ ପଚପଚ ଭିତରେ କୋକେଇ କାନ୍ଧେଇ ମୃତଦେହକୁ ମଶାଣି ନେବାର ଅସହାୟ ଦୃଶ୍ୟ ସମସ୍ତଙ୍କ ଆଖିକୁ ଭିଜାଇ ଦେଇଛି। ଏହି ଘଟଣା ଘଟିଛି ମହାକାଳପଡ଼ା ବ୍ଲକ୍‌ର ବରକନ୍ଧା ପଞ୍ଚାୟତ ଅନ୍ତର୍ଗତ ବରକନ୍ଧା ଗ୍ରାମରେ।



ଗ୍ରାମର ପ୍ରତାପ ରାଉତ କିଛି ଦିନ ତଳେ ଅସୁସ୍ଥ ହେବା ପରେ ପରିବାର ଲୋକେ ଡାକ୍ତରଖାନା ନେବା ପାଇଁ ଆମ୍ବୁଲାନ୍ସ ଡାକିଥିଲେ। କିନ୍ତୁ ଗାଁର ମୁଖ୍ୟ ରାସ୍ତାରୁ ତାଙ୍କ ଘର ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିଲୋମିଟର ରାସ୍ତା ସମ୍ପୂର୍ଣ୍ଣ କାଦୁଅରେ ଭରିଥିବାରୁ ଆମ୍ବୁଲାନ୍ସ ପହଞ୍ଚି ପାରିନଥିଲା। ବାଧ୍ୟ ହୋଇ ପରିବାର ଓ ଗ୍ରାମବାସୀ ତାଙ୍କୁ ଟେକି ଟେକି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ। ସେ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାବେଳେ ଜୁଲାଇ ୨୭ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ମଧ୍ୟ ହୀନସ୍ତାର ଅନ୍ତ ହୋଇନଥିଲା। ଭଲ ରାସ୍ତା ନଥିବାରୁ ସାହିପଡ଼ିଶା ଲୋକେ କାଦୁଅ ପଚପଚ ଭିତରେ କୋକେଇ କାନ୍ଧେଇ ଶବକୁ ମଶାଣି ପର୍ଯ୍ୟନ୍ତ ନେଇଥିଲେ। କାଦୁଅ ରାସ୍ତାରେ କୋକେଇ କାନ୍ଧେଇ ଶବ ନେବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ପ୍ରଶାସନ ଓ ଜନପ୍ରତିନିଧିଙ୍କ ଉଦାସୀନତାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର କ୍ଷୋଭ ପ୍ରକାଶ ପାଇଛି।

ସୂଚନା ଯୋଗ୍ୟ ବରକନ୍ଧା ଦଣ୍ଡାସାହି ବିଦ୍ୟାଳୟଠାରୁ ପ୍ରାୟ ଦେଢ଼ କିଲୋମିଟର ଦୂରରେ ଥିବା ନୂଆସାହିରେ ପ୍ରାୟ ୩୦ ପରିବାର ବସବାସ କରୁଛନ୍ତି। ବର୍ଷାଦିନ ଆସିଲେ ସେମାନଙ୍କ ପାଇଁ ରାସ୍ତା ପାଲଟିଯାଏ ଅଭିଶପ୍ତ। ଏହି ରାସ୍ତା ପାଇଁ ପାନୀୟ ଜଳ ଯୋଗାଣ ଗାଡ଼ି ମଧ୍ୟ ପହଞ୍ଚି ପାରେନାହିଁ ସେମାନଙ୍କ ପାଖରେ। ଫଳରେ ଲୋକେ ପୋଖରୀ ପାଣି ଉପରେ ନିର୍ଭର କରି ବଞ୍ଚିବାକୁ ବାଧ୍ୟ ହୁଅନ୍ତି। ତେବେ ତୁରନ୍ତ ଜିଲ୍ଲାପାଳ ଏ ଘଟଣାରେ ହସ୍ତକ୍ଷେପ କରିବାକୁ ଦାବି ହେଉଛି।

## ବୋଲବମ ପାଇଁ ମହାନଦୀରୁ ପାଣି ଉଠାଇବାକୁ ଯାଇ ବାପା ମୃତ, ପୁଅ ଉଦ୍ଧାର

ପାରାଦ୍ୱୀପ,୨।୮ (ସଂଚାର ବ୍ୟୁରୋ): ଶ୍ରାବଣ ମାସର ପ୍ରଥମ ସୋମବାର ବୋଲବମ ପାଇଁ ମହାନଦୀରୁ ପାଣି ଉଠାଇବାକୁ ଯାଇ ଜଣେ ବ୍ୟକ୍ତିଙ୍କ ଦୁଃଖଦ ମୃତ୍ୟୁ ଘଟିଛି। ଘଟଣା ଘଟିଛି ଭୁତମୁଣ୍ଡାଇ ନିକଟ ମହାନଦୀ ଘାଟରେ। ମୃତ ବ୍ୟକ୍ତି ଜଣକ ହେଉଛନ୍ତି ନିମିଡ଼ି ଅଞ୍ଚଳର ଈଶ୍ୱର ବାରିକ। ପରିବାର ସହ ପାଣି ଉଠାଇବାକୁ ଯାଇଥିବା ବେଳେ ସେଠାରେ ଗଣ୍ଡ ଥିବାରୁ ତାଙ୍କ ପୁଅ ପାଦ ଖସି ପାଣିରେ ବୁଡିବାକୁ ଲାଗିଥିଲା। ପୁଅକୁ ବଞ୍ଚାଇବାକୁ ଯାଇ ଈଶ୍ୱର ବାରିକ ମଧ୍ୟ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ପୁଅକୁ ଉଦ୍ଧାର କରିଥିଲେ। ପରେ ଖବର ପାଇ ପାରାଦ୍ୱୀପ ଲକ ଥାନା ପୁଲିସ ଏବଂ କୁଜଙ୍ଗ ଅଗ୍ନିଶମ ବାହିନୀର ଟିମ ପହଞ୍ଚି ଖୋଜାଖୋଜି କରି ଈଶ୍ୱର ବାରିକଙ୍କୁ ଉଦ୍ଧାର କରଯାଇ ଅଠରବାଙ୍କୀ ମେଡିକାଲ ରେ ଭର୍ତି କରିଥିଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ହୋମ୍ ଗାର୍ଡଙ୍କୁ ହତ୍ୟା ଉଦ୍ୟମ, ୩ ଗିରଫ



କୋରାପୁଟ,୨।୮ (ସଂଚାର ବ୍ୟୁରୋ): ବୈପାରିଗୁଡ଼ା ଥାନା ଅଞ୍ଚଳରେ ହୋମ୍ ଗାର୍ଡ ପ୍ରସାଦ ପୂଜାରୀଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୂଜାରୀଗୁଡ଼ା ଗ୍ରାମର ଅଜୟ ହରିଜନ, ଅଜିତ ସଗରିଆ, ମାଧବ ମାଝି। ଏହି ସମ୍ପର୍କରେ ଜୟପୁର ସଦର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ କୁମାରୀ ଅର୍ଚ୍ଚିତା ମିତ୍ତଲ ସୂଚନା ଦେଇ କହିଛନ୍ତି ଯେ, ହୋମ୍ ଗାର୍ଡ ପ୍ରସାଦ ପୂଜାରୀ ଡ୍ୟୁଟି ସାରି ନିଜ ଗ୍ରାମ ଗୁମାକୁ ଯାଇ ଫେରୁଥିବା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କ ଉପରେ ଆକ୍ରମଣ କରାଯାଇଥିଲା। ଏ ନେଇ ବୈପାରିଗୁଡା ଥାନାରେ ମାମଲା ରୁଜୁ କରାଯାଇ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇ ଥିବା ଏସଡିପିଓ କହିଛନ୍ତି।

## ହାଇୱା ଧକ୍କାରେ ଜଣେ ଗୁରୁତର

ବାଲିଅନ୍ତା,୨।୮ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ରଙ୍ଗବଜାର ଛକ ନିକଟରେ - ବାଳକାଟି ପୁରୀ ମୁଖ୍ୟ କେନାଲ ବନ୍ଧରେ ଏକ ହାଇୱା ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ଆହତ ବ୍ୟକ୍ତି ହେଲେ ସ୍ଥାନୀୟ ସତ୍ୟଭାମାପୁର ପଞ୍ଚାୟତ ଅଧୀନ ଅଲାରପୁର ଗ୍ରାମର ବେଣୁଧର ଆଚାର୍ଯ୍ୟ । ବେଣୁଧରଙ୍କର ୨ଟି ଗୋଡ଼ କଟି ଯାଇଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ହାଇୱା ଜବତ କରିଛି । ଚାଳକକୁ ଥାନାରେ ଅଟକ ରଖି ପଚରା ଉଚରା କରୁଛି । ଦୁର୍ଘଟଣା ପରେ ବେଆଇନ ଭାବେ ମାଟି ନେଇ ଯାଉଥିବା ଆଉ ଏକ ହାଇୱା ମଧ୍ୟ ଜବତ କରିଛି । ଖବର ପାଇ ବାଲିଅନ୍ତା ଥାନା ପୁଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଡକାଇ ବେଣୁଧରଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ନେଇଥିଲା। ହେଲେ ସେଠାରେ ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ବେଣୁଧରଙ୍କୁ ଏମସ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି । ଏବେ ବେଣୁଧର ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି । ଦୁର୍ଘଟଣା ଘଟାଇ ଚାଳକ ଗାଡି ନେଇ ପଳାଇ ଥିଲା । ବେଣୁଧରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଂକଟାପର୍ଣ୍ଣ ରହିଛି। ପୁଲିସ ଚଢ଼ଉ କରି ଦୁର୍ଘଟଣା ଘଟାଇଥିବା ହାଇୱା ଜବତ କରିଥିଲା । ସୂଚନା ଅନୁସାରେ ବେଣୁଧର ବାଳକାଟି ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ଜଣେ ଅବସରପ୍ରାପ୍ତ କର୍ମଚାରୀ ।

# ଜାତିଗତ ବୈଷମ୍ୟ ଓ ବେଆଇନ ଛଟେଇ ଅଭିଯୋଗ

**ଡିଏଲଓଙ୍କ ଦ୍ୱାରସ୍ଥ ହେଲେ ଯୁବତୀ**

ପୁରୀ, ୨।୮ (ସଂଚାର ବ୍ୟୁରୋ): ଏକ ଘରୋଇ ପ୍ୟାଥୋ ଲ୍ୟାବ ସଂସ୍ଥାର ଜଣେ ପୂର୍ବତନ ମହିଳା କର୍ମଚାରୀ ସର୍ମିଷ୍ଠା ଭୋଇ ତାଙ୍କ କାର୍ଯ୍ୟସ୍ଥଳରେ ଜାତିଗତ ବୈଷମ୍ୟ, ମାନସିକ ନିର୍ଯାତନା ଏବଂ ବିନା ପୂର୍ବ ନୋଟିସରେ ଚାକିରିରୁ ବହିଷ୍କାର କରାଯାଇଥିବା ଅଭିଯୋଗ ଆଣି ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛନ୍ତି।

ଅଭିଯୋଗରେ ସର୍ମିଷ୍ଠା କହିଛନ୍ତି ଯେ, ଚାକିରିରେ ଯୋଗଦେବାର ପ୍ରଥମ ଦିନରୁ କିଛି ସହକର୍ମୀ, ଫ୍ରାଞ୍ଚାଇଜ ହେଡ୍ ଓ ମ୍ୟାନେଜର ତାଙ୍କ ପ୍ରତି ଅସହଯୋଗୀ ମନୋଭାବ ପୋଷଣ କରୁଥିଲେ। ସେ ଅନୁସୂଚିତ ଜାତିର ହୋଇଥିବାରୁ ତାଙ୍କ ସହ ଏପରି ବ୍ୟବହାର କରାଯାଇଥିବା ସେ ପ୍ରକାଶ କରିଛନ୍ତି। ସେ ଆହୁରି ଦାବି କରିଛନ୍ତି ଯେ, ଚାକିରିର ଦୁଇ ମାସ ମଧ୍ୟରେ ଜଣେ ସହକର୍ମୀ ବ୍ୟବସାୟ କମ୍ ଥିବା ଦର୍ଶାଇ ଦୁଇଥର ତାଙ୍କଠାରୁ ୨,୦୦୦ ଲେଖାଏଁ ଟଙ୍କା ନେଇଥିଲେ ଏବଂ ଏହା ମ୍ୟାନେଜରଙ୍କ ନିର୍ଦ୍ଦେଶରେ କରାଯାଉଥିବା କହିଥିଲେ। ଅଭିଯୋଗ ଅନୁସାରେ, କାର୍ଯ୍ୟସ୍ଥଳରେ ରୋଗୀଙ୍କ କାର୍ଡ ଓ ରକ୍ତ ନମୁନା ପରିଚାଳନାରେ କିଛି ଅନିୟମିତତା ସେ ଲକ୍ଷ୍ୟ କରିଥିଲେ। ଏହାକୁ ବିରୋଧ କରିବା ପରେ ତାଙ୍କ ବିରୋଧରେ ବାରମ୍ବାର ମିଥ୍ୟା ଅଭିଯୋଗ କରାଯାଉଥିଲା ଏବଂ ମ୍ୟାନେଜର ତାଙ୍କ କଥା ନ ଶୁଣି ତାଙ୍କୁ ଦୋଷାରୋପ କରୁଥିବାରୁ ସେ ମାନସିକ ଚାପରେ ରହୁଥିବା ଉଲ୍ଲେଖ କରିଛନ୍ତି। ଏହି ସମସ୍ତ ବିଷୟ ନେଇ ସେ ଏକାଧିକ ଥର ଏଚଆର ମ୍ୟାନେଜରଙ୍କୁ ଅବଗତ କରିଥିଲେ। କିନ୍ତୁ କୌଣସି ପଦକ୍ଷେପ ନିଆଯିବା ପରିବର୍ତ୍ତେ ତାଙ୍କୁ ଚୁପ୍ ରହିବାକୁ କୁହାଯାଇଥିବା ସେ ଅଭିଯୋଗ କରିଛନ୍ତି।

ନିକଟରେ ସାକ୍ଷୀଗୋପାଳ ସେଣ୍ଟର ଦାୟିତ୍ୱରେ ଥିବା ମାର୍କେଟିଙ୍ଗ ମ୍ୟାନେଜରଙ୍କ ଦ୍ୱାରା ଆୟୋଜିତ ସିବିଏମ୍ କ୍ୟାମ୍ପରେ ଯୋଗଦେବା ପରେ ତାଙ୍କୁ କ୍ୟାମ୍ପକୁ ଯିବା ନେଇ ପ୍ରଶ୍ନ କରାଯାଇଥିଲା। ପରେ ରୋଗୀଙ୍କ ରିପୋର୍ଟ ରଖିବା ଏବଂ ବିତରଣ କରିବା ନେଇ ମଧ୍ୟ ତାଙ୍କୁ ଦୋଷାରୋପ କରାଯାଇଥିବା ସେ ଦାବି କରିଛନ୍ତି। ଏହି କ୍ୟାମ୍ପରେ ଯୋଗଦେବା ହିଁ ମୁଖ୍ୟ କାରଣ ଯେଉଁଥିପାଇଁ ତାଙ୍କୁ ଷଡଯନ୍ତ୍ର ପୂର୍ବକ ଛଟେଇ କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି।

ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବା ସହ ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସର୍ମିଷ୍ଠା ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା



ପଟ୍ଟାମୁଣ୍ଡାଇ, ୨।୮ (ସଂଚାର ବ୍ୟୁରୋ):ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପରିଚାଳନା ସମିତି ସଭାପତି ପ୍ରମୋଦ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜ୍ଞାନ ବିଜ୍ଞାନ ମେଳା -୨୦୨୬-୨୭କୁ ମହିଳା ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ଅଧ୍ୟାପିକା ରୁଦ୍ରାଣୀ ଦାସ ଉଦଘାଟନ କରିଥିଲେ। ଏଥିରେ ୨୪୧ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବିଚାରକ ଭାବେ ଅଶୋକ ବଳ, ସୌମେନ୍ଦ୍ର ପରିଡ଼ା ଓ ବିଭିନ୍ନ ବିଜ୍ଞାନ ଶିକ୍ଷକମାନେ ଯୋଗଦେଇ ୪୦ଟି ପ୍ରକଳ୍ପକୁ ସଂକୁଳ ସ୍ତରୀୟ ବିଜ୍ଞାନମେଳାରେ ଅଂଶ ଗ୍ରହଣ କରିବା ପାଇଁ ନିର୍ବାଚନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରା, ବିଜ୍ଞାନ ପ୍ରମୁଖା ସାଗରିକା ମଲ୍ଲିକ, ପ୍ରଦୀପ୍ତ ମହାନ୍ତି, ବାନାମ୍ବର ଘଡ଼େଇ ତଥା ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ।

# ପେଟ୍ରୋଲ ପମ୍ପରେ ପାଣିମିଶ୍ରିତ ତେଲ ବିକ୍ରି ଅଭିଯୋଗ



କାକଟପୁର/ଅସ୍ତରଙ୍ଗ, ୨।୮ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଥାନା ଅଞ୍ଚଳର କେତେକ ପେଟ୍ରୋଲ ପମ୍ପ ଏବେ ସେବା କେନ୍ଦ୍ର ନୁହେଁ, ଠକେଇର ଆଡ୍ଡା ପାଲଟିଛି। ପେଟ୍ରୋଲ ବଦଳରେ ପାଣି ମିଶ୍ରିତ ଇ-୨୦ ବିକ୍ରି ହେଉଥିବା ଅଭିଯୋଗ ଆସିବା ପରେ ବି ସମ୍ପୃକ୍ତ ବିଭାଗ ଆଖି ବୁଜି ବସିଛି।

ଆଳସାହି ଅଞ୍ଚଳର ଜଣେ ଯୁବ ବ୍ୟବସାୟୀ ଗତକାଲି ସନ୍ଧ୍ୟାରେ ଶହେ ଟଙ୍କାର ପେଟ୍ରୋଲ ପକାଇଥିଲେ। ଫଳ? ଗାଡି ଷ୍ଟାର୍ଟ ହେଲାନି। ଆଜି ଟାଙ୍କି ଖୋଲି ବୋତଲରେ ତେଲ ବାହାର କରିବାରୁ ତଳେ ପାଣି ଆଉ ଉପରେ ପେଟ୍ରୋଲର ପତଳା ପାରଦ। ଏହା ନୂଆ ନୁହେଁ। ଅସ୍ତରଙ୍ଗ-କାକଟପୁରର ଆଉ କେତୋଟି ପମ୍ପରେ ମଧ୍ୟ ସମାନ ଚର୍ଚ୍ଚା। ନିୟମ ଅନୁସାରେ ପ୍ରତି ପେଟ୍ରୋଲ ପମ୍ପରେ ଥିବା ହାଓ୍ୱା ପ୍ରେସର ମେସିନ୍ - ଅଧିକାଂଶ ପମ୍ପରେ ଖରାପ କିମ୍ବା ନାହିଁ। ଅଭିଯୋଗ ବକ୍ସ ଓ ହେଲ୍ପଲାଇନ୍ ନମ୍ବର- କେଉଁଠି ଦେଖାଯାଉନି ପ୍ରାୟତଃ। ଗୁଣବତ୍ତା ପରୀକ୍ଷା କିଟ୍ - କେବଳ କାଗଜରେ, ମିଟର ଦେଖାଇଲେ ବି ତେଲ ଠିକ୍ ନାହିଁ। କିନ୍ତୁ ଏଠାରେ ମାଲିକଙ୍କ ପାଇଁ କେବଳ ଗୋଟିଏ ସୁବିଧା ଅଛି - ଟଙ୍କା ଲୁଟିବାର ସୁବିଧା।

ପ୍ରଶ୍ନ ହେଲା, ଯୋଗାଣ ବିଭାଗ, ଲିଗାଲ ମେଟ୍ରୋଲୋଜି ଓ ଜିଲ୍ଲା ପ୍ରଶାସନ କ'ଣ କରୁଛନ୍ତି? ମାସକୁ ଥରେ ଯାଞ୍ଚ ହେବା କଥା। କିନ୍ତୁ ଯାଞ୍ଚ କାର୍ଯ୍ୟ କେବଳ ରିପୋର୍ଟ ଫାଇଲରେ ସୀମିତ। ଅଧିକାରୀ ଆସିଲେ ପମ୍ପ ମାଲିକ ଚା' ପାଣି ଖୁଆଇ ବିଦା କରିଦେଉଛନ୍ତି। ଫଳରେ ଗ୍ରାହକ ମରୁଛି।

ଅଭିଯୋଗକାରୀଙ୍କ କହିବା ଅନୁସାରେ, "ଆମେ କଷ୍ଟରେ ଟଙ୍କା ରୋଜଗାର କରୁଛୁ। ପେଟ୍ରୋଲ ନାଁରେ ପାଣି ଦେଇ ଗାଡି ଖରାପ କରୁଛନ୍ତି। ଅଭିଯୋଗ କଲେ କେହି ଶୁଣୁନାହାନ୍ତି। ଯୋଗାଣ ଅଧିକାରୀ ଓ ସାଇଣ୍ଟିଫିକ ଟିମ୍ ସହ ସମସ୍ତ ପମ୍ପରୁ ତେଲ ନମୁନା ସଂଗ୍ରହ କରି ଲ୍ୟାବ ଟେଷ୍ଟ କରାଯାଉ। ପାଣି ପଶୁଛି ନା ଇଚ୍ଛାକୃତ ଭାବେ ମିଶାଯାଉଛି ତଦନ୍ତ ହେଉ। ଦୋଷୀ ପମ୍ପର ଲାଇସେନ୍ସ ବାତିଲ ସହ ଜରିମାନା ଆଦାୟ କରାଯାଉ। ପ୍ରତି ପମ୍ପରେ ଅଭିଯୋଗ ନମ୍ବର ଓ ବକ୍ସ ବାଧ୍ୟତାମୂଳକ କରାଯାଉ।

ଗ୍ରାହକ ଚେତାବନୀ ଦେଇଛନ୍ତି - ୭ଦିନ ଭିତରେ ଯାଞ୍ଚ ନହେଲେ ଆନ୍ଦୋଳନ ହେବ। ଏବେ ଦେଖିବା ପ୍ରଶାସନ ନିଦରୁ ଉଠିବ କି ନାହିଁ।

## ରାସ୍ତାରେ ବେଆଇନ ଭାବେ ବାଲି ଠୁଳ ଯୋଗୁଁ ସାଧାରଣରେ ଅସନ୍ତୋଷ



ବାଲିଆପାଳ, ୨।୮ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକର ମାନ୍ଧାତା- ପଞ୍ଚୁପାଲି ମୁଖ୍ୟ ରାସ୍ତାର ମହାବଳା ପୋଲ ନିକଟରେ ରାସ୍ତା ଉପରେ ବାଲି ଗଦା କରି ବେପାର ଚାଲିଥିବା ଅଭିଯୋଗ ସାମ୍ନାକୁ ଆସିଛି।

ଅଭିଯୋଗ ଅନୁସାରେ ଗୌରାଙ୍ଗ ଭୂୟାଁ ଓରଫ ମିଛୁଆ ଭୂୟାଁ ରାସ୍ତା କଡ଼ରେ ବାଲି ଗଦା କରି ବିକ୍ରି କରୁଛନ୍ତି। ଏହା ଫଳରେ ମୁଖ୍ୟ ରାସ୍ତା ସଂକୀର୍ଣ୍ଣ ହୋଇପଡ଼ିଥିବା ବେଳେ ଯାତାୟାତରେ ସାଧାରଣ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଦୁଇ ଚକିଆ ଓ ଚାରି ଚକିଆ ଯାନ ଚଳାଚଳ ସମୟରେ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଛି।

ସ୍ଥାନୀୟ ଲୋକମାନେ ଏହି ସମସ୍ୟାର ତୁରନ୍ତ ସମାଧାନ ସହ ରାସ୍ତା ଉପରୁ ବାଲି ହଟାଇବା ପାଇଁ ପ୍ରଶାସନର ହସ୍ତକ୍ଷେପ ଦାବି କରିଛନ୍ତି।




## ମୁଁ ନୁହେଁ ତ କେହି ନୁହେଁ



ମୁଁ ମନ୍ତ୍ରୀ ହେବିନି ତ କାହାକୁ କରାଇ ଦେବିନି। ପ୍ରଥମେ ମତେ ମନ୍ତ୍ରୀ କର ପରେ ଆଉ ଯାହାକୁ ନେଉଛ ନିଅ। ଓଡିଶାର ଜଣେ ଆଗଧାଡିର ସାଂସଦଙ୍କ ଏଭଳି ନାଲିଆଖି ଏବେ ଅନେକ ମନ୍ତ୍ରୀ ଆଶାୟୀଙ୍କୁ ଅକଳରେ ପକାଇଛି। ଧର୍ମେନ୍ଦ୍ର ବାବୁ ମନ୍ତ୍ରୀ ଛାଡିବା ପରେ ଏବେ ଦିଲ୍ଲୀ ଲବି ବଢ଼ିଛି। ରାଜ୍ୟର ପ୍ରାୟ ଡଜନେ ସାଂସଦ ବିଭିନ୍ନ କୋଟାରେ କେନ୍ଦ୍ରରେ ମନ୍ତ୍ରୀ ହେବାପାଇଁ ଲାଗି ପଡିଛନ୍ତି। କିଏ ମହିଳା କୋଟାରେ ତ ଆଉ କିଏ ରାଜ ପରିବାର କୋଟାରେ। ପୂର୍ବରୁ ଓଡିଶା ଭାଗରେ ଗୋଟିଏ ମନ୍ତ୍ରୀପଦ ପଡିବ ବୋଲି ଆଲୋଚନା ହେଉଥିଲା। ଏବେ ଆଉ ଗୋଟିଏ ପଡିବ ବୋଲି କୁହାଯାଉଛି। ତେଣୁ ଦୁଇ ଦୁଇ ମନ୍ତ୍ରୀ ପଦରେ କିଏ ବସିବ ତାହାକୁ ନେଇ ଟଣାଓଟରା। ତେବେ ଓଡିଶାରୁ ଦିଲ୍ଲୀ ଯାଇଥିବା ଜଣେ ସାଂସଦ ସିଧାସିଧା କହିଛନ୍ତି, ମୋତେ ପ୍ରଥମେ ମନ୍ତ୍ରୀ କରାଯାଉ। ପରେ ଯାହାକୁ ଯେଉଁ କୋଟାରେ କରିବ କର। ମୋ ପାଇଁ ଓଡିଶାରେ ବିଜେପି ସରକାର କରିଛି। ମୁଁ ଯେଉଁ ପରିଶ୍ରମ କରିଛି ତାହାର ଫଳ ମୋତେ ମିଳିବା ଦରକାର। ତେବେ ତାଙ୍କର ଏହି କଥା କେତେଦୂର ପହଞ୍ଚିବ ତାହା ତ ଜଣାନାହିଁ, ହେଲେ ଅନ୍ୟ ସାଂସଦମାନେ ଏବେ ସତର୍କ ହୋଇଯାଇଛନ୍ତି। କାହାରି ଆଗରେ କିଛି ଆଲୋଚନା କରିବା ଅପେକ୍ଷା ବିହାର-ମହାରାଷ୍ଟ୍ର ବାଟ ଦେଇ ଯିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି। ଦେଖାଯାଉ ଧମକ ଦେଉଥିବା ସାଂସଦ ଓ ଦୌଡ ଆରମ୍ଭ କରିଥିବା ସାଂସଦଙ୍କ ମଧ୍ୟରୁ କିଏ ଜିତାପଟ ମାରୁଛି।

## ମଲି ମଲି ହୋଇ ଉଠିଗଲେ ଚାମେଲି



କେନ୍ଦ୍ରାପଡା ଜିଲ୍ଲାର ବହୁ ଚର୍ଚ୍ଚିତା ଯୁବା ସରପଞ୍ଚ ଚାମେଲି ଓଝା ରାଜଧାନୀରେ ଆସି ଧାରଣାରେ ବସିଥିଲେ। ଭାବିଥିଲେ ବଡ ବଡ ମିଡିଆ ଆସି ପହଞ୍ଚିବେ। ଜୋରଦାର ପ୍ରଚାର ହେବ। ସେହି ବଳରେ ଆଗାମୀ ନିର୍ବାଚନରେ ବିଧାୟକ ଟିକଟଟା ବି ମିଳିଯିବ। ହେଲେ ସେମିତି କିଛି ହେଲା ନାହିଁ। ଓଲଟା କେନ୍ଦ୍ରାପଡାରୁ ଖବର ଆସିଲା ଚାମେଲି ସରପଞ୍ଚ ପଦରୁ ବିଦା ହେବେ। ୱାର୍ଡମେମ୍ବରମାନେ ତାଙ୍କ ବିରୁଦ୍ଧରେ ଏକାଠି ହୋଇଛନ୍ତି। ତାହା ପରେ ଚାମେଲିଙ୍କ ମୁଣ୍ଡ ଖରାପ। ଦେଖିଲେ ଯଦି ଧାରଣାରେ ବସିବେ ତେବେ ସେପଟରେ କ୍ଷମତା ଚାଲିଯିବ। ସେପଟେ କିଛି ଶଙ୍ଖଦଳିଆଙ୍କ କଥାରେ ପଡି ବିଜେପିରୁ ଇସ୍ତଫା ଦେଇଥିବା ବି କହିଲେ। ହେଲେ ତାହାର ବି କିଛି ପ୍ରଭାବ ପଡିଲାନି। ପ୍ରଥମେ ପ୍ରଥମେ ଯେଉଁମାନେ ଆନ୍ଦୋଳନ ସ୍ଥଳକୁ ଯାଇ ସମବେଦନା ଦେଖାଉଥିଲେ ସେମାନେ ବି ଆଉ ଦେଖାଦେଲେନି। କେନ୍ଦ୍ରାପଡାରେ ଗଣ୍ଡଗୋଳବେଳେ ଯେଉଁ ମିଡିଆ ମାଇଲେଜ ମିଳିଥିଲା ତାହା ବି କ୍ୟାପିଟାଲରେ ହେଲାନି। ସେଇଠୁ ରଣନୀତି ବଦଳାଇ ଆମରଣ ଅନଶନରୁ ଉଠିଲେ। କଥାଟା ଡିଖିରିରେ ପହଞ୍ଚିବା ପରେ ଏବେ ଲୋକେ କହୁଛନ୍ତି ମଲି ମଲି ହୋଇ ଉଠିଗଲା ଚାମେଲି।

## ବହି ଖୋଜୁଛନ୍ତି ବିଧାୟକ



ବିଧାନସଭାର ବର୍ଷାକାଳୀନ ଅଧିବେଶନ କେବେ ବସିବ ଜଣାନାହିଁ। ହେଲେ ବିଧାନସଭା ଅଧିବେଶନ ପାଇଁ ଏବେଠାରୁ ବିରୋଧିଦଳ ବିଧାୟକମାନେ ବହି ଖୋଜିଲେଣି। ଅବଶ୍ୟ ଏ ବହି ବିଧାନସଭାର କୌଣସି ଆଇନ୍ କାନୁନ୍ ନୁହେଁ, ଏ ବହି ହେଉଛି ସରକାର ଛପାଇଥିବା ମାଳ ମାଳ ତ୍ରୁଟି ଥିବା ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବହି। ଏହିସବୁ ବହିକୁ ଦେଖାଇ ବିଧାନସଭାରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡକୁ ଘେରିବାପାଇଁ ଯୋଜନା ହୋଇଛି। ବିଧାନସଭା ଚାଲିଥିବାବେଳେ କାଳେ ବହି ନମିଳିବ ଏବେଠାରୁ ସଂଗ୍ରହ ଚାଲିଛି। ବିଧାନସଭାକୁ ଆସୁଥିବା ବିଧାୟକ, ମନ୍ତ୍ରୀ କିମ୍ବା ବାବୁମାନଙ୍କ ମଧ୍ୟରୁ କାହାରି ପିଲା ତ ସରକାରୀ ବିଦ୍ୟାଳୟରେ ପଢନ୍ତି ନାହିଁ, ତେଣୁ କାଳେ ଠିକଣାବେଳେ ବହି ନମିଳିବ ସେଥିପାଇଁ ଏବେଠାରୁ ଯୋଜନା ହୋଇଛି। ତେବେ ବହି ମିଳିବା ସହିତ କିଏ ରଜଦୋଳି ଗୀତ ଗାଇବ ଓ କିଏ ବିଲୁଆନନା ଗୀତ ଗାଇବ ତାହାକୁ ନେଇ ବି ଆଲୋଚନା ଚାଲିଛି। ପ୍ରସଙ୍ଗ ବଞ୍ଚାଇବାପାଇଁ ଏବେ ଠାରୁ ରାସ୍ତାଘାଟରେ ଧିରେ ସୁସ୍ଥେ ଆନ୍ଦୋଳନ ହେଉଛି। ହେଲେ ବିଧାନସଭା ଭିତରେ ଏହାକୁ ଜୋରଦାର କରିବାପାଇଁ ଦୁଇ ବିରୋଧି ଦଳ ଏବେଠାରୁ ଯେଉଁ ରଣନୀତି ପ୍ରସ୍ତୁତ କରୁଛନ୍ତି ତାହା କେତେଦୂର ସଫଳ ହେବ ସମସ୍ତଙ୍କ ନଜର ଏବେଠାରୁ ତାହାରି ଉପରେ ରହିଲାଣି।

## ଖାକି ବାବୁଙ୍କ ନିଦ ନାହିଁ



ଓଡିଶାର କିଛି ବଡ ଖାକି ବାବୁଙ୍କ ନିଦ ନାହିଁ। ଯେତେବେଳେ ଦେଖ ଗୋଟିଏ ଆଲୋଚନା କିଏ ହେବ ପରବର୍ତ୍ତୀ ଡିଜି। ଓଡିଆ ନା ଅଣଓଡିଆ। ଏହାକୁ ନେଇ ଜୋରଦାର ଚର୍ଚ୍ଚା। ଲୋକସେବା ଭବନର ଗୃହ ବିଭାଗ ନିକଟରେ ଚାଲିଥିବା ଏଭଳି ଏକ ଆଲୋଚନା କାନରେ ପଡିଲା। ସାଧା ପୋଷାକରେ ଆଲୋଚନା ଚଳାଇଥିବା ଜଣେ ବଡ ଖାକିବାବୁ କହୁଥାନ୍ତି ଯିଏ ନୂଆ ଡିଜି ହେବ ତାଙ୍କ ପାଇଁ ଦାୟିତ୍ୱ ନେଉ ନେଉ ଅଗ୍ନି ପରୀକ୍ଷା ଆରମ୍ଭ ହେବ। ତେଣୁ ଓଡିଶା ବାବଦରେ ଭଲଭାବେ ଜାଣିଥିବା ବାବୁ ଜଣେ ହେବା ଦରକାର। ଆଉ ଜଣେ ବାବୁ ଆଁ କରି ଅନାଇବାକୁ କଥା ଆରମ୍ଭ କରିଥିବା ବାବୁ ଜଣଙ୍କ କହିଲେ, ନୂଆ ଡିଜିଙ୍କ ପାଇଁ ପ୍ରଥମ ଅଗ୍ନି ପରୀକ୍ଷା ହେବ ପଞ୍ଚାୟତ ନିର୍ବାଚନ। ପରେ ପରେ ଆସିବ ପୌର ନିର୍ବାଚନ। ଏହି ଦୁଇଟି ପରୀକ୍ଷାରେ ପାଶ୍ କଲେ ଯାଇ ୨୦୨୯ ପାଇଁ ଚଉକି ପକ୍କା ହେବ। ନହେଲେ କେତେବେଳେ ବି ତାଙ୍କ ସ୍ଥାନରେ ନୂଆ ଡିଜି ଆସିଯିବେ। ହେଲେ ସେଠାରେ ଉପସ୍ଥିତ ଆଉ ଜଣେ ବଡ ଖାକି ବାବୁ କହୁଥାନ୍ତି, ସେକଥା କିଛି ନୁହେଁ ମ, ଥରେ ଚଉକିରେ ବସିଗଲେ ସବୁ ଠିକ୍ ଠାକ୍ ହୋଇଯିବ। ଖାଲିଯାହା ବେଳ କା ଉଣ୍ଡି ଲୋକ ଚିହ୍ନି ସାଲ୍ୟୁଟ ମାରିଲେ ହେଲା। ଏଭଳି ଆଲୋଚନା ସମୟରେ ଗୃହ ବିଭାଗର ଜଣେ ବଡ ଅଧିକାରୀ ଆସିବାର ସୂଚନା ପାଇ ଖାକିବାବୁମାନେ ଛତ୍ରଭଙ୍ଗ ଦେବାପାଇଁ ଉଦ୍ୟତ ହେବା ଦେଖି ଆମେ ବି ସେ ସ୍ଥାନ ଛାଡି ପଳାଇ ଆସିଲୁ।

## ଚୁଙ୍ଗା ଦେଖିଲେ କୁଲୁକୁଲୁ



ରାଜଧାନୀରେ ଏବେ ବର୍ଷାଋତୁ ସହିତ ସାମ୍ବାଦିକ ସମ୍ମିଳନୀ ଋତୁ ଚାଲିଛି। ନେତାମାନେ ରାସ୍ତାକୁ ଯାଇ ଜାମା ପଟା ଖରାପ କରିବା ବଦଳରେ ଏସି କୋଠରୀରେ ଗରମ ଚା' ପିଇ ସାମ୍ବାଦିକ ସମ୍ମିଳନୀରେ ଚୁଙ୍ଗା ଆଗରେ କୁଲୁ କୁଲୁ ହେଉଛନ୍ତି। ତେଣୁ ଏବେ ବଡ ବଡ ରାଜନୈତିକଦଳଗୁଡିକ ଦିନକୁ ଦୁଇ ତିନିଟି ସାମ୍ବାଦିକ ସମ୍ମିଳନୀ କରି ଚୁଙ୍ଗା ଆଗରେ ମୁହଁ ଦେଖାଉଥିବାବେଳେ ଛୋଟ ଦଳଗୁଡିକୁ ବି ଏହି ପ୍ରତିଯୋଗିତାରେ ମାତିବା ଆରମ୍ଭ କରିଛନ୍ତି। ସେମାନେ ସାମ୍ବାଦିକ ସମ୍ମିଳନୀ ନକଲେ ବି ପ୍ରେସ ରିଲିଜଟିଏ ପଠାଇ ଦେଉଛନ୍ତି। ପୂର୍ବରୁ ରାଜନୈତିକଦଳଗୁଡିକ ଯେଭଳି ବିଭିନ୍ନ ପ୍ରସଙ୍ଗରେ ରାଜଭବନ ଠାରୁ ଗାନ୍ଧୀମାର୍ଗ ପର୍ଯ୍ୟନ୍ତ ହୋ ହଲ୍ଲା କରି କମ୍ପାଉଥିଲେ ଏବେ ତାହା ଆଉ ପ୍ରାୟ ନାହିଁ। ନେତାମାନେ ବି କର୍ମୀଙ୍କୁ ରାସ୍ତାକୁ ଛାଡି ସେମାନଙ୍କର ପ୍ରଚାର କରିବାକୁ ଚାହୁଁ ନାହାନ୍ତି। ନିଜେ କିଭଳି ଚୁଙ୍ଗା ଆଗରେ ମୁହଁ ଦେଖାଇବେ ସେଥିପାଇଁ ରଣନୀତି ପ୍ରସ୍ତୁତ କରୁଛନ୍ତି। ଅବସ୍ଥା ଏଭଳି ହୋଇଛି ଯେ ଖାତା ଖତିଆନା ନଥିବା ଜଣେ ଜଣେ ନେତା ଦିନକୁ ଦୁଇ ତିନିଟି ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରୁଛନ୍ତି। ରାଜଧାନୀରେ ଏବେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ ପଚାରିବା ଉପରେ ଅଘୋଷିତ କଟକଣା ଜାରି ହୋଇଥିବାରୁ ଚୁଙ୍ଗା ମୁହାଁ ନେତାମାନଙ୍କର ଉତ୍ପାତ ବଢ଼ିଥିବା କୁହାଯାଉଛି।

### ଆକ୍ସନ୍ ମୋଡ୍‌ରେ ଜଳ ସମ୍ପଦ ବିଭାଗ

# ବନ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ

ଭୁବନେଶ୍ୱର,୨।୮ (ସଂଚାର ବ୍ୟୁରୋ): ବନ୍ୟା ପରିସ୍ଥିତି ପରେ ରାଜ୍ୟରେ ଜଳ ବନ୍ଧ ସଂରଚନାର ସୁରକ୍ଷା ଓ କ୍ଷତିଗ୍ରସ୍ତ ସ୍ଥାନଗୁଡ଼ିକର ଶୀଘ୍ର ପୁନରୁଦ୍ଧାର ପାଇଁ ଜଳ ସମ୍ପଦ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଜାରି ରଖିଛି। ବିଭାଗର ବରିଷ୍ଠ ଯନ୍ତ୍ରୀମାନେ କ୍ଷେତ୍ର ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରୁଥିବା ବେଳେ ଆବଶ୍ୟକ ସ୍ଥାନରେ ତୁରନ୍ତ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି।



ଯାଜପୁର ଜିଲ୍ଲାର କାଣି ଡାହାଣ ପାର୍ଶ୍ୱ ବନ୍ଧର ବ୍ରହ୍ମଚାରୀପାଟଣା ଓ ବ୍ରାହ୍ମଣୀ ନଦୀର କିମିରିଆପାଲ ନିକଟରେ ହୋଇଥିବା ଅସ୍ଥାୟୀ ଘାଇର ମରାମତି କରିବା କାର୍ଯ୍ୟ ଆରମ୍ଭ ହୋଇଛି। ଆବଶ୍ୟକ ଯନ୍ତ୍ରପାତି, ସାମଗ୍ରୀ ଓ ଜନଶକ୍ତି ନିୟୋଜିତ କରାଯାଇ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଛି। କଟକ, ପୁରୀ, ଖୋର୍ଦ୍ଧା ଓ ଜଗତସିଂହପୁର ଜିଲ୍ଲା ଦେଇ ପ୍ରବାହିତ ଦୟା, ରାଜୁଆ, ମକରା, ଭାର୍ଗବୀ, ମହାନଦୀ, କୁଶଭଦ୍ରା ଓ ଦେବୀ ନଦୀର ସମସ୍ତ ନଦୀବନ୍ଧକୁ ଦିନରାତି ନିରୀକ୍ଷଣ କରାଯାଉଛି। ଚିହ୍ନଟ ହୋଇଥିବା ସମସ୍ତ ଘଳିଆକୁ ତୁରନ୍ତ ମରାମତି କରାଯାଇ ସମ୍ଭାବ୍ୟ ଘାଇ ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇଛି।

ଏହି ପରିପ୍ରେକ୍ଷୀରେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଦିଲ୍ଲୀପ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ବନ୍ୟା ସେଲ୍‌ରେ ଅନ୍ୟ ବରିଷ୍ଠ ମୁଖ୍ୟ ଯନ୍ତ୍ରୀଙ୍କ ସହ ଆଜି ପୁନଃ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବର୍ତ୍ତମାନର ବନ୍ୟା ପରିସ୍ଥିତି, ହୀରାକୁଦ ଜଳଭଣ୍ଡାରର ପରିଚାଳନା, ନଦୀଗୁଡ଼ିକର ଜଳପ୍ରବାହ, ତଳମୁଣ୍ଡ ଅଞ୍ଚଳର ସ୍ଥିତି ଏବଂ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରାଯାଇଥିଲା। ସମସ୍ତ ଇଞ୍ଜିନିୟରିଂ ଦଳକୁ ସତର୍କ ରହିବା, ୨୪×୭ ନଜରଦାରି ଜାରି ରଖିବା ଓ ଯେକୌଣସି ସମ୍ଭାବ୍ୟ ଚ୍ୟାଲେଞ୍ଜର ତୁରନ୍ତ ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଭାଗ ପରିସ୍ଥିତି ଉପରେ ନିରନ୍ତର ନଜର ରଖି ସମୟୋପଯୋଗୀ ପଦକ୍ଷେପ ଗ୍ରହଣ କରୁଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ପ୍ରମୁଖ ବନ୍ଧ, ଜଳଭଣ୍ଡାର, ନଦୀବନ୍ଧ ଓ ଜଳସେଚନ ସଂରଚନା ଉପରେ ନିରବଚ୍ଛିନ୍ନ ନଜରଦାରି ଜାରି ରହିଛି।

## ଭାସିଗଲେ ଦୁଇ ସାଙ୍ଗ: ଜଣେ ଉଦ୍ଧାର, ୧ ନିଖୋଜ



ତାଳଚେର, ୨।୮ (ସଂଚାର ବ୍ୟୁରୋ): ଭାସିଗଲେ ଦୁଇ ସାଙ୍ଗ। ଜଣଙ୍କୁ ଉଦ୍ଧାର କରାଯାଇଥିଲେ ହେଁ ଅନ୍ୟ ଜଣଙ୍କ ନିଖୋଜ ଅଛନ୍ତି। ତାଳଚେର ବ୍ରାହ୍ମଣୀ ନଦୀରେ ଗାଧୋଉଥିବା ବେଳେ ଦୁଇ ସାଙ୍ଗ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ତେବେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିବା ବେଳେ ଅନ୍ୟ ଜଣେ ଏବେବି ନିଖୋଜ ଅଛନ୍ତି। ତାଳଚେର କାକୁଡି ଗାଧୁଆ ତୁଠକୁ ତାଳଚେର ଟାଉନ୍‌ର କେତେକ ଯୁବକ ଗାଧୋଇବାକୁ ଯାଇଥିଲେ। ସେହି ସମୟରେ ବଡ଼ଦାଣ୍ଡ ସାହିର ଓମ୍ ପଟ୍ଟନାୟକ ଓ କାରିଗରପଡ଼ାର ରିଙ୍କୁ ଦାସ ନାମକ ଦୁଇ ସାଙ୍ଗ ପାଣିର ସ୍ରୋତରେ ଭାସିଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଲୋକେ ରିଙ୍କୁଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଓମ୍ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ପୁଲିସ ପହଞ୍ଚି ଓମ୍‌ଙ୍କ ତଲାସୀ ଜାରି ରଖିଛନ୍ତି।

## ୪୫୩ ନିଶା ଇଞ୍ଜେକ୍ସନ୍ ଜବତ: ୪ ଗିରଫ



କୋରାପୁଟ,୨।୮ (ସଂଚାର ବ୍ୟୁରୋ): କୋରାପୁଟରେ ନିଶା ରାକେଟ୍‌ର ନୂଆ ଠିକଣା। ୪୫୩ ନିଶା ଇଞ୍ଜେକ୍ସନ୍ ଜବତ ହୋଇଥିବା ବେଳେ ଏହି ମାମଲାରେ ୪ ଜଣଙ୍କୁ ଗିରଫ କରାଯାଇଛି। ସେମିଳିଗୁଡ଼ା ପୁଲିସକୁ ମିଳିଛି ଏହି ସଫଳତା। ଗେରୁଗୁଡ଼ାସ୍ଥିତ ଭୈରବୀ ମନ୍ଦିର ନିକଟରେ ବେଆଇନ ଭାବେ ନିଶା ଇଞ୍ଜେକ୍ସନ୍ କାରବାର ଚାଲିଥିବା ନେଇ ସୂଚନା ପାଇ ପୁଲିସ୍ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ପୁଲିସ୍ ୪ ଜଣ ଅଭିଯୁକ୍ତଙ୍କୁ କାବୁ କରିଥିଲା। ଅଭିଯୁକ୍ତମାନଙ୍କ ନିକଟରୁ ୪୫୩ଟି ନିଶା ଇଞ୍ଜେକ୍ସନ୍ ଆମ୍ପୁଲ୍ ଜବତ କରାଯାଇଛି। ସେଥିରେ ୩୦୨ଟି ପେଣ୍ଟାଜୋସିନ୍ ଓ ୧୫୧ଟି ଟ୍ରାମାଡୋଲ୍ ଇଞ୍ଜେକ୍ସନ୍ ରହିଛି। ଏଥିସହ ଏକ ଟ୍ରାଇବର୍ କାର୍, ୪ଟି ମୋବାଇଲ୍ ଫୋନ୍ ଓ ସାଢ଼େ ୭ ହଜାର ଟଙ୍କା ମଧ୍ୟ ଜବତ କରାଯାଇଛି। ଗିରଫ ହୋଇଥିବା ଚାରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବିବାହ ପ୍ରତିଶ୍ରୁତି ଦେଇ ଷ୍ଟାଫ୍‌ନର୍ସଙ୍କୁ ଦୁଷ୍କର୍ମ

■ ଅଭିଯୁକ୍ତକୁ ବାନ୍ଧିଲା ଲିଙ୍ଗରାଜ ପୁଲିସ



ଭୁବନେଶ୍ୱର,୨।୮ (ସଂଚାର ବ୍ୟୁରୋ): ରାଜଧାନୀରେ ଷ୍ଟାଫ୍ ନର୍ସଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ ଅଭିଯୋଗ ହୋଇଛି। ବାଲିପାଟଣା ଥାନାରେ ଜିରୋ ଏଫଆଇଆର ପରେ ଅଭିଯୁକ୍ତ ପ୍ରେମିକକୁ ଲିଙ୍ଗରାଜ ଥାନା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ବାଲିପାଟଣା ଥାନା ଅଞ୍ଚଳର ଭବତୋଷ ମହାନ୍ତି। ପୁଲିସ ସୂଚନା ଅନୁଯାୟୀ, ଷ୍ଟାଫ୍ ନର୍ସ ଜଣଙ୍କ ଗତ ୯ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ୯ବର୍ଷର ପୁଅ ଅଛି। ସ୍ୱାମୀଙ୍କ ସହ କୌଣସି କଥାକୁ ନେଇ ଝଗଡ଼ା ହେବାରୁ ସେ ପୁଅକୁ ଧରି ଭୁବନେଶ୍ୱର ପଳାଇ ଆସିଥିଲେ। ଏଠାରେ ଷ୍ଟାଫ୍ ନର୍ସ ଭାବରେ କାମ କରୁଥିଲେ। ଜଣେ ସାଙ୍ଗର ଜନ୍ମଦିନ ପାର୍ଟିରେ ଭବତୋଷ ମହାନ୍ତିଙ୍କ ସହ ପରିଚୟ ହୋଇଥିଲା। ଏହାପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟ ମଧ୍ୟ ବର୍ଷେ ହେବ ଲିଭ୍-ଇନ୍‌ରେ ରହୁଥିଲେ। ଷ୍ଟାଫ୍‌ନର୍ସ ଜଣଙ୍କ ଭବତୋଷକୁ ବିବାହ କରିବାକୁ କହିବା ପରେ ଭବତୋଷ ନିଜ ଗାଁ ବାଲିପାଟଣା ପଳାଇ ଯାଇଥିଲେ। ମୋବାଇଲ ନମ୍ବର ବଦଳାଇ ଦେଇଥିଲେ। ଷ୍ଟାଫ୍‌ନର୍ସ ଜଣଙ୍କ ତାଙ୍କ ଘରକୁ ଯାଇ ଭବତୋଷଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ତେବେ ସେଠାରେ ଭବତୋଷଙ୍କ ବାପା, ଭାଇ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହାପରେ ଷ୍ଟାଫ୍ ନର୍ସ ଜଣଙ୍କ ବାଲିପାଟଣା ଥାନାରେ ଅଭିଯୋଗ କରିଥିଲେ। ଘଟଣା ଯେହେତୁ ଭୁବନେଶ୍ୱର ଓଲ୍ଡ ଟାଉନ ଅଞ୍ଚଳରେ ଘଟିଛି ସେଥିପାଇଁ ଜିରୋ ଏଫ୍ଆଇର ଗ୍ରହଣ କରି ଲିଙ୍ଗରାଜ ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଝାରପଡ଼ାର ୩ ସମେତ ୧୯ କଏଦୀ ଆଗୁଆ ମୁକ୍ତ



ଭୁବନେଶ୍ୱର,୨।୮ (ସଂଚାର ବ୍ୟୁରୋ) : ସାରା ରାଜ୍ୟରେ ୧୯ ଜଣ ଆଜୀବନ କାରାଦଣ୍ଡରେ ଦଣ୍ଡିତ କଏଦୀଙ୍କୁ ସେମାନଙ୍କ ଆଚରଣ, ଉଚ୍ଚାରଣ ଓ ଭଦ୍ର ବ୍ୟବହାର ପାଇଁ ରବିବାର ସରକାର ଆଗୁଆ ଖଲାସ କରିଛନ୍ତି। ସେଥିମଧ୍ୟରୁ ୩ ଜଣଙ୍କୁ ଭୁବନେଶ୍ୱର ଝାରପଡ଼ା ଜେଲ୍‌ରୁ ଖଲାସ କରାଯାଇଛି। ଭଗବଦ୍‌ଗୀତା ପୁସ୍ତକ ଓ ମହାତ୍ମା ଗାନ୍ଧୀଙ୍କ ଫଟୋ ଚିତ୍ର ପ୍ରଦାନ କରି ସେମାନଙ୍କ ଜୀବନ ସୁଗମ ହେବାର କାମନା କରାଯାଇଛି। ଝାରପଡ଼ାରୁ ମୁକୁଳିଥିବା ୩ ଜଣ ହେଉଛନ୍ତି ଜଟଣୀର ରତନ ଘୋଷ, ବାଲିପାଟଣାର ସୁରେନ୍ଦ୍ର ନାଥ ଭୋଳ ଓ ନୂଆଗାଁର ବିପିନ୍ ବିହାରୀ ବରାଳ। ହତ୍ୟା ଅଭିଯୋଗରେ ଏମାନେ ଆଜୀବନ ସଜା ଭୋଗୁଥିଲେ।

## ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ହସ୍ପିଟାଲ ଆଣିଲେ ୧୦୮ କର୍ମଚାରୀ



ଭୁବନେଶ୍ୱର,୨।୮ (ସଂଚାର ବ୍ୟୁରୋ) : ୧୦୮ କର୍ମଚାରୀଙ୍କ ମହାନତା ଦେଖାଇଲେ। ଷ୍ଟ୍ରେଚରରେ ଗୋଟିଏ କିଲୋମିଟର ବୋହି ବୋହି ଘାଟି ଓହ୍ଲାଇବା ସହ ହସ୍ପିଟାଲରେ ଭର୍ତ୍ତିକରି ପ୍ରସୂତୀଙ୍କ ଜୀବନ ବଞ୍ଚାଇଲେ। ଏଭଳି ଦୃଶ୍ୟ ନୂଆପଡା ଜିଲ୍ଲା ବୋଡେନ ବ୍ଲକ ପାଟଦର୍ହା ଅଞ୍ଚଳରେ ଦେଖିବାକୁ ମିଳିଥିଲା। ଲଳିତା ମାଝୀ ନାମକ ଜଣେ ମହିଳାଙ୍କୁ ପ୍ରସବ ଯନ୍ତ୍ରଣା ହେବା ପରେ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଲଗାଣ ବର୍ଷାରେ ରାସ୍ତା ଧୋଇ ହୋଇ ଯାଇଥିବା ବେଳେ ଆମ୍ବୁଲାନ୍ସଟି ଯାଇ ପାରିନଥିଲା। ପାଟଦର୍ହାରୁ ଗର୍ଭବତୀ ମହିଳାଙ୍କୁ କଷ୍ଟେ ମଷ୍ଟେ ଏକ ବାଇକ୍‌ରେ ଅଧାବାଟ ଆଣିବା ପରେ ୧ କିଲୋମିଟରରୁ ଉର୍ଦ୍ଧ୍ୱ ହେବ ଷ୍ଟ୍ରେଚରରେ ବୋହି ଘାଟି ରାସ୍ତାରେ ତଳକୁ ଆଣିଥିଲେ ଆମ୍ବୁଲାନ୍ସ କର୍ମଚାରୀ।

### ଡିଏମ୍ ସ୍କୁଲ ଛାତ୍ରୀଙ୍କ ମୃତଦେହ ମିଳିବା ଘଟଣା

## ସୁରକ୍ଷା କର୍ମୀଙ୍କୁ ଗିରଫ କଲା ପୁଲିସ



ଭୁବନେଶ୍ୱର ୨।୮ (ସଂଚାର ବ୍ୟୁରୋ): ଡିଏମ୍ ସ୍କୁଲର ଛାତ୍ରୀଙ୍କ ମୃତଦେହ ଉଦ୍ଧାର ଘଟଣାରେ କମିଶନରେଟ୍ ପୁଲିସ ବଡ଼ ଆକ୍ସନ ନେଇ କାର୍ଯ୍ୟରେ ଅବହେଳା ପାଇଁ ସ୍କୁଲଗାର୍ଡ ବୁଦ୍ଧିଆ ପଟେଲକୁ ପୋଲିସ ଗିରଫ କରିଛି। ଭୁବନେଶ୍ୱର ରିଜର୍ଭ ପୁଲିସ ପାଣିକୁଣ୍ଡରୁ ଛାତ୍ରୀଙ୍କ ମୃତଦେହ ଉଦ୍ଧାର ହେବା ପରେ ପ୍ରଥମେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ସୁରକ୍ଷାକର୍ମୀ ବୁଦ୍ଧିଆ ପଟେଲ କାର୍ଯ୍ୟରେ ଅବହେଳା କରିଥିବା ଅଭିଯୋଗ ସାମ୍ନାକୁ ଆସିଥିଲା। ଏହାକୁ ଆଧାର କରି ପୁଲିସ ଅପରାଧିକ ମାମଲା ରୁଜୁ କରି ସୁରକ୍ଷାକର୍ମୀଙ୍କୁ ଗିରଫ କରିଛି।

## କାଠଯୋଡିରେ ବୁଡିଗଲେ ୨ ନାବାଳକ, ଜଣେ ମୃତ

କଟକ ୨।୮ (ସଂଚାର ବ୍ୟୁରୋ): କଟକ ସଦର ଥାନା ଅଧୀନ ଶ୍ରୀକୋରୁଆଁ ଅଞ୍ଚଳରେ ଦୁଃଖଦ ଅଘଟଣ ଘଟିଛି। କାଠଯୋଡ଼ି ନଦୀରେ ଗାଧୋଉଥିବା ବେଳେ ୨ ନାବାଳକ ଭାସିଯାଇଛନ୍ତି। ଜଣେ ନାବାଳକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣଙ୍କୁ ଉଦ୍ଧାର କରାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, କାଠଯୋଡିକୁ ୩ ଜଣ ନାବାଳକ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ବେଳେ ହଠାତ ୨ ଜଣ ନାବାଳକ ବୁଡିଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଜଣେ ନାବାଳକଙ୍କୁ ତୁରନ୍ତ ଜୀବିତ ଉଦ୍ଧାର କରାଯାଇଥିଲା। ତେବେ ଅନ୍ୟ ଜଣେ ନାବାଳକର ମୃତ୍ୟୁ ଘଟିଛି। ଖବର ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

■ ସାପ କାମୁଡ଼ାରେ ପ୍ରେମିକର ମୃତ୍ୟୁ

## ଖବରପାଇ ଝୁଲି ପଡ଼ିଲେ ଯୁବତୀ



ଉଦଳା, ୨।୮ (ସଂଚାର ବ୍ୟୁରୋ): ସାପ କାମୁଡ଼ାରେ ପ୍ରେମିକ ମୃତ୍ୟୁବରଣ କରିଥିବା ବେଳେ ଏହାକୁ ପ୍ରେମିକା ସହ୍ୟ କରିପାରିନାହିଁ। ଖବର ଶୁଣି ବାଡ଼ି ପଛପଟେ ପ୍ରେମିକା ଜଣଙ୍କ ଜୀବନ ହାରିଦେଇଛନ୍ତି। ଏପରିକି ଉଭୟଙ୍କର କିଛି ଦିନ ଭିତରେ ବାହାଘର ହେବାର ଥିଲା। ମୟୂରଭଞ୍ଜ ଉଦଳାରେ ଏମିତି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ପ୍ରେମିକ ରହିଲା ନାହିଁ, ସେତେବେଳେ ପ୍ରେମିକା ବି ବଞ୍ଚିରହିବାଟା ତାଙ୍କ ପକ୍ଷେ ଅସମ୍ଭବ ବୋଲି ମନେ କରି ଜୀବନ ଦେଇଦେଇଛନ୍ତି। ଉଦଳା ଥାନା ଡିମଗଡିଆ ଗ୍ରାମର ମହେଶ୍ୱର ସିଂଙ୍କ ଝିଅ ଦେବୀ ସିଂ ଅନୁଗୋଳ ନାଲକୋ ଅଞ୍ଚଳର ପିଣ୍ଟୁଙ୍କୁ ଦୀର୍ଘ ବର୍ଷେ ହେବ ଭଲ ପାଇଆସୁଥିଲେ। ୪ ଦିନ ପୂର୍ବରୁ ପିଣ୍ଟୁ କାମ ପାଇଁ ଯାଇଥିବା ବେଳେ ହଠାତ୍ ଏକ ବିଷାକ୍ତ ସାପ ତାଙ୍କୁ କାମୁଡିଥିଲା। ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଅଚାନକ ପ୍ରେମିକ ପିଣ୍ଟୁଙ୍କ ମୃତ୍ୟୁ ଖବର ପାଇବା ପରେ ମାନସିକ ଭାରସାମ୍ୟ ହରାଇ ବସିଥିଲେ ଦେବୀ ଆଉ ଘର ପଛ ବାଡ଼ିରେ ଜୀବନ ହାରିଦେଇଥିଲେ।

### ସୌମ୍ୟରଞ୍ଜନ ମୃତ୍ୟୁ ମାମଲା

# ଆଇଏଫ୍‌ଏସ୍ ସଂଗ୍ରାମ କେଶରୀ ନିଲମ୍ବିତ

ଭୁବନେଶ୍ୱର,୨।୮ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀଙ୍କ ବଡ଼ କାର୍ଯ୍ୟାନୁଷ୍ଠାନ। ତତ୍କାଳୀନ ଡିଏଫ୍‌ଓ, ଆଇଏଫ୍‌ଏସ୍ ସଂଗ୍ରାମ କେଶରୀ ବେହେରାଙ୍କୁ ନିଲମ୍ବିତ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ଶ୍ରୀ ବେହେରାଙ୍କର ସମ୍ପୃକ୍ତି ରହିଛି। ଗଜପତି ଜିଲ୍ଲାର ଡିଏଫ୍‌ଓ ଥିବା ସମୟରେ ଶ୍ରୀ ବେହେରା ଅଭିଯୁକ୍ତ ଥିଲେ। ଏସିଏଫ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ମାମଲାରେ ଜେଲ ଯାଇଛନ୍ତି ତତ୍କାଳୀନ ଡିଏଫଓ ଶ୍ରୀ ବେହେରା। ପାରଳାଖେମୁଣ୍ଡି ଏସଡିଜେଏମ କୋର୍ଟରେ ଆତ୍ମସମର୍ପଣ ପରେ ସେ ଗିରଫ



କୋର୍ଟରେ ଆତ୍ମସମର୍ପଣ ପରେ ଜେଲ୍‌ରେ ଅଛନ୍ତି

ହୋଇଥିଲେ। ଗତ ୨୦୨୧ ଜୁଲାଇ ୧୩ ତାରିଖରେ ପୋଡ଼ି ହୋଇ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ହୋଇଥିବା ବେଳେ ପରିବାର ଲୋକେ ଏହାକୁ ହତ୍ୟା ଓ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିଥିଲେ। ଏହାପରେ ସୌମ୍ୟଙ୍କ ପତ୍ନୀ ବିଦ୍ୟାଭାରତୀ ପଣ୍ଡା, ତତ୍କାଳୀନ ଗଜପତି ଡିଏଫ୍‌ଓ ଶ୍ରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ନାଁରେ ମାମଲା ରୁଜୁ ହୋଇଥିଲା। ପୂର୍ବରୁ ଜୁଲାଇ ୧୪ ତାରିଖରେ ହାଇକୋର୍ଟ ସଂଗ୍ରାମଙ୍କୁ ନିମ୍ନ ଅଦାଲତରେ ଆତ୍ମସମର୍ପଣ କରିବା ପାଇଁ ଦୁଇ ସପ୍ତାହ ସମୟ ଦେଇଥିଲେ।

୨୦୨୧ର ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲାରେ ତତ୍କାଳୀନ ଡିଏଫ୍‌ଓ ଶ୍ରୀ ବେହେରା ଗତ ୨୭ ତାରିଖରେ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ୫ ବର୍ଷ ପରେ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍‌ଙ୍କ ନିକଟରେ ଓକିଲଙ୍କ ଜରିଆରେ ଆତ୍ମସମର୍ପଣ କରିଥିଲେ ତତ୍କାଳୀନ ଡିଏଫଓ। ଗତ ୨୦୨୧ ଜୁଲାଇରେ ପାରଳାଖେମୁଣ୍ଡିସ୍ଥିତ ସରକାରୀ କ୍ୱାର୍ଟର୍ସରେ ପୋଡ଼ି ହୋଇ ଏସିଏଫ୍ ସୌମ୍ୟରଞ୍ଜନ ଗୁରୁତର ହୋଇପଡ଼ିଥିଲେ। ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ମାମଲାରେ ପରିବାର ପକ୍ଷରୁ ହତ୍ୟା ଅଭିଯୋଗ କରାଯାଇଥିବା ବେଳେ କ୍ରାଇମବ୍ରାଞ୍ଚ ଓ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଆତ୍ମସମର୍ପଣ ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଶ୍ରୀ ବେହେରାଙ୍କୁ ନିଲମ୍ବନ କରାଯାଇଛି। ନ୍ୟାୟିକ ହେପାଜତ ଆଦେଶକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ନିଲମ୍ବନ ନିର୍ଦ୍ଦେଶ ଜାରି କରାଯାଇଛି ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ନିୟମ ଅନୁଯାୟୀ ଶ୍ରୀ ବେହେରାଙ୍କ ବିରୋଧରେ ପରବର୍ତ୍ତୀ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ କ'ଣ ହେଉଛି, ତା' ଉପରେ ସମସ୍ତଙ୍କ ନଜର ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

## ଇପିଏଫଓରେ ୧୮୧୬ କୋଟି ଟଙ୍କାର ଦୁର୍ନୀତି

# ଅନିଲ ଅମ୍ବାନୀ, ରିଲାଏନ୍ସ କ୍ୟାପିଟାଲ ବିରୋଧରେ ମାମଲା




ନୂଆଦିଲ୍ଲୀ,୨।୮ : ପୁଣି ଅଡୁଆରେ ଅନିଲ ଅମ୍ବାନୀ। ଇପିଏଫଓରେ ବଡ ଧରଣର ଦୁର୍ନୀତିର ରହିଛି ଅଭିଯୋଗ। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ବା ସିବିଆଇ (ସିବିଆଇ) ରିଲାଏନ୍ସ କ୍ୟାପିଟାଲ ଲିମିଟେଡ୍, ଏହାର ପୂର୍ବତନ ଅଧ୍ୟକ୍ଷ ଅନିଲ ଅମ୍ବାନୀ ଏବଂ ଅନେକ ଅଜ୍ଞାତ ଲୋକସେବକ ବା ଅନ୍ୟ ମାନଙ୍କ ବିରୁଦ୍ଧରେ ଏକ ଏଫଆଇଆର ଦାୟର କରିଛି। ଏହି ମାମଲା ଇପିଏଫଓ କୁ ୧୮୧୬.୨୨ କୋଟି ଟଙ୍କାର କ୍ଷତି ସହ ଜଡିତ । ସିବିଆଇ ଅନୁଯାୟୀ, ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ ଅଧୀନରେ ଆସୁଥିବା ଇପିଏଫଓ ର ଅଭିଯୋଗ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏଜେନ୍ସି ଏବେ ସମ୍ପୂର୍ଣ୍ଣ ନିବେଶ ଏବଂ ସମ୍ପର୍କିତ ଦସ୍ତାବିଜର ତଦନ୍ତ କରିବ। ତଦନ୍ତକାରୀ ଏଜେନ୍ସି ଅନୁଯାୟୀ, ୨୦୧୩ ଏବଂ ୨୦୧୪ ମଧ୍ୟରେ, ରିଲାଏନ୍ସ କ୍ୟାପିଟାଲ ସୁରକ୍ଷିତ ଅଣ-ପରିବର୍ତ୍ତନୀୟ ଡିବେଞ୍ଚର ଜାରି କରିଥିଲା। ଅଭିଯୋଗ କରାଯାଇଛି ଯେ ଚାରି ଜଣ ପୋର୍ଟଫୋଲିଓ ପରିଚାଳକଙ୍କ ମାଧ୍ୟମରେ ଏହି ଡିବେଞ୍ଚରରେ ପ୍ରାୟ ୨୫ ଶହ କୋଟି ଇପିଏଫଓ ପାଣ୍ଠି ବିନିଯୋଗ କରାଯାଇଥିଲା। ପରବର୍ତ୍ତୀ ସମୟରେ, ଏହି ନିବେଶ ଯୋଗୁଁ ଇପିଏଫଓ କୁ ୧୮୧୬.୨୨ କୋଟି ଟଙ୍କାର କ୍ଷତି ହୋଇଥିଲା, ଯେଉଁଥିରେ ମୂଳ ଏବଂ ସୁଧ ଅନ୍ତର୍ଭୁକ୍ତ। ଏଥିରେ ପ୍ରାୟ ୧୦୦୭.୫୫ କୋଟି ଟଙ୍କାର ମୂଳ କ୍ଷତି ଏବଂ୮୦୮.୬୭ କୋଟି ଟଙ୍କାର ସୁଧ ଦାୟିତ୍ୱ ଅନ୍ତର୍ଭୁକ୍ତ।

ସିବିଆଇ ଅପରାଧିକ ଷଡ଼ଯନ୍ତ୍ର, ଠକେଇ, ଅପରାଧିକ ବିଶ୍ୱାସ ଭଙ୍ଗ ଏବଂ ଦୁର୍ନୀତି ସହିତ ଜଡିତ ବ୍ୟବସ୍ଥା ଅନୁଯାୟୀ ଏକ ମାମଲା ରୁଜୁ କରିଛି। ତଦନ୍ତକାରୀ ସଂସ୍ଥା ନିବେଶ ପ୍ରକ୍ରିୟା ସମୟରେ ନିୟମ ଉଲ୍ଲଂଘନ ହୋଇଛି କି ନାହିଁ ଏବଂ ଏଥିରେ କିଏ ଭୂମିକା ଗ୍ରହଣ କରିଛନ୍ତି ତାହା ମଧ୍ୟ ତଦନ୍ତ କରିବ। ଅନିଲ ଅମ୍ବାନୀଙ୍କ ଦ୍ୱାରା ଜାରି ଏକ ବିବୃତ୍ତି ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିଛି। ତାଙ୍କ ମୁଖପାତ୍ର କହିଛନ୍ତି ଯେ ସେ କୌଣସି ଭୁଲ କରିନାହାଁନ୍ତି ଏବଂ ଆଇନ ଅନୁଯାୟୀ ସମସ୍ତ ଅଧିକାର ବ୍ୟବହାର କରିବେ। ବିବୃତ୍ତିରେ ଏହା ମଧ୍ୟ କୁହାଯାଇଛି ଯେ ସେ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ କମ୍ପାନୀର ଅଣ-କାର୍ଯ୍ୟକାରୀ ଅଧ୍ୟକ୍ଷ ଥିଲେ। ଇପିଏଫଓ ଦେଶର ଲକ୍ଷ ଲକ୍ଷ କର୍ମଚାରୀଙ୍କ ଭବିଷ୍ୟନିଧି ପାଣ୍ଠି ପରିଚାଳନା କରେ। ତେଣୁ, ଏହାର ନିବେଶ ସହିତ ଜଡିତ ଯେକୌଣସି ଅଭିଯୋଗିତ ଆର୍ଥିକ କ୍ଷତିକୁ ଗମ୍ଭୀର ବୋଲି ବିବେଚନା କରାଯାଏ। ଏହି କାରଣରୁ, ନିବେଶ ପ୍ରକ୍ରିୟାରେ କୌଣସି ଅନିୟମିତତା କିମ୍ବା ନିୟମ ଉଲ୍ଲଂଘନ ହୋଇଛି କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ସିବିଆଇକୁ ଏହି ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଛି।

## ଫିସ୍‌କୋଫିଡ଼ର ପ୍ରଥମ ମହିଳା ଉପାଧ୍ୟକ୍ଷା ଭାବେ ନିର୍ବାଚିତ ହେଲେ ଜୟଶ୍ରୀ ଗଡ଼ନାୟକ

ନୂଆଦିଲ୍ଲୀ,୨।୮ : ଦେଶର ସମବାୟ ଆନ୍ଦୋଳନ କ୍ଷେତ୍ରରେ ଓଡ଼ିଶା ପାଇଁ ଗର୍ବର ମୁହୂର୍ତ୍ତ। ଜାତୀୟ ମତ୍ସ୍ୟଜୀବୀ ସମବାୟ ସଂଘ (ଫିସ୍‌କୋଫିଡ୍)ର ଉପାଧକ୍ଷା ଭାବେ ନିର୍ବାଚିତ ହୋଇଛନ୍ତି ଓଡ଼ିଶାର ଜୟଶ୍ରୀ ଗଡ଼ନାୟକ। ଏହି ସଂସ୍ଥାର ଇତିହାସରେ ପ୍ରଥମ ମହିଳା ସମବାୟବିତ୍ ଭାବେ ଏହି ଶୀର୍ଷ ପଦବୀ ହାସଲ କରି ସେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି।

ତେବେ ଜୟଶ୍ରୀ ଗଡ଼ନାୟକଙ୍କ ଏହି ଅଭୂତପୂର୍ବ ବିଜୟ ପରେ ଦେଶର ବହୁ ପ୍ରମୁଖ ନେତା ଓ ସମବାୟବିତ୍‌ଙ୍କ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିଛି। କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ ଶ୍ରୀମତୀ ଗଡ଼ନାୟକ ଓ ଫିସ୍କୋଫେଡ୍ (ଫିସ୍‌କୋଫିଡ୍) ଟିମ୍ ସହ ଆଲୋଚନା କରିବା ସହ ତାଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି। ନୂଆଦିଲ୍ଲୀ ପୌର ପରିଷଦ (ଏନଡିଏମସି) ଉପାଧକ୍ଷ କୁଲଜିତ୍ ସିଂହ ଚହଲ ମଧ ତାଙ୍କର ଏହି ସଫଳତାକୁ ପ୍ରଶଂସା କରି ଶୁଭକାମନା ଜଣାଇଛନ୍ତି। ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଏବଂ ଜାତୀୟ ସମବାୟ ୟୁନିଅନ୍ ଅଫ୍ ଇଣ୍ଡିଆ - NCUIର ନିର୍ଦ୍ଦେଶକ ଟି. ପ୍ରସାଦ ରାଓ ଡୋରା ଶ୍ରୀମତୀ ଗଡ଼ନାୟକଙ୍କୁ ଜଣେ ବହୁମୁଖୀ ପ୍ରତିଭାସମ୍ପନ୍ନ ବ୍ୟକ୍ତିତ୍ୱ ଭାବେ ଅଭିହିତ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସମବାୟ କ୍ଷେତ୍ରକୁ ସମୃଦ୍ଧ କରିବା ପରେ ଏବେ ଜାତୀୟ ସ୍ତରରେ ସେ ସକାରାତ୍ମକ ଯୋଗଦାନ ଦେବେ।

ସୂଚନାଥାଉକି, ଜୟଶ୍ରୀ ଗଡ଼ନାୟକ ଦୀର୍ଘ ଦଶନ୍ଧି ଧରି ସମବାୟ ଆନ୍ଦୋଳନ ସହ ଜଡ଼ିତ ରହି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀ ସମ୍ଭାଳିଛନ୍ତି। ଜୟଶ୍ରୀ ଗଡ଼ନାୟକ ଖୋର୍ଦ୍ଧା ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କର ଉପାଧକ୍ଷା, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଏବଂ ଓଡ଼ିଶା ମତ୍ସ୍ୟଜୀବୀ ସମବାୟ ନିଗମ (ଫିସ୍‌ଫେଡ୍)ର ନିର୍ଦ୍ଦେଶକ, ଓମ୍ ସାଇ ମଲ୍ଟିପର୍ପସ୍ ପ୍ରାଥମିକ ମତ୍ସ୍ୟ ସମବାୟ ସମିତି ଏବଂ ଭୁବନେଶ୍ୱର ଡିଷ୍ଟ୍ରିବ୍ୟୁସନ୍ ଡିଭିଜନ୍ କୋ-ଅପରେଟିଭ ସୋସାଇଟିର ସଭାପତି ଭାବରେ ଦାୟିତ୍ୱ ତୁଲାଇସାରିଛନ୍ତି। ଏମିତିରେ ତାଙ୍କର କାର୍ଯ୍ୟଦକ୍ଷତା ଏବଂ ଆର୍ଥିକ ପରିଚାଳନା ଜ୍ଞାନ ସମବାୟ କ୍ଷେତ୍ରକୁ ଆହୁରି ମଜଭୁତ କରିବାରେ ସହାୟକ ହେବ। ଶିକ୍ଷାଗତ ଯୋଗ୍ୟତା ଦୃଷ୍ଟିରୁ ସେ ଫାଇନାନ୍ସରେ ଏମବିଏ ହାସଲ କରିଛନ୍ତି। ଜାତୀୟ ସ୍ତରରେ ଜୟଶ୍ରୀଙ୍କ ଏହି ସଫଳତା ଦେଶସାରା ସମବାୟ, କୃଷି ଓ ମତ୍ସ୍ୟଚାଷ ସହ ଜଡ଼ିତ ମହିଳାମାନଙ୍କ ପାଇଁ ଏକ ବଡ଼ ପ୍ରେରଣା ପାଲଟିଛି। ଫିସ୍‌କୋଫିଡ଼ର ଉପାଧକ୍ଷା ଭାବେ ତାଙ୍କର ଏହି ନୂତନ ଦାୟିତ୍ୱ ଗ୍ରହଣ ସମବାୟ କ୍ଷେତ୍ରରେ ସମାବେଶୀ ବିକାଶ ଓ ପ୍ରଗତିକୁ ଆଗକୁ ନେବ ବୋଲି ଆଶା କରାଯାଉଛି।



# ପାର୍ବଣରେ ଟୁଥ୍‌ପେଷ୍ଟ, ସାବୁନରୁ ପେଣ୍ଟ୍ ପର୍ଯ୍ୟନ୍ତ ସବୁକିଛି ଦର ବଢ଼ିବ




ନୂଆଦିଲ୍ଲୀ,୨।୮ : ଏଥର ପାର୍ବଣରେ ହେବ ମହଙ୍ଗା ମାଡ଼। ଟୁଥ୍‌ପେଷ୍ଟରୁ ପେଣ୍ଟ୍ ପର୍ଯ୍ୟନ୍ତ ଅଗଷ୍ଟରୁ ସବୁକିଛି ଦର ବଢ଼ିବ। ଦେଶର ପ୍ରମୁଖ ଏଫ୍‌ଏମ୍‌ସିଜି ଏବଂ ଖାଉଟି ସାମଗ୍ରୀ କମ୍ପାନିଗୁଡ଼ିକ ପୂଜାର ଠିକ୍ ପୂର୍ବରୁ ଏବଂ ଲଗାତର ଦ୍ୱିତୀୟ ତ୍ରୟମାସରେ ନିଜର ସାମଗ୍ରୀଗୁଡ଼ିକର ଦର ବଢ଼ାଇବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଟୁଥ୍‌ପେଷ୍ଟରୁ ନେଇ ଟାୟାର, ଡିଟର୍‌ଜେଣ୍ଟ, ସାବୁନ, ଡିସ୍ୱାସିଂ ବାର୍, ଲୁଣ ଏବଂ ପେଣ୍ଟ୍ ସମେତ ନିତିଦିନ ବ୍ୟବହାର ହେଉଥିବା ଅନ୍ୟାନ୍ୟ ସାମଗ୍ରୀ ମହଙ୍ଗା ହେବାକୁ ଯାଉଛି। ଆମ୍ ଆଦ୍‌ମୀଙ୍କ ପାଇଁ ଚଳିତ ପାର୍ବଣ ଋତୁ ବ୍ୟୟବହୁଳ ହୋଇପାରେ। ମଧ୍ୟପ୍ରାଚ୍ୟରେ ଜାରି ଯୁଦ୍ଧ ଯୋଗୁ କଞ୍ଚାମାଲ ବାବଦ ଖର୍ଚ୍ଚ ବଢୁଛି। ଅଶୋଧିତ ତୈଳ ଦର ବଢ଼ିବା ଫଳରେ କମ୍ପାନିଗୁଡ଼ିକର ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଇଛି। ଯୁଦ୍ଧ ବନ୍ଦ ହେବାର ନାଁ ଗନ୍ଧ ନାହିଁ। ଏଭଳି ସ୍ଥିତିରେ ଦେଶରେ ଦରଦାମ ସମସ୍ୟା ଲମ୍ବା ସମୟ ଧରି ଜାରି ରହିବ ବୋଲି ଆଶଙ୍କା କରିଛନ୍ତି ବିଶେଷଜ୍ଞ।

ଦେଶର ଅନ୍ୟତମ ଅଗ୍ରଣୀ ଏଫ୍‌ଏମ୍‌ସିଜି କମ୍ପାନି ହିନ୍ଦୁସ୍ତାନୟୁନିଲିବର ଲିମିଟେଡ୍(ଏଚ୍ୟୁଏଲ୍) ଆଗାମୀ ତ୍ରୟମାସରେ ଡିଟର୍‌ଜେଣ୍ଟ ଏବଂ ଡିସ୍‌ଓ୍ୱାସିଂ ବାର୍ ଭଳି ହୋମ୍ କେୟାରବର୍ଗରେ ଦର ବଢ଼ାଇବ ବୋଲି ପ୍ରକାଶ କରିଛି। ଏଚ୍ୟୁଏଲ୍,ଡୋଡଲା ଡେୟରୀ ଏବଂ ଏସିଆନ ପେଣ୍ଟସ୍ ସମେତ ଅନ୍ୟୁନ୮ କମ୍ପାନି ଦାମ ବଢ଼ାଇବା ପାଇଁ ଯୋଜନା କରିସାରିଲେଣି।ହିନ୍ଦୁସ୍ତାନ ୟୁନିଲିବରର ମୁଖ୍ୟ ବିତ୍ତ ଅଧିକାରୀ ନିରଞ୍ଜନ ଗୁପ୍ତା କହିଛନ୍ତି, ଭୂ-ରାଜନୈତିକ ଅସ୍ଥିରତା ଯୋଗୁ ଅଶୋଧିତ ତୈଳ ସହ ଜଡ଼ିତ ଡେରିଭେଟିଭ ମହଙ୍ଗା ହେଉଛି। ଏହି କାରଣରୁ କମ୍ପାନିଗୁଡ଼ିକ ହୋମ୍ କେୟାର ସେଗ୍‌ମେଣ୍ଟରେ ଦର ବଢ଼ାଉଛନ୍ତି।

ଇରାନ ଯୁଦ୍ଧ ଯୋଗୁ ଶକ୍ତି ଦର ଉଚ୍ଚା ରହିଛି। ଏଥିରେ ତତ୍କାଳ ହ୍ରାସ ସମ୍ଭାବନା ଦେଖାଯାଉନାହିଁ। ଯୁଦ୍ଧ ଥମିବାର ନାଁ ଗନ୍ଧ ନ ଥିବାରୁ କମ୍ପାନି ଗୁଡ଼ିକ ହୋମ୍ ଆପ୍ଲାଏନ୍ସେସ୍‌ରୁ ନେଇ କିଚେନ୍ ସାମଗ୍ରୀ ପର୍ଯ୍ୟନ୍ତ ଉତ୍ପାଦ ମୂଲ୍ୟରେ ପୁନଃବୃଦ୍ଧି କରିବାକୁ ଯୋଜନା କରୁଛନ୍ତି। ହାଭେଲ୍ସ ଇଣ୍ଡିଆଏହାର ପ୍ରଡକ୍ଟ ଗୁଡ଼ିକ ଦାମ ୮% ପର୍ଯ୍ୟନ୍ତ ବଢ଼ାଇ ସାରିଛି।ସେହିଭଳି ଟାଟା ସଲ୍ଟ ଦର ପ୍ରାୟ ୭% ବଢ଼ିଯାଇଛି।

ଏହି ଦରବୃଦ୍ଧି ପାର୍ବଣ ସହିତ ହେଉଛି। ଦେଶରେ ପୂଜା ଋତୁ ସାଧାରଣତଃ ଅଗଷ୍ଟରୁ ନଭେମ୍ବର ପର୍ଯ୍ୟନ୍ତ ଚାଲିଥାଏ। ଏ ଅବସରରେ ବିଶେଷକରି ଦୀପାବଳି ସମୟରେ ଖାଉଟି ବଡ଼ ମାତ୍ରାରେ କିଣାକିଣି କରିଥାନ୍ତି। କେତେକ କମ୍ପାନି ଗୁଡ଼ିକର ମୋଟ ବାର୍ଷିକ ବିକ୍ରିର ଏକ ତୃତୀୟାଂଶ ଏହି ସମୟରେ ହୋଇଥାଏ। ମଜଭୁତ ଚାହିଦା କାରଣରୁ କମ୍ପାନି ଗୁଡ଼ିକ ନିଜର ବର୍ଦ୍ଧିତ ଖର୍ଚ୍ଚର ବୋଝ ଗ୍ରାହକଙ୍କ ଉପରେ ପକାଇବେ। ଫଳରେ ପୂଜାରେ ଘରୋଇ ଖର୍ଚ୍ଚ ବଢ଼ିବ। ଜୁନ୍ ମାସରେ ଦେଶରେ ଖାଦ୍ୟ ପାନୀୟଏବଂ ଇନ୍ଧନ ଖର୍ଚ୍ଚ ବୃଦ୍ଧି କାରଣରୁ ଖାଉଟି ମୂଲ୍ୟ ଭିତ୍ତିକ ଖୁଚୁରାମୁଦ୍ରାସ୍ଫୀତି ହାର ପ୍ରାୟ ବର୍ଷକରେ ପ୍ରଥମ ଥର ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ୪% ସୀମା ପାର କରିଯାଇଛି। ଯଦିଓ ଏହି ଅଙ୍କ ଆର୍‌ବିଆଇର ୨%ରୁ ୬%ର ସହନୀୟସ୍ତର ବା ଟଲରାନ୍ସ ବ୍ୟାଣ୍ଡ୍ ମଧ୍ୟରେ ରହିଛି। ଆଗାମୀ ଦିନରେ କମ୍ପାନିଗୁଡ଼ିକ ଦ୍ୱାରା ଦର ବୃଦ୍ଧି ଏବଂ ଦୁର୍ବଳ ମୌସୁମୀ କାରଣରୁ ଖାଦ୍ୟ ପଦାର୍ଥ ମହଙ୍ଗା ହେବା ଫଳରେ ମୁଦ୍ରାସ୍ଫୀତି ଚାପ ଆହୁରି ବଢ଼ିପାରେ। ଆର୍‌ବିଆଇର ଅନୁମାନ ଯେ, ଚଳିତ ଆର୍ଥିକ ବର୍ଷ ହାରାହାରି ମୁଦ୍ରାସ୍ଫୀତି ହାର ୫.୧% ରହିପାରେ।

# ଫୁଡ୍ ଡେଲିଭରି ବଜାରକୁ ଏଣ୍ଟ୍ରି କରିବ ଫ୍ଲିପକାର୍ଟ

ନୂଆଦିଲ୍ଲୀ,୨।୮ : ଇ-କମର୍ସ କମ୍ପାନୀ ଫ୍ଲିପକାର୍ଟ ବର୍ତ୍ତମାନ ଖାଦ୍ୟ ବିତରଣ (ଫୁଡ୍ ଡେଲିଭରି) ବ୍ୟବସାୟକୁ ଓହ୍ଲାଇବା ପାଇଁ ପ୍ରସ୍ତୁତି ଚଳାଇଛି। କମ୍ପାନୀ ପାଖାପାଖି ଅଗଷ୍ଟ ୧୫ ତାରିଖରୁ ବେଙ୍ଗାଲୋରରୁ ନିଜର ଫୁଡ୍ ଡେଲିଭରି ସେବା ଆରମ୍ଭ କରିପାରେ। ଏଥିପାଇଁ କମ୍ପାନୀ ସହରର ଅନେକ ରେଷ୍ଟୁରାଣ୍ଟକୁ ନିଜ ପ୍ଲାଟଫର୍ମ ସହ ଯୋଡିବା ମଧ୍ୟ ଆରମ୍ଭ କରିଦେଇଛି।

ମିଡିଆ ରିପୋର୍ଟ ଅନୁଯାୟୀ, ଫ୍ଲିପକାର୍ଟର ଏହି ପ୍ରବେଶ ଏଭଳି ଏକ ସମୟରେ ହେଉଛି, ଯେତେବେଳେ ଭାରତୀୟ ଫୁଡ୍ ଡେଲିଭରି ବଜାରରେ ଏପର୍ଯ୍ୟନ୍ତ ‘ଜୋମାଟୋ’ ଏବଂ ‘ସ୍ୱିଗୀ’ର ପ୍ରଭାବ ରହିଆସିଛି । ତଥାପି, ସାମ୍ପ୍ରତିକ ମାସଗୁଡ଼ିକରେ ‘ରାପିଡୋ’ ମଧ୍ୟ ନିଜର ଫୁଡ୍ ଡେଲିଭରି ପ୍ଲାଟଫର୍ମ ‘Ownly’ ଜରିଆରେ ଏହି ବଜାରରେ ହଲଚଲ ସୃଷ୍ଟି କରିଛି। ରେଷ୍ଟୁରାଣ୍ଟଗୁଡ଼ିକୁ ଆକର୍ଷିତ କରିବା ପାଇଁ ଫ୍ଲିପକାର୍ଟ ଏକ ବଡ଼ ପଦକ୍ଷେପ ନେଉଛି। କମ୍ପାନୀ ସେମାନଙ୍କଠାରୁ ମାତ୍ର ପ୍ରାୟ ୧୦ ପ୍ରତିଶତ କମିଶନ୍ ନେବାକୁ ଯୋଜନା କରୁଛି । ବର୍ତ୍ତମାନ ଜୋମାଟୋ ଏବଂ ସ୍ୱିଗୀ ସାଧାରଣତଃ ରେଷ୍ଟୁରାଣ୍ଟଗୁଡ଼ିକଠାରୁ ୧୬% ରୁ ୩୦% ପର୍ଯ୍ୟନ୍ତ କମିଶନ୍ ନେଇଥାନ୍ତି। ଏଭଳି ପରିସ୍ଥିତିରେ ଫ୍ଲିପକାର୍ଟର କମ୍ କମିଶନ୍ ମଡେଲ୍ ଛୋଟ ଏବଂ ବଡ଼ ଉଭୟ ପ୍ରକାରର ରେଷ୍ଟୁରାଣ୍ଟ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇପାରିବ।




ଫ୍ଲିପକାର୍ଟ ଏହି ବ୍ୟବସାୟରେ ପାରମ୍ପରିକ ମଡେଲ୍ ପରିବର୍ତ୍ତେ ‘ଓପନ୍ ନେଟୱାର୍କ ଫର ଡିଜିଟାଲ କମର୍ସ’ (ONDC) ର ବ୍ୟବହାର କରିବ। ଓଏନଡିସି ହେଉଛି ସରକାରଙ୍କ ଏକ ପଦକ୍ଷେପ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଡିଜିଟାଲ୍ ବାଣିଜ୍ୟକୁ ଅଧିକ ଖୋଲା ଏବଂ ପ୍ରତିଯୋଗିତାମୂଳକ କରିବା। ଏହାଦ୍ୱାରା ଫ୍ଲିପକାର୍ଟକୁ ଆରମ୍ଭରୁ ଏକ ସମ୍ପୂର୍ଣ୍ଣ ନେଟୱାର୍କ ପ୍ରସ୍ତୁତ କରିବାକୁ ପଡ଼ିବ ନାହିଁ ଏବଂ ସେ ଦ୍ରୁତ ଗତିରେ ନିଜର ସେବା ଆରମ୍ଭ କରିପାରିବ। ମିଳିଥିବା ସୂଚନା ମୁତାବକ, ପ୍ରାରମ୍ଭିକ ପର୍ଯ୍ୟାୟରେ ଖାଦ୍ୟ ବିତରଣ ସେବା କେବଳ ବାଙ୍ଗାଲୋର ମଧ୍ୟରେ ସୀମିତ ରହିବ। କମ୍ପାନୀ ପ୍ରଥମେ କିଛି ନିର୍ଦ୍ଦିଷ୍ଟ ଗ୍ରାହକଙ୍କ ସହିତ ଏହି ସେବାର ପରୀକ୍ଷା କରିବ। ଗ୍ରାହକଙ୍କ ପ୍ରତିକ୍ରିୟା ଏବଂ ସେବାରେ ଆବଶ୍ୟକୀୟ ସୁଧାର ଆଣିବା ପରେ ଏହାକୁ ଅନ୍ୟ ସହରଗୁଡ଼ିକରେ ମଧ୍ୟ ଆରମ୍ଭ କରାଯିବ। ଗ୍ରାହକମାନେ ଫ୍ଲିପକାର୍ଟର ଫୁଡ୍ ଡେଲିଭରି ସେବାର ବ୍ୟବହାର ମୁଖ୍ୟ ଫ୍ଲିପକାର୍ଟ ଆପ୍ ସହିତ ଏକ ସ୍ୱତନ୍ତ୍ର ଫୁଡ୍ ଡେଲିଭରି ଆପ୍ ଜରିଆରେ ମଧ୍ୟ କରିପାରିବେ। ଯଦି ଫ୍ଲିପକାର୍ଟ ଏହି କମ୍ କମିଶନ୍ ମଡେଲ୍‌କୁ ସଫଳତାର ସହ କାର୍ଯ୍ୟକାରୀ କରିବାରେ ସଫଳ ହୁଏ, ତେବେ ରେଷ୍ଟୁରାଣ୍ଟଗୁଡ଼ିକର ଖର୍ଚ୍ଚ ହ୍ରାସ ପାଇପାରିବ। ଏହାର ଲାଭ ଗ୍ରାହକମାନଙ୍କୁ ଉତ୍ତମ ଅଫର୍, କମ୍ ଡେଲିଭରି ଚାର୍ଜ ଏବଂ ଅଧିକ ଡିସକାଉଣ୍ଟ ମିଳିପାରିବ। ଅନ୍ୟପକ୍ଷରେ, ଜୋମାଟୋ ଏବଂ ସ୍ୱିଗୀକୁ ମଧ୍ୟ ବଜାରରେ ନିଜର ଅଂଶଦାରୀ ବଜାୟ ରଖିବା ପାଇଁ ସେମାନଙ୍କର କମିଶନ୍ ନୀତି ଏବଂ ବ୍ୟବସାୟ ମଡେଲରେ ପରିବର୍ତ୍ତନ କରିବାକୁ ପଡିପାରେ।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୩,୫୧୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୧,୫୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୩,୫୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୧,୫୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୩,୫୧୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୧,୫୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୩,୬୬୦ ଟଙ୍କା ଓ ୨୨ କ୍ୟାରଟେ ୧,୩୧,୭୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୩,୫୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୧,୫୫୦ ଟଙ୍କା ରହିଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୯.୩୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୧.୦୨ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୯୪ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୭୧ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

# ବନ୍ୟା ନୁହେଁ, ବାଲି ବସ୍ତାରେ ଠିକାଦାରଙ୍କ ଲୁଟ୍

## ଜଗତସିଂହପୁର ଜଳ ସମ୍ପଦ ବିଭାଗ ଅଧିକାରୀ-ଠିକାଦାର ମିଳିଭଗତ

### ଦିନରେ ଗୋଟେ, ରାତିରେ ଆଉ ଏକ ଠିକାଦାର



**କାକଟପୁର/ଅସ୍ତରଙ୍ଗ,୨।୮ (ସଂଚାର ବ୍ୟୁରୋ):** ମହାନଦୀରେ ଜଳସ୍ତର ବୃଦ୍ଧି ପାଇବା ସହିତ ତାର ଶାଖା ଦେବୀ ନଦୀ ମଧ୍ୟ ରୌଦ୍ର ରୂପ ଧାରଣ କରିଛି। ପୁରୀ ଜିଲ୍ଲା ଓ ଜଗତସିଂହପୁର ଜିଲ୍ଲାକୁ ସଂଯୋଗ କରୁଥିବା ଅନେକ ସ୍ଥାନରେ ଲୋକ ଯେତେବେଳେ ଘର ବଞ୍ଚାଇବା ପାଇଁ ଚିନ୍ତା କରୁଛନ୍ତି, ସେତେବେଳେ ଜଗତସିଂହପୁର ଜଳସମ୍ପଦ ବିଭାଗର କିଛି ଅଧିକାରୀ ଓ ମିଳିଭଗତ ଠିକାଦାରମାନେ ଚିନ୍ତା କରୁଛନ୍ତି କେମିତି ବନ୍ୟାରୁ ଅଧିକ ଟଙ୍କା କମାଯିବ। ଆଶ୍ଚର୍ଯ୍ୟର କଥା ହେଲା, ଯେଉଁ ସ୍ଥାନରେ ବନ୍ଧ ସୁରକ୍ଷା ପାଇଁ ବାଲି ବସ୍ତା ପକାଯିବା କଥା, ସେଠାରେ ଏବେ ବିଲ୍ ସୁରକ୍ଷା ଅଭିଯାନ ଚାଲିଛି। ଦିନ ବେଳା ଜଣେ ଠିକାଦାର ଆସି ସ୍ୱଳ୍ପ ପରିମାଣରେ ବାଲି ବସ୍ତା ପକାଇ ଫଟୋ ଉଠାଇ ଚାଲିଯାଉଛନ୍ତି। ରାତି ହେଲେ ଆଉ ଜଣେ ଠିକାଦାର ସେହି ସ୍ଥାନରେ ପୁଣି ବସ୍ତା ପକାଉଛନ୍ତି। ଅର୍ଥାତ କାମ ଗୋଟେ, କିନ୍ତୁ ବିଲ ଦୁଇଟା।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ମାତ୍ର ଶହେଟି ବାଲି ବସ୍ତା ପକାଇ ୫ ଲକ୍ଷ ଟଙ୍କାର ବିଲ ତିଆରି ହେଉଛି। ହିସାବ ବହୁତ ସରଳ - ଯେତେ ବନ୍ୟା, ସେତେ ବସ୍ତା। ଯେତେ ବସ୍ତା, ସେତେ ଲକ୍ଷ। ଜଳସମ୍ପଦ ବିଭାଗର ଅଧିକାରୀମାନେ ସବୁ ଜାଣି ମଧ୍ୟ ନଜାଣିବା ଭଳି ଅଛନ୍ତି। କାରଣ ଏହି "ମିଳିଭଗତ"ରେ ସମସ୍ତଙ୍କ ହିତ ଜଡିତ। ଠିକାଦାରଙ୍କ ପକେଟ ଗରମ ହେଉଛି, ଅଧିକାରୀଙ୍କ ଫାଇଲ ମୋଟା ହେଉଛି, ଆଉ ମଝିରେ ସରକାରୀ ଅର୍ଥ ବାଲି ବସ୍ତାରେ ବାଟମରଣା ହେଉଛି।

ଜଳସମ୍ପଦ ବିଭାଗ ମନ୍ତ୍ରୀ ମୁଖ୍ୟମନ୍ତ୍ରୀ ଥାଇ ମଧ୍ୟ ଯଦି କର୍ମଚାରୀ ଏମିତି ଲୁଟରେ ବ୍ୟସ୍ତ ରୁହନ୍ତି, ତେବେ ସାଧାରଣ ଲୋକ କାହା ପାଖକୁ ଯିବେ?

ଉଚ୍ଚ କର୍ତ୍ତୃପକ୍ଷ ଯଦି ଏବେ ମଧ୍ୟ ଚୁପ୍ ରୁହନ୍ତି, ତେବେ ବୁଝିବାକୁ ପଡିବ ବନ୍ୟା ଠାରୁ ବଡ ବିପଦ ହେଲା ବାଲି ବସ୍ତା ନାମରେ ହେଉଥିବା ଦୁର୍ନୀତି। ତୁରନ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ବୁଦ୍ଧିଜୀବୀ।

## ପ୍ରେସ କ୍ଲବ ପକ୍ଷରୁ ମାଗଣା ମେଡ଼ିକାଲ ସହାୟତା



**ବୋରିଗୁମ୍ମା,୨।୮ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ସ୍ଥିତ ଟାଉନ ହଲ ଠାରେ ବୋରିଗୁମ୍ମା ପ୍ରେସ କ୍ଲବ ପକ୍ଷରୁ ମାଗଣା ମେଡ଼ିକାଲ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ବିଶାଖାପାଟଣା ମେଡସି ହସ୍ପିଟାଲର ଦୁଇ ମେଡ଼ିସିନ ବିଶେଷଜ୍ଞ ଡ଼. ପ୍ରବୀଣ କୁମାର, ଅସ୍ଥିରୋଗ ବିଶେଷଜ୍ଞ ଡ଼. ବି.ଭି. ଆର. ଏନ ବର୍ମା ମାଗଣାରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବୋରିଗୁମ୍ମା ଓ ଆଖପାଖ ଅଞ୍ଚଳର ପ୍ରାୟ ୧୫୦ ଜଣ ରୋଗୀ ଆସି ଦୁଇ ବିଶେଷଜ୍ଞଙ୍କ ନିକଟରେ ମାଗଣାରେ ଚିକିତ୍ସା କରି ପରାମର୍ଶ ନେଇଥିଲେ। ଡାଇବେଟିସ, ଗ୍ୟାସ ଜନିତ, ଆଣ୍ଠୁଗଣ୍ଠି ରୋଗୀ ସହ ଅନ୍ୟାନ୍ୟ ରୋଗୀମାନେ ଆସି ମାଗଣାରେ ଚେକ ଅପ କରିଥିଲେ। ତେବେ ଆଗାମୀ ଦିନରେ ପ୍ରେସ କ୍ଲବ ବୋରିଗୁମ୍ମା ଆନୁକୂଲ୍ୟରେ ମେଗା ହେଲଥ କ୍ୟାମ୍ପର ଆୟୋଜନ କରିଯିବ ବୋଲି ପ୍ରେସ କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି। ମାଗଣା ମେଡ଼ିକାଲ କ୍ୟାମ୍ପ ପ୍ରେସ କ୍ଲବର ସୁନ୍ଦର ପ୍ରୟାସ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

ଏଥିରେ ସନ୍ତୋଷ କୁମାର ପଣ୍ଡା ମେଡସି ହସ୍ପିଟାଲର ମୁଖ୍ୟ ସହଯୋଗୀ ଭାବେ ଯୋଗ ଦେଇଥିଲେ।

## ମର୍ଣ୍ଣିଂ ଫୁଟବଲ କ୍ଲବର ପ୍ରତିଷ୍ଠାତାଙ୍କ ସହ ଭେଟ



**ପାରାଦ୍ୱୀପ, ୨।୮ (ସଂଚାର ବ୍ୟୁରୋ):** ପାରାଦୀପ ବନ୍ଦରର ପୂର୍ବତନ ଡେପୁଟି କଂଜରଭେଟର କ୍ୟାପଟେନ ଗୌରୀ ପ୍ରସାଦ ବିଶ୍ୱାଳ ୨୦୦୩ ମସିହାରେ କିଛି ବନ୍ଦର କର୍ମଚାରୀ ମାନଙ୍କୁ ନେଇ ପାରାଦୀପ ଠାରେ ମର୍ନିଂ ଫୁଟବଲ କ୍ଲବ ଗଠନ କରିଥିଲେ। ଯାହାର ଉଦ୍ଦେଶ୍ୟ ଥିଲା ଫୁଟବଲ ଖେଳ ମାଧ୍ୟମରେ ପାରାଦୀପରେ ନୂତନ ଖେଳାଳି ସୃଷ୍ଟି କରିବା । ଇତି ମଧ୍ୟରେ କ୍ଲବର ଅନେକ ସଦସ୍ୟ ବନ୍ଦର ସେବାରୁ ଅବସର ଗ୍ରହଣ କରି ପାରାଦୀପ ଛାଡ଼ି ସାରିଲେଣି ଆଉ କିଛି ମୁଷ୍ଟିମେୟ କର୍ମଚାରୀ କ୍ଲବକୁ ପରିଚାଳନା କରିବା ସଙ୍ଗେ ସଙ୍ଗେ ସ୍ଥାନୀୟ ଯୁବ ଓ ବରିଷ୍ଠ ଫୁଟବଲ ଖେଳାଳି ମାନଙ୍କୁ ଏକାଠି କରି ପ୍ରତି ଦିନ ସକାଳେ ଓ ସନ୍ଧ୍ୟାରେ ଫୁଟବଲ ଖେଳିବା ଜାରି ରଖିଛନ୍ତି । ମର୍ନିଂ କ୍ଲବର ପ୍ରତିଷ୍ଠାତା କ୍ୟାପଟେନ ବିଶ୍ୱାଳ ତାଙ୍କର ପାରାଦୀପ ଭ୍ରମଣ ସମୟରେ ଆଜି ସକାଳେ ପୋର୍ଟ ଟ୍ରଷ୍ଟ ହାଇ ସ୍କୁଲ ପଡ଼ିଆ ଠାରେ ପହଞ୍ଚି ପିଲାମାନଙ୍କର ଖେଳ ଦେଖିବା ସଙ୍ଗେ ସଙ୍ଗେ କ୍ଲବକୁ ବଞ୍ଚାଇ ରଖିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। କ୍ଲବ ତରଫରୁ ବରିଷ୍ଠ ଖେଳାଳିମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । କ୍ୟାପଟେନ ବିଶ୍ୱାଳ ଫୁଟବଲ ଖେଳକୁ ଜାରି ରଖିବା ସହିତ କ୍ଲବର ଗୌରବ ଜୟନ୍ତୀ ପାଳନ କରିବାକୁ ମଧ୍ୟ କହିଥିଲେ । ଅନେକ ଦିନ ପରେ କ୍ଲବର ପ୍ରତିଷ୍ଠାତାଙ୍କୁ ପାଖରେ ପାଇ ଖେଳାଳିମାନେ ଖୁସି ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ଖେଳାଳି ମାନଙ୍କ ପ୍ରତି ତାଙ୍କର ମନରେ ଥିବା ସ୍ନେହ ଓ ସଦିଚ୍ଛା ପାଇଁ ଧନ୍ୟବାଦ ଦେଇ ତାଙ୍କର ଦୀର୍ଘ ଜୀବନ କାମନା କରିଥିଲେ ।

# ଧୂମଧାମ୍‌ରେ ପାଳିତ ହେଲା ସମ୍ବଲପୁରୀ ଦିନ୍



**ସୁନ୍ଦରଗଡ଼,୨।୮ (ସଂଚାର ବ୍ୟୁରୋ):** ପଶ୍ଚିମ ଓଡ଼ିଶାର ଗର୍ବ ତଥା ସମ୍ବଲପୁରୀ ଭାଷା ଓ ସଂସ୍କୃତିର ପ୍ରବକ୍ତା ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଜୟନ୍ତୀ ଅବସରରେ ସାରା ପଶ୍ଚିମ ଓଡ଼ିଶାରେ ପାଳିତ ହେଉଛି ସମ୍ବଲପୁରୀ ଦିନ୍। ସୁନ୍ଦରଗଡ଼ରେ ମଧ୍ୟ ଶନିବାର ମହାଆଡ଼ମ୍ବର ସହ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ସୁନ୍ଦରଗଡ଼ କଳାକାର ମଞ୍ଚ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ କଳାକାର, ସାହିତ୍ୟିକ, ସାମାଜିକ କର୍ମୀ ଓ ସମ୍ବଲପୁରୀପ୍ରେମୀ ଯୋଗଦେଇଥିଲେ। ସକାଳୁ ସକାଳୁ ସୁନ୍ଦରଗଡ ଇଷ୍ଟଦେବୀ ମାଁ ସମଲେଇଙ୍କୁ ପୂଜାର୍ଚ୍ଚନା ପରେ ପରେ ମାଁ ସମଲେଇଙ୍କ ମନ୍ଦିର ପରିସରରୁ ବିଶାଳ ଶୋଭାଯାତ୍ରା କରି ସୁନ୍ଦରଗଡ ସହର ପରିକ୍ରମା କରିବା ପରେ ସ୍ଥାନୀୟ ମାତ୍ରୀ ଲାଲା ଭବନରେ ଶୋଭାଯାତ୍ରା ସମାପ୍ତ ହୋଇଥିଲା।

ସମ୍ବଲପୁରୀ ପୋଷାକ ପରିଧାନ କରି ଯୋଗଦେଇଥିବା ଅଂଶଗ୍ରହଣକାରୀମାନେ ନିଜ ମାତୃଭାଷା ଓ ଲୋକସଂସ୍କୃତି ପ୍ରତି ଗର୍ବ ପ୍ରକାଶ କରିଥିଲେ। ବକ୍ତାମାନେ କହିଥିଲେ ଯେ, ସମ୍ବଲପୁରୀ ଭାଷା କେବଳ ପଶ୍ଚିମ ଓଡ଼ିଶାରେ ସୀମିତ ନୁହେଁ, ବରଂ ଦେଶ ଓ ବିଦେଶରେ ମଧ୍ୟ ଏହାର ପରିଚୟ ଓ ଲୋକପ୍ରିୟତା ଦିନକୁ ଦିନ ବୃଦ୍ଧି ପାଉଛି। ଏହି ଭାଷା ଓ ସଂସ୍କୃତିର ସୁରକ୍ଷା ଓ ପ୍ରସାର ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ସେମାନେ ମତ ପ୍ରକାଶ କରିଥିଲେ।

ଏହି କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସ, ରାଜଗାଙ୍ଗପୁର ବିଧାୟକ ସି.ଏସ୍. ରାଜନ ଏକ୍କା, ସୁନ୍ଦରଗଡ଼ ପୌରାଧ୍ୟକ୍ଷା ଚନୟା ମିଶ୍ର ଓ ଉପନଗରପାଳ ଲଲାଟେନ୍ଦୁ ପରିଡ଼ା ଯୋଗଦେଇ ସମ୍ବଲପୁରୀ ଭାଷା ଓ ସଂସ୍କୃତିର ସୁରକ୍ଷା, ସଂରକ୍ଷଣ ଓ ପ୍ରସାର ପାଇଁ ସମସ୍ତଙ୍କୁ ଏକାଠି କାମ କରିବାକୁ ଆହ୍ୱାନ ଦେଇଥିଲେ। ସୁନ୍ଦରଗଡ଼ କଳାକାର ମଞ୍ଚର ମୁଖ୍ୟ ଗୋଶାନ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ଉତ୍ସବରେ ବିଜେପି ସୁନ୍ଦରଗଡ଼ ଜିଲ୍ଲା ସଭାପତି ଗିରିଶ ଚନ୍ଦ୍ର ସାହୁ ମଧ୍ୟ ଉପସ୍ଥିତ ରହି ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଅବଦାନକୁ ସ୍ମରଣ କରିଥିଲେ। ସମ୍ବଲପୁରୀ ଦିବସ ଅବସରରେ ପୂର୍ବରୁ ବିଭିନ୍ନ ସାହିତ୍ୟିକ, ସାଂସ୍କୃତିକ ଓ ସୃଜନଶୀଳ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା।

ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ସମ୍ବଲପୁରୀ ଭାଷାର ସଂରକ୍ଷଣ, ପ୍ରଚାର ଓ ପ୍ରସାର ପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା




**ବେତନଟୀ,୨।୮ (ସଂଚାର ବ୍ୟୁରୋ):** ବୌଶିଙ୍ଗା ଠାରେ ଥିବା ମୁନିଲାଲ ସରକାରୀ ଉଚ୍ଚ ବିଦ୍ୟାଳୟର କନିଷ୍ଠ ସହାୟକ (ଜୁନିୟର କ୍ଲର୍କ) ବିଜୟ କୁମାର ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଏସଏମସି ସଦସ୍ଯ ମାନଙ୍କ ତରଫରୁ ଅବସର ନେଇଥିବା ବିଜୟ କୁମାର ଦାସଙ୍କୁ ଉପଢୌକନ ଓ ଉପହାର ପ୍ରଦାନ କରାଯାଇଥିଲା ଏବଂ ତାଙ୍କର ସୁଦୀର୍ଘ ଓ ନିରାମୟ ଜୀବନ କାମନା କରାଯାଇଥିଲା । ଏହା ସହିତ ମୁନିଲାଲ ଉଚ୍ଚ ବିଦ୍ୟାଳୟରୁ ପାଟଳିପୁରା ଉଚ୍ଚ ବିଦ୍ୟାଳୟକୁ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ପଦୋନ୍ନତି ପାଇଥିବା ନିବେଦିତା ବାରିକଙ୍କୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

## ରାସ୍ତା ଜବରଦଖଲ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

**କେନ୍ଦ୍ରାପଡ଼ା,୨।୮ (ସଂଚାର ବ୍ୟୁରୋ):** ଏକ ସରକାରୀ ରାସ୍ତାକୁ ଜବରଦଖଲ କରାଯାଇ ସେହି ରାସ୍ତା ଉପରେ ଘର ଓ ପାଚେରୀ ନିର୍ମାଣ କରାଯାଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ ଯେ କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ତହସିଲର ଛୋଟୀ ରାଜସ୍ୱ ସର୍କଲ ଅଧିନ ପଲ୍ଲୀରଘୁନାଥପୁର ଗ୍ରାମରେ ହାଲ ଖାତା -୭୧୪, ହାଲପ୍ଲଟ ନମ୍ବର-୧୩୫୬ ଏରିଆ ଏ୦. ୨୮ଡିସିମିଲ ସରକାରୀ ଜମି ଏକ ସର୍ବସାଧାରଣ ରାସ୍ତା ରହିଛି । ଏହାକୁ ଗ୍ରାମବାସୀମାନେ କେଉଁ ଆବାହମାନ କାଳରୁ ରାସ୍ତା ଭାବରେ ବ୍ୟବହାର କରିଆସୁଛନ୍ତି । ସେହି ରାସ୍ତାକୁ ଜବରଦଖଲ କରାଯାଇଥିବା ଗ୍ରାମବାସୀଙ୍କ ପକ୍ଷରୁ ଡେରାବିଶ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲା । ତହସିଲଦାର ସେହି ରାସ୍ତାର ସୀମା ନିର୍ଦ୍ଧାରଣ କରିବା ନିମନ୍ତେ ନୋଟିସ ଜାରି କରିବା ପରେ ତହସିଲର ଅମୀନଙ୍କ ଦ୍ୱାରା ଗତ ଜୁଲାଇ ମାସ ୨୧ତାରିଖରେ ମାପ କରାଯାଇ ରାସ୍ତାର ସୀମା ନିର୍ଦ୍ଧାରଣ କରାଯାଇଥିଲା । ସେହି ସର୍ବସାଧାରଣ ରାସ୍ତା ଥିବା ପ୍ଲଟର କେତେକ ଅଂଶ ଗ୍ରାମର ମନୋରଞ୍ଜନ ଜେନାଙ୍କ ଦ୍ୱାରା ଜବରଦଖଲ ହୋଇ ରହିଥିବା ଯୋଗୁଁ ଗ୍ରାମବାସୀମାନେ ଦୈନିକ ଯାତାୟତରେ ଘୋର ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି । ତେଣୁ ସୀମା ନିର୍ଦ୍ଧାରଣ କରାଯାଇଥିବା ସେହି ରାସ୍ତାକୁ ଜନସାଧାରଣଙ୍କ ବୃହର ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଜବରଦଖଲ ମୁକ୍ତ କରାଯିବାକୁ ଗ୍ରାମବାସୀଙ୍କ ପକ୍ଷରୁ ମନୋରଞ୍ଜନ ବଳ, ସୁବାସ ଜେନା, ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରି ଦାବି କରିଛନ୍ତି ।

## ପାନୀୟ ଜଳ ପାଇଁ କଷ୍ଟ ଭୋଗୁଛନ୍ତି ରାଇଗୁଡ଼ା ଗ୍ରାମବାସୀ



**କନ୍ଧମାଳ, ୨।୮ (ସଂଚାର ବ୍ୟୁରୋ):** ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଥିବା ବେଳେ ଆଜି ପର୍ଯ୍ୟନ୍ତ ଏହି ଗ୍ରାମରେ ପାନୀୟ ଜଳ ସମସ୍ୟା ସ୍ଥାୟୀ ସମାଧାନ ହୋଇ ପାରୁନାହିଁ। କାରଣ ଏଠି ଯାହା ପ୍ରଶ୍ନବାଚୀ ସୃଷ୍ଟି ହେଉଛି ସ୍ଥାନୀୟ ପ୍ରତିନିଧି ଓ ପ୍ରଶାସନର ଇଚ୍ଛା ଶକ୍ତି ଅଭାବ ଅବହେଳା ଯୋଗୁଁ ଆଜି ପର୍ଯ୍ୟନ୍ତ ଏହି ସମସ୍ୟାର ସମାଧାନ ହୋଇ ପାରୁନାହିଁ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡ଼ା ଗ୍ରାମର ପାଦେରିପଡ଼ା ସାହିରେ। ଦୀର୍ଘ ସାତ ଦିନ ହେବ ନଳକୂପ ଅଚଳ ଅବସ୍ଥାରେ ପଡିରହିଛି। ନଳକୂପ ରୁ ଯେଉଁ ପାଣି ବାହାରୁଛି ସେ ପାଣି ଦୁର୍ଗନ୍ଧ ହେଉଥିବାରୁ ପିଇବାକୁ ଉପଯୁକ୍ତ ନାହିଁ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଯାହା ଫଳରେ ଜନସାଧାରଣ ବିଶୁଦ୍ଧ ପାନୀୟ ଜଳ ପାଇ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ବାରମ୍ବାର ଅଭିଯୋଗ ସତ୍ୱେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁନଥିବା କହିଛନ୍ତି। ତେଣୁ ଏଥିପ୍ରତି ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ନଳକୂପ ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ସାରଙ୍ଗପୁରରେ ଆଦିବାସୀ ସାଂସ୍କୃତିକ କର୍ମଶାଳା ଉଦ୍‌ଯାପିତ



**ଯାଜପୁର ରୋଡ଼୍,୨।୮(ସଂଚାର ବ୍ୟୁରୋ):** ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ, ଜାମସେଦପୁରର 'ଆଦିବାସୀ ରୋମୋଜ ଅଖଡ଼ା'ର ସହଯୋଗରେ, ନଡ଼ିଆଭଙ୍ଗା ଗ୍ରାମପଂଚାୟତ ଅନ୍ତର୍ଗତ ସାରଙ୍ଗପୁର ଗ୍ରାମରେ ଆୟୋଜିତ ପାଂଚଦିନିଆ 'ଆଦିବାସୀ ପାରମ୍ପରିକ ନୃତ୍ୟ ଓ ବାଦ୍ୟଯନ୍ତ୍ର ପ୍ରଶିକ୍ଷଣ କର୍ମଶାଳା' ଶୁକ୍ରବାର ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ଏହି ସାଂସ୍କୃତିକ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସ୍ଥାନୀୟ ଜନଜାତି କଳା ସଂସ୍କୃତିର ପ୍ରଚାର, ପ୍ରସାର, ସଂରକ୍ଷଣ ଓ ଏହାର ପୁନରୁଦ୍ଧାର। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଗ୍ରାମର ଯୁବକ, ଯୁବତୀ, ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କୁ ମିଶାଇ ମୋଟ ୬୧ ଜଣ ପ୍ରତିଯୋଗୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ, ଏବଂ ନିଜର ମୂଳ ସଂସ୍କୃତି ସହ ଯୋଡ଼ିହେବାର ସୁଯୋଗ ପାଇଥିଲେ। ଏହି ପାଂଚ ଦିନ ଧରି ଅଂଶଗ୍ରହଣକାରୀମାନଙ୍କୁ ପାରମ୍ପରିକ ଆଦିବାସୀ ନୃତ୍ୟଶୈଳୀ ଏବଂ ବିଲୁପ୍ତପ୍ରାୟ ଦେଶୀୟ ବାଦ୍ୟଯନ୍ତ୍ର ବଜାଇବାର ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ନୂତନ ପିଢ଼ିକୁ ଏହି ପ୍ରାଚୀନ କଳା ଓ କୌଶଳ ସିଧାସଳଖ ହସ୍ତାନ୍ତର କରିବା ଦ୍ୱାରା, ଏହି କର୍ମଶାଳା ଯୁବପିଢ଼ିମାନଙ୍କ ମଧ୍ୟରେ ସାଂସ୍କୃତିକ ସ୍ୱାଭିମାନ ଜାଗ୍ରତ କରିବା ସହ ଆଗାମୀ ଭବିଷ୍ୟତ ପାଇଁ ସମୃଦ୍ଧ ଜନଜାତି ଐତିହ୍ୟକୁ ସୁରକ୍ଷିତ ରଖିବାରେ ଏକ ପ୍ରଶଂସନୀୟ ପଦକ୍ଷେପ ଭାବେ ସାବ୍ୟସ୍ତ ହୋଇଛି ।

## ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି



**ବାରିପଦା,୨।୮(ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ରାଇରଙ୍ଗପୁରରେ ଚଳିତ ମାସ ୭, ୮, ଓ ୯ ତାରିଖ ୩ ଦିନ ଧରି ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ୭୨ତମ ଆଥଲେଟିକ ମିଟ୍‌କୁ ସଫଳ, ସୁସଂଗଠିତ ଓ ଶୃଙ୍ଖଳିତ ଭାବେ ଆୟୋଜନ କରିବା ନିମନ୍ତେ ଆଜି ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ଦୌଡ଼କୁଦ ପ୍ରତିଯୋଗିତାର ବିସ୍ତୃତ ସୂଚନା ଜିଲ୍ଲା କ୍ରୀଡା ଅଧିକାରୀ ଡ଼. ସୁଭାଶିଷ ନାୟକ ଉପସ୍ଥାପନ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ୩୦ ଟି ଜିଲ୍ଲା ଏବଂ ଭୁବନେଶ୍ୱର, ରାଉରକେଲା,କିଟସ, ଓ ପାରାଦ୍ୱୀପକୁ ମିଶାଇ ୩୪ଟି ସ୍ଥାନର ଖେଳାଳି ମାନେ ଅଂଶ ଗ୍ରହଣ କରିବେ। ଉକ୍ତ ପ୍ରତିଯୋଗିତାରେ ୧୪ ବର୍ଷରୁ କମ , ୧୬ ବର୍ଷରୁ କମ , ୧୮ବର୍ଷରୁ କମ ଓ ୨୦ ବର୍ଷରୁ କମ ବୟସ ଉଭୟ ବାଳକ ଓ ବାଳିକାଙ୍କୁ ମିଶାଇ ପାଖାପାଖି ୬୦୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ ଏବଂ ୨୬ ପ୍ରକାର ଖେଳକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରତ୍ୟେକ ଖେଳ ପୃଥକ ପୃଥକ ଭାବେ ବାଳକ ଓ ବାଳିକା ମାନଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ଏହାର ଉଦଘାଟନୀ ଉତ୍ସବ ୭ତାରିଖ ଅପରାହ୍ନ ୩-୩୦ ମିନିଟ ସମୟରେ ଅନୁଷ୍ଠିତ ହେବ। ଏହାର ସୁଚାରୁ ପରିଚାଳନା ନିମନ୍ତେ ବିଭିନ୍ନ ପ୍ରସ୍ତୁତି ଓ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ଖେଳାଳି ଓ କ୍ରୀଡ଼ା ପ୍ରତିନିଧି ଓ ଅତିଥିଙ୍କ ରହଣି, ଯାତାୟାତ, ପାନୀୟ ଜଳ, ପରିମଳ, ଖାଦ୍ୟ, ସ୍ୱାସ୍ଥ୍ୟସେବା, ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ଅଗ୍ନିଶମ ବ୍ୟବସ୍ଥା, ପ୍ରଚାର ପ୍ରସାର ଏବଂ କ୍ରୀଡ଼ା ପ୍ରତିଯୋଗିତା ସ୍ଥଳର ଆବଶ୍ୟକ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଥିଲା।

ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସୁଥିବା କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ତମ ଆତିଥ୍ୟ ଓ ଆବଶ୍ୟକ ସୁବିଧା ଯୋଗାଇଦେବା ସହିତ ପ୍ରତିଯୋଗିତାକୁ ସୁରକ୍ଷିତ ଓ ସୁନ୍ଦର ପରିବେଶରେ ସମ୍ପନ୍ନ କରିବା ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ପ୍ରଧାନଶିକ୍ଷକ କମଳାକାନ୍ତ ମହାପାତ୍ରଙ୍କୁ ବିଦାୟ



**କେନ୍ଦ୍ରାପଡ଼ା,୨।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ମୁନିସିପାଲିଟି ଅନ୍ତର୍ଗତ କାକଟମଙ୍ଗଳା କ୍ଲଷ୍ଟର ଅଧୀନ ହରିଜନ କଲୋନୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କମଳାକାନ୍ତ ମହାପାତ୍ରଙ୍କ ଅବସର ଉପଲକ୍ଷେ ଏକ ଭାବଗମ୍ଭୀର ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀଙ୍କ ମିଳିତ ଆୟୋଜନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷା କ୍ଷେତ୍ରରେ ଶ୍ରୀ ମହାପାତ୍ରଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା। ସିଆରସିସି ସଦାଶିବ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ ମୁଖ୍ୟ ଅତିଥି, ସହ ମଣ୍ଡଳ ଶିକ୍ଷାଧିକାରୀ ରଞ୍ଜନ କୁମାର ରାଉତରାୟ ଓ ବିଆରସିସି ବଳଦେବ ପ୍ରସାଦ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ।

ବକ୍ତାମାନେ ଶ୍ରୀ ମହାପାତ୍ରଙ୍କ ଦୀର୍ଘ ଶିକ୍ଷକତା ଜୀବନ, କର୍ତ୍ତବ୍ୟନିଷ୍ଠା, ଛାତ୍ରବତ୍ସଳତା ଓ ଶୃଙ୍ଖଳାପ୍ରିୟ କାର୍ଯ୍ୟଧାରାର ଉଚ୍ଚ ପ୍ରଶଂସା କରିଥିଲେ। ଶେଷରେ ଛାତ୍ରଛାତ୍ରୀ, ଅଭିଭାବକ, ପୁରାତନ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ପକ୍ଷରୁ ଶ୍ରୀ ମହାପାତ୍ରଙ୍କୁ ଉତ୍ତରୀୟ, ଅଙ୍ଗବସ୍ତ୍ର, ମାନପତ୍ର ଓ ସ୍ମାରକ ଉପହାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା, ବହୁ ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ଗ୍ରାମବାସୀ ଉପସ୍ଥିତ ରହି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ରାଜ୍ୟସ୍ତରୀୟ ଜୁନିଅର କବାଡ଼ି ଚାମ୍ପିଆନ୍‌ସିପ୍ ପାଇଁ ଖେଳାଳି ଚୟନ

**ବଲାଙ୍ଗିର, ୨।୮ (ସଂଚାର ବ୍ୟୁରୋ):** ଚଳିତ ଅଗଷ୍ଟ ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଠାରେ ରାଜ୍ୟ ସ୍ତରୀୟ ଜୁନିଅର କବାଡ଼ି (ବାଳକ ଓ ବାଳିକା) ଚାମ୍ପିଆନ୍‌ସିପ୍ ଅନୁଷ୍ଠିତ ହେବ। ସେଥିପାଇଁ ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ଚଳିତ ତା.୦୬.୦୮.୨୦୨୬ ଦିନ ସକାଳ ୯ଘ. ସମୟରେ କନିଷ୍ଠ ବାଳକ ଓ ବାଳିକା ବର୍ଗମାନଙ୍କର ଖେଳାଳୀ ଚୟନ କରାଯିବ ଓ ପ୍ରଶୀକ୍ଷଣ ଶିବିର ଅନୁଷ୍ଠିତ ହେବ। ସେଥିପାଇଁ ଜିଲ୍ଲାର ଖେଳାଳୀ ମାନେ ନିଜର ଆଧାରକାର୍ଡ଼ ସହ ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମ୍ ଠାରେ ଉପସ୍ଥିତ ରହି ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ। ଏହି ବର୍ଗ ପାଇଁ ଖେଳାଳୀମାନଙ୍କର ବୟସ ସୀମା ୨୦ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ପ୍ରକାଶ ଥାଉ କି, ସମ୍ପୃକ୍ତ ଖେଳାଳୀ ତା.୦୨.୧୧.୨୦୦୬ ପରେ ଜନ୍ମ ହୋଇଥିବେ। ଏଥିପାଇଁ ଯୋଗାଯୋଗ କରିବାକୁ କବାଡ଼ି ସମ୍ପାଦକ ବିଭୁତି ଭୂଷଣ ପଣ୍ଡା, ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ପ୍ରକାଶ କରାଯାଇଛି।

## ଗୋଟିଏ ରାତିରେ ତିନି ଜଣଙ୍କ ଘରୁ କଳାକନା ବୁଲାଇଲେ ଚୋର

**ନବରଙ୍ଗପୁର/ଉମରକୋଟ, ୨।୮ (ସଂଚାର ବ୍ୟୁରୋ):** ଉମରକୋଟ ଥାନା ଅନ୍ତର୍ଗତ ସଦର ନୂଆଗୁଡା ଆଦିବାସୀ ଗ୍ରାମର କଲ୍ୟାଣ ମଜମୁଦାର (୩୩)ଙ୍କ ଘରୁ ଶୁକ୍ରବାର ବିଳମ୍ବିତ ରାତିରେ ନଗଦ ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକାରୀଙ୍କ କହିବାନୁସାରେ, ଗତ ୩୧ ଜୁଲାଇ ୨୦୨୬ ତାରିଖରେ ସେ ପରିବାର ସହ ଘରେ ତାଲା ପକାଇ ଶଶୁର ଘରକୁ ଯାଇଥିଲେ। ପରେ ୧ ଅଗଷ୍ଟ ୨୦୨୬ ଦିନ ଘରକୁ ଫେରିବା ପରେ ଘରର ତାଲା ଭଙ୍ଗା ଥିବା ଦେଖିଥିଲେ। ଘର ଭିତରେ ଯାଞ୍ଚ କରିବା ପରେ ଆଲମାରିରେ ରଖାଯାଇଥିବା ୧ ଲକ୍ଷ ୫୦ ହଜାର ଟଙ୍କା ଏବଂ ଅନ୍ୟ ଏକ ମାଟି ହୁଣ୍ଡିରେ ରଖାଯାଇଥିବା ୮୦ ହଜାର ଟଙ୍କା ଓ ଦୁଇଟି ସୁନା ଚେନ, କାନ ଫୁଲ ଗୋଟେ ହଳ, ହାର ସହ ମୋଟ ୨ ଲକ୍ଷ ୩୦ ହଜାର ନଗଦ ଟଙ୍କା ଚୋରି ହୋଇଥିବା ଜଣାପଡ଼ିଥିଲା।

ସେହି ସମାନ ରାତିରେ ସେହି ଗ୍ରାମର ମହେନ୍ଦ୍ର ଧରୁଆ ନାମକ ବ୍ୟକ୍ତିଙ୍କ ଘରୁ ମଧ୍ୟ ଦୁଇଟି ମୋବାଇଲ ଫୋନ ଓ ୪୦ ହଜାର ଟଙ୍କା ଚୋରି ହେଇଥିବା ଅଭିଯୋଗ ହେଇଛି। ସେହିପରି ଉମରକୋଟ ସଦର କେନାଲ ସାହିର ରାଜେଶ ହରିଜନଙ୍କ ନୂଆ ଘରୁ ୭୦ ହଜାର ଟଙ୍କାର ୱ୍ୱାରିଙ୍ଗ କେବୁଲ ଚୋରି ହେଇଥିବା ମଧ୍ୟ ପୀଡିତ ଅଭିଯୋଗ କରିଛନ୍ତି। ଏନେଇ ଉଭୟ ତିନି ପୀଡ଼ିତ ବ୍ୟକ୍ତି ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ବନ୍ୟାରେ ବ୍ୟାପକ ଫସଲ ନଷ୍ଟ, ଚିନ୍ତାରେ ଚାଷୀ

## ପାଣିରେ ଗଲା ଫସଲ, କାଦୁଅ ତଳେ ଚାପି ହେଲା ସ୍ୱପ୍ନ



**କାକଟପୁର/ଅସ୍ତରଙ୍ଗ,୨।୮ (ସଂଚାର ବ୍ୟୁରୋ):** ବନ୍ୟା ଛାଡିଗଲା ସତ। କିନ୍ତୁ ପଛରେ ଛାଡିଗଲା ଦୁର୍ଦ୍ଦଶାର ଦୀର୍ଘ କାହାଣୀ ଆଉ ଚାଷୀର ଆଖିରୁ ନଶୁଖିଲା ଲୁହ। ହୀରାକୁଦର ଗେଟ ଖୋଲିବା ପରେ ମହାନଦୀ ଫୁଲି ଉଠିଥିଲା। ସେହି ପାଣିର ପ୍ରଭାବ ଶାଖା ଦେବୀ ନଦୀ ଦେଇ ପ୍ରବାହିତ ଦେବୀ ନଦୀ ପର୍ଯ୍ୟନ୍ତ ପହଞ୍ଚିଥିଲା। ଫଳରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଦେବୀ ନଦୀ ପାର୍ଶ୍ୱବର୍ତ୍ତୀ ଖଣ୍ଡାସାହି, ଓସ୍ତପୁର ଆଉ ଓସିଆ ନଦୀ ବନ୍ଧ ନିକଟରେ ଅନେକ ଚାଷୀଙ୍କ ନଦୀ ବନ୍ଧ ନିକଟରେ କରିଥିବା ଚାଷ ଗୋଟିଏ ରାତିରେ ପାଣିରେ ବୁଡି ଯାଇଥିଲା। ହେକ୍ଟର ହେକ୍ଟର ପନିପରିବା ଚାଷ ଜମି ଥିଲା ଚାଷୀଙ୍କ ଆଶାର ଠିକଣା। ଭେଣ୍ଡି, କଲରା, ପୋଟଳ, ବାଇଗଣ, କଞ୍ଚା ଲଙ୍କା ଆଉ କଖାରୁ ଚାଷରେ ଲକ୍ଷ ଲକ୍ଷ ଟଙ୍କା ଲଗାଇଥିଲେ ଚାଷୀ। ଦିନ ରାତି ପରିଶ୍ରମ କରି ଫସଲ ବଡ କରିଥିଲେ। ଆଉ କିଛି ଦିନ ପରେ ବଜାରକୁ ଯିବ, ଋଣ ସୁଝିବ, ଘରେ ଦୁଇ ପଇସା ଆସିବ ବୋଲି ସ୍ୱପ୍ନ ଦେଖୁଥିଲେ। କିନ୍ତୁ ଗୋଟେ ରାତିର ବନ୍ୟା ସବୁ ସପନ ଭସାଇ ନେଲା।

ପାଣି ଛାଡିବା ପରେ ଏବେ ଯାହା ଦେଖାଯାଉଛି ତାହା କେବଳ କାଦୁଅ ଆଉ ପଚା ପନିପରିବାର ସମାଧି। କ୍ଷେତ ସାରା କାଦୁଅରେ ପଚି ଯାଇଛି ପନିପରିବା ଚାଷ। ଗଛ ଗୁଡିକ ମୁଣ୍ଡ ତଳକୁ ଝୁଲି ପଡିଛି। ଦୂରରୁ ଦେଖିଲେ ଲାଗୁଛି ଯେମିତି ସବୁଜ କ୍ଷେତ ଉପରେ ମୃତ୍ୟୁର ଚାଦର ପଡିଛି। ଚାଷୀ ଏବେ ଦୁଇ ପାଖରୁ ମରୁଛି। ଗୋଟେ ପଟେ ଫସଲ ନଷ୍ଟ, ଅନ୍ୟ ପଟେ ମହାଜନ ଆଉ ବ୍ୟାଙ୍କର ଋଣ ବୋଝ। ବିହନ, ସାର, ଔଷଧ ଆଉ ଶ୍ରମିକ ଖର୍ଚ୍ଚ ପାଇଁ ନେଇଥିବା ଋଣ ସୁଝିବ କେମିତି ସେହି ଚିନ୍ତା ଏବେ ତାଙ୍କୁ ରାତିରେ ଶୋଇବାକୁ ଦେଉନି।

ଚାଷୀ ଶଶୀଭୂଷଣ ଜେନା କହିଛନ୍ତି "ଋଣ କରି ଚାଷ କରିଥିଲୁ। ୨ ଏକର ଭେଣ୍ଡି ଆଉ କଲରା ସବୁ ପଚି ଗଲା। ଏବେ ମହାଜନକୁ କିପରି ସୁଝିବୁ? ଘରେ ଖାଇବାକୁ ଚାଉଳ ନାହିଁ। ସରକାର ଯଦି ସାହାଯ୍ୟ ନକରନ୍ତି ଆମେ ଆତ୍ମହତ୍ୟା ବିନା ଅନ୍ୟ ରାସ୍ତା ଦେଖୁନୁ।" ଚାଷୀ ବନମାଳୀ ସେଠୀଙ୍କ ଆଖିରୁ ଲୁହ ସୁଖୁନି। ସେ କହିଛନ୍ତି ଅସ୍ତରଙ୍ଗ ବ୍ଲକ ଅଂଚଳରେ ସାର ମିଳିବା କଷ୍ଟକର। କଳାବଜାରରୁ ଅଧିକ ଦାମରେ ସାର କିଣି ପକାଇଥିଲୁ। ଭାବିଥିଲୁ ଭଲ ଫସଲ ହେବ। କିନ୍ତୁ ସବୁ ପରିବା ନଷ୍ଟ। ପ୍ରଶାସନ କି କୃଷି ବିଭାଗ ଏ ପର୍ଯ୍ୟନ୍ତ ଆସି ନାହାନ୍ତି, କ୍ଷୟକ୍ଷତି ଆକଳନ କରିବାକୁ। ଆମକୁ କିଏ ପଚାରୁଛି?" ସେମାନଙ୍କ ଦାବି - ତୁରନ୍ତ ସର୍ଭେ କରାଯାଉ ଆଉ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସ୍ପେସିଆଲ ପ୍ୟାକେଜ ଦିଆଯାଉ। ନହେଲେ ଅସ୍ତରଙ୍ଗର ଏହି ସବୁଜ ଅଂଚଳ ଆଉ କେବେ ଉଠି ପାରିବ ନାହିଁ।

କୃଷି ବିଭାଗ ପକ୍ଷରୁ କୁହାଯାଇଛି ୩ ଦିନ ମଧ୍ୟରେ ରିପୋର୍ଟ ଦାଖଲ ହେବ। କିନ୍ତୁ ଚାଷୀ ପଚାରୁଛନ୍ତି, "ରିପୋର୍ଟ ହେବ, କିନ୍ତୁ ଆମ ପେଟର ଜ୍ୱାଳା କେବେ ଲିଭିବ?" ନାଁ ଅଫିସରେ ବସି ରିପୋର୍ଟ ହେବ।

ସଂଚାର SANCHAR ସୋମବାର ୩ ଅଗଷ୍ଟ ୨୦୨୬

# ସ୍ୱାସ୍ଥ୍ୟ




# ରୋଗ ବ୍ୟାଧିର ମୂଳ କାରଣ ଶବ୍ଦ ପ୍ରଦୂଷଣ



ଶୀତ ଯାଇଛି, ଗରମ ଆସୁଛି ଏହାରି ଭିତରେ ବସନ୍ତ ଋତୁ କୁହାଯାଉଥିଲେ ମଧ୍ୟ ଋତୁର ଅନୁଭବ ଆଉ ନାହିଁ। ଜଳ, ବାୟୁ ଓ ମୃତ୍ତିକା ପ୍ରଦୂଷଣ ପରେ ଏବେ ଓଡ଼ିଶା ପାଇଁ ଆଉ ଏକ ବଡ଼ ସମସ୍ୟା ହେଉଛି ଶବ୍ଦ ପ୍ରଦୂଷଣ। ଶବ୍ଦ ପ୍ରଦୂଷଣ ରୋକିବା ଲାଗି ବାରମ୍ବାର ପ୍ରଶାସନ ଓ ପୋଲିସ ପକ୍ଷରୁ ସତର୍କ କରାଯାଉଥିଲେ ମଧ୍ୟ ସଚେତନତା ଅଭାବରୁ କାହାକୁ କେହି ମାନୁ ନାହାନ୍ତି। ଫଳରେ ଶବ୍ଦ ପ୍ରଦୂଷଣ ଜନିତ କାରଣରୁ ବହୁ ଲୋକ ମୃତାହତ ହେଉଛନ୍ତି ଏବଂ ଏଥିଯୋଗୁଁ ରୋଗୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ନିକଟରେ କିଛିଦିନ ତଳେ ଯାତ୍ରା ଜଗତର ଚର୍ଚ୍ଚିତ ଅଭିନେତା ଦେବୀ ପ୍ରସାଦ ରଥଙ୍କ ଅକାଳ ମୃତ୍ୟୁ ଶବ୍ଦ ପ୍ରଦୂଷଣ ଜନିତ କାରଣରୁ ହୋଇଛି ବୋଲି ତାଙ୍କ ପରିବାର ପକ୍ଷରୁ ଖୋଲା ଅଭିଯୋଗ କରାଯିବା ପରେ ଏଥିନେଇ ପୁଣି ବିଭିନ୍ନ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି। ତିନୋଟି ଡିଜେ ଦଳର ଶବ୍ଦ ପ୍ରଦୂଷଣର ପ୍ରତିଯୋଗିତା ଭିତରେ ହୃଦରୋଗରେ ପୂର୍ବରୁ ଆକ୍ରାନ୍ତ ଥିବା ଦେବୀ ପ୍ରସାଦ ବଳି ପଡ଼ିଛନ୍ତି ବୋଲି କୁହାଯାଉଛି। ଆଗରୁ ବି ଏଭଳି ଅନେକ ଅଭିଯୋଗ ରାଜ୍ୟର କୋଣ ଅନୁକୋଣରୁ ଆସୁଥିଲେ ମଧ୍ୟ ଶବ୍ଦ ପ୍ରଦୂଷଣକୁ ସମ୍ପୂର୍ଣ୍ଣ ଭାବେ ରୋକାଯାଇପାରୁ ନାହିଁ। ପରିବେଶବିତ୍‌ମାନେ କହୁଛନ୍ତି ଯେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାର୍ଗ ନିର୍ଦ୍ଦେଶିକା ଅନୁଯାୟୀ ୩୦ ଡେସିବଲ ପର୍ଯ୍ୟନ୍ତ ଶବ୍ଦ ଆଦୌ କ୍ଷତିକାରକ ନୁହେଁ। ୬୫ ଡେସିବଲ ପର୍ଯ୍ୟନ୍ତ ଶବ୍ଦ ଚଳନୀୟ। ତେବେ ୭୫ ଡେସିବଲରୁ ଅଧିକ ଶବ୍ଦ କ୍ଷତିକାରକ ହୋଇଥିବାବେଳେ ଏହାର ପରିମାଣ ୧୨୦ ଡେସିବଲ ଟପିଲେ ତାହା ଯନ୍ତ୍ରଣାଦାୟକ ଓ ମାରାତ୍ମକ ହୋଇଥାଏ। ୟୁରୋପୀୟ ପରିବେଶ ସଂସ୍ଥାର ଗବେଷଣା ରିପୋର୍ଟ ଅନୁଯାୟୀ ଶବ୍ଦ ପ୍ରଦୂଷଣ ଯୋଗୁଁ ପ୍ରତିବର୍ଷ ଅତିକମରେ ୪୮ ହଜାର ନୂଆ ହୃଦରୋଗୀ ସୃଷ୍ଟି ହେଉଥିବାବେଳେ ୧୨ ହଜାରଙ୍କର ମୃତ୍ୟୁ ଘଟିଛି। ଆମ ରାଜ୍ୟ ଓ ଦେଶରେ ଏହାର ପରିମାଣ କେତେ ସେ ସଂକ୍ରାନ୍ତରେ ଏଯାବତ୍ ପୂର୍ଣ୍ଣାଙ୍ଗ ତଥ୍ୟ ସଂଗ୍ରହ କରାଯାଇନାହିଁ।

ଶବ୍ଦ ପ୍ରଦୂଷଣ ଯୋଗୁଁ ଅନେକ ଲୋକ ଶୁଣିବା ଶକ୍ତି ହରାଉଥିବାବେଳେ ନିଦ୍ରାହୀନତା, ମାନସିକ ଚାପ, ହୃଦରୋଗ, ରକ୍ତଚାପ, ବ୍ରେନ ଷ୍ଟ୍ରୋକ, ସ୍ମୃତି ବିଭ୍ରାଟ, ମଧୁମେହ ଆଦି ରୋଗମାନ ହେଉଛି। ଏହାଛଡ଼ା ଶରୀରର ରୋଗ ପ୍ରତିରୋଧକ ଶକ୍ତି ଉପରେ ସିଧାସଳଖ ପ୍ରଭାବ ପଡୁଛି। ଏଥିଯୋଗୁଁ ବିଭିନ୍ନ ପ୍ରକାରର ମସ୍ତିଷ୍କ ସମସ୍ୟା ମଧ୍ୟ ଉପୁଜୁଛି। ବିଶେଷକରି ଶାରୀରିକ ଓ ମାନସିକ ସ୍ତରରେ ମଣିଷ ଶବ୍ଦ ପ୍ରଦୂଷଣ ଯୋଗୁଁ ଦୁର୍ବଳ ହେଉଛି। ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ଲୋକମାନେ ଶବ୍ଦ ପ୍ରଦୂଷଣ ଯୋଗୁଁ କଲବଲ ହେଉଥିବାବେଳେ କୁକୁର ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ପଶୁମାନେ ବି ଏଥିଯୋଗୁଁ ସନ୍ତୁଳନ ହରାଉଛନ୍ତି।

ପର୍ବପର୍ବାଣୀ, ସଭା, ଶୋଭାଯାତ୍ରା ଆଦିରେ ଡିଜେ ସମେତ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ବାଦ୍ୟଯନ୍ତ୍ର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରାଯାଉଛି। ଶୋଭଯାତ୍ରା ଆଦି ଲାଗି ପୁଲିସ ଅନୁମତି ଦେବା ବେଳେ ଶବ୍ଦ ପ୍ରଦୂଷଣ ସଂକ୍ରାନ୍ତୀୟ ସର୍ତ୍ତ ବି ରହୁଛି। କିନ୍ତୁ ଏହାକୁ ସଂଖ୍ୟାଧିକ ସ୍ଥଳରେ ଉଲ୍ଲଂଘନ କରାଯାଉଥିବାବେଳେ ସେମିତି କିଛି ଆଖି ଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ନିକଟରେ ଯାଇଥିବା ଦୀପାବଳୀ ପର୍ବ ଅବସରରେ ବାଣ ଫୁଟା ଉପରେ କଡ଼ା କଟକଣା ଜାରି କରାଯାଇଥିବାବେଳେ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ଏହାର ଖୋଲା ଉଲ୍ଲଂଘନ ହେଲଣି। ଏଥିଯୋଗୁଁ ବାୟୁମଣ୍ଡଳ ବିଷାକ୍ତ ହେବା ସହିତ ଶବ୍ଦ ପ୍ରଦୂଷଣ ମଧ୍ୟ ଘଟିଲା। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆଇନଗତ ବ୍ୟବସ୍ଥା ଥିବାବେଳେ ତାହାର ଅନୁପାଳନ ହେଉ ନାହିଁ କାହିଁକି କିମ୍ବା ଲୋକେ ମଧ୍ୟ ନିଜ ନିଜ ନିରାପତ୍ତା ପାଇଁ ଶୃଙ୍ଖଳିତ ଭାବେ ଏହାକୁ ମାନୁ ନାହାନ୍ତି। ତେଣୁ ଏବେ ଶବ୍ଦ ପ୍ରଦୂଷଣ ଏକ ବଡ଼ ବିପତ୍ତି ଭାବେ ଉଭା ହୋଇଛି।

ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼, କଟକ,
ମୋବାଇଲ୍‌ଃ ୯୪୩୮୨୭୬୭୬୦

# ବ୍ୟାୟାମ ଯୋଗୁଁ ହେଉଥିବା ଯନ୍ତ୍ରଣା ପ୍ରତି ସଚେତନ ହୁଅନ୍ତୁ

ନିୟମିତ ବ୍ୟାୟାମ କରିବା ଶରୀର ପାଇଁ ଖୁବ୍ ଲାଭଦାୟକ। କିନ୍ତୁ କେବେ ଅନୁଭବ କରିଛନ୍ତି କି ନୂଆ ବ୍ୟାୟାମ ଆରମ୍ଭ କରିବା କିମ୍ବା ଦୀର୍ଘ ସମୟ ପରେ ୱାର୍କ ଆଉଟ କରିବା ଦ୍ୱାରା ଶରୀରରେ ଯନ୍ତ୍ରଣା ହେଉଛି ? ଆରମ୍ଭରୁ ମାଂସପେଶୀରେ ଯନ୍ତ୍ରଣା ହେବା ଆଦୌ ସ୍ୱାଭାବିକ ନୁହେଁ। ଏହାକୁ ମସଲ ସୋରନେସ୍ କୁହାଯାଏ, ଯାହା ବିଶେଷକରି ୨୪ରୁ ୪୮ ଘଣ୍ଟା ଭିତରେ ଠିକ୍ ହୋଇଯାଇଥାଏ। ଅବଶ୍ୟ ଏହି ଯନ୍ତ୍ରଣା ଆଦୌ ସାମାନ୍ୟ ନୁହେଁ। ଚାଲନ୍ତୁ ଜାଣିବା ପିଏସ୍‌ଆର୍‌ଆଇ ହସ୍ପିଟାଲର ଡାକ୍ତର ଲକ୍ଷ୍ୟ ଫିଜିଓଥେରାପୀ ମୁଖ୍ୟଙ୍କଠାରୁ। ବ୍ୟାୟାମରେ ହେଉଥିବା ଯନ୍ତ୍ରଣାରେ କେତେବେଳେ ଡାକ୍ତର ପରାମର୍ଶ କରିବେ ?

ଯଦି ବ୍ୟାୟାମ ପରେ ଯନ୍ତ୍ରଣା ଅଚାନକ୍ ତୀବ୍ର ବେଗରେ ବଢୁଥାଏ, ଆଉ କମୁ ନଥାଏ, ତେବେ ଏହାକୁ ହାଲ୍‌କାରେ ନିଅନ୍ତୁନି। ଯଦି ଯନ୍ତ୍ରଣା ସହ ଶରୀରର ସେହି ଅଙ୍ଗରେ ପ୍ରଦାହ, ଲାଲ ଦେଖାଯିବା, ଚଳପ୍ରଚଳରେ ଅବା ହଲିବାରେ ସମସ୍ୟା ଦେଖା ଦେଉଥାଏ, ତେବେ ସାବଧାନ ହୋଇପଡନ୍ତୁ। ଏହା ମାଂସପେଶୀ, ଗଣ୍ଠି ବା ଲିଗାମେଣ୍ଟରେ ଆଘାତ ଲାଗିବାର ସଙ୍କେତ ହୋଇପାରେ। ତେଣୁ ଡାକ୍ତରଙ୍କ ପରାମର୍ଶ ନେବା ଖୁବ୍ ଜରୁରୀ। ଅନେକ ସମୟରେ କିଛି ଲୋକ ଯନ୍ତ୍ରଣା ସତ୍ତ୍ୱେ ମଧ୍ୟ ବ୍ୟାୟାମ କରିଚାଲନ୍ତି। ଏପରି କରିବା ଦ୍ୱାରା ଆଘାତ ଅଧିକ ଗଭୀର ହୋଇଚାଲେ। ଉଦାହରଣ ଆପଣଙ୍କ କାନ୍ଧ, ଆଣ୍ଠୁ ବା ପିଠିରେ ଯନ୍ତ୍ରଣା ହେଉଛି ଏବଂ ଆରାମ କରିବା ସତ୍ତ୍ୱେ ତାହା କମିବା ପରିବର୍ତ୍ତେ ବଢ଼ିଚାଲିଛି। ତେବେ ଏହା 'ଓଭରୟୁଜ୍ ଇନ୍‌ଜୁରୀ' ବା ମାଂସପେଶୀ ଟାଣିଭିଡି ହେବାର ଲକ୍ଷଣ ହୋଇପାରେ। ଯଦି ଠିକ୍ ସମୟରେ ଏହାର ଚିକିତ୍ସା କରା ନଯାଏ, ତେବେ ଏହି ସମସ୍ୟା ଦୀର୍ଘଦିନ ଯାଏ ଚାଲିଥାଏ। କିଛି ଲକ୍ଷଣ ଏମିତି ହୋଇଥାଏ, ଯାହା ଶରୀର ଭିତରର ଗଡ଼ବଡ଼ ହେବାର ଲକ୍ଷଣ ହୋଇଥାଏ।

**ଶିରାପ୍ରଶିରାରେ ସମସ୍ୟାଃ** ଯଦି ଯନ୍ତ୍ରଣା ସହ ଶରୀର ନିସ୍ତେଜ ହୋଇ ପଡୁଥାଏ, ଝିମଝିମ୍ ଅନୁଭବ ହେବା, ଦୁର୍ବଳ ଅନୁଭବ ହେବା ଓ ଶକ୍ତି ନଥିବା ପରି ଲାଗିବା ଆଦି ସମସ୍ୟା ଶିରାପ୍ରଶିରାଜନିତ ସମସ୍ୟାର ଲକ୍ଷଣ।

**ସିରିୟସ୍ ମାଂସପେଶୀ ଆଘାତଃ** ଯଦି ମାଂସପେଶୀ ଯନ୍ତ୍ରଣା ସହ ଅତ୍ୟଧିକ ଜ୍ୱର, ଅଧିକ ଥକାପଣ ଅନୁଭବ ହେବା କିମ୍ବା ପରିସ୍ରାର ରଙ୍ଗ ଗାଢ ହେଉଥାଏ, ତେବେ ତୁରନ୍ତ ଡାକ୍ତର ପରାମର୍ଶ କରାଇ ନିଅନ୍ତୁ।



**ଯନ୍ତ୍ରଣାରୁ ମୁକ୍ତି ପାଇଁ ସହଜ ଉପାୟଃ** ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଉପଯୁକ୍ତ ନିୟମର ପାଳନ କରନ୍ତୁ। ବ୍ୟାୟାମ କରିବା ସମୟରେ ଆବଶ୍ୟକ କୌଶଳ ଅବଲମ୍ବନ କରନ୍ତୁ। ବ୍ୟାୟାମ କରିବା ସମୟରେ ତୀବ୍ରତା ଧୀରେ ଧୀରେ ବଢ଼ାନ୍ତୁ। ୱାର୍କଆଉଟ୍ କରିବା ପୂର୍ବରୁ ୱାର୍ମଅପ୍ ଓ ପରେ କୁଲ୍ ଡାଉନ୍ ନିଶ୍ଚୟ କରନ୍ତୁ। ଏହାବ୍ୟତୀତ ମାଂସପେଶୀକୁ ସୁସ୍ଥ କରିବା ପାଇଁ ଶରୀରକୁ ଆରାମ ଦେବା ସହ ସନ୍ତୁଳିତ ଖାଦ୍ୟ ସାଙ୍ଗକୁ ଆବଶ୍ୟକ ପାଣି ପିଅନ୍ତୁ।

# ଡୋପାମାଇନ୍ ଡିଟକ୍ସ



ତୁମେ ନିଶ୍ଚୟ ଲକ୍ଷ୍ୟ କରିଥିବ ଯେ ତୁମର ଦିନ ପୂର୍ବ ପରି ଆରମ୍ଭ ହୁଏ ନାହିଁ। ସକାଳୁ ଉଠିବା ମାତ୍ରେ ତୁମର ମୋବାଇଲ ଦେଖିବା ଆରମ୍ଭ କରିଥାଅ। ଖାଇବା ସମୟରେ ମଧ୍ୟ ମୋବାଇଲରେ ରିଲ ଦେଖିବା ସ୍କ୍ରୋଲ କରିବା ଜାରି ରଖିଥାନ୍ତି ଏବଂ ସଙ୍ଗୀତ ବିନା ଗାଧୋଇବା ଅସମ୍ଭବ। ମୋବାଇଲରେ ୟୁଟ୍ୟୁବ, ହ୍ୱାଟସଆପ ଏବଂ ଇନଷ୍ଟାଗ୍ରାମ ଦେଖିବା ମଧ୍ୟ ଏକ ଅଭ୍ୟାସରେ ପରିଣତ ହୋଇଛି। ଏହା ବ୍ୟତୀତ ଯେତେବେଳେ ତୁମେ ସୋସିଆଲ ମିଡ଼ିଆରେ କୌଣସି ପୋଷ୍ଟ ସେୟାର କର, ତୁମେ ଲୋକଙ୍କ ଲାଇକ ଏବଂ ମନ୍ତବ୍ୟ ଯାଞ୍ଚ କରିବା ପାଇଁ ଏହାକୁ ବାରମ୍ବାର ଖୋଲ। ତୁମେ ସାକାରାତ୍ମକ ମନ୍ତବ୍ୟ ଦେଖି ଖୁସି ହୁଅ କିନ୍ତୁ ନାକାରାତ୍ମକ ମନ୍ତବ୍ୟଗୁଡ଼ିକ ପାଇଁ ଦୁଃଖିତ ହୁଅ। ଏହା ସବୁ ଡୋପାମିନ ଯୋଗୁଁ ହୁଏ। ଯେତେବେଳେ ତୁମେ ସୋସିଆଲ ମିଡ଼ିଆରେ ମତାମତ ପାଅ ଏହି ସମାନ ଡୋପାମିନ ତୁମର ମସ୍ତିଷ୍କରେ ଛୋଟ ଛୋଟ ବିସ୍ଫୋରଣ ସୃଷ୍ଟି କରେ। ଯାହା ତୁମକୁ ଏକ କ୍ଷଣିକ ଖୁସିର ଅନୁଭବ ଦିଏ। ଏହି କ୍ଷଣିକ ଆନନ୍ଦ ପାଇଁ ଏହି ସବୁ ଡିଜାଇନ କରାଯାଇଛି। ଏହା ଆପଣଙ୍କ ମସ୍ତିଷ୍କ ଉପରେ ସିଧାସଳଖ ପ୍ରଭାବ ପକାଏ। ଆପଣ ନିରନ୍ତର ଉଚ୍ଚ ଡୋପାମାଇନ ଉତ୍ତେଜନାରେ ରୁହନ୍ତି। ଯେଉଁଠାରେ ଛୋଟ ଛୋଟ ଜିନିଷରୁ ମିଳୁଥିବା ଆନନ୍ଦ ମଳିନ ହୋଇଯାଏ। ଏହି କାରଣରୁ ଡୋପାମାଇନ ଡିଟକ୍ସ ନାମକ ଏକ ନୂତନ ଧାରଣା ଉଭା ହୋଇଛି। ଏହା ଏକ ନ୍ୟୁରୋଟ୍ରାନ୍ସମିଟର ଯାହା ମସ୍ତିଷ୍କ କୋଷଗୁଡ଼ିକୁ ବାର୍ତ୍ତା ପଠାଏ, ପ୍ରେରଣା, ଉତ୍ତେଜନା, କୌତୁହଳ ଏବଂ ପୁରସ୍କାରର ଭାବନା ସୃଷ୍ଟି କରେ। ଏହା ଜଣେ ବ୍ୟକ୍ତିଙ୍କୁ ସେମାନଙ୍କ କାମରେ ସନ୍ତୋଷ ଦିଏ ଏବଂ ସେମାନଙ୍କୁ କଠିନ ପରିଶ୍ରମ ଜାରି ରଖିବାକୁ ପ୍ରେରଣା ଦିଏ। କିନ୍ତୁ ସମସ୍ୟା ସେତେବେଳେ ଉପୁଜେ ଯେତେବେଳେ ଏହି ରାସାୟନିକ ପଦାର୍ଥ ବାରମ୍ବାର ଅନିଚ୍ଛାକୃତ ଭାବରେ କେବଳ ବାହ୍ୟ ଉଦ୍ଦୀପନାରୁ ମୁକ୍ତ ହୁଏ। ଏହା ଆପଣଙ୍କୁ କ୍ଷଣିକ ଆନନ୍ଦ ଦେଇପାରେ କିନ୍ତୁ ଏହା ଧୀରେ ଧୀରେ ଆପଣଙ୍କୁ ଜୀବନର ବଡ଼ ଲକ୍ଷ୍ୟ ଏବଂ ପ୍ରକୃତ ସମ୍ପର୍କରୁ ଦୂରେଇ ରଖିପାରେ। ଉଦାହରଣ ସ୍ୱରୂପ, ସୋସିଆଲ ମିଡ଼ିଆରେ ଲାଇକ ପାଇଲେ ଉତ୍ସାହିତ ହେବା, ଭିଡ଼ିଓ ଗେମ ଜିତିଲେ ଅତ୍ୟନ୍ତ ରୋମାଞ୍ଚ ଅନୁଭବ କରିବା, କିମ୍ବା ଜଙ୍କଫୁଡ଼ ଖାଇଲେ ତୁରନ୍ତ ତୃପ୍ତି ଅନୁଭବ କରିବା। ଏହି ଅଭ୍ୟାସଗୁଡ଼ିକ ଧୀରେ ଧୀରେ ମସ୍ତିଷ୍କକୁ ତୁରନ୍ତ ପୁରସ୍କାର ପାଇଁ ଆକର୍ଷିତ କରିଥାଏ। ଫଳସ୍ୱରୂପ, ପାଠପଢ଼ା, ସୃଜନଶୀଳ ପ୍ରକଳ୍ପ କିମ୍ବା ଶାରୀରିକ ବ୍ୟାୟାମ ଭଳି ଦୀର୍ଘ ଏବଂ ଧୈର୍ଯ୍ୟପୂର୍ଣ୍ଣ କାର୍ଯ୍ୟଗୁଡ଼ିକ କଷ୍ଟକର ଲାଗିପାରେ କାରଣ ସେଗୁଡ଼ିକ ଆପଣଙ୍କୁ ତୁରନ୍ତ ସନ୍ତୋଷ ପ୍ରଦାନ କରେ ନାହିଁ, ଏବଂ ଆପଣ ଦୀର୍ଘକାଳୀନ ଫଳାଫଳ ପାଇଁ ଅପେକ୍ଷା କରିବାର ଅଭ୍ୟାସ ହରାଇବେ। ନିଜ ଜୀବନଟିକୁ ଯୋଜନାବଦ୍ଧ ଭାବେ ଏକ ଭଲ ରୁଟିନ ପ୍ରସ୍ତୁତ କରି ତିଆରି କରନ୍ତୁ। ଦେଖିବେ ଆପଣଙ୍କ ପାଇଁ ପ୍ରତିଟି ମୁହୂର୍ତ୍ତ ଆନନ୍ଦମୟ ଓ ଉପଭୋଗ୍ୟ ହୋଇପାରିବ।

# ପିଆଜ ଖାଇଲେ ଶରୀର ସୁସ୍ଥ ରୁହେ

ଆମେ ନିତିଦିନିଆ ଜୀବନରେ ଅନେକ କିଛି ଜିନିଷ ଆମେ ବ୍ୟବହାର କରିଥାଉ। ଯାହା ଆମ ସୁସ୍ଥ ଶରୀର ପାଇଁ ବେଶ୍ ଉପଯୋଗୀ। ଏମିତିରେ ବି ଅନେକ ଲୋକ ଅନେକ କିଛି ଦୈନନ୍ଦିନ ଜୀବନରେ ବ୍ୟବହାର କରନ୍ତି। କିନ୍ତୁ ସେସବୁ ସମ୍ପର୍କରେ ଫାଇଦା ଜାଣି ନଥାନ୍ତି। ସେଥି ମଧ୍ୟରୁ କଞ୍ଚା ପିଆଜ ହେଉଛି ଅନ୍ୟତମ। ଆସନ୍ତୁ କଞ୍ଚା ପିଆଜର ଉପକାରିତା ସମ୍ପର୍କରେ ଜାଣିବା।

ରୋଷେଇରେ ସାଧାରଣତଃ ପିଆଜ ବ୍ୟବହାର କରିଥାଉ। କିନ୍ତୁ କଞ୍ଚା ପିଆଜ ଖାଇବାକୁ ଖୁବ୍ କମ୍ ଲୋକ ପସନ୍ଦ କରନ୍ତି। ସ୍ୱାଦ ପାଇଁ ସାଲାଡରେ କଞ୍ଚା ପିଆଜ ଖାଇଥାନ୍ତି। ଯାହା ଶରୀରରେ ଏକ ପ୍ରକାର ଔଷଧ ଭଳି କାମ କରିଥାଏ। ଏହା ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟି-ଷ୍ଟ୍ରେସ୍ ଏବଂ ଯନ୍ତ୍ରଣାରୁ ମୁକ୍ତି, ଆଣ୍ଟି-ଇନ୍‌ଫ୍ଲାମେଟୋରୀ, ଆଣ୍ଟି-ଡାଇବେଟିସ୍, ଷ୍ଟୋନ -ପ୍ରତିରୋଧକ ଏବଂ ଆଣ୍ଟି-ଆର୍ଥ୍ରିକ୍ ଅଟେ। ପିଆଜରେ ଆଣ୍ଟି-ଅକ୍ସିଡାଣ୍ଟ ଉପାଦାନ ଥାଏ ଯାହା ଶରୀରକୁ ଖରାରେ ଲଢ଼ିବା ପାଇଁ ଶକ୍ତି ଦେଇଥାଏ। ପିଆଜରୁ ପ୍ରଚୁର ମାତ୍ରାରେ ଭିଟାମିନ୍ ଏ, ବି ୬, ବି-କମ୍ପ୍ଲେକ୍ସ ଏବଂ ସି ମିଳିଥାଏ। ଏତିକି ନୁହେଁ ବରଂ କଞ୍ଚା ପିଆଜ କେଶ, ଯକୃତ ଏବଂ ଅନ୍ତନଳୀକୁ ସୁସ୍ଥ ରଖିବାରେ ମଧ୍ୟ ସାହାଯ୍ୟ କରିଥାଏ। ବାୟୋଆକ୍ଟିଭ ଗୁଣ ପିଆଜରେ ମିଳିଥାଏ ଯାହା ଶରୀରରେ କିଛି ଅଙ୍ଗର କାର୍ଯ୍ୟରେ ଉନ୍ନତି ଆଣେ ଏବଂ ସେଲ୍ସକୁ ପ୍ରୋତ୍ସାହିତ କରେ।



ପିଆଜରେ ଥିବା ସଲଫର ଏବଂ ଜିଙ୍କ ଅନେକ ସମସ୍ୟାକୁ ରୋକିବାରେ ସାହାଯ୍ୟ କରେ। ଆୟୁର୍ବେଦରେ ମଧ୍ୟ କଞ୍ଚା ପିଆଜକୁ ବହୁତ ବ୍ୟବହାର କରାଯାଏ। ଏହା ଆପଣଙ୍କ ଶରୀର ସହିତ ଚର୍ମ ଏବଂ କେଶ ପାଇଁ ବହୁତ ଲାଭଦାୟକ। ଏହାକୁ "ଗରିବଙ୍କ ଔଷଧ" ମଧ୍ୟ କୁହାଯାଏ, ଯାହା ସହଜରେ ମିଳିଥାଏ। ଶସ୍ତା ଏବଂ ସୁସ୍ଥ ହୋଇଥାଏ ପିଆଜ। ପିଆଜକୁ ବାତ ସମ୍ବନ୍ଧୀୟ ରୋଗରେ ଲାଭଦାୟକ ବୋଲି ବିବେଚନା କରାଯାଏ। ଏହାର ନିୟମିତ ସେବନ ଭୋକ, ପାଚନ ଶକ୍ତି ବୃଦ୍ଧି କରେ। ତାଜା ପିଆଜ ରସ କାନ ଯନ୍ତ୍ରଣାରେ ଲାଭଦାୟକ, ଘିଅରେ ଭଜା ପିଆଜ କାଶ, ଆସ୍ଥମା ଏବଂ ଥଣ୍ଡାରେ ଲାଭଦାୟକ, ଏବଂ ତାଜା ପିଆଜ ରସ ନାକରୁ ରକ୍ତସ୍ରାବ ବନ୍ଦ କରିବାରେ ମଧ୍ୟ ସହାୟକ ହୋଇଥାଏ। ପିଆଜରେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି କରିଥାଏ। ଏହା ସହିତ ହାର୍ଟ ଜନିତ ସମସ୍ୟା ପାଇଁ ଲାଭକାରୀ ହୋଇଥାଏ। କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ପିଆଜ କର୍କଟ ରୋଗର ବିପଦ କମ କରିବାରେ ମଧ୍ୟ ସହାୟକ। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଶରୀରରେ ବ୍ଲଡ ସୁଗର ଲେଭଲକୁ ନିୟନ୍ତ୍ରଣ କରିବାରେ ପିଆଜ ସାହାଯ୍ୟ କରିଥାଏ। ଯାହା ବୈଜ୍ଞାନିକଙ୍କ ରିସର୍ଚ୍ଚରୁ ଜଣାପଡିଛି।

# ୫ ଦିନ ପରେ ବି ମିଳିଲାନି ସରକାରୀ ସହାୟତା

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ହଲଦିବାହାଲର କାଳବୈଶାଖୀ ପୀଡ଼ିତ



**ସୁନ୍ଦରଗଡ଼,୨।୮ (ସଂଚାର ବ୍ୟୁରୋ):** କାଳବୈଶାଖୀ କୁ ୫ ଦିନ ବିତିଗଲା ପରେ ବି ମିଳି ପାରିନାହିଁ ସରକାରୀ ସହାୟତା: ବାଧ୍ୟ ହୋଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ହଲଦିବାହାଲର କାଳବୈଶାଖୀ ପୀଡ଼ିତ ଗ୍ରାମବାସୀ। ହେମଗିରି ବ୍ଲକରେ ଗତ ୨୮ ଜୁଲାଇରେ ହୋଇଥିବା ପ୍ରବଳ ବର୍ଷା ଓ ଘୂର୍ଣ୍ଣିଝଡ଼ରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା।ଘଟଣାକୁ ଆଜି ୫ ଦିନ ବିତିଯାଇଥିଲେ ସୁଦ୍ଧା ଅନେକ ପୀଡ଼ିତ ପରିବାର ଯଥେଷ୍ଟ ସରକାରୀ ସହାୟତା ପାଇ ନଥିବା ଅଭିଯୋଗ ହୋଇଛି। ଗାଁ ର ଘର ଭାଙ୍ଗିଯିବାରୁ ଅନେକ ପରିବାର ଏବେ ବି ସ୍କୁଲ ବାରଣ୍ଡାରେ ଆଶ୍ରୟ ନେଇ ଦିନ କାଟୁଛନ୍ତି। ତୁରନ୍ତ ସହାୟତା, କ୍ଷତିପୂରଣ ଓ ପୁନର୍ବାସ ଦାବିରେ ହଲଦିବାହାଲ ଗାଁର କାଳବୈଶାଖୀ ପୀଡ଼ିତ ପରିବାର ସୁନ୍ଦରଗଡ଼ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଗତ ୨୮ ଜୁଲାଇରେ ହୋଇଥିବା ପ୍ରବଳ ବର୍ଷା ଓ ଘୂର୍ଣ୍ଣିଝଡ଼ ହେମଗିରି ବ୍ଲକ ଗୋପାଳପୁର ପଞ୍ଚାୟତର ହଲଦିବାହାଲ ଗାଁରେ ବ୍ୟାପକ ତାଣ୍ଡବ ରଚିଥିଲା। ଏହି ପ୍ରାକୃତିକ ବିପର୍ଯ୍ୟୟରେ ୪୦ରୁ ଅଧିକ ପରିବାରଙ୍କ ଘର କ୍ଷତିଗ୍ରସ୍ତ ହୋଇଥିଲା। ଘଟଣା ପରେ ବିଡିଓ ଓ ତହସିଲଦାର ଗାଁକୁ ଯାଇ କ୍ଷୟକ୍ଷତିର ଆକଳନ କରିଥିଲେ। କିଛି ପରିବାରଙ୍କୁ ଜରିପାଲ ଯୋଗାଇ ଦିଆଯାଇଥିବା ବେଳେ ଅଧିକାଂଶ ପୀଡ଼ିତ ଏପର୍ଯ୍ୟନ୍ତ ସରକାରୀ ସହାୟତାରୁ ବଞ୍ଚିତ ରହିଥିବା ଅଭିଯୋଗ କରିଛନ୍ତି।

ସମାଜସେବୀ ଙ୍କ କହିବା ଅନୁଯାୟୀ, କାଳବୈଶାଖୀ କୁ ୫ ଦିନ ପରେ ମଧ୍ୟ ୧୯ରୁ ଅଧିକ ପରିବାର ନିଜ ଘରକୁ ଫେରିପାରି ନାହାନ୍ତି। ଘର ଭାଙ୍ଗିଯାଇଥିବାରୁ ସେମାନେ ସ୍କୁଲ ବାରଣ୍ଡାରେ ଅସ୍ଥାୟୀ ଆଶ୍ରୟ ନେଇ ରହୁଛନ୍ତି। ସେଠାରେ ଖାଦ୍ୟ, ପାନୀୟ ଜଳ ସମେତ ମୌଳିକ ସୁବିଧାର ମଧ୍ୟ ଅଭାବ ଦେଖାଦେଇଛି।

ପ୍ରଶାସନର ଅଣଦେଖାକୁ ନେଇ କ୍ଷୋଭ ପ୍ରକାଶ କରି ହଲଦିବାହାଲ ଗାଁର ପୀଡ଼ିତ ପରିବାରମାନେ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଆର୍ଥିକ ସହାୟତା, ଉପଯୁକ୍ତ କ୍ଷତିପୂରଣ ଓ ପୁନର୍ବାସ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି। ଏବେ ଦେଖିବାକୁ ବାକି ରହିଲା ଜିଲ୍ଲା ପ୍ରଶାସନ ପୀଡ଼ିତଙ୍କ ଦାବି ଉପରେ କେତେ ଶୀଘ୍ର ପଦକ୍ଷେପ ନେଉଛି, ଏବଂ ଲୋକଙ୍କୁ କେବେ ସହାୟତା ଦେଉଛି।

## ଜମି ବିବାଦକୁ ନେଇ ସଂଘବଦ୍ଧ ଆକ୍ରମଣ




**ବାଲିଆପାଳ,୨।୮ (ସଂଚାର ବ୍ୟୁରୋ):** ନିଜ ପୈତୃକ ଜମିରେ ଧାନ ତଳି ରୁଆ କାର୍ଯ୍ୟ କରୁଥିବା ବେଳେ , ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସଂଘବଦ୍ଧ ଆକ୍ରମଣ ସହ ଧାନ ତଳି ରୁଆକୁ ଉପାଡି ଫିଙ୍ଗିଲେ ଦୁର୍ବୃତ୍ତ। ନ୍ୟାୟ ପାଇଁ ଥାନାରେ ଲିଖିତ ଅଭିଯୋଗ କରିବା ସହ ଆକ୍ରମଣ କରିବା ସହ ଧାନ ରୁଆ କୁ ଉପାଡି ଥିବା ବ୍ୟକ୍ତି ମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଥାନାରେ ଲିଖିତ ଅଭିଯୋଗ କଲେ ପିଡିତ ଯୁବକ । ସୂଚନାରୁ ପ୍ରକାଶ ବାଲିଆପାଳ ଥାନା ବାଲିକୁଟୀ ଗ୍ରାମର ବଟକୃଷ୍ଣ ସାହୁ, ଉତ୍ତମ ସାହୁ ଓ ଲକ୍ଷ୍ମୀ ପ୍ରିୟା ସାହୁ ନିଜ ପୈତୃକ ଜମିରେ ଧାନ ତଳି ରୋଇବା କାମ କରୁଥିବା ସମୟରେ ଗ୍ରାମର ଶିବ ପ୍ରସାଦ ଦଳେଇ, ତାଙ୍କ ସ୍ତ୍ରୀ ଫଗୁଡି ଦଳେଇ, ମଣ୍ଟୁ ଦଳେଇ ଏବଂ ଅନ୍ୟ କିଛି ମହିଳା ସେଠାରେ ପହଞ୍ଚିଥିଲେ। ସେମାନେ ଧାନ ବିଲରେ ଲଗାଯାଇଥିବା ରୁଆକୁ ପ୍ରଥମେ ଉପାଡ଼ି ଫିଙ୍ଗି ଦେବାସହ ନିଜ ଗୋଡରେ ମାଡ଼ି ମକଚି ରୁଆ ହୋଇଥିବା ସମସ୍ତ ଧାନ ତଳିକୁ ଘାଣ୍ଟି ଦେବା ସହ, ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ, ଜୀବନରୁ ମାରିଦେବା ଧମକାଇ ପିଟାମରା ଆରମ୍ଭ କରିଥିଲେ। ତେବେ ଏପରି ମାଡ ଗାଳି ଶୁଣି ଗ୍ରାମରୁ କିଛି ଗ୍ରାମବାସୀ ଘଟଣା ସ୍ଥଳକୁ ଯିବାର ଦେଖି, ଆକ୍ରମଣକାରୀମାନେ ଘଟଣାସ୍ଥଳରୁ ଛୁ ମାରିଥିଲେ। ତେବେ ଗଲାବେଳେ ମିଛ ଏସିଏସଟି କେସ୍ କରି ଜୀବନ ସାରା ଜେଲ୍ ପଠାଇବା ଧମକ୍ ଦେଇଥିବାର ଲିଖିତ ଅଭିଯୋଗ ହୋଇଛି। ତେବେ ଗତବର୍ଷ ଏହି ଜମି ବିବାଦ ହୋଇଥିବା ବେଳେ ମାମଲା ନ୍ୟାୟାଳୟରେ ବିଚାରାଧୀନ ଥିବା ତଥା ସ୍ଥିତା ବସ୍ତା ରହିଥିବା ବେଳେ ଅପର ପକ୍ଷରୁ ଏମିତି ଦବଙ୍ଗଗିରି କରିବାକୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଏସ୍‌ଏଚ୍‌ଜି ମହିଳାଙ୍କୁ କେଶ କରିବାରେ ସହଯୋଗ କରିଥିବା କ୍ଲର୍କଙ୍କୁ ଆକ୍ରମଣ




**ବାଲିଆପାଳ,୨।୮ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବସ୍ତା ଥାନା କ୍ଷୀରଙ୍ଗ ଗ୍ରାମର ସଞ୍ଜୟ କୁମାର ଦାସ ବସ୍ତା ଜେଏମଏଫସି କୋର୍ଟ ରେ ଏଡଭୋକେଟ କ୍ଲର୍କ ଭାବେ କାର୍ଯ୍ୟ କରନ୍ତି। ଗତ ୨୦୨୪ ମସିହାରେ ମଣ୍ଡରୁକୁଲା ଗ୍ରାମରେ ଥିବା ମା ବୁଢ଼ୀ ବ୍ରାହ୍ମଣୀ ଏସଏଚଜି ଗ୍ରୁପରେ ସମ୍ପାଦିକା କନକଲତା ଜେନା ଲୋନ ଟଙ୍କା ନେଇ ବ୍ୟାଙ୍କରେ ସୁଝୁ ନଥିବା ଘଟଣାରେ ସଭାପତି ଓ ଅନ୍ୟ ସଦଶ୍ୟା ମାନଙ୍କ ଠାରୁ ଜାଣିଲା ପରେ ଶ୍ରୀ ଦାସ ମହିଳାମାନଙ୍କୁ ନେଇ ବସ୍ତା ଥାନାରେ ଅଭିଯୋଗ କରାଇଥିଲେ। ଏହାକୁ ନେଇ ଥାନା ସହିତ ଗ୍ରାମରେ ବାରମ୍ବାର ବିଚାର ପରେ ମଧ୍ୟ କୌଣସି ସମାଧାନ ହୋଇପାରି ନାହିଁ। ଏହାକୁ ନେଇ ଆଜି ସକାଳ ସମୟରେ ହଳଦୀପାଳ ବଜାରକୁ ମାର୍କେଟିଙ୍ଗ କରିବାକୁ ଯାଇଥିବା ସମୟରେ ପୂରାଣ ଗ୍ରାମର ମାନୁ ପାତ୍ର, ମଛଡ଼ିହା ଗ୍ରାମର ମୁନା ସେଠୀ, ଲକ୍ଷ୍ମଣ ସେଠୀ ଏବଂ ମଣ୍ଡରୁକୁଲା ଗ୍ରାମର ହର ବିଶ୍ୱାଳ, ପ୍ରଦୀପ ଜେନା କାହିଁକି ଏସଏଚଜି ଗ୍ରୁପ ମହିଳା ମାନଙ୍କୁ ନେଇ କେଶ କରାଇଲୁ କହି ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ, ଟଣାଓଟରା ସହିତ ମାଡ଼ ମାରିଥିଲେ। ତେବେ ଶ୍ରୀ ଜେନା ଉପାୟ ନପାଇ ଏକ ଦୋକାନ ଭିତରେ ପଶି ୧୧୨କୁ କଲ କରି ଥାନାକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଂଚି ଶ୍ରୀ ଜେନାଙ୍କୁ ଉଦ୍ଧାର କରିଥିବା ବେଳେ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କାରିବାକୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ତଦନ୍ତ ଜାରି ରଖିଛି।

## କୁଲଡ଼ିହା ଅଭୟାରଣ୍ୟରୁ ଶିକାରୀ ଗିରଫ, ଶିକାର ସରଞ୍ଜାମ ଜବତ



**ନୀଳଗିରି,୨।୮ (ସଂଚାର ବ୍ୟୁରୋ):** କୁଲଡ଼ିହା ବିଟ୍ ୨ର ଫରେଷ୍ଟ ଗାର୍ଡ ଓ ଶିକାର ବିରୁଦ୍ଧ ଟିମ୍ ଅଭୟାରଣ୍ୟରେ ଡିୟୁଟି କରୁଥିବା ସମୟରେ ଏକ ବନ୍ଧୁକ୍ ଫୁଟିବାର ଶବ୍ଦ ଶୁଣିବାକୁ ପାଇଥିଲେ, ପରେ ଶିକାରୀ ର ପାଦ ଚିହ୍ନ ମଧ୍ୟ ଦେଖିବାକୁ ପାଇଥିଲେ। ପରେ ବନ କର୍ମଚାରୀ ସନ୍ଦେହରେ ସରୋ ଥାନା ଅଧୀନ ସିନ୍ଧୁଆ ଗ୍ରାମର ଭୀମ ସିଂ ର ପୁଅ ମୃତ୍ୟୁଞ୍ଜୟ ସିଂ(୩୬) ହାତୀଖୁଲିଆ ଗ୍ରାମ ନିକଟରେ ନିଜର ହାତ ଗୋଡରେ ଲାଗିଥିବା କାଦ ଧଉ ଥିବା ସମୟରେ ମାଡ଼ି ବସିଥିଲା ବନ ବିଭାଗ। ପରେ ମୃତ୍ୟୁଞ୍ଜୟ ଙ୍କ ଘରୁ ଦୁଇଟି ଦେଶୀ ବନ୍ଧୁକ, ଦୁଇଟି ହେଡ ଟ୍ରଚ ଲାଇଟ୍, ଗୋଟିଏ ଟ୍ରଚ୍ ଲାଇଟ୍,୪୦ ଟି ସୀସା, ଛଟ ସାଇକେଲ ବଲ୍ ୧୦୪, ବଡ଼ ସାଇକେଲ ବଲ୍ ୧୪ଟା, ଗୋଟିଏ ଲୁହା ରଡ୍, ଗନ୍ ପାଉଡର ୩୦ଗ୍ରାମ୍, ଗୋଟିଏ ବିଲ୍ ହୁକ୍, ଦୁଇଟି ପ୍ଲାଷ୍ଟିକ ବ୍ୟାଗ ଏବଂ ଗୋଟିଏ କାଟା ପୁଲ୍ଟ ଜବତ କରିଛି। ପରେ ଅଭିଯୁକ୍ତ କୁ ଗିରଫ କରି କର୍ଟ ଚାଲାଣ କରିଛି ବନ ବିଭାଗ।

## ଛାତ୍ର ହତ୍ୟାକାଣ୍ଡର ପର୍ଦ୍ଦାଫାଶ, ମୁଖ୍ୟ ଅଭିଯୁକ୍ତ ଗିରଫ



**ଜୟପୁର,୨।୮ (ସଂଚାର ବ୍ୟୁରୋ):** ଜୟପୁର ବାରିଣୀପୁଟ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ମହେଶ ବାଘଙ୍କୁ ଛୁରୀ ଭୁସି ହତ୍ୟା କରାଯିବା ଘଟଣାର ପର୍ଦ୍ଦାଫାଶ କରିଛି ଜୟପୁର ସଦର ପୋଲିସ। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଅଫତାବ ହିଆଲ ଓ ତାଙ୍କ ନାବାଳକ ଭାଇଙ୍କୁ ପୁଲିସ କାବୁ କରିଥିବାବେଳେ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରୀକୁ ମଧ୍ୟ ଜବତ କରାଯାଇଛି। ଜୟପୁର ଏସଡିପିଓ ଅର୍ଚ୍ଚିତା ମିତ୍ତଲ ରବିବାର ସଦର ଥାନାରେ ସାମ୍ବାଦିକ ସମ୍ମିଳନୀ କରି ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରି କହିଛନ୍ତି ଯେ, ମୃତ ଛାତ୍ର ମହେଶ ବାଘ ଅଭିଯୁକ୍ତଙ୍କ ମୂଳ ଟାର୍ଗେଟ ନଥିଲେ। ଅଫତାବଙ୍କ ଲକ୍ଷ୍ୟ ଥିଲା ତାଙ୍କ ନାବାଳକ ଭାଇ ସହ ପୂର୍ବରୁ ବିବାଦ ରହିଥିବା ଅନ୍ୟ ଜଣେ ଛାତ୍ରଙ୍କୁ ଆକ୍ରମଣ କରିବା।

ଘଟଣାଦିନ ଅଫତାବ ଏକ ନୂଆ ଛୁରୀ ଧରି ସ୍କୁଲ ବାହାରେ ଅପେକ୍ଷା କରି ରହିଥିଲେ। ମଧ୍ୟାହ୍ନ ଭୋଜନ ବିରତି ସମୟରେ ପୂର୍ବରୁ ବିବାଦ ଥିବା ଛାତ୍ର ବାହାରକୁ ଆସିବା ମାତ୍ରେ ତାଙ୍କ ଉପରେ ଆକ୍ରମଣ କରିବାକୁ ଅଫତାବ ଉଦ୍ୟମ କରିଥିଲେ। ଏହି ସମୟରେ ମହେଶ ବାଘ ପରିସ୍ଥିତିକୁ ଶାନ୍ତ କରିବା ଓ ସମ୍ପୃକ୍ତ ଛାତ୍ରଙ୍କୁ ବଞ୍ଚାଇବା ପାଇଁ ହସ୍ତକ୍ଷେପ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ଅଫତାବ ମହେଶଙ୍କ ପେଟରେ ଛୁରୀ ଭୁସି ଦେଇଥିଲେ। ଗୁରୁତର ଆହତ ଅବସ୍ଥାରେ ମହେଶଙ୍କୁ ଚିକିତ୍ସା ପାଇଁ ନିଆଯାଇଥିଲେ ମଧ୍ୟ ତାଙ୍କ ଜୀବନ ବଞ୍ଚାଇ ହୋଇପାରିନଥିଲା। ଘଟଣାର ତଦନ୍ତ ସମୟରେ ପୁଲିସ ବିଭିନ୍ନ ସାକ୍ଷ୍ୟ ଓ ପ୍ରମାଣ ସଂଗ୍ରହ କରି ମୁଖ୍ୟ ଅଭିଯୁକ୍ତ ଅଫତାବ ହିଆଲ ଓ ତାଙ୍କ ନାବାଳକ ଭାଇଙ୍କୁ କାବୁ କରିବା ସହ ହତ୍ୟାରେ ବ୍ୟବହୃତ ଛୁରୀକୁ ଜବତ କରିଛି। ଘଟଣାରେ ପୁଲିସର ତଦନ୍ତ ଜାରି ରହିଛି।

## ଚୋରି ଘଟଣାରେ ଜଣେ ଅଭିଯୁକ୍ତଙ୍କ ସହ ୨ ସୁନା ବେପାରୀ ଗିରଫ



**ଡେରାବିଶ,୨।୮ (ସଂଚାର ବ୍ୟୁରୋ):** ଡେରାବିଶ ଥାନା ଅନ୍ତର୍ଗତ ଚାଟରାଚକଡ଼ା ପଞ୍ଚାୟତ ଫକିରାବାଦ ଗ୍ରାମରେ ଚିତରଞ୍ଜନ ଦାଶଙ୍କ ଘରେ ଗତ ଜୁଲାଇ ୭ ତାରିଖ ରାତିରେ ଏକ ବଡ଼ଧରଣର ଚୋରି ହୋଇଥିଲା। ଗୃହକର୍ତ୍ତାଙ୍କ ଅନୁପସ୍ଥିତିରେ ଚୋରମାନେ ଲକ୍ଷାଧିକ ଟଙ୍କାର ସୁନାଗହଣା ସହ ନଗଦ ଅର୍ଥ ଲୁଟି ନେଇଥିଲେ। ଏ ନେଇ ଚିତରଞ୍ଜନ ଭାଇ ମନୋଜ ଡେରାବିଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତିକରି ଥାନାରେ କେଶ୍ ନଂ -୧୭୪/୨୬ ରୁଜୁ କରି ପୋଲିସ୍ ତଦନ୍ତ ଆରମ୍ଭ କରିଥିଲା। ଘଟଣା ସ୍ଥଳକୁ ସାଇଂଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଆସି ତଦନ୍ତ କରିଥିବା ବେଳେ ଚିତିରଞ୍ଜନଙ୍କ ଘରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଆଧାର କରି ଏହି ଥାନା ଅଞ୍ଚଳର ଘାଟିଆ ସିଂ ନାମକ ଜଣେ ଯୁବକକୁ ପୋଲିସ୍ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

ତେବେ ପୋଲିସ୍ ସ୍କାନରରେ ଥିବା ଅନ୍ୟ ଅଭିଯୁକ୍ତମାନଙ୍କ ମଧ୍ୟରୁ ଶନିବାର ରାତିରେ ନିକିରେଇ ଥାନା ଅଞ୍ଚଳର ସନ୍ତୋଷ ମଳିକକୁ ଗିରଫ କରିବା ସହ ସନ୍ତୋଷ ଠାରୁ ତଥ୍ୟ ନେଇ ଚୋରି ଯାଇଥିବା ସୁନାଗହଣାକୁ କିଣିଥିବା ଗୋଗୁଆ ଅଞ୍ଚଳର ସୁନା ଦୋକାନୀ ପର୍ଶୁରାମ ସାହୁ ଓ ଉପେନ୍ଦ୍ର କୁମାର ସାହୁଙ୍କ ଦୋକାନରୁ ଚିତରଞ୍ଜନଙ୍କ ଘରୁ ଚୋରି ହୋଇଥିବା ୨ଟି ମୁଦି, ଗୋଟିଏ ସୁନାହାର, ଦୁଇଟି କାନଫୁଲ, ଗ୍ରାମରେ ପୂଜା ପାଉଥିବା ମା ଗଜଲକ୍ଷ୍ମୀଙ୍କ ଗୋଟିଏ ସୁନାହାର, ଗୋଟିଏ ଚିତା, ଦୁଇଟି ମୋବାଇଲ୍ ଫୋନ୍ ସହ ଏକ ଓଜନ ମେସିନ୍‌କୁ ପୋଲିସ ଜବତ କରିଥିଲା। ପୋଲିସ୍ ତିନିଜଣଙ୍କୁ ଗିରଫ କରି ସନ୍ଧ୍ୟାରେ ଡାକ୍ତରୀ ପରୀକ୍ଷା କରିବା ପରେ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଅମ୍ବିକା ପ୍ରସାଦ ଦାସ ସୂଚନା ଦେଇଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍ ଶିଘ୍ର ଗିରଫ କରାଯିବା ପାଇଁ ପୋଲିସ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ଥାନା ଅଧିକାରୀ କରିଛନ୍ତି।

## ନୂଆହାଟରୁ ୬୦ ବସ୍ତା ନକଲି ସାର ଜବତ



**ପାରାଦୀପ,୨।୮ (ସଂଚାର ବ୍ୟୁରୋ):** ଦୀର୍ଘ ବର୍ଷ ହେବ ପୁରୀ ଜିଲ୍ଲା ନୂଆହାଟରୁ ଶିଖରଘାଟ ଦେଇ ସାର ଆସୁଥିଲା । ଜଗତସିଂହପୁର, ବାଲିକୁଦା , ନାଉଗାଁ , ତିର୍ତୋଲ ଓ ଏରସମା ଆଦି ଅଂଚଳକୁ ଏହି ସାର ଅତି ଚତୁରତାର ସହ ଚାଲାଣ ମଧ୍ୟ ହେଉଥିଲା । ଏହି ସାର ନେଇ ଚାଷୀ ତାଙ୍କ ଧାନ ଚାଷ ଜମିରେ ପକାଉଥିଲେ। ହେଲେ ଏହି ସାର ସେତେଟା କାମ କରୁନଥିଲା । ଗତବର୍ଷ ବାଲିକୁଦା ଅଂଚଳର କିଛି ଚାଷୀ ଏନେଇ ଅଭିଯୋଗ ମଧ୍ୟ କରିଥିଲେ । ହେଲେ ଘଟଣାକୁ ରଫା ଦଫା କରି ଅତି ଚତୁରତାର ସହ ଚାଲାଣକାରୀ ଖସିଯିବାରେ ସକ୍ଷମ ହେଉଥିଲା।

ବର୍ତ୍ତ ମାନ ରାଜ୍ୟରେ ସାରର ଘୋର ଅଭାବ ଥିବା ବେଳେ ଏହାର ସୁଯୋଗ ନେଇ ଚାଷ କାର୍ଯ୍ୟ ଆରମ୍ଭ ସମୟରୁ ସବୁ ଜାଗାରେ ଏହି ନକଲି ସାରକୁ ମହଜୁତ ରଖିବା ଲାଗି ଆରମ୍ଭ ହୋଇଛି ପ୍ରୟାସ । ଗତକାଲି ଏକ ସାର ବୋଝେଇ ଗାଡି ପୁରୀ ଜିଲ୍ଲା ନୂଆହାଟ ଅଂଚଳରୁ ସାର ଆଣିବା ସହ ଜଗତସିଂହପୁର ବ୍ଲକ ଗଉଡ଼ୁଣୀପଡିଆ ଯାଉଥିବା ବେଳେ ନାଉଗାଁ ବଜାର ଶେଷ ମୁଣ୍ଡରେ ଚକା ପଞ୍ଚର ହେବାରୁ ଛିଡା ହୋଇଥିଲା । ଠିକ ଏହି ସମୟରେ ନବନିର୍ମାଣ କୃଷକ ସଂଗଠନର ଅଶୋକ ସ୍ୱାଇଁ ଗାଡିକୁ ଦେଖି ସନ୍ଦେହ କରିବାରୁ ନାଉଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଉକ୍ତ ସାର ଗାଡ଼ିକୁ ଥାନାକୁ ନେଇ ତଦନ୍ତ କରିବା ପରେ ଗାଡି ଚାଳକ ସାରର ଉପଯୁକ୍ତ କାଗଜ ଦେଖାଇ ପାରି ନଥିଲେ । ପୁରୀ ଜିଲ୍ଲାରୁ ଜଗତସିଂହପୁର ଜିଲ୍ଲାକୁ ସାର ଆସିବା ନେଇ କୃଷି ବିଭାଗ ଆଜି ଦିନ ତମାମ ଖୋଳତାଡ଼ ଆରମ୍ଭ କରିଛି ।

ନାଉଗାଁ କୃଷି ଅଧିକାରୀଣୀ ଯୁଗସ୍ମିତା ପାତ୍ର ଥାନାରେ ପହଂଚି ଉକ୍ତ ସାର ବସ୍ତାରୁ ସାମ୍ପୁଲ ସଂଗ୍ରହ କରିଥିବା ବେଳେ ଏହା ଆସନ୍ତା କଲି ଭୁବନେଶ୍ୱର ସହିଦନଗରରେ ଥିବା କ୍ୱାଲିଟି କଣ୍ଟ୍ରୋଲ ଲାବକୁ ପଠାଯିବ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏହି ନକଲି ସାରକୁ ଚାପି ଦେବାକୁ ଚୋରା ଚାଲାଣକାରୀ ମାନେ ସେମାନଙ୍କର ଯୋଜନା ଆରମ୍ଭ କରୁଥିବା ନଜରକୁ ଆସିଛି ।

### ସଫଳ ହେଲା 'ମିଶନ୍ ନିରୁପମା'

## ଥିଲା ସାତସପନ, ପାଲଟିଲା ସତ: ମିଳିଲା ପକ୍କାଘର



**ମହାକାଳପଡ଼ା,୨।୮ (ସଂଚାର ବ୍ୟୁରୋ):** ଦୈନିକ ଖବରକାଗଜ 'ସଂଚାର' ର ସାମାଜିକ ଦାୟିତ୍ୱବୋଧ ଓ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ର ପ୍ରୟାସ ଶେଷରେ ସଫଳତାର ମୁକୁଟ ପିନ୍ଧିଛି। ଦୀର୍ଘ ଦିନର ଅପେକ୍ଷା ପରେ ମହାକାଳପଡ଼ା ପଞ୍ଚାୟତର କେୟାରବାଙ୍କ ଗ୍ରାମର ଅସହାୟ ବିଧବା ନିରୂପମା ପରମାଣିକଙ୍କୁ ସରକାରୀ ଆବାସ ଯୋଜନାରେ ପକ୍କାଘର ମିଳିଛି। ଯେଉଁ ଆବାସ ତାଙ୍କ ପାଇଁ ଦିନେ ସାତ ସପନ ଥିଲା, ତାହା ଆଜି ବାସ୍ତବରେ ପରିଣତ ହୋଇଛି।

ସୂଚନାଯୋଗ୍ୟ, ନିରଞ୍ଜନ ପରମାଣିକଙ୍କ ୪୫ ବର୍ଷୀୟା ପତ୍ନୀ ନିରୂପମା ସ୍ୱାମୀଙ୍କ ମୃତ୍ୟୁ ପରେ ତିନି ସନ୍ତାନଙ୍କୁ ନେଇ ଏକ ଭଙ୍ଗା କୁଡ଼ିଆ ଘରେ ଅତ୍ୟନ୍ତ ଦୟନୀୟ ପରିସ୍ଥିତିରେ ଜୀବନ ବିତାଉଥିଲେ। ପକ୍କାଘର ପାଇଁ ବହୁବାର ବିଭିନ୍ନ ସ୍ତରରେ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଏହି ଘଟଣା ସମ୍ପର୍କରେ ମହାକାଳପଡ଼ା ୟୁଥ୍ ଗ୍ରୁପ୍‌ରୁ ସେହି ଗ୍ରାମର କିଛି ଯୁବକଙ୍କ ସହ ଗ୍ରୁପ୍‌ର ଏକ ପ୍ରତିନିଧି ଦଳ ୬ ନଭେମ୍ବର ୨୦୨୪ରେ ନିରୂପମାଙ୍କ ଘରକୁ ଯାଇ ସ୍ଥିତି ପରଖିଥିଲେ। ପରଦିନ, ଅର୍ଥାତ୍ ୭ ନଭେମ୍ବରରେ 'ସଂଚାର' ରେ ତାଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ପ୍ରଶାସନର ଦୃଷ୍ଟି ଆକର୍ଷିତ ହୋଇଥିଲା ଏବଂ ଦୁଇବର୍ଷ ପରେ ସେ ଏବେ ଅନ୍ତ୍ୟୋଦୟ ଯୋଜନାରେ ଏକ ପକ୍କାଘର ପାଇଛନ୍ତି। ବର୍ତ୍ତମାନ ଘର ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବାରୁ ନିରୂପମାଙ୍କ ମୁହଁରେ ହସ ଫୁଟିଛି। ସେ ଏହି ସଫଳତା ପାଇଁ ଦୈନିକ 'ସଂଚାର' ଖବରକାଗଜ ଓ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

## କପିଳାସ ପୀଠରେ କାଉଡ଼ିଆଙ୍କ ଭିଡ଼



**ଢେଙ୍କାନାଳ,୨।୮ (ସଂଚାର ବ୍ୟୁରୋ):** ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ ଢେଙ୍କାନାଳର କପିଳାସ ପୀଠରେ ପ୍ରଭୁ ଶ୍ରୀ ଚନ୍ଦ୍ରଶେଖରଙ୍କ ଜଳଲାଗି ପାଇଁ ହଜାର ହଜାର କାଉଡ଼ିଆଙ୍କ ସମାଗମ ହୋଇଛି। କମଗରା ନଦୀ ଘାଟରୁ ପବିତ୍ର ଜଳ ସଂଗ୍ରହ କରି କାଉଡ଼ିଆମାନେ କପିଳାସ ଅଭିମୁଖେ ଯାଉଥିବା ବେଳେ ସମଗ୍ର ଅଞ୍ଚଳ 'ବୋଲ ବମ୍, ହର ହର ବମ୍' ଧ୍ୱନିରେ ପ୍ରକମ୍ପିତ ହୋଇଉଠିଛି ।ହାତରେ ବାହୁଙ୍ଗୀ ଧରି ଶିବଭକ୍ତମାନେ ଶ୍ରଦ୍ଧା ଓ ଭକ୍ତିର ସହ କପିଳାସ ପୀଠକୁ ପଦଯାତ୍ରା କରୁଛନ୍ତି। କାଉଡ଼ି ଯାତ୍ରାକୁ ସୁରକ୍ଷିତ ଓ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପୀଠରେ ୭ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ ସର୍ପ ଧରାଳୀଙ୍କୁ ମଧ୍ୟ ନିୟୋଜିତ କରାଯାଇଛି ।କାଉଡ଼ିଆ ଓ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ବିଭିନ୍ନ ସ୍ଥାନରେ ପାନୀୟ ଜଳ, ଅସ୍ଥାୟୀ ଶୌଚାଳୟ ଓ ବିଶ୍ରାମ ବ୍ୟବସ୍ଥା କରାଯାଇଛି। ପାହାଚ ଓ ବାରବାଙ୍କ ରାସ୍ତା ତଳେ ଦୁଇଟି କୃତ୍ରିମ ଶୌଚାଳୟ ମଧ୍ୟ ସ୍ଥାପନ କରାଯାଇଛି।ଅନ୍ୟପକ୍ଷରେ, ନଦୀରେ ଜଳସ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି ଜିଲ୍ଲାର ୮ଟି ଘାଟରେ ବ୍ୟାରିକେଡ୍ ବ୍ୟବସ୍ଥା ସହ ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ଟିମ୍‌କୁ ମୁତୟନ କରାଯାଇଛି। ଶାନ୍ତି-ଶୃଙ୍ଖଳା ରକ୍ଷା ଓ ଯାନବାହାନ ଚଳାଚଳ ସୁଚାରୁ କରିବା ପାଇଁ ପୁଲିସ ପେଟ୍ରୋଲିଂକୁ ମଧ୍ୟ ଜୋରଦାର କରାଯାଇଛି। ଏନେଇ ଦେବୋତର ଅଧିକାରୀ ତଥା ଉପଜିଲ୍ଲାପାଳ ପଦ୍ମଚରଣ ସାହୁ ସୂଚନା ଦେଇଛନ୍ତି।

### ଯୋଡ଼ା ବଡ଼ବିଲରୁ ଆରମ୍ଭ ହେଲା '୧୦ କୋଟି ବ୍ୟସନମୁକ୍ତ ଭାରତ ସଂକଳ୍ପ ମହା-ଅଭିଯାନ'

## ନିଶାମୁକ୍ତ ସମାଜ ଗଠନ ପାଇଁ ସାମୂହିକ ସଂକଳ୍ପ



**ଯୋଡ଼ା,୨।୮ (ସଂଚାର ବ୍ୟୁରୋ):** ନଶାମୁକ୍ତ ଓ ସୁସ୍ଥ ଭାରତ ଗଠନର ଲକ୍ଷ୍ୟ ନେଇ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବଡ଼ବିଲ ଶାଖା ପରିସରରେ '୧୦ କୋଟି ବ୍ୟସନମୁକ୍ତ ଭାରତ ସଂକଳ୍ପ ମହା-ଅଭିଯାନ'ର ଭବ୍ୟ ଶୁଭାରମ୍ଭ ହୋଇଛି। ଭାରତ ସରକାରଙ୍କ 'ନଶା ମୁକ୍ତ ଭାରତ ଅଭିଯାନ' ଏବଂ 'ମିଶନ ସ୍ପନ୍ଦନ' ଅନ୍ତର୍ଗତ ଦାଦୀ ପ୍ରକାଶମଣିଙ୍କ ପାବନ ସ୍ମୃତିରେ ବ୍ରହ୍ମାକୁମାରୀଜ୍‌ର ମେଡିକାଲ ୱିଙ୍ଗ ପକ୍ଷରୁ ଆୟୋଜିତ ଏହି ଅଭିଯାନ ଦେଶର ୧୦ ହଜାରରୁ ଅଧିକ କେନ୍ଦ୍ରରେ ଏକକାଳୀନ ଭାବେ ଆରମ୍ଭ କରାଯାଇଛି।

କାର୍ଯ୍ୟକ୍ରମରେ ବଡ଼ବିଲ ତହସିଲଦାର ରାକେଶ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ସୁସ୍ଥ ଓ ସଶକ୍ତ ସମାଜ ଗଠନ ପାଇଁ ନଶାମୁକ୍ତ ପରିବେଶ ସୃଷ୍ଟି ଅତ୍ୟନ୍ତ ଜରୁରୀ। ଯୋଡ଼ା ବିଡିଓ ଦିନେଶ କୁମାର ବେହେରା କହିଥିଲେ, ଯୁବପିଢ଼ିଙ୍କୁ ବ୍ୟସନରୁ ରକ୍ଷା କରିବା ଆଜିର ସବୁଠାରୁ ବଡ଼ ସାମାଜିକ ଦାୟିତ୍ୱ। ବଡ଼ବିଲ ଏସଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ ବ୍ୟସନମୁକ୍ତି ଅପରାଧ ହ୍ରାସରେ ସହାୟକ ବୋଲି କହିଥିବାବେଳେ, ପୂର୍ବତନ ପୌରାଧ୍ୟକ୍ଷ ଭାରତ ଗୌରବ ଦିଲ୍ଲୀପ କୁମାର ମିଶ୍ର ଆଧ୍ୟାତ୍ମିକ ଜୀବନଶୈଳୀ ହିଁ ସ୍ଥାୟୀ ବ୍ୟସନମୁକ୍ତିର ପଥ ବୋଲି ମତ ରଖିଥିଲେ।

କାର୍ଯ୍ୟକ୍ରମରେ ଗୁରୁଦ୍ୱାର ପ୍ରବନ୍ଧକ କମିଟି, ଗାୟତ୍ରୀ ପରିବାର, ସେଣ୍ଟ ମେରୀ ସ୍କୁଲ ସମେତ ବିଭିନ୍ନ ସାମାଜିକ, ଧାର୍ମିକ ଓ ଶିକ୍ଷାନୁଷ୍ଠାନର ପ୍ରତିନିଧି, ବିଶିଷ୍ଟ ବ୍ୟକ୍ତିବର୍ଗ ଏବଂ ପ୍ରାୟ ୨୦୦ ଜଣ ବ୍ରହ୍ମାକୁମାରୀ ଭାଇ-ଭଉଣୀ ଉପସ୍ଥିତ ରହିଥିଲେ।

ଏହି ଅବସରରେ ସମସ୍ତ ଅତିଥି, ପ୍ରଶାସନିକ ଅଧିକାରୀ ଓ ନାଗରିକମାନେ ସାମୂହିକ ଭାବେ ବ୍ୟସନମୁକ୍ତି ସଂକଳ୍ପ ଗ୍ରହଣ କରି ନିଜେ ନଶାରୁ ଦୂରେଇ ରହିବା ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବାକୁ ଶପଥ ନେଇଥିଲେ। କ୍ୟୁଆର୍ କୋଡ୍ ଓ ହ୍ୱାଟ୍ସ୍‌ଆପ୍ ମାଧ୍ୟମରେ ଡିଜିଟାଲ୍ ସଂକଳ୍ପପତ୍ର ପୂରଣ କରିବାର ବ୍ୟବସ୍ଥା ମଧ୍ୟ କରାଯାଇଥିଲା।

### ପ୍ରମିଳା ମଲ୍ଲିକଙ୍କୁ ସଂଗ୍ରାମ କେଶରୀ ପାତ୍ରଙ୍କ ଟାର୍ଗେଟ

## ବନ୍ୟା ବେଳେ ବୟାନବାଜି ନୁହେଁ, ୨୪ ବର୍ଷର ହିସାବ ଦିଅନ୍ତୁ



**ଯାଜପୁର,୨।୮ (ସଂଚାର ବ୍ୟୁରୋ):** ବନ୍ୟା ପ୍ରଭାବିତ ଯାଜପୁରରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜାରି ଥିବା ବେଳେ ଏହାକୁ ନେଇ ରାଜନୈତିକ ବୟାନବାଜି ମଧ୍ୟ ତୀବ୍ର ହୋଇଛି। ଗତକାଲି ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଯାଜପୁର ସାଂସଦ ଡ଼ା ରବିନ୍ଦ୍ର ନାରାୟଣ ବେହେରାଙ୍କୁ ନେଇ ସାମ୍ପ୍ରତିକ ମନ୍ତବ୍ୟ ପରେ ବିଜେପି ନେତା ସଂଗ୍ରାମ କେଶରୀ ପାତ୍ର ଏକ କଡ଼ା ପ୍ରତିକ୍ରିୟା ଜାରି କରି କହିଛନ୍ତି ଯେ, ବନ୍ୟା ପରି ମାନବିକ ବିପର୍ଯ୍ୟୟ ସମୟରେ ରାଜନୈତିକ ଦୋଷାରୋପ ପରିବର୍ତ୍ତେ ଲୋକଙ୍କ ସେବା ଓ ସହାୟତାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ।

ସଂଗ୍ରାମ କେଶରୀ ପାତ୍ର କହିଛନ୍ତି ଯେ, ପ୍ରମିଳା ମଲ୍ଲିକ ଦୀର୍ଘ ୨୪ ବର୍ଷ ଧରି ଜନପ୍ରତିନିଧି ଭାବେ କାର୍ଯ୍ୟ କରିଆସିଛନ୍ତି। ତେଣୁ ବର୍ତ୍ତମାନ ସରକାରକୁ ସମାଲୋଚନା କରିବା ପୂର୍ବରୁ ତାଙ୍କ କାର୍ଯ୍ୟକାଳରେ ବନ୍ୟାର ସ୍ଥାୟୀ ସମାଧାନ, ନଦୀବନ୍ଧ ସୁରକ୍ଷା, ନଦୀ ଖନନ, ଜଳ ନିଷ୍କାସନ ଓ ବନ୍ୟା ପରିଚାଳନା ପାଇଁ କ'ଣ ପଦକ୍ଷେପ ନିଆଯାଇଥିଲା, ସେହି ହିସାବ ଜନସାଧାରଣଙ୍କ ସମ୍ମୁଖରେ ରଖିବା ଉଚିତ। ତାଙ୍କ କହିବା ଅନୁଯାୟୀ, "୨୪ ବର୍ଷର ଉତ୍ତର ନଦେଇ କେବଳ ୨ ବର୍ଷର ସରକାରକୁ ପ୍ରଶ୍ନ କରିବା ଲୋକଙ୍କୁ ବିଭ୍ରାନ୍ତ କରିବାର ପ୍ରୟାସ।"

ସେ ଦାବି କରିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବନ୍ୟା ସମୟରେ ପୂର୍ବ ନିର୍ଦ୍ଧାରିତ ମହାନଦୀ ଜଳ ବିବାଦ ସମ୍ପର୍କିତ ବୈଠକରେ ଯୋଗଦେବା ପାଇଁ ଦିଲ୍ଲୀ ଯାଇଥିଲେ। ସେହିପରି ଯାଜପୁର ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରା ସଂସଦର କାର୍ଯ୍ୟବିଧିରେ ଅଂଶଗ୍ରହଣ କରୁଥିଲେ। ତେବେ ଦିଲ୍ଲୀରେ ଥିଲେ ମଧ୍ୟ ଉଭୟ ନେତା ପ୍ରଶାସନ ସହ ନିୟମିତ ସମନ୍ୱୟ ରଖି ବନ୍ୟା ପରିସ୍ଥିତିର ସମୀକ୍ଷା କରୁଥିଲେ ଏବଂ ଆବଶ୍ୟକ ନିର୍ଦ୍ଦେଶ ଦେଉଥିଲେ ବୋଲି ସେ କହିଛନ୍ତି।

ସେ ଯାଜପୁରର ଯୁବପିଢ଼ି, ସ୍ୱେଚ୍ଛାସେବୀ ସଂଗଠନ, ସାମାଜିକ କର୍ମୀ, ପ୍ରଶାସନ, ଅଗ୍ନିଶମ ବାହିନୀ, ଓଡ୍ରାଫ୍, ଏନ୍‌ଡିଆରଏଫ୍ ଏବଂ ବନ୍ୟା ପ୍ରଭାବିତ ଅଞ୍ଚଳରେ ସେବାରେ ନିୟୋଜିତ ସମସ୍ତଙ୍କୁ ପ୍ରଶଂସା କରି କହିଛନ୍ତି ଯେ, "ବିପଦ ସମୟରେ ସେବା ହିଁ ସବୁଠାରୁ ବଡ଼ ରାଜନୀତି। ଲୋକଙ୍କ ଦୁଃଖରେ ସାଥୀ ହେବା ହିଁ ପ୍ରକୃତ ଜନସେବା।"

ଶେଷରେ ସେ ସମସ୍ତ ରାଜନୈତିକ ଦଳଙ୍କୁ ଆହ୍ୱାନ ଜଣାଇ କହିଛନ୍ତି ଯେ, ବନ୍ୟା ପରି ବିପଦ ସମୟରେ ପରସ୍ପର ବିରୋଧରେ ବୟାନବାଜି କରିବା ପରିବର୍ତ୍ତେ ମତଭେଦକୁ ପଛରେ ରଖି ଏକାଠି ହୋଇ ବନ୍ୟା ପୀଡ଼ିତଙ୍କ ପାଖରେ ଛିଡ଼ା ହେବା ହିଁ ସମୟର ସବୁଠାରୁ ବଡ଼ ଆବଶ୍ୟକତା।

### ମାଲକାନଗିରିର ଗୌରବ ବଢ଼ାଇଲେ କରୁଣାକର ମଲ୍ଲିକ

## 'ଜ୍ଞାନ ପ୍ରକାଶ ଶିକ୍ଷା ପୁରସ୍କାର-୨୦୨୬'ରେ ସମ୍ମାନିତ



**ମାଲକାନଗିରି,୨।୮ (ସଂଚାର ବ୍ୟୁରୋ):** ଦୃଢ଼ ସଂକଳ୍ପ, ନିଷ୍ଠାପର କର୍ତ୍ତବ୍ୟନିଷ୍ଠା ଏବଂ ନିଃସ୍ୱାର୍ଥପର ସେବାଭାବ ଥିଲେ ସଫଳତା ନିଶ୍ଚିତ ମିଳେ। ଏହାର ଜୀବନ୍ତ ଉଦାହରଣ ସାଜିଛନ୍ତି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍‌ର ତାର୍ଲାକୋଟା ପି.ଏମ୍. ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବିଶିଷ୍ଟ ଶିକ୍ଷକ କରୁଣାକର ମଲ୍ଲିକ। ଶିକ୍ଷା, ସାହିତ୍ୟ, ସମାଜସେବା ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ତାଙ୍କର ଦୀର୍ଘଦିନର ଉଲ୍ଲେଖନୀୟ ଅବଦାନ ପାଇଁ ସେ 'ଜ୍ଞାନ ପ୍ରକାଶ ଶିକ୍ଷା ପୁରସ୍କାର- ୨୦୨୬'ରେ ସମ୍ମାନିତ ହୋଇଛନ୍ତି। ପୁରୀସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଶ୍ରୀ ସଦାଶିବ ବିହାର ପରିସରରେ 'ଜ୍ଞାନ ପ୍ରକାଶ' ପକ୍ଷରୁ ଆୟୋଜିତ ଦଶମ ଜାତୀୟ ସମ୍ମିଳନୀରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଆୟୋଜକମାନେ ତାଙ୍କୁ ମାନପତ୍ର, ପ୍ରଶଂସାପତ୍ର, ଉପଢୌକନ ଓ ସ୍ମାରକ ପ୍ରଦାନ କରି ତାଙ୍କର ଶିକ୍ଷାକ୍ଷେତ୍ରର ଅସାଧାରଣ ଅବଦାନକୁ ସ୍ୱୀକୃତି ଦେଇଥିଲେ। ଏହାପୂର୍ବରୁ ସେ ରାଜ୍ୟ ଶିକ୍ଷକ ସମ୍ମାନ, ପ୍ରକୃତି ବନ୍ଧୁ ସମ୍ମାନ, ଆଦର୍ଶ ଶିକ୍ଷକ ସମ୍ମାନ ସମେତ ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତ।